
# ଶ୍ରେୟାଂସୀ



ଡଃ ଶରଚ୍ଚନ୍ଦ୍ର ମହାପାତ୍ର

# ଶ୍ରେୟାଂସୀ

ଡଃ ଶରଚ୍ଚନ୍ଦ୍ର ମହାପାତ୍ର

ISBN 978-81-925120-2-0

*ଡଃ ଶରଚ୍ଚନ୍ଦ୍ର ମହାପାତ୍ରଙ୍କ*

## ଶ୍ରେୟାଂସୀ

*ସର୍ବସ୍ୱତ୍ତ୍ୱ ଲେଖକଙ୍କ ଦ୍ୱାରା ସଂରକ୍ଷିତ*

**ପ୍ରଥମ ସଂସ୍କରଣ:** ଶ୍ରୀଗୁଣ୍ଡିଚା, ୨୦୧୩
**ପ୍ରକାଶକ:** **ଆମରିସତ୍ୟ,** ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପ୍ରାଣନାଥ କଲେଜ,
ଜିଲା: ଖୋରଧା, ପିନ୍: ୭୫୨୦୫୭
**ମୁଦ୍ରଣ:**
ନିସ୍ୱାସ-ସେଡେକ୍ ପ୍ରେସ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୩
**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ଲୋଚନ ରଥ
**ଲେଖକଙ୍କ ଠିକଣା :** ମଙ୍ଗଳା ନଗର, ଖୋରଧା - ୭୫୨୦୫୫
**ଦୂରସଞ୍ଚାର :** ୦୬୭୪ - ୨୨୨୪୫୮
**ମୋବାଇଲ୍ :** ୯୯୩୭୩୭୭୮୧୯

**SREYANSHEE**
Written by: *Dr Sarat Chandra Mohapatra*
** Copyrights reserved by author*
*1st Edition : Bahuda , 2013*

Published by:
AMARISATYA
Agency for Management, Advocacy, Research, Implementation, Services and Training onYouth Affairs .M-1/5, Mukunda Prasad Housing Board Colony .
PO: P.N.College, DT: Khordha-752057 .Odisha
*amarisatya@gmail.com/amarisatya@rediffmail.com*
*06755-220980*

--------------------

Printed at:
NISWASS-CEDEC Press
Chandrasekharpur, Bhubaneswar-23, Dt: Khordha

--------------------

*Address of the Author - Mangala Nagar, Khordha-752055*
*Telphone : 0674 - 222458*
*Mob : 9937377819*

ମୂଲ୍ୟ: **୬୦ ଟଂକା** / Price: ₹ 60.00

# ଲେଖକର ପଦେ କଥା

ଆଧ୍ୟାତ୍ମିକ ଜଗତରେ ପ୍ରଜ୍ଞାପୁରୁଷ ଭଗବାନ୍ ବ୍ୟାସଦେବ ଧର୍ମର ଗୂଢ଼ ଅର୍ଥକୁ ପ୍ରକାଶ କରିବାକୁ ଯାଇ କହିଛନ୍ତି:

" ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଦ୍ୱୟମ୍

ପରୋପକାରାୟ ସ୍ୱର୍ଗାୟ ପାପାୟ ପରପୀଡ଼ନମ୍"

ପରର ମଙ୍ଗଳ ସାଧନ କରିବା ଯଥାର୍ଥ ଧର୍ମ ଓ ପରକୁ ପୀଡାଦେବା ହେଉଛି ଅଧର୍ମ। ଆମର ପୂର୍ବ ସୂରୀଗଣ ପୁରାଣ, ମହାଭାରତ, ଭାଗବତ ଓ ଅନ୍ୟାନ୍ୟ ଗ୍ରନ୍ଥରେ ବିଭିନ୍ନ ଉପାଖ୍ୟାନ ଓ ଆଖ୍ୟାୟିକା ମାଧ୍ୟମରେ ଏହି ଗୂଢ଼ତଥ୍ୟକୁ ପ୍ରକାଶ କରିଛନ୍ତି। ମୋର ପ୍ରବନ୍ଧ ମାନଙ୍କର ଆଧାର ହେଉଛି ଏହି ପ୍ରାଚୀନ କୃତିମାନଙ୍କର ବିଷୟ ଓ କେତେକ କ୍ଷେତ୍ରରେ ଯୋଗଜନ୍ମା ମହାପୁରୁଷମାନଙ୍କର ଜୀବନର ଘଟନାବଳୀ। ମୋର ରଚନାର ଲକ୍ଷହେଉଛି ପାଠକମାନଙ୍କ ପ୍ରାଣରେ ଉଚ୍ଚଆଦର୍ଶ ଓ ମୂଲ୍ୟବୋଧପ୍ରତି କିଛିଟା ଭାବାବେଗ ସୃଷ୍ଟିକରିବା। ଯଦି ଏ ଉଦ୍ଦେଶ୍ୟ ସଫଳ ହୁଏ ତେବେ ମୁଁ ନିଜକୁ ଧନ୍ୟ ମନେ କରିବି ଏବଂ ଭାବିନେବି ଯେ, ମୋର ଶ୍ରମ ସାର୍ଥକ ହୋଇଛି।

ଏହି ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧଗୁଡିକ ଧାରାବାହିକଭାବେ 'ଆମରିସତ୍ୟ' ପତ୍ରିକାରେ ପ୍ରକାଶିତ ହୋଇ ପାଠକମାନଙ୍କ ବିଶେଷ ଆଦର ଲାଭ କରିଛି। ମୋର ଶୁଭେଚ୍ଛୁ ବନ୍ଧୁମାନଙ୍କର ଐକାନ୍ତିକ ଅନୁରୋଧ ଓ ପାଠକଙ୍କ ପ୍ରେରଣାର ଫଳସ୍ୱରୂପ ଏ ପୁସ୍ତକଟି ଆମ୍ଭ ପ୍ରକାଶ କରିପାରିଛି। ଆଜିର ଏ ଶୁଭ ଅବସରରେ ମୁଁ ସମସ୍ତଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି।

ଜଗନ୍ନାଥେ ମଙ୍ଗଳ କରନ୍ତୁ।

ଶରଚ୍ଚନ୍ଦ୍ର ମହାପାତ୍ର
ଲେଖକ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୧ | ତ୍ରିମୂର୍ତ୍ତି ବନ୍ଦନା | ୫ |
| ୨ | ଭବାନ୍ୟଷ୍ଟକ | ୬ |
| ୩ | ଦ୍ରୌପଦୀଙ୍କ ମହନୀୟତା | ୮ |
| ୪ | ସେ ସମୟର କଥା | ୧୨ |
| ୫ | ଅଧ୍ୟବସାୟ ସଫଳତାର ମୂଳମନ୍ତ୍ର | ୧୬ |
| ୬ | ଧ୍ରୁବଙ୍କ ଅନୁଶୋଚନା | ୨୦ |
| ୭ | ପ୍ରତିଭା ଓ ପ୍ରୋତ୍ସାହନ | ୨୩ |
| ୮ | ବିଦ୍ୟା ଦଦାତି ବିନୟମ୍ | ୨୮ |
| ୯ | ରାମାନୁଜାଚାର୍ଯ୍ୟ ଓ ଯାଦବ ପ୍ରକାଶ | ୩୨ |
| ୧୦ | ଆଚାର୍ଯ୍ୟ ଶଙ୍କର ଓ ଜାତୀୟ ଐକ୍ୟ | ୩୭ |
| ୧୧ | ପ୍ରଭୁ ଶ୍ରୀଜଗନ୍ନାଥ ଓ ଆଚାର୍ଯ୍ୟ ଶଙ୍କର | ୪୧ |
| ୧୨ | ବିଶ୍ୱାମିତ୍ରଙ୍କର ବ୍ରହ୍ମର୍ଷିପଦ ଲାଭ | ୪୩ |
| ୧୩ | ଅଜାମିଳ ଉପାଖ୍ୟାନ | ୪୭ |
| ୧୪ | ସମନ୍ୱୟର ପ୍ରତୀକ ପ୍ରଭୁ ଶ୍ରୀଜଗନ୍ନାଥ | ୫୧ |
| ୧୫ | ଶୁନଃଶେପଙ୍କ ପ୍ରସଙ୍ଗ | ୫୬ |
| ୧୬ | ନୀଳମଣି ବିଦ୍ୟାରତ୍ନ | ୬୦ |
| ୧୭ | ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସ | ୬୫ |
| ୧୮ | ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟ ରଚନା ଓ ବ୍ୟାସଦେବଙ୍କ ଦର୍ଶନ ଲାଭ | ୭୧ |
| ୧୯ | ସ୍ୱାମୀ ବିବେକାନନ୍ଦ ଓ ଚିକାଗୋ ଧର୍ମସଭା | ୭୫ |
| ୨୦ | କୁମାରିଲଙ୍କ ପ୍ରାୟଶ୍ଚିତ | ୭୯ |
| ୨୦ | ମାତୃଦେବୋ ଭବ | ୮୩ |
| ୨୧ | କର୍ମଯୋଗ | ୮୭ |
| ୨୨ | ଅପମାନ ବି ଦେଇଥାଏ ପ୍ରେରଣା | ୯୧ |
| ୨୩ | ଅଭିଶାପ ଦେଲା ମୁକ୍ତିର ପ୍ରେରଣା | ୯୫ |
| ୨୪ | ହିରଣ୍ମୟ ପାତ୍ର | ୧୦୦ |
| ୨୫ | ଶଙ୍କରଙ୍କ ଜନ୍ମ ଓ ବାଲ୍ୟକାଳ | ୧୦୪ |
| ୨୬ | ସାଧନାର ପଥେ ଶଙ୍କର | ୧୦୮ |
| ୨୭ | ଭୀଷ୍ମଙ୍କ ପ୍ରସଙ୍ଗରେ ଦୁଇଟି ପ୍ରଶ୍ନ | ୧୧୨ |
| ୨୮ | ଶଙ୍କରଙ୍କ ସର୍ବଜ୍ଞ ପୀଠ ଆରୋହଣ | ୧୧୬ |
| ୨୯ | ମଣ୍ଡନଙ୍କ ସହ ଶଙ୍କରଙ୍କ ଶାସ୍ତ୍ରାର୍ଥ | ୧୨୦ |
| ୩୦ | ପୁରଞ୍ଜନ ଉପାଖ୍ୟାନ | ୧୨୪ |

# ତ୍ରିମୂର୍ତ୍ତି ବନ୍ଦନା

ଶିବ, ବ୍ରହ୍ମା, ଇନ୍ଦ୍ର, ବରୁଣ, ମରୁତ ଗାଆନ୍ତି ଯାଦିବ୍ୟ ସ୍ତୁତି
ବେଦ ବେଦାନ୍ତର ପବିତ୍ର ମନ୍ତ୍ରରେ ଝଂକୃତ ଯାହାଙ୍କ କୀର୍ତ୍ତି ।
ଧ୍ୟାନରେ ତଲ୍ଲୀନ ହୋଇ ଯୋଗୀଗଣ ପାଅନ୍ତି ଦର୍ଶନ ଯାର
ଯାହାଙ୍କର ଆଦି ଅନ୍ତ ଅଗୋଚର ତାଙ୍କ ପଦେ ନମସ୍କାର।
କସ୍ତୁରୀ ତିଳକ ଶୋହେ ଲଲାଟରେ ବକ୍ଷରେ କୌସ୍ତୁଭମଣି
ନାସାଗ୍ରରେ ମୋତି ଝଲସି ଉଠଇ କଙ୍କଣେ ମଣ୍ଡିତ ପାଣି।
କରତଳେ ବେଣୁ କଣ୍ଠେ ମୁକ୍ତାହାର ତନୁରେ ହରିଚନ୍ଦନ
ଗୋପ ବାଳାଙ୍କର ପ୍ରେମାସ୍ପଦ ପ୍ରଭୁ ଗୋପାଳଙ୍କ ପ୍ରାଣଧନ।
କରରେ ଶୋଭଇ ଲଙ୍ଗଳ ମୁଷଳ କର୍ଣ୍ଣରେ ଋରୁ କୁଣ୍ଡଳ
କାଦମ୍ବରୀ ରସ ପାନେ ସଦା ମତ୍ତ ହୋଇଥାଆନ୍ତି ଚଞ୍ଚଳ।
ଋରୁ ଗଣ୍ଡଦ୍ୱୟ ନାଗେନ୍ଦ୍ରଙ୍କ ଚୂଳ ପରି ଦିଶଇ ଉଜ୍ଜ୍ୱଳ
ଶଶାଙ୍କ-ଧବଳ ସଂଗ୍ରାମେ ପ୍ରବଳ ପ୍ରଣମେ ତାଙ୍କ ପୟର ।
ମଧ୍ୟରେ ସୁଭଦ୍ରା ପ୍ରକୃତି ରୂପିଣୀ ନିଖିଳ ଜଗତ ମାତା
ଦେବୀ ପରାତ୍ପରା ଭଗବତୀ ସୂକ୍ଷ୍ମରୂପା ସେ କେତେ ବିଚିତ୍ରା।
ସୁଖ ପ୍ରଦାୟିନୀ ସୌଭାଗ୍ୟ ଦାୟିନୀ ଦେବୀ କନକ-ବରଣା
ଶ୍ରୀହରିଙ୍କ ପଦେ ଭକ୍ତି ମୁକ୍ତି ପାଇଁ ଲୋଡ଼ଇ ତାଙ୍କ କରୁଣା।
ନାନା ଭୂଷଣରେ ଭୂଷିତା ତନୁଶ୍ରୀ ଆନନ୍ଦର କଲ୍ଲୋଳିନୀ
ନୀଳପଦ୍ମ ଭଳି ନୟନ ଯୁଗଳ ରାମକୃଷ୍ଣଙ୍କ ଭଗିନୀ ।
ସକଳ ଅଭୀଷ୍ଟ ସିଦ୍ଧି ପ୍ରଦାୟିନୀ କରୁଣାର ପାରାବାର
ଜଗତମୋହିନୀ ସନ୍ତାପ ନାଶିନୀ ପ୍ରଣମେ ତବ ପୟର।
ନୀଳାଚଳ ଶଂଖକ୍ଷେତ୍ରେ ଶତଦଳ କମଳେ ରତ୍ନ ମଣ୍ଡପେ
ଅଳଙ୍କାର ବିମଣ୍ଡିତ ତନୁଶୋଭା ଦିଶେ ନବଘନ ରୂପେ ।
ସଙ୍ଗେ ଜ୍ୟେଷ୍ଠଭ୍ରାତା ଭଗିନୀ ସୁଭଦ୍ରା ପୂଜନ୍ତି ଦେବତାଗଣ
ସକଳ ବେଦର ସାର ଦାରୁବ୍ରହ୍ମ ଧ୍ୟାୟୁ ସଦା ମୋର ମନ ।
ଶୋଭା ଅନୁପମ କଳାଶ୍ରୀ ମୁଖର କମଳାଙ୍କ ପ୍ରେମାସ୍ପଦ
ଶ୍ରୀଭୁଜରେ ଶଂଖାସୁର ବଧକଲେ ଇନ୍ଦ୍ରାଦି ପୂଜନ୍ତି ପଦ ।

ଆନନ୍ଦ-ଅମୃତ-ବାରିଧି ଯାହାଙ୍କୁ ଭଜିଲେ ମୁକତି ମିଳେ
ଭବ ସାଗରକୁ ପାରିହେବ ପରା କେଶବଙ୍କ କୃପାବଳେ।
ସଂସାର ତାରକ ଜଗତର ନାଥ କେଶବଙ୍କୁ ଭଜମନ
ଶିବ ବ୍ରହ୍ମା ଇନ୍ଦ୍ର ବରୁଣ ମରତୁ କରନ୍ତି ଯେ ପଦ ଧ୍ୟାନ।

(ମୂଳ ସଂସ୍କୃତ ରଚନାର ଅନୁବାଦ)

***

# ଭବାନ୍ୟଷ୍ଟକ

ମୂଳଲେଖା - ଆଦିଶଙ୍କରାଚାର୍ଯ୍ୟ
ଅନୁବାଦ - ଡ. ଶରଚ୍ଚନ୍ଦ୍ର ମହାପାତ୍ର

ନାହିଁ ମୋର ପିତା, ନାହିଁ ମୋର ମାତା, ନାହିଁ ମୋର ବନ୍ଧୁଦାତା
ନାହିଁ ମୋର ପୁତ୍ର, ନାହିଁ ମୋର କନ୍ୟା, ନାହିଁ ମୋର ଭୃତ୍ୟ ଭର୍ତ୍ତା।
ନାହିଁ ମୋର ପତ୍ନୀ, ନାହିଁ ମୋର ବିଦ୍ୟା, ନାହିଁ ମୋର ବୁଦ୍ଧି ବୃତ୍ତି
ଏ ସଂସାରେ ମା' କେହି ମୋର ନାହିଁ
ତୁହି ଏକା ମୋର ଗତି।୧।
ଭବ ସାଗରରେ ପଡ଼ିଅଛି ମୁହିଁ ଘୋର ଦୁଃଖେ ଭୟଭୀତ
କାମନା ବାସନା ଆଦି ରିପୁଗଣ ହରୁଛନ୍ତି ମୋର ଚିତ୍ତ।
କୁସଂସାରେ ସଦା ବାନ୍ଧି ହୋଇଅଛି ପଡ଼ିଛି ମହାବିପତ୍ତି
ଏ ସଂସାରେ ମା' କେହି ମୋର ନାହିଁ
ତୁହି ଏକା ମୋର ଗତି।୨।
ଦାନ ଜାଣି ନାହିଁ, ଧ୍ୟାନ ଜାଣି ନାହିଁ, ଜାଣି ନାହିଁ ମନ୍ତ୍ରତନ୍ତ୍ର
ଜାଣିନାହିଁ ଯୋଗ, ଜାଣିନାହିଁ ନ୍ୟାସ ଜାଣିନାହିଁ ଅବା ସ୍ତୋତ୍ର।
ପୂଜାର୍ଚ୍ଚନା ଆଦି କିଛି ଜାଣିନାହିଁ ଏଥିରେ ନାହିଁ ମୋ ମତି
ଏ ସଂସାରେ ମା କେବଳ ଜାଣିଛି
ତୁହି ଏକା ମୋର ଗତି।୩।

କରିନାହିଁ ପୁଣ୍ୟ, କରିନାହିଁ ତୀର୍ଥ, କରିନି ମୁଁ କେବେ ଭକ୍ତି
ଜାଣିନାହିଁ ଲୟ, ପାଳିନି ମୁଁ ବ୍ରତ, ପାଇବା ପାଇଁ ମୁକତି
ଏସବୁ ବିଧି ମୁଁ କିଛି ଜାଣିନାହିଁ ଯୋଗରେ ହୋଇନି ବ୍ରତୀ
ଏ ସଂସାରେ ମା' କେବଳ ଜାଣିଛି
ତୁହି ଏକା ମୋର ଗତି ।୪।
କୁସଙ୍ଗରେ ପଡ଼ି ବୁଦ୍ଧି ହରାଇଛି କୁକର୍ମ କରୁଛି ନିତି
କୁଳର ଆଚର ପାଳୁନାହିଁ କେବେ କଦାଚରେ ମୋର ମତି
କୁବାକ୍ୟ କହୁଛି ସଦାବେଳେ ମୁହିଁ କୁବସ୍ତୁରେ ମୋର ଦୃଷ୍ଟି
ତଥାପି ଜାଣିଛି ମା' ଏ ସଂସାରେ
ତୁହି ଏକା ମୋର ଗତି ।୫.
ନ ଜାଣଇ ପରା ଅନ୍ୟ ଦେବତାଙ୍କୁ ନପୂଜଇ କେବେ ଇନ୍ଦ୍ର
ନଜାଣଇ ମୁହିଁ ବ୍ରହ୍ମା, ବିଷ୍ଣୁ, ଶିବ ନ ଜାଣଇ ପରା ଚନ୍ଦ୍ର
କେବଳ ପୂଜିଛି  ମା' ମୁଁ ତୁମକୁ ତୁମ ପାଦେ ଦେଇମତି
ଏ ସଂସାର ମଧ୍ୟେ କେହି ମୋର ନାହିଁ
ତୁହି ଏକା ମୋର ଗତି ।୬।
ବିବାଦେ, ବିଷାଦେ , ପ୍ରମାଦେ ପ୍ରବାସେ ଡାକଇ ମା' ମୁଁ କେତେ
ଜଳରେ ଅନଳେ ପଡ଼ିଲେ ମା' ମୁଁ ଅବା ପର୍ବତର ଗାତ୍ରେ ।
ସାହା ହେବୁ ତୁହି ଅରଣ୍ୟରେ ଯଦି ପଡ଼ିବ ମୋତେ ବିପତ୍ତି
ଏ ସଂସାରେ ମା' କେହି ମୋର ନାହିଁ
ତୁହି ଏକା ମୋର ଗତି ।୭।
ଅଟଇ ଅନାଥ ଦରିଦ୍ର ଦୁର୍ବଳ ଜରାଜୀର୍ଣ୍ଣ ରୋଗାକ୍ରାନ୍ତ
ଦୀନହୀନ ମା' ଜଡ଼ପ୍ରାୟ ଆଜି ହୋଇଛି ବିପଦ ଗ୍ରସ୍ତ
କାତରେ ଡ଼ାକୁଛି ରଖ ମା' ଭବାନୀ ପଡ଼ିଛି ଘୋର ବିପତ୍ତି
ଏ ସଂସାରେ ଆଜି କେହି ମୋର ନାହିଁ ତୁହି ଏକା ମୋର ଗତି ।୮।

***

# ଦ୍ରୌପଦୀଙ୍କ ମହନୀୟତା

**ଦ୍ରୌ**ପଦୀ ଥିଲେ ଜଣେ ଅସାଧାରଣ ନାରୀ । ସେ ଥିଲେ ପାଣ୍ଡବମାନଙ୍କର ଧର୍ମପତ୍ନୀ । ସେ ଥିଲେ ପତିବ୍ରତା, ଧର୍ମ ପରାୟଣା, ଧୈର୍ଯ୍ୟଶୀଳା ଏବଂ ବୁଦ୍ଧିମତୀ । ତାଙ୍କର ସ୍ୱାମୀମାନେ କପଟ ଦ୍ୟୁତକ୍ରୀଡାରେ ସବୁକିଛି ହରାଇ ଯେତେବେଳେ ନିଃସ୍ୱ ହୋଇଯାଇଥିଲେ ଏବଂ ବନଗମନ କରିଥିଲେ ସେ ସେମାନଙ୍କୁ ଶକ୍ତି, ସାହସ ତଥା ପ୍ରେରଣା ଦେଇଥିଲେ । ସେ ଥିଲେ ଏକାନ୍ତ ଅନୁଗତା । କୁରୁ ସଭାରେ ତାଙ୍କୁ ଅପମାନିତା କରାଯାଇଥିଲା । ତେଣୁ ସେ ପାପୀ କୌରବମାନଙ୍କ ପ୍ରତି ପ୍ରତିଶୋଧ ପରାୟଣା ହୋଇଯାଇଥିଲେ ଏବଂ କୁରୁକୁଳର ଧ୍ୱଂସ କାମନା କରୁଥିଲେ । ଏ ଦିଗରେ ସେ ନିଜର ସ୍ୱାମୀମାନଙ୍କୁ ସଦାବେଳେ ପ୍ରବର୍ତ୍ତାଉଥିଲେ । ଶ୍ରୀକୃଷ୍ଣ ଯେତେବେଳେ ଧୃତରାଷ୍ଟ୍ରଙ୍କ ପାଖକୁ ଶାନ୍ତି ପ୍ରସ୍ତାବ ନେଇଯାଇଥିଲେ ଦ୍ରୌପଦୀ ପ୍ରଥମେ ଏଥିରେ ପ୍ରତିବାଦ କରିଥିଲେ । ଅନ୍ୟାୟ ସହ ସାଲିସ କରିବାର ସାମାନ୍ୟ ଉପକ୍ରମରେ ସେ ବିବ୍ରତ ହୋଇପଡୁଥିଲେ । ତାଙ୍କରି ପ୍ରେରଣାରେ ଭୀମ ଦୁଃଶାସନକୁ ଏଭଳି ନିଷ୍ଠୁର ଏବଂ ନିର୍ମମ ଭାବରେ ସଂହାର କରିଥିଲେ । ସାଧାରଣ ପାଠକ ଦ୍ରୌପଦୀଙ୍କର ଚରିତ୍ରର ଏ ଦିଗକୁ ଦେଖି ତାଙ୍କୁ ପ୍ରତିହିଂସା ପରାୟଣା ବୋଲି ଭାବିପାରନ୍ତି । କିନ୍ତୁ ଅନ୍ତଃସଲିଳା ଫଲଗୁ ଭଳି ତାଙ୍କ ହୃଦୟ ଭିତରେ ଯେଉଁ ଦୟା ଏବଂ କ୍ଷମା ରହିଛି ତାହା ମହାଭାରତର ବର୍ଣ୍ଣିତ କେତୋଟି ଘଟନାରୁ ସ୍ପଷ୍ଟ ଭାବରେ ଜଣାଯାଏ । ଏଠାରେ ସେଭଳି ଏକ ଦୃଷ୍ଟାନ୍ତର ଅବତାରଣା କରାଯାଇଛି ।

ମହାଭାରତ ଯୁଦ୍ଧ ଶେଷ ହେଲା । କୌରବ ବଂଶର ପତନ ଘଟିଲା । ଭୀମର ଗଦା ମାଡରେ ଦୁର୍ଯ୍ୟୋଧନର ଜାନୁଭାଙ୍ଗି ଯାଇଥିଲା । ଧରଣୀ ଉପରେ ପଡି ଘୋର ଯନ୍ତ୍ରଣା ଭିତରେ ମୃତ୍ୟୁକୁ ଅପେକ୍ଷା କରିଥିଲା । ଅଶ୍ୱତ୍ଥାମା ଦ୍ରୋଣଙ୍କର ପୁତ୍ର ଏବଂ ଦୁର୍ଯ୍ୟୋଧନଙ୍କର ପରମ ମିତ୍ର । ଅଶ୍ୱତ୍ଥମା ବ୍ରାହ୍ମଣର ସନ୍ତାନ । କିନ୍ତୁ ବ୍ରାହ୍ମଣ ଠାରେ ଯେଉଁ ସାତ୍ତ୍ୱିକ ଭାବ ରହିବା କଥା ତାହା ତାଙ୍କ ପାଖରେ ନଥିଲା । ସେ କୁସଙ୍ଗରେ ପଡି ପାପାଚରଣ କରୁଥଲେ । ଅଶ୍ୱତ୍ଥମା ଦୁର୍ଯ୍ୟୋଧନର ଏ ଦୁର୍ଦ୍ଦଶା ଦେଖି ବିଚଳିତ ହୋଇପଡିଲେ । ତାଙ୍କ ମନରେ ପ୍ରତିହିଂସାର ବହ୍ନି ଜଳି ଉଠିଲା । ସେ ଦୁର୍ଯ୍ୟୋଧନଙ୍କ ନିକଟରେ ପ୍ରତିଜ୍ଞା କଲେ ଯେ, ଯେଉଁ ପାଣ୍ଡବମାନେ ତାଙ୍କର ଏଭଳି ଦଶା କରାଇଛନ୍ତି ଏବଂ ତାଙ୍କର ପିତା ଦ୍ରୋଣଙ୍କୁ ଅନ୍ୟାୟ ଉପାୟରେ ମାରିଦେଇଛନ୍ତି ସେମାନଙ୍କୁ ସେ ସମୂଳେ ନିପାତ କରିଦେବେ । କିନ୍ତୁ ଏ ପ୍ରତିଜ୍ଞା ସେ କିପରି ପୂରଣ କରିବେ ? ଏଭଳି ମାନସିକ ସ୍ଥିତିରେ ରହିଥିବା ଅଶ୍ୱତ୍ଥାମାଙ୍କ

ଆଖି ଆଗରେ ଏମିତି ଏକ ଘଟନା ଘଟିଗଲା ଯାହା ତାଙ୍କୁ ପ୍ରତିଜ୍ଞା ପୂରଣ କରିବା ପାଇଁ ଏକ ଅନ୍ୟାୟ ତଥା ନିଷ୍ଠୁର ମାର୍ଗରେ ଗତି କରିବାକୁ ପ୍ରଚୋଦିତ କରାଇଲା । କ୍ଲାନ୍ତ ଅଶ୍ୱତ୍‌ଥାମା ବନାଞ୍ଚଳରେ ସନ୍ଧ୍ୟାବେଳେ ବିଶ୍ରାମ ନେଉଥିଲେ ଅଶ୍ୱତ୍‌ଥାମା ଦେଖିଲେ ଯେ ରାତ୍ରିରେ ପକ୍ଷୀମାନେ ବୃକ୍ଷର କୋରଡ ମଧ୍ୟରେ ବିଶ୍ରାମ ନେଇଥିବା ବେଳେ ଗୋଟିଏ ଭୟଙ୍କର ଶିକାରୀ ପକ୍ଷୀ ସେମାନଙ୍କୁ ଆକ୍ରମଣ କଲା । ଆତ୍ମରକ୍ଷା ପାଇଁ ସେମାନେ ପ୍ରସ୍ତୁତ ହେବା ପୂର୍ବରୁ ଏହା କେତୋଟି ପକ୍ଷୀଙ୍କୁ ମାରିଦେଲା । ପକ୍ଷୀମାନେ କୋଳାହଳ କରି ଉଠିଲେ । ମାତ୍ର ଏ ଦୃଶ୍ୟ ଦେଖି ଗୋଟିଏ ନୂତନ ଉପାୟ ଅଶ୍ୱତ୍‌ଥାମାଙ୍କର ମନରେ ବିଦ୍ୟୁତର ଝଲକ ପରି ଖେଳିଗଲା । ସେ ମନେ ମନେ ଏହି ଉପାୟ ପାଞ୍ଚିଲେ ଯେ, ରାତ୍ରିରେ ପାଣ୍ଡବମାନେ ସୁପ୍ତ ଥିବାବେଳେ ଶିବିର ମଧ୍ୟରେ ପ୍ରବେଶ କରି ସେ ସେମାନଙ୍କୁ ହତ୍ୟା କରିବେ । ନିଦ୍ରିତ ପାଣ୍ଡବମାନେ ପ୍ରତିରୋଧ କରିପାରିବେ ନାହିଁ । ଅଶ୍ୱତ୍‌ଥାମା କୃପ ଓ କୃତବର୍ମାଙ୍କୁ ନିଦରୁ ଉଠାଇ ନିଜର ଏ ଉପାୟ ବିଷୟରେ ଅବଗତ କରାଇଲେ । କିନ୍ତୁ ସେମାନେ ଏହାର ପ୍ରତିବାଦ କରିଥିଲେ । ଏହା ଯୁଦ୍ଧ ନୀତିର ବିରୁଦ୍ଧ ବୋଲି ସେମାନେ ପ୍ରତିବାଦ କରିଥିଲେ । କିନ୍ତୁ ଅଶ୍ୱତ୍‌ଥାମା ଏଥିପ୍ରତି କର୍ଣ୍ଣପାତ ନକରି ନିଜର ଏ ଯୋଜନାକୁ କାର୍ଯକାରୀ କରିବା ପାଇଁ ଅଗ୍ରସର ହେଲେ । କୃପ ଓ କୃତବର୍ମା ଅନ୍ୟ ଉପାୟ ନଦେଖି ତାଙ୍କର ସଙ୍ଗ ଦେଇଥିଲେ । ଶିବିର ସୁରକ୍ଷିତ ଥିଲେ ମଧ୍ୟ ଅଶ୍ୱତ୍‌ଥାମା ଅତି କୌଶଳର ସହ ଏହା ମଧ୍ୟରେ ପ୍ରବେଶ କରି ପାଣ୍ଡବଙ୍କର ପାଞ୍ଚପୁତ୍ରଙ୍କୁ ପଞ୍ଚୁପାଣ୍ଡବ ମନେକରି ହତ୍ୟା କଲେ । ଶିବିର ମଧ୍ୟରେ ଅନେକ ବୀର ନିଦ୍ରାଭିଭୁତ ଥିଲେ । ଏଣୁ ସେମାନେ ପ୍ରତିରୋଧ କରିବା ପୂର୍ବରୁ ଅଶ୍ୱତ୍‌ଥାମା ସେମାନଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ । ଚାରିଆଡ଼େ କୋଳାହଳ ପଡ଼ିଯାଇଥିଲା । ଏ ବାର୍ତ୍ତା ପାଇ ଦ୍ରୌପଦୀ ଦୁଃଖର ଅତଳ ସାଗରରେ ବୁଡ଼ିଯାଇଥିଲେ । ସେ ଅତି କରୁଣ ଭାବରେ ବିଳାପ କରିବାକୁ ଲାଗିଲେ । ସେ ଜୀବନରେ ବହୁତ କଷ୍ଟ ସହିଥିଲେ । ମାତ୍ର ଏ ଦୁଃଖ ସବୁକୁ ବଳିଗଲା । କାହାପାଇଁ ଆଉ ସେ ବଞ୍ଚିରହିବେ, ଜୀବନର ସବୁକିଛି ସେ ହରାଇ ବସିଲେ । ଯୁଦ୍ଧର ବିଜୟ ତାଙ୍କୁ ଅସାର ଜଣାଗଲା । ତାଙ୍କର ଆଶା ଓ ସମସ୍ତ ସ୍ୱପ୍ନ ଚୂରମାର ହୋଇଗଲା ।

ଅର୍ଜୁନ ଦୁଃଖରେ ମ୍ରିୟମାଣ ହୋଇଥିଲେ ମଧ୍ୟ ସେ ଦ୍ରୌପଦୀଙ୍କୁ ଆଶ୍ୱାସନା ଦେଇଥିଲେ । ସେ କହିଥିଲେ ଯେ ଯେଉଁ ଅଶ୍ୱତ୍‌ଥାମା ତାଙ୍କର ପାଞ୍ଚ ପୁତ୍ରଙ୍କୁ ନିର୍ମମ ଭାବରେ ହତ୍ୟା କରିଛି, ସେହି ଅଶ୍ୱତ୍‌ଥାମାର ମସ୍ତକ ଆଣି ତାଙ୍କର ପାଦ ତଳେ ଥୋଇଦେବେ । ଏହା କହି କୃଷ୍ଣଙ୍କ ସହିତ ରଥରେ ଆରୋହଣ କରି ସେ ଅଶ୍ୱତ୍‌ଥାମାଙ୍କ ପଶ୍ଚାତଦ୍ଧାବନ କଲେ । ଅଶ୍ୱତ୍‌ଥାମା ଭୀରୁ ଭଳି ଜୀବନ ବିକଳରେ ଦ୍ରୁତ ଗତିରେ ଚାଲିଯାଉଥା'ନ୍ତି, କିନ୍ତୁ ଯେତେବେଳେ ସେ ଦେଖିଲେ ଯେ, ସେ ଆଉ ପଳାଇ

ଯାଇପାରିବେ ନାହିଁ ସେ ଅନ୍ୟ ଉପାୟ ନଦେଖି ନିଜକୁ ରକ୍ଷା କରିବା ପାଇଁ ବ୍ରହ୍ମାସ୍ତ୍ର ପ୍ରୟୋଗ କଲେ । ଅଶ୍ୱତ୍ଥାମା ବ୍ରହ୍ମାସ୍ତ୍ର ପ୍ରୟୋଗ କରିପାରନ୍ତି, ମାତ୍ର ସେ ପ୍ରତ୍ୟାହାର କରିବାର ଉପାୟ ଜାଣିନଥିଲେ । ଅଗ୍ନି ଉଦ୍‌ଗିରଣ କରି ବ୍ରହ୍ମାସ୍ତ୍ର ଅର୍ଜୁନଙ୍କ ଆଡ଼କୁ ମାଡ଼ି ଆସିଲା । ପ୍ରଥମେ ଅର୍ଜୁନ କିଛି ବୁଝିପାରିଲେ ନାହିଁ । ମାତ୍ର କୃଷ୍ଣ ତାଙ୍କୁ ସବୁକିଛି ବୁଝାଇ ଦେଲେ । ଏହା ବ୍ରହ୍ମାସ୍ତ୍ର ଜାଣି ଅର୍ଜୁନ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହେଲେ । ଶ୍ରୀକୃଷ୍ଣ ତାଙ୍କୁ ପରାମର୍ଶ ଦେଲେ ଯେ ଏ ବ୍ରହ୍ମାସ୍ତ୍ରକୁ ଖଣ୍ଡନ କରିବା ପାଇଁ ଅର୍ଜୁନ ମଧ୍ୟ ବ୍ରହ୍ମାସ୍ତ୍ର ପ୍ରୟୋଗ କରନ୍ତୁ । ଅର୍ଜୁନ ବ୍ରହ୍ମାସ୍ତ୍ର ପ୍ରୟୋଗ କଲେ । ଦୁଇ ବ୍ରହ୍ମାସ୍ତ୍ରର ପ୍ରୟୋଗରେ ଯେଉଁ ଜ୍ୟୋତି ଉତ୍ପନ୍ନ ହେଲା, ତାହା ଫଳରେ ପ୍ରଳୟ ଜଗତକୁ ଗ୍ରାସ କରିବା ଭଳି ଜଣାଗଲା । ମାତ୍ର ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଅର୍ଜୁନ ଉଭୟ ବ୍ରହ୍ମାସ୍ତ୍ରକୁ ପ୍ରତ୍ୟାହାର କରିଦେଲେ । ଫଳରେ ସୃଷ୍ଟି ଧ୍ୱଂସମୁଖରୁ ରକ୍ଷା ପାଇଗଲା ।

ଏହାପରେ ଅର୍ଜୁନ ଅଶ୍ୱତ୍ଥାମାଙ୍କୁ ସମ୍ପୂର୍ଣ୍ଣଭାବେ ପରାସ୍ତ କରି ରଥ ଦେହରେ ବାନ୍ଧି ଦେଲେ ଏବଂ ଦ୍ରୌପଦୀଙ୍କ ନିକଟକୁ ଆଣି ତାଙ୍କୁ ଦ୍ରୌପଦୀଙ୍କ ନିକଟରେ ସମର୍ପଣ କରିଦେଲେ । କୃଷ୍ଣ ଅର୍ଜୁନଙ୍କୁ ଅଶ୍ୱତ୍ଥାମା ଭଳି ଦୁଷ୍ଟବ୍ୟକ୍ତିକୁ ମାରିଦେବା ପାଇଁ କହିଥିଲେ । ମାତ୍ର ଅର୍ଜୁନ ଗୁରୁପୁତ୍ର ଭାବି ତାଙ୍କୁ ମାରିନଥିଲେ । ତେବେ ସେ ଦ୍ରୋପଦୀଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଥିଲେ । ଦ୍ରୌପଦୀ ଚାହିଁଥିଲେ ଅଶ୍ୱତ୍ଥାମାଙ୍କ ଜୀବନର ଅନ୍ତ ସେହିଠାରେ ହିଁ ଘଟିଥା'ନ୍ତା ।

ଦ୍ରୋପଦୀ ପାଞ୍ଚପୁତ୍ରଙ୍କୁ ହରାଇଥିଲେ । ଦାରୁଣ ଦୁଃଖରେ ତାଙ୍କର ଅନ୍ତର ବିଗଳିତ ହୋଇଯାଉଥିଲା, ଆଶା କରିବା ସ୍ୱାଭାବିକ ଯେ, ଦ୍ରୌପଦୀ ତତ୍‌କ୍ଷଣାତ୍ ଅଶ୍ୱତ୍ଥାମାଙ୍କୁ ହତ୍ୟା କରିବାପାଇଁ ଅର୍ଜୁନ ବା ଭୀମଙ୍କୁ କହିଥା'ନ୍ତେ । ମାତ୍ର ଦ୍ରୌପଦୀ ଘୋର ଦୁଃଖରେ ସେପରି କରିନଥିଲେ । ତାଙ୍କର ପ୍ରତିକ୍ରିୟା ନିମ୍ନ ଶ୍ଳୋକରେ ପ୍ରକାଶିତ ହୋଇଛି –

"ତଥାହୃତଂ ପଶୁବତ୍ ପାଶବଦ୍ଧମବାଙ୍‌ମୁଖଂ କର୍ମଜୁଗୁପ୍ସିତେନ
ନିରୀକ୍ଷ କୃଷ୍ଣାପକୃତଂ ଗୁରୋଃ ସୁତଂ ବାମସ୍ୱଭାବା କୃପୟାନନାମ ଚ ।"

ଦ୍ରୋପଦୀ ଦେଖିଲେ ଅଶ୍ୱତ୍ଥାମାଙ୍କୁ ପଶୁ ପରି ବାନ୍ଧି ଅଣାଯାଇଛି । ନିନ୍ଦିତ କର୍ମ କରିଥିବାରୁ ସେ ଅଧୋମୁଖ ହୋଇ ରହିଛନ୍ତି । ଏହା ଦେଖି ଦ୍ରୌପଦୀଙ୍କ କୋମଳ ହୃଦୟ କରୁଣାରେ ଉଦ୍‌ବେଳିତ ହୋଇଉଠିଲା । ସେ ଅଶ୍ୱତ୍ଥାମାଙ୍କୁ ସସମ୍ମାନ ନମସ୍କାର କଲେ । ଗୁରୁପୁତ୍ରଙ୍କୁ ଏଭଳି ବାନ୍ଧି ଆଣିବା ତାଙ୍କୁ ବିଶେଷ ଆଘାତ ଦେଲା । ଏହା ସେ ସହି ପାରିଲେ ନାହିଁ । ସେ ଅର୍ଜୁନଙ୍କୁ କହିଲେ ଯେ, ଏ ବ୍ରାହ୍ମଣ ଏବଂ ଗୁରୁପୁତ୍ର । ଏହାଙ୍କୁ ଦେଖିଲେ ଗୁରୁ ଦ୍ରୋଣଙ୍କ ସ୍ମୃତି ମନରେ ଜାଗ୍ରତ ହେଉଛି । ଏହାଙ୍କ ପିତାଙ୍କ କୃପାରୁ ଅର୍ଜୁନ ଧନୁର୍ବିଦ୍ୟାକୁ ଆୟତ୍ତ କରିଛନ୍ତି । ଏଣୁ ଗୁରୁପୁତ୍ରଙ୍କ ପ୍ରତି ଏଭଳି ନିର୍ଦ୍ଦୟ ହୋଇ ଅପମାନିତ କରିବା ଉଚିତ ହେବ ନାହିଁ । ପୁନଶ୍ଚ ଏହାଙ୍କୁ ମାରିଦେଲେ, ଗୁରୁପତ୍ନୀ କୃପୀ ଦାରୁଣ କଷ୍ଟ ଅନୁଭବ କରିବେ । ଆଜି ପାଞ୍ଚ ପୁତ୍ରଙ୍କୁ ହରାଇ ସେ ଯେଉଁ ଦୁଃଖ ଭୋଗ କରୁଛନ୍ତି

କୃପୀଙ୍କ ଅବସ୍ଥା ସେହିଭଳି ହେବ । ଜଣେ ମା' ହୋଇ ଆଉଜଣେ ମା'ର ହୃଦୟର ବେଦନାକୁ ସେ ଅନୁଭବ କରିପାରୁଛନ୍ତି । ଏଣୁ ସେ ସ୍ୱାମୀଙ୍କୁ ଅନୁରୋଧ କଲେ ଯେ, ଅଶ୍ୱତ୍ଥାମାଙ୍କୁ କ୍ଷମା କରିଦିଆଯାଉ । ବସ୍ତୁତଃ ତାହାହିଁ ହେଲା । କିନ୍ତୁ କୃଷ୍ଣଙ୍କ ନିର୍ଦ୍ଦେଶରେ ତାଙ୍କର ମସ୍ତକର ଶିଖାକୁ ଛେଦନ କରାଗଲା ଏବଂ ମଣିକୁ ବାହର କରିଦିଆଗଲା । ନିସ୍ପ୍ରଭ, ଶ୍ରୀହୀନ ଓ ଅପମାନିତ ହୋଇ ଅଶ୍ୱତ୍ଥାମା ପଳାୟନ କଲେ ।

ଉକ୍ତ ଘଟନାଟିରୁ ଜଣାଯାଏ ଯେ, ଦ୍ରୋପଦୀ କେତେ କ୍ଷମାଶୀଳା ଥିଲେ । ତାଙ୍କର ପ୍ରାଣ କେତେ କୋମଳ ଥିଲା । ହୃଦୟ ଥିଲା କେତେ ବିଶାଳ ଏବଂ ମନ କେତେ ଉଚ୍ଚ ଥିଲା । ଯଥାର୍ଥରେ କୁହାଯାଇଛି -

'ଦଣ୍ଡିବା ଶକ୍ତି ଯାର ଥାଇ
ସେ ପୁଣି କ୍ଷମା ଆଚରଇ"

କିନ୍ତୁ ଅଶ୍ୱତ୍ଥାମା ତାଙ୍କର ଦୁଷ୍ଟବୁଦ୍ଧି ଛାଡିନଥିଲେ । ସେ ଏହାପରେ କ୍ରୋଧର ବଶବର୍ତ୍ତୀ ହୋଇ ଉତ୍ତରାଙ୍କ ଗର୍ଭରେ ଥିବା ସନ୍ତାନଟିକୁ ମାରିବା ପାଇଁ ଅସ୍ତ୍ର ପ୍ରୟୋଗ କରିଥିଲେ । ମାତ୍ର ଶ୍ରୀକୃଷ୍ଣ ମାୟା କବଚରେ ତାହାକୁ ରକ୍ଷା କରିଥିଲେ । ଦୁଷ୍ଟର ପ୍ରକୃତି ସବୁବେଳେ ସେୟା ।

"ସର୍ପରେ ଜାତ କଲୁ ମୋତେ
ସ୍ୱଭାବ ଛାଡିବି କେମନ୍ତେ"

ନାରୀ ହୃଦୟର କୋମଳତାର ଦ୍ରୋପଦୀ ଥିଲେ ଯଥାର୍ଥ ପ୍ରତୀକ। ତାଙ୍କର ପୁତ୍ରହନ୍ତା ଅଶ୍ୱଥାମାଙ୍କୁ ମଧ୍ୟ ସେ କ୍ଷମା ଦେଇଥିଲେ । ଏହାହିଁ ଥିଲା ତାଙ୍କର ମହନୀୟତା (ଶ୍ରୀମଦ୍‌ଭାଗବତ ଛାୟାରେ ଲିଖିତ)

✱✱✱

# ସେ ସମୟର କଥା

**ସ**ମୟର ପ୍ରଭାବ ସହିତ ବ୍ୟକ୍ତିର ଦୃଷ୍ଟିଭଙ୍ଗୀ ବଦଳି ଯାଉଛି । ବିଭିନ୍ନ ବିଷୟ ସଂପର୍କରେ ଯେଉଁ ଭୁଲ୍ ଧାରଣା ଥିଲା ସେଥିରେ ପରିବର୍ତ୍ତନ ଆସିଛି । ବିଜ୍ଞାନର ଅଗ୍ରଗତି ମନର ବହୁ ଅନ୍ଧବିଶ୍ୱାସକୁ ଦୂରେଇ ଦେଇଛି । ଏହା ମଧ୍ୟ ଜୀବନର ବିଭିନ୍ନ ବିଭାଗକୁ ପ୍ରଭାବିତ କରିଛି । ଏ ସଂପର୍କରେ କେତେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ଜୀବନର ଅଭିଜ୍ଞତାକୁ ନିଜର ରଚନା ମାଧ୍ୟମରେ ପ୍ରକାଶ କରିଛନ୍ତି । ସେଥିରୁ କେତୋଟି ଉଦାହରଣ ଏଠାରେ ଦିଆଯାଉଛି । ଆମେ ଅତୀତରେ କିଭଳି ବିଭିନ୍ନ ବିଷୟରେ ଭ୍ରମ ଧାରଣାର ବଶବର୍ତ୍ତୀ ହୋଇଥିଲୁ, ତାହା ପାଠକଗଣ ଜାଣି ପାରିବେ । ଏଭଳି ଉଦାହରଣ ଅନେକ ରହିଛି । ତାହା ପ୍ରବନ୍ଧର ସୀମିତ ପରିସର ମଧ୍ୟରେ ଦେବା ସମ୍ଭବ ନୁହେଁ । କେତୋଟି ଉଦାହରଣ ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି ।

ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଜଣେ ବିଶିଷ୍ଟ ଐତିହାସିକ ଥିଲେ । ପ୍ରାଚୀନ ଅଭିଲେଖ ପାଠ କରିବାରେ ତାଙ୍କର ଖ୍ୟାତି ଥିଲା । କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ତାଙ୍କର 'ଆତ୍ମଜୀବନୀ'ରେ ସେ ଏ ସଂପର୍କରେ ଦୁଇଟି ଉଦାହରଣ ଦେଇଛନ୍ତି, ଯାହା ଉଲ୍ଲେଖନୀୟ ।

ରାଜଗୁରୁଙ୍କର ଜନ୍ମସ୍ଥାନ ପାରଳାଖେମୁଣ୍ଡୀ । ସେଠାରେ ଜଣେ ବିରାଟ ସଂଗୀତଜ୍ଞ ଥିଲେ । ତାଙ୍କ ନାମ ଅପନ୍ନା ପରିଛା । ତାଙ୍କର ସ୍ୱର ଅତି ସୁନ୍ଦର ଥିଲା । ପଣ୍ଡିତ ଗୋପବନ୍ଧୁ ଦାସ ବନବିଦ୍ୟାଳୟରେ ସଂଗୀତ ଶିକ୍ଷା ଦେବାପାଇଁ ତାଙ୍କୁ କିଛିଦିନ ସାକ୍ଷିଗୋପାଳ ଆଣିଥିଲେ । ଥରେ ଆଲ୍ଲାହାବାଦରେ ଗୋଟିଏ ବିରାଟ ସଂଗୀତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଓଡିଶା ପକ୍ଷରୁ ସେ ପ୍ରତିନିଧିତ୍ୱ କରୁଥିଲେ । ସେଠାରେ ସଂଗୀତ ଗାନ କରିବାକୁ ସଭାପତି ତାଙ୍କୁ ମାତ୍ର୧୦ ମିନିଟ୍ ସମୟ ଦେଇଥିଲେ । ମାତ୍ର ତାଙ୍କ କଣ୍ଠର ମାଧୁର୍ଯ୍ୟ ସଂଗେ ଜୟଦେବଙ୍କର ଲଳିତ ପଦାବଳୀ ଏଭଳି ଏକ ମନୋଜ୍ଞ ପରିବେଶ ସୃଷ୍ଟି କରିଥିଲା ଯେ, ସଭାପତି ସମୟ କଥା ଭୁଲିଗଲେ । ଚାଳିଶ ମିନିଟ୍ ପର୍ଯ୍ୟନ୍ତ ସଙ୍ଗୀତ ଗାନ କରି ସେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ ।

ଏହାପରେ ତାଙ୍କର ଖ୍ୟାତି ଚାରିଆଡେ ବ୍ୟାପି ଯାଇଥିଲା । କଲିକତା ପ୍ରଭୃତି ସହରର ଗ୍ରାମୋଫୋନ୍ କମ୍ପାନୀବାଲା ତାଙ୍କର ସଂଗୀତ ରେକର୍ଡିଂ କରିବା ପାଇଁ ତାଙ୍କ ନିକଟରେ ଧାଡ଼ି ବାନ୍ଧିଲେ । ଯଥେଷ୍ଟ ଅର୍ଥ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଲେ । କିନ୍ତୁ ଯେତେ ଯିଏ ଅନୁରୋଧ କଲେ ମଧ୍ୟ ସେ ଏଥିରେ ରାଜି ହେଲେନାହିଁ । ଏହାର କାରଣ ପଚାରିବାରୁ

ସେ ଉତ୍ତର ଦେଲେ, "ଆରେ ଜାଣୁନ, ମୋର କଣ୍ଠଟା ସେମାନେ ନେବାକୁ ଏତେ ସବୁ ଟଙ୍କା ଦେବାର ଲୋଭ ଦେଖାଉଛନ୍ତି । ତାଙ୍କର ଫିକର କ'ଣ ମୁଁ ଜାଣି ପାରୁନାହିଁ । ସେମାନେ ମୋର କଣ୍ଠ ନେବା ପାଇଁ ଏପରି ଚାଲ୍ ଖେଳୁଛନ୍ତି ।" ବହୁତ ଅନୁରୋଧ ପରେ ଅତି କଷ୍ଟରେ ସେ ଦୁଇ ତିନୋଟି ସଂଗୀତ ରେକର୍ଡିଂ ଦେଇଥିଲେ । ସଂଗୀତ ରେକର୍ଡିଂ କଲେ ସ୍ୱର ବା କଣ୍ଠ ତା ସହିତ ଚାଲିଯିବ, ଏକଥା ଯିଏ ଶୁଣିବ ସିଏ ହସିବ । ତଥାପି ଜଣେ ବିଶିଷ୍ଟ ସଂଗୀତଜ୍ଞଙ୍କ ମନରେ ଏଭଳି ଏକ ଅନ୍ଧବିଶ୍ୱାସ ରହିଥିଲା । ଆଜିକାଲି କଣ୍ଠ ରେକର୍ଡିଂ ଗୋଟାଏ ସାଧାରଣ ବିଷୟ । କିନ୍ତୁ ଦିନ ଥିଲା ଏହାକୁ ନେଇ ସଂଗୀତଜ୍ଞଙ୍କ ମନରେ ଭ୍ରମ ଧାରଣା ରହିଥିଲା ।

ସ୍ୱର୍ଗତ ରାଜଗୁରୁ ଏଭଳି ଧରଣର ଅନ୍ୟ ଗୋଟିଏ ଉଦାହରଣ ଦେଇଛନ୍ତି । ତାଙ୍କର ପିତାମହ ମଧୁସୂଦନ ରାଜଗୁରୁ ଥିଲେ ଜଣେ ଉତ୍କଳ ବିଖ୍ୟାତ ପଣ୍ଡିତ । ତାଙ୍କର ସଂସ୍କୃତରେ ଅଗାଧ ଜ୍ଞାନ ଥିଲା । ସେ ଥରେ କାଶୀଠାରେ ସଂସ୍କୃତ ସମ୍ମିଳନୀରେ ଭାଷଣ ଦେଇ ଶ୍ରୋତାମାନଙ୍କୁ ମୁଗ୍ଧ କରିଦେଇଥିଲେ । କିନ୍ତୁ ତାଙ୍କର ଜୀବନକାଳ ମଧ୍ୟରେ ତାଙ୍କର ଗୋଟିଏ ମଧ୍ୟ ଫଟୋ ଉଠା ହୋଇପାରିଲା ନାହିଁ । କେହି ଫଟୋ ଉଠାଇବା ପାଇଁ ପ୍ରସ୍ତାବ ଦେଲେ, ସେ ରାଗି ଯାଉଥିଲେ । ଏହାର କାରଣ ସେ ଭାବୁଥିଲେ ଯେ, ଫଟୋ ଉଠାଗଲେ ତାଙ୍କର କଳା ବା ଶରୀରର ତେଜ ହରଣ ହୋଇଯିବ । ଆମେ ପୁରାଣରେ ପଢ଼ିଛୁ ଯେ, ଭଗବାନ୍ ଶ୍ରୀକୃଷ୍ଣ ମର୍ତ୍ତ୍ୟ ଧାମରୁ ବିଦାୟ ନେବା ପୂର୍ବରୁ ଅର୍ଜୁନଙ୍କୁ ଦେଇଥିବା କଳାକୁ ସେ ନେଇ ଯାଇଥିଲେ । କିନ୍ତୁ ଫଟୋ ଉଠାଗଲେ ଜଣେ ଲୋକର କଳା ହରଣ ହୋଇଯିବ, ଏହା ଶୁଣିଲେ ଯେ କେହି ହସିବ ! କିନ୍ତୁ ସେ ସମୟରେ ଜଣେ ବିରାଟ ପଣ୍ଡିତ ମଧ୍ୟ ଏଭଳି ଭ୍ରମ ଧାରଣାର ବଶବର୍ତ୍ତୀ ହୋଇଥିଲେ ।

ଏଭଳି ଅନ୍ୟ ଏକ ଉଦାହରଣ ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି । ଡଃ ସଦାଶିବ ମିଶ୍ର ଜଣେ ଭାରତବିଖ୍ୟାତ ଅର୍ଥନୀତିଜ୍ଞ ଥିଲେ । ସେ ରେଭେନ୍‌ସା ମହାବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷା ବିଭାଗର ନିର୍ଦ୍ଦେଶକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଆସନ ଅଳଂକୃତ କରିଥିଲେ । ସେ ମଧ୍ୟ ଜଣେ ବିଶିଷ୍ଟ ସାହିତ୍ୟିକ ଥିଲେ ଏବଂ ଅନେକ ଉଚ୍ଚକୋଟୀର ପ୍ରବନ୍ଧ ରଚନା କରିଥିଲେ । ତାଙ୍କର ଏକ ପ୍ରବନ୍ଧରେ ସେ ଗୋଟିଏ କୌତୁହଳ କଥା ପ୍ରକାଶ କରିଛନ୍ତି । ବିଷୟଟି ଏହି ପ୍ରକାର । ପୁରୀ ଜିଲ୍ଲାର କୌଣସି ଏକ ବ୍ରାହ୍ମଣ ଶାସନକୁ ତତ୍‌କାଳୀନ ସ୍କୁଲ୍ ଇନିସ୍ପେକ୍ଟର ରାଧାନାଥ ରାୟ ଯାଇ ଗୋଟିଏ ସ୍କୁଲ୍ ବସାଇବା ପାଇଁ ଏବଂ ଆଧୁନିକ ଶିକ୍ଷା ଦେବାପାଇଁ ଗ୍ରାମବାସୀଙ୍କୁ ଅନୁରୋଧ କଲେ । ବହୁତ ବୁଝାଇବା ପରେ ଗ୍ରାମବାସୀ ରାଜି ହେଲେ । ସ୍କୁଲ୍ ବସିଲା, ଜଣେ ଶିକ୍ଷକ ମଧ୍ୟ ନିଯୁକ୍ତ ହେଲେ । ପିଲାମାନେ ତାଳପତ୍ର ଲେଖନୀ ଛାଡ଼ି କାଗଜ କଲମରେ

ଲେଖିବା ଆରମ୍ଭ କରିଦେଲେ । ଶିକ୍ଷକ ସେମାନଙ୍କୁ ପଢ଼ାଇଲେ । ଆଧୁନିକ ଶିକ୍ଷା ପ୍ରଚଳନ ହେଲା । କିନ୍ତୁ କିଛିଦିନ ପରେ ଏଭଳି ଏକ ଅବସ୍ଥା ଉପୁଜିଲା ଯେ, ଶିକ୍ଷକ ଜଣକ ବହୁତ ଅସୁବିଧାର ସମ୍ମୁଖୀନ ହେଲେ । ଥରେ ଶିକ୍ଷକଙ୍କର ପିତୃଶ୍ରାଦ୍ଧ ପଡିଲା । ସେ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ତାଙ୍କ ଘରେ ଭୋଜନ କରିବାକୁ କେହି ଆସିଲେ ନାହିଁ । ଏହାର କାରଣ ହେଲାଯେ, ସେ ସରକାରୀ କାଗଜ କଲମ ସ୍ୟାହି ସବୁ ଛୁଉଁଛନ୍ତି । ବିଭିନ୍ନ ଜାତିର ପିଲା ଏକାଠି ବସି ପଢୁଛନ୍ତି । ଶିକ୍ଷକଙ୍କର କାୟା ଭ୍ରଷ୍ଟ ହୋଇଛି । ଶ୍ରାଦ୍ଧ ଦିନ ଜଣେ ବି ବ୍ରାହ୍ମଣ ତାଙ୍କ ଘରେ ଭୋଜନ କଲେ ନାହିଁ । ବିଚରା ଶିକ୍ଷକ ଜଣକ ଦୁଃଖ ଏବଂ ଅପମାନରେ ଚାକିରିରୁ ଇସ୍ତଫା ଦେଲେ । ଅନ୍ଧବିଶ୍ୱାସର ଚେର କେତେଦୂର ମାଡ଼ିଯାଇଥିଲା, ଏହା ଏଥିରୁ ଅନୁମେୟ ।

ଓଡ଼ିଶାରେ ରେଳଗାଡ଼ି ଚାଲିବା ପରେ କ'ଣ ଘଟିଲା ତା'ର ଗୋଟିଏ ଉଦାହରଣ ଦିଆଯାଉ । ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କ ଆତ୍ମଜୀବନୀରେ ଏହା ଉଲ୍ଲେଖ କରିଛନ୍ତି । ରେଳଗାଡ଼ି ଚାଲିବାର କିଛି ବର୍ଷ ପରେ ୧୯୨୫ ମସିହାରେ ପାରିକୁଦ ରାଜାଙ୍କର ଉଆସରେ ହୋମ, ଯଜ୍ଞ, ପୂଜା ପ୍ରଭୃତି ଆରମ୍ଭ ହୋଇଗଲା । ଏହାର କାରଣ କ'ଣ ? ଏହାର କାରଣ ହେଉଛି ପାରିକୁଦର ପଶ୍ଚିମ ଦିଗରେ କେତେଦିନ ଧରି କାଳିଜାଈ ପାହାଡ଼ ପଟେ ରାତି ଅଧରେ ଏକ ପ୍ରକାଣ୍ଡ ଆଲୋକ ଦିଶିଲା । ଏ ଆଲୋକ କିଛି ସମୟ ରହି ଅଦୃଶ୍ୟ ହୋଇ ଯାଉଥିଲା । କାଳିଜାଈ ଦେବୀ ରୁଷ୍ଟା ହୋଇଛନ୍ତି ବୋଲି ଚାରିଆଡେ ପ୍ରଚାରିତ ହୋଇଗଲା । ତାଙ୍କୁ ଶାନ୍ତ କରିବା ପାଇଁ ଏ ସବୁର ଆୟୋଜନ ହେଲା । ଏହା ବହୁଦିନ ଧରି ଚାଲିଲା । କିନ୍ତୁ ପରେ ଜଣା ପଡିଲା ଯେ, ଦକ୍ଷିଣରୁ ଆସୁଥିବା ମାନ୍ଦ୍ରାଜ ଡାକ ଗାଡ଼ିରେ ନୂଆ ହୋଇ ଯେଉଁ ପ୍ରକାଣ୍ଡ ଆଲୁଅ ଖଞ୍ଜା ଯାଇଛି, ତାହାହିଁ ଦୂରରୁ ଏଭଳି ଦିଶୁଥିଲା । ଆମ ଜୀବନ ଧାରାରେ ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସ ବସା ବାନ୍ଧିଥିଲେ । ବିଜ୍ଞାନର ବିକାଶ ଫଳରେ କ୍ରମେ କ୍ରମେ ସେମାନେ ଚାଲି ଗଲେଣି । ତଥାପି ଆଜିକାଲି ଜନସାଧାରଣଙ୍କର ସରଳତା ଓ ଭୟର ସୁଯୋଗ ନେଇ ଅନେକ ଠକ ସେମାନଙ୍କୁ ପ୍ରତାରିତ କରୁଛନ୍ତି । ପ୍ରତିଦିନ ସମ୍ବାଦପତ୍ରରେ ଆମେ ଏସବୁ ପଢୁଛୁ । ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ, ଭୂମିକମ୍ପ ଭଳି ଅନେକ ପ୍ରାକୃତିକ ଘଟଣା ବିଷୟରେ ମନରେ ଯେଉଁ ଭୁଲ୍ ଧାରଣା ଥିଲା ତାହା ଆଉ ନାହିଁ । ଅଜ୍ଞତା ଓ ମନର ଭୟ ଅନ୍ଧବିଶ୍ୱାସର ମୂଳ କାରଣ । ଶିକ୍ଷାର ପ୍ରସାର ଏହା ଦୂର କରିବାରେ ସହାୟକ ହେବ । ସତ୍ୟକୁ ଜାଣିବାର ପ୍ରୟାସ ଆମପାଇଁ ଶୁଭଙ୍କର ଅଟେ ।

ଅଗ୍ନିରେ ଧୂମ ରହିଲା ଭଳି ଆମ ପରମ୍ପରାରେ ଏଭଳି କିଛି ରହିଯାଇଛି । କିନ୍ତୁ ଆମ ଅତୀତ ଓ ପରମ୍ପରାର ଏକ ଉଜ୍ଜ୍ୱଳ ଦିଗ ରହିଛି । ତାହା ହେଉଛି ଉଚ୍ଚ ଆଦର୍ଶ ଓ ମୂଲ୍ୟବୋଧ । ଆମ ସଂସ୍କୃତି ତାହାରି ଉପରେ ପ୍ରତିଷ୍ଠିତ । ଆଧ୍ୟାତ୍ମିକତା ହେଉଛି ଆମ

ସଂସ୍କୃତିର ଆଧାର । ସର୍ବଭୂତରେ ଭଗବାନଙ୍କୁ ଦେଖିବା ଓ ସମଗ୍ର ମାନବ ଜାତିର ସୁଖ ବା କଲ୍ୟାଣ କାମନା କରିବା ଏହାର ଲକ୍ଷ୍ୟ। ସଂଘର୍ଷ ନୁହେଁ, ସଂପ୍ରୀତି ହେଉଛି ଆମର ଆଦର୍ଶ । ଏଣୁ ଆମର ପୂର୍ବ ପୁରୁଷମାନେ କାମନା କରିଥିଲେ,

ସର୍ବେ ଭବନ୍ତୁ ସୁଖିନଃ (ସମସ୍ତେ ସୁଖୀ ରୁହନ୍ତୁ)
ସର୍ବେ ସନ୍ତୁ ନିରାମୟା (ସମସ୍ତେ ସୁସ୍ଥ ରୁହନ୍ତୁ)
ସର୍ବେ ଭଦ୍ରାଣି ପଶ୍ୟନ୍ତୁ (ସମସ୍ତେ ଭଦ୍ର ଓ ଶିଷ୍ଟାଚାର ସଂପନ୍ନ ହୁଅନ୍ତୁ)
ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ (ଦୁଃଖ ନରହୁ)
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ (ଶାନ୍ତି ବିରାଜମାନ କରୁ)

✶✶✶

# ଅଧ୍ୟବସାୟ ସଫଳତାର ମୂଳମନ୍ତ୍ର

**ଶ**ବ୍ଦକୋଷରେ 'ଅଧ୍ୟବସାୟ' ର ଅର୍ଥ ଅବିରାମ ଚେଷ୍ଟା ବା ପରିଶ୍ରମ ବୋଲି କୁହାଯାଇଛି। କୌଣସି କ୍ଷେତ୍ରରେ ବିଶେଷ ସଫଳତା ଲାଭ କରିବାକୁ ହେଲେ କଠୋର ପରିଶ୍ରମ କରିବାକୁ ପଡିବ। ଛାତ୍ର ଜୀବନରେ ବିଦ୍ୟାର୍ଥୀମାନେ ଭବିଷ୍ୟତ ଗଢ଼ିବା ପାଇଁ ଯଥେଷ୍ଟ ସୁଯୋଗ ଲାଭ କରିଥା'ନ୍ତି। ସେମାନେ ଯେଉଁ ଜ୍ଞାନ ଆହରଣ କରିଥା'ନ୍ତି ତାହା ସେମାନଙ୍କୁ ଭବିଷ୍ୟତରେ ପ୍ରତିଷ୍ଠା ଓ ସମ୍ମାନ ଲାଭ କରିବାରେ ସାହାଯ୍ୟ କରିଥାଏ ଏବଂ ଏହା ସହିତ ରାଷ୍ଟ୍ରର ହିତ ସାଧନ କରିବାରେ ସହାୟକ ହୋଇଥାଏ। ସାଧନାର ପଥରେ ନାନା ବାଧା ବିଘ୍ନ ଆସିଥାଏ। କିନ୍ତୁ ନିଜର ସଂକଳ୍ପରେ ଦୃଢ ରହି ସ୍ଥିର ଓ ଅବିଚଳିତ ମନରେ ଅଧ୍ୟବସାୟ ଦ୍ୱାରା ସମସ୍ତ ବିପଦକୁ ଅତିକ୍ରମ କରି ବ୍ୟକ୍ତି ସାଧନାରେ ସିଦ୍ଧି ଲାଭ କରେ। ମହାପୁରୁଷମାନଙ୍କ ଜୀବନକୁ ଅନୁଧ୍ୟାନ କଲେ ଏଭଳି ଅନେକ ଦୃଷ୍ଟାନ୍ତ ମିଳିଥାଏ ଏବଂ ଏହା ମଧ୍ୟ ଜୀବନ ପଥରେ ଅଗ୍ରସର ହେବାପାଇଁ ପ୍ରେରଣା ଦେଇଥାଏ। ଯଥାର୍ଥରେ କୁହାଯାଇଛି, "Lives of great men all remind us, we can make our lives sublime"

ପ୍ରଥମେ ପୁରାଣରେ ବର୍ଣ୍ଣିତ ଗୋଟିଏ ଘଟନା ପ୍ରତି ଦୃଷ୍ଟିପାତ କରାଯାଉ। ଏକଲବ୍ୟ ଜଣେ ଶବରର ସନ୍ତାନ। ସେ ଧନୁର୍ବିଦ୍ୟା ଶିକ୍ଷା କରିବା ପାଇଁ ଦ୍ରୋଣଙ୍କ ପାଖକୁ ଆସିଛି। ଦ୍ରୋଣ ରାଜକୁମାରମାନଙ୍କୁ ଏହା ଶିକ୍ଷା ଦେଉଥିଲେ। ଏହି କାରଣରୁ ଏକଲବ୍ୟକୁ ଶିକ୍ଷା ଦେବାପାଇଁ ମନା କରିଦେଲେ। ଏହା ଏକଲବ୍ୟକୁ ବିଶେଷ ଆଘାତ ଦେଇଥିବ। କିନ୍ତୁ ସେ ଏ ପ୍ରତ୍ୟାଖ୍ୟାନକୁ ଏକ ଆହ୍ୱାନ ବୋଲି ଗ୍ରହଣ କଲା। ହୃଦୟରେ ଦ୍ରୋଣଙ୍କ ପ୍ରତି ଅତୁଟ ଭକ୍ତି ରହିଥାଏ। ଦ୍ରୋଣଙ୍କୁ ମନ ମଧ୍ୟରେ ଗୁରୁ ବୋଲି ସ୍ୱୀକାର କରି ଶର ଚାଳନା ନିରନ୍ତର ଅଭ୍ୟାସ କରିବାକୁ ଲାଗିଲା। ହୁଏତ ଏହା ହୋଇପାରେ ସେ କିଛି ଦୂରରୁ ରାଜକୁମାରମାନଙ୍କୁ ଦ୍ରୋଣ ଦେଉଥିବା ଶିକ୍ଷାକୁ ଲକ୍ଷ୍ୟ କରି ନିଜେ ସେଭଳି ଅଭ୍ୟାସ କରୁଥିଲା। ବାରମ୍ବାର ଅଭ୍ୟାସ କରିବା ଫଳରେ ସେ ବିଶେଷ ପାରଦର୍ଶିତା ଲାଭ କଲା। ଭବିଷ୍ୟତରେ ତା'ର ପାରଦର୍ଶିତାକୁ ଲକ୍ଷ୍ୟ କରି ଦ୍ରୋଣ ଚକିତ ହୋଇଗଲେ। ତାଙ୍କ ମନରେ ଏଭଳି ଆଶଙ୍କା ଆସିଲା ହୁଏତ ଅର୍ଜୁନଙ୍କୁ ସେ ଶର ଚାଳନାରେ ଟପିଯିବ। ଏକଲବ୍ୟର 'ଗୁରୁଦକ୍ଷିଣା' ପ୍ରସଂଗ ଏହି ଆଶଙ୍କାର ପରିଣତି।

ଏହାତ ପୁରାଣର ବିଷୟ। ପିଲାଦିନେ ପାଠ୍ୟ ପୁସ୍ତକରେ ପଢ଼ିଥିଲୁ ଯେ, ଚୀନର ଜଣେ ଦରିଦ୍ର ବାଳକ ୟାଁସୁ ଅର୍ଥାଭାବରୁ ବିଦ୍ୟାଳୟରେ ପଢ଼ିପାରିଲାନି। କିନ୍ତୁ ସ୍କୁଲ ବାରଣ୍ଡାରେ ବସି ପାଠ ପଢ଼ା ଲକ୍ଷ୍ୟ କରି ନଦୀବାଲିରେ ତାହ ଅଭ୍ୟାସ କରି ଜୀବନରେ ବଡ

ହୋଇଥିଲା। ଅଧ୍ୟବସାୟ ବଳରେ ପଣ୍ଡିତ ଗୋଦାବରୀଶ ମିଶ୍ର କିଭଳି ଇଂରାଜୀ ଭାଷାରେ ଅସାଧାରଣ ବ୍ୟୁତ୍ପତ୍ତି ଲାଭ କରିଥିଲେ ତାହା ତାଙ୍କର ଆତ୍ମ ଜୀବନୀରୁ ଜଣାଯାଏ । ଦୁଃଖ ଓ ଦାରିଦ୍ର୍ୟ ସହ ସଂଗ୍ରାମ କରି ସେ ପାଠ ପଢୁଥିଲେ। ରବିବାର ଦିନ ନିଜର କୋଠରୀ ଭିତରେ ଦ୍ୱାର ବନ୍ଦ କରି ରହୁଥିଲେ। ସଂଧ୍ୟା ବେଳେ ଧୋବା ଲୁଗା ଦେଲେ ସେ ପିନ୍ଧି କରି ବାହାରକୁ ଆସୁଥିଲେ। ତଥାପି ସେ ଭଲ ପଢୁଥିଲେ । ସେ ପୁରୀ ଜିଲ୍ଲା ସ୍କୁଲର ଛାତ୍ର ଥିବା ସମୟର ଘଟଣା। ସେତେବେଳେ ଜଣେ ମହାନ୍ ବ୍ୟକ୍ତି ଚନ୍ଦ୍ର ମୋହନ ମହାରଣା ଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ସେ ଜଣେ ବିରାଟ ବୈୟାକରଣିକ ଏବଂ ଜଣେ ଦକ୍ଷ ଶିକ୍ଷକ ମଧ୍ୟ ଥିଲେ। ଯେହେତୁ ଗୋଦାବରୀଶ ଜଣେ ମେଧାବୀ ଛାତ୍ର ଥିଲେ ଏଣୁ ସେ ତାଙ୍କୁ ବ୍ୟକ୍ତିଗତ ଭାବରେ ଜାଣିଥିଲେ। ଥରକର ଘଟଣା। ଶିକ୍ଷା ବିଭାଗର ଡିରେକ୍ଟର ବିଦ୍ୟାଳୟ ପରିଦର୍ଶନ କରିବାକୁ ଆସିଥା'ନ୍ତି । ସେ ପ୍ରଧାନ ଶିକ୍ଷକ, ସ୍କୁଲ ଇନିସ୍ପେକ୍ଟରଙ୍କ ସହ ଗୋଦାବରୀଶଙ୍କ ଶ୍ରେଣୀ ମଧ୍ୟକୁ ପ୍ରବେଶ କରି ପ୍ରଧାନ ଶିକ୍ଷକଙ୍କୁ ଏ ଶ୍ରେଣୀରେ ସବୁଠାରୁ ଭଲ ଛାତ୍ର କିଏ ବୋଲି ପଚାରିଥିଲେ । ପ୍ରଧାନ ଶିକ୍ଷକ ଗୋଦାବରୀଶଙ୍କ ଆଡ଼କୁ ଚାହିଁଥିଲେ । ଏଣୁ ଡିରେକ୍ଟର ଗୋଟିଏ ଇଂରାଜୀ ପଦ୍ୟ ଆବୃତ୍ତି କରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଲେ। ଗୋଦାବରୀଶ ଦୁଇ ବା ତିନୋଟି ଧାଡ଼ି ପଢିଛନ୍ତି, ଡିରେକ୍ଟର ଜୋରରେ ହସି ପକାଇଲେ । ତାଙ୍କର ଉଚ୍ଚାରଣ ଭୁଲ୍ ଥିଲା। ପ୍ରଧାନଶିକ୍ଷକଙ୍କ ମୁହଁ ଶୁଖିଗଲା । ସେ ଅପମାନିତ ବୋଧ କଲେ । ଡିରେକ୍ଟର ଏହି ଧାରଣା ନେଇକରି ଗଲେ ଯେ ସ୍କୁଲରେ ଶିକ୍ଷକମାନେ ଉଚ୍ଚାରଣ ପ୍ରତି ଧ୍ୟାନ ଦେଉନାହାନ୍ତି । ସ୍କୁଲର ପାଠ୍ୟ କ୍ରମରେ କିଛିଟା ପରିବର୍ତ୍ତନ ଘଟିଲା । ପ୍ରଧାନ ଶିକ୍ଷକ ନିଜେ ଇଂରାଜୀ ପଢ଼ାଇଲେ । କିନ୍ତୁ ତାଙ୍କ ମନରେ ଗୋଦାବରୀଶଙ୍କ ପ୍ରତି ବିରକ୍ତି ଭାବ ଥାଏ । ପ୍ରଧାନ ଶିକ୍ଷକ ଶ୍ରେଣୀକୁ ଆସି ଗୋଦାବରୀଶଙ୍କୁ ଗୋଟିଏ ବିଷୟ ପଢିବାକୁ କହନ୍ତି ଏବଂ ଭୁଲ୍ ଉଚ୍ଚାରଣ ପାଇଁ ବେଞ୍ଚ ଉପରେ ଠିଆ ହେବାକୁ କୁହନ୍ତି । ଏଭଳି ଦଣ୍ଡ ଗୋଦାବରୀଶଙ୍କୁ ବିଶେଷ ଯନ୍ତ୍ରଣା ଦେଉଥାଏ । କିନ୍ତୁ ଏହା ମଧ୍ୟ ତାଙ୍କର ଉପକାର ସାଧନା କରିଥିଲା । ସେ ଇଂରାଜୀ ଭାଷାକୁ ଆୟତ୍ତ କରିବାକୁ ବିଶେଷ ପରିଶ୍ରମ କଲେ । ଏହା ଫଳରେ ଶବ୍ଦଜ୍ଞାନ ଏବଂ ଉଚ୍ଚାରଣ କ୍ଷେତ୍ରରେ ସେ ଦକ୍ଷତା ଲାଭ କଲେ । ଥରେ ପ୍ରଧାନ ଶିକ୍ଷକ ତାଙ୍କୁ ଦଣ୍ଡ ଦେବା ବେଳେ ସେ କହିଲେ ଯେ, ସେ ନିର୍ଭୁଲ ଭାବରେ ଉଚ୍ଚାରଣ କରୁଛନ୍ତି କିନ୍ତୁ ପ୍ରଧାନଶିକ୍ଷକଙ୍କ ଉଚ୍ଚାରଣରେ ଭୁଲ୍ ରହିଛି । ଏଥିରେ ପ୍ରଧାନ ଶିକ୍ଷକ କ୍ରୁଦ୍ଧ ହେଲେ ମଧ୍ୟ ପରେ ନିଜର ଭୁଲ୍ ବୁଝି ପାରିଥିଲେ ଏବଂ ଗୋଦାବରୀଶ ଦଣ୍ଡରୁ ରକ୍ଷା ପାଇଥିଲେ । ଏଣୁ ସେ ତାଙ୍କ ଆତ୍ମଜୀବନୀରେ ସ୍ୱୀକାର କରିଛନ୍ତି ଯେ, ତାଙ୍କର ଏ ସଫଳତା ପାଇଁ ସେ ପ୍ରଧାନ ଶିକ୍ଷକ ଚନ୍ଦ୍ର ମୋହନ ମହାରଣାଙ୍କ  ପାଖରେ ଋଣୀ । ଥରେ ଇଂରାଜୀ ନାଟକରେ ଅଭିନୟ କରିଥିବା ବେଳେ ତାଙ୍କର ନିର୍ଭୁଲ ଉଚ୍ଚାରଣ ଦେଖି ତତ୍କାଳୀନ କମିସନର୍ କହିଥିଲେ,

"ତୁମେ ତ ଆମ ଗୋରାଙ୍କ ଠାରୁ ଭଲ ଇଂରାଜୀ କହୁଛ । ବି.ଏ. ପାଶ୍ କରି ଆସ, ଡେପୁଟୀ କଲେକ୍ଟର ହେବ ।" ଗୋଦାବରୀଶ ଡେପୁଟୀ କଲେକ୍ଟର ହୋଇନଥିଲେ । ଗୋପବନ୍ଧୁଙ୍କ ତ୍ୟାଗ ମନ୍ତ୍ରରେ ଦୀକ୍ଷିତ ହୋଇ ଦେଶ ସେବାର କଠିନ ପଥକୁ ବାଛି ନେଇଥିଲେ । ଅଧ୍ୟବସାୟ ବଳରେ ଜଣେ ବାଗ୍ମୀ, ସୁଲେଖକ, କବି ଓ ନାଟ୍ୟକାର ଭାବରେ ସାହିତ୍ୟ ଜଗତକୁ ସେ ଋଦ୍ଧିମନ୍ତ କରିଛନ୍ତି । ତତ୍କାଳୀନ ଓଡ଼ିଶାରେ ସେ ସବୁଠାରୁ ଭଲ ଇଂରାଜୀ କହୁଥିଲେ ଏବଂ ଲେଖୁଥିଲେ ବୋଲି ପ୍ରଶଂସା ଲାଭ କରିଥିଲେ । ଏହାହିଁ ଅଧ୍ୟବସାୟର ଫଳ ।

ଓଡ଼ିଶାର ଆଉଜଣେ କୃତୀସନ୍ତାନଙ୍କ ବିଷୟ ଏଠାରେ ଉଲ୍ଲେଖ କରାଯାଇପାରେ । ସେ ହେଉଛନ୍ତି ଡଃ ସଦାଶିବ ମିଶ୍ର । ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷା ବିଭାଗର ଡିରେକ୍ଟର ଏବଂ ପରିଶେଷରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦ ମଣ୍ଡନ କରିଥିଲେ । ଇଂରାଜୀ ଏବଂ ଓଡ଼ିଆ ଭାଷାରେ ଜଣେ ସୁବକ୍ତା ତଥା ଜଣେ ଉଚ୍ଚକୋଟୀର ସାହିତ୍ୟିକ ଭାବରେ ସେ ବିଶେଷ ପ୍ରତିଷ୍ଠା ଲାଭ କରିଥିଲେ । ସେ ଥିଲେ ଜଣେ ଭାରତ ବିଖ୍ୟାତ ଅର୍ଥନୀତିଜ୍ଞ । କଠୋର ପରିଶ୍ରମ ବଳରେ ସେ ଏ ସବୁ ସମ୍ମାନ ବା ଗୌରବର ଅଧିକାରୀ ହୋଇଥିଲେ । କିନ୍ତୁ ତାଙ୍କର ଛାତ୍ର ଜୀବନ ଥିଲା ସଂଘର୍ଷମୟ । ପୁରୀ ଜିଲ୍ଲାର ଏକ ପ୍ରସିଦ୍ଧ ଶାସନ ବୀରନରସିଂହପୁରରେ ତାଙ୍କର ଜନ୍ମ ହୋଇଥିଲା । କିନ୍ତୁ ତାଙ୍କୁ ଯେତେବେଳେ ମାତ୍ର ଦଶବର୍ଷ ବୟସ ତାଙ୍କ ଜୀବନ ଉପରେ ଏକ ପ୍ରଳୟଙ୍କରୀ ଝଡ଼ ବହିଗଲା । ହଇଜାରେ ଗୋଟିଏ ଦିନରେ ତାଙ୍କର ବାପା, ମା', ଭାଇ ପ୍ରଭୃତି ଚାଲିଗଲେ । ସେ ଅନାଥ ହୋଇଗଲେ । ତେବେ ପାଖ ଗାଁ ବୀରପ୍ରତାପପୁରରେ ତାଙ୍କର ଦଦେଇଙ୍କର ଘର ଥିଲା । ସେ ତାଙ୍କୁ ଆଶ୍ରୟ ଦେଲେ । ସେଠାରେ ରହି ସେ ମାଇନର ପାଶ୍ କରିଗଲେ । କିନ୍ତୁ ଆଉ ଅଧିକ ପଢ଼ିବାର ସୁବିଧା ନଥିଲା । ଏଣେ ଅର୍ଥାଭାବ । କଅଣ କରିବେ ? କିପରି ଆଉ ଅଧିକ ପଢ଼ିବେ ? ଏହି ଚିନ୍ତା ତାଙ୍କୁ ଅଧିକ ଘାରିଲା । ବିଖ୍ୟାତ ଐତିହାସିକ କୃପାସିନ୍ଧୁ ମିଶ୍ର ସେହି ଗ୍ରାମର ଅଧିବାସୀ । ସେ ଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ଜଣେ ଶିକ୍ଷକ । ସଦାଶିବ ଅଧିକ ପଢିବା ପାଇଁ ତାଙ୍କର ସାହାଯ୍ୟ ଲୋଡ଼ିଲେ । ଅତି କରୁଣ ଭାବରେ ତାଙ୍କୁ ଏଥିପାଇଁ ଅନୁରୋଧ କଲେ । ଏହା କୃପାସିନ୍ଧୁଙ୍କ ପ୍ରାଣକୁ ବିଗଳିତ କରିଦେଲା । ସେ ତାଙ୍କୁ ସାଙ୍ଗରେ ନେଇ ସାକ୍ଷିଗୋପାଳ ଗଲେ ଓ ବନ ବିଦ୍ୟାଳୟରେ ତାଙ୍କର ନାମ ଲେଖା ହେଲା । ଆଚାର୍ଯ୍ୟ ହରିହର ଦାଶ ତାଙ୍କର ଦାୟିତ୍ୱ ନେଲେ । କିନ୍ତୁ ତାଙ୍କର ପାଠ ପଢ଼ା ଖର୍ଚ୍ଚ ଉଠାଇବା ପାଇଁ ତାଙ୍କୁ ହକର କାମ କରିବାକୁ ପଡିଲା । ସେ 'ସାପ୍ତାହିକ ସମାଜ' କୁ ରେଲ ଷ୍ଟେସନ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ବିକ୍ରି କରୁଥିଲେ । ଏଭଳି ଭାବରେ ପାଠ ପଢ଼ି କୃତିତ୍ୱର ସହ ମାଟ୍ରିକ୍ ପାଶ୍ କଲେ । ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ ଟିଉସନ୍ କରି ଖର୍ଚ୍ଚ

ଉଠାଉଥିଲେ । ପାଦରେ ଚାଲି ଚାଲି ଟିଉସନ୍ କରିବାକୁ ଯାଉଥିଲେ ଏବଂ ପଢିବା ପାଇଁ କଲେଜ ଯାଉଥିଲେ । ଦୁଃଖ, କଷ୍ଟ ସହି ଅଭାବ ଭିତରେ ଚଳି ପାଠ ପଢ଼ି ମଣିଷ ହେଲେ । ସମାଜରେ ପ୍ରତିଷ୍ଠା ଲାଭ କଲେ ।

ଏଭଳି ମହାନ୍ ବ୍ୟକ୍ତିଙ୍କ ଜୀବନରୁ ଆଜିର ଛାତ୍ରଛାତ୍ରୀମାନଙ୍କର ଅନେକ କିଛି ଶିଖିବାର ଅଛି । ଆଜି କାଲି ପାଠ ପଢ଼ିବା ପାଇଁ ଯଥେଷ୍ଟ ସୁଯୋଗ ମିଳୁଛି । କିନ୍ତୁ ସେତେବେଳେ ଏତେ ସୁବିଧା ମିଳୁନଥିଲା । ଅଧିକାଂଶ ଛାତ୍ର ଗରିବ ଥିଲେ । ଦୁଇଓଳି ଭଲକରି ଗଣ୍ଡେ ଖାଇବାକୁ ମିଳୁନଥିଲା । ବହି ପତ୍ର କିଣିବା ବା ଭଲ ପୋଷାକ ପରିଧାନ କରିବା ତ ଦୂରର କଥା । ତଥାପି କଠୋର ପରିଶ୍ରମ କରି ନିଜର ଅଧ୍ୟବସାୟ ବଳରେ ଏମାନେ ପ୍ରତିଷ୍ଠା ଲାଭ କଲେ । ଏଥିରୁ ଆଜିର ଛାତ୍ର– ସମାଜ ପ୍ରେରଣା ଲାଭ କରିବା ଉଚିତ୍ । କଠୋର ଅଧ୍ୟବସାୟ ଯଥାର୍ଥରେ ସଫଳତାର 'ମୂଳମନ୍ତ୍ର' ଅଟେ । ଶାସ୍ତ୍ରକାର ଲେଖିଛନ୍ତି,

"ପ୍ରାରଭ୍ୟତେ ନ ଖଲୁ ବିଘ୍ନ ଭୟେନ ନୀଚୈଃ
ପ୍ରାରଭ୍ୟ ବିଘ୍ନ ନିହତାଃ ବିରମନ୍ତି ମଧ୍ୟାଃ
ବିଘ୍ନୈଃ ପୁନଃ ପୁନରପି ପ୍ରତିହନ୍ୟମାନାଃ
ପ୍ରାରବ୍ଧମୁତ୍ତମଗୁଣାଃ ନ ପରିତ୍ୟଜନ୍ତି ।"

ସଂସାରରେ ତିନି ପ୍ରକାରର ବ୍ୟକ୍ତି ଅଛନ୍ତି, ଉତ୍ତମ, ମଧ୍ୟମ ଏବଂ ନୀଚ । ଯେଉଁମାନେ ନୀଚ ସେମାନେ କାଳେ ବିପଦ ଆସିବ ଏ ଭୟରେ କୌଣସି କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ । ମଧ୍ୟମମାନେ କାର୍ଯ୍ୟ ଆରମ୍ଭ କରନ୍ତି, ମାତ୍ର ବିପଦ ଆସିଲେ ଓହରିଯା'ନ୍ତି । ମାତ୍ର ଶ୍ରେଷ୍ଠ ବ୍ୟକ୍ତିଗଣ ସକଳ ବାଧା ବିଘ୍ନର ସମ୍ମୁଖୀନ ହୋଇ ଜୀବନରେ ସଫଳତା ଲାଭ କରନ୍ତି । ଏହିମାନେ ହିଁ ଆମର ଆଦର୍ଶ ହୁଅନ୍ତୁ । ଆମର ଛାତ୍ରଛାତ୍ରୀଗଣ ଏହିମାନଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହୁଅନ୍ତୁ । ଏହାହିଁ ଆମର କାମନା ।

✶✶✶

# ଧ୍ରୁବଙ୍କ ଅନୁଶୋଚନା

**ସ୍ୱାୟ**ମ୍ଭୁବ ମନୁଙ୍କର ପୁତ୍ର ଥିଲେ ଉତ୍ତାନପାଦ । ତାଙ୍କର ଦୁଇ ରାଣୀ ଥିଲେ । ଜଣଙ୍କର ନାମ ସୁରୁଚି ଓ ଅନ୍ୟଜଣଙ୍କର ନାମ ସୁନୀତି । ଉତ୍ତାନପାଦ ସୁରୁଚିଙ୍କୁ ବହୁତ ଭଲ ପାଉଥିଲେ, କିନ୍ତୁ ସୁନୀତିଙ୍କୁ ହତାଦର କରୁଥିଲେ । ଥରେ ଉତ୍ତାନପାଦ ସୁରୁଚିଙ୍କ ପୁଅ ଉତ୍ତମକୁ କୋଳରେ ଧରି ଗେଲ କରୁଥିଲେ । ସୁନୀତିଙ୍କ ପୁଅ ଧ୍ରୁବ ଆସି ପିତାଙ୍କ ପାଖରେ ଠିଆ ହେଲେ । ସେ ଭାବିଲେ ଯେ, ପିତା ତାଙ୍କୁ ମଧ୍ୟ କୋଳରେ ବସାଇ ଗେଲ କରିବେ । ପାଞ୍ଚବର୍ଷର ଛୋଟ ପିଲା ସେ । ସିଏ କାହିଁକି ଭାବିବେ ଯେ, ବାପା ତାଙ୍କର ମାଆ ସୁନୀତିଙ୍କୁ ସେତେ ଭଲ ପାଆନ୍ତି ନାହିଁ । ପିତା ତାଙ୍କୁ ପାଖକୁ ଡାକିଲେ ନାହିଁ । ଧ୍ରୁବ ମନରେ ବହୁତ କଷ୍ଟ ହେଲା । ଏହି ସମୟରେ ସୁରୁଚି ସେଠାକୁ ଆସି ତାଚ୍ଛଲ୍ୟ କରି କହିଲେ ଯେ, ଯେହେତୁ ସେ ସୁନୀତିଙ୍କ ପୁଅ ଏଣୁ ପିତାଙ୍କ ସ୍ନେହ ପାଇବା ବା ସିଂହାସନରେ ବସିବା ତା' ଭାଗ୍ୟରେ ନାହିଁ । ଯଦି ଧ୍ରୁବ ଏସବୁ ଚାହିଁଛି ତେବେ ଭଗବାନଙ୍କୁ ତପସ୍ୟା କରୁ ଯେପରି ଆରଜନ୍ମରେ ସୁରୁଚିଙ୍କ ପୁଅ ହୋଇ ଜନ୍ମ ହେବ । ଏ କଥା ଧ୍ରୁବଙ୍କ ପ୍ରାଣରେ ବିଶେଷ ଆଘାତ ଦେଇଥିଲା । ଧ୍ରୁବଙ୍କୁ ସବୁଠାରୁ କଷ୍ଟ ଲାଗିଥିଲା ଯେ, ପିତା କିଛି କହିଲେ ନାହିଁ । ଧ୍ରୁବ କାନ୍ଦି କାନ୍ଦି ଆସି ମାଆଙ୍କ ଆଗରେ ସବୁକଥା କହିଲେ । ମାଆଙ୍କୁ ବହୁତ ଖରାପ ଲାଗିଲା । ମାତ୍ର ସେ ଥିଲେ ନିରୂପାୟ । ସେ ପୁଅକୁ କୋଳକୁ ଟାଣି ଆଣି ଏତିକି କହିଲେ ଯେ, ତାଙ୍କର ସଂସାରରେ କେହି ନାହାନ୍ତି । କେବଳ ଭଗବାନଙ୍କୁ ଡାକିଲେ ସେ ଏ ଦୁଃଖରୁ ରକ୍ଷା କରିପାରିବେ। ଧ୍ରୁବ ଛୋଟ ପିଲାଟିଏ । କିନ୍ତୁ ହଠାତ୍ ସେ ଘର ଛାଡି ପଳାଇଲେ ତପସ୍ୟା କରିବାକୁ। ବାଟରେ ସେ ନାରଦଙ୍କୁ ଦେଖିଲେ। ନାରଦ ତପସ୍ୟାରୁ ନିବୃତ୍ତ ହେବାପାଇଁ ବହୁତ ବୁଝାଇଲେ। ଜୀବନରେ ସୁଖ, ଦୁଃଖ, ମାନ ଅପମାନ ଧୀରସ୍ଥିର ଭାବରେ ସହିବାକୁ ପଡ଼ିବ । ସାଧନାର ମାର୍ଗ ଦୁର୍ଗମ । ଋଷିମୁନିମାନେ ମଧ୍ୟ ପାରନ୍ତି ନାହିଁ । ସେ ଅତି ଛୋଟ ପିଲା, ଏଣୁ ଏ ବୟସରେ ଖେଳିବୁଲି ସମୟ କଟାଇବା ଉଚିତ୍ । ମାତ୍ର ଧ୍ରୁବଙ୍କ ମନରେ ସୁରୁଚିଙ୍କ ବ୍ୟଙ୍ଗୋକ୍ତି ଏଭଳି ଆଘାତ ଦେଇଥିଲା ଯେ, ସେ ଆଉ ପଛକୁ ଫେରିବା ଅବସ୍ଥାରେ ନ ଥିଲେ । ନାରଦଙ୍କ ଶତ ବାରଣ ସତ୍ତ୍ୱେ ସେ ନିଜ ସିଦ୍ଧାନ୍ତରେ ଅଟଳ ଥିଲେ। ଏହା ଦେଖି ନାରଦ ତାଙ୍କୁ ଗୋଟିଏ ମନ୍ତ୍ର, "ଓଁ ନମୋ ଭଗବତେ ବାସୁଦେବାୟ" କୁ କିଭଳି ଜପିବାକୁ ହେବ ତାହା ବତାଇ ଦେଲେ । ସେ ଧ୍ରୁବଙ୍କୁ ଏହି ମନ୍ତ୍ରଦାନ କରିବା

ସହିତ କାଳିନ୍ଦୀ ନଦୀ କୂଳରେ ଥିବା ମଧୁ ବନରେ ତପସ୍ୟା କରିବାକୁ କହିଥିଲେ । ସେହି ସ୍ଥାନଟି ପରମ ପବିତ୍ର ଏବଂ ଭଗବାନଙ୍କର ପ୍ରିୟ, ତେଣୁ ସେଠାରେ ତପସ୍ୟା କଲେ ଭଗବାନଙ୍କର ଦର୍ଶନ ଲାଭ ସମ୍ଭବ ହେବ।

ନାରଦଙ୍କ ଉପଦେଶ ଅନୁଯାୟୀ ଧ୍ରୁବ କଠୋର ତପସ୍ୟାରେ ବସି ଯାଇଥିଲେ। ସେ ତପସ୍ୟା କଠୋରରୁ କଠୋରତର ହୋଇଗଲା। ପରିଶେଷରେ ସେ କେବଳ ବାୟୁ ଭକ୍ଷଣ କରି ଗୋଟିଏ ଗୋଡ଼ ଉପରେ ଠିଆ ହୋଇ ତପସ୍ୟା କରିଥିଲେ । ତାଙ୍କର କଠୋର ତପସ୍ୟାରେ ସମସ୍ତେ ବିଚଳିତ ହୋଇପଡ଼ିଲେ। ଶେଷରେ ଧ୍ରୁବ ତାଙ୍କର ଅନ୍ତର ମଧ୍ୟରେ ଭଗବାନଙ୍କୁ ଦେଖିପାରିଲେ ଏବଂ ତପସ୍ୟାରେ ନିମଗ୍ନ ରହିଲେ। ପରିଶେଷରେ ଭଗବାନ ତାଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ। ଧ୍ରୁବ ଭଗବାନଙ୍କୁ ଦେଖି ଆତ୍ମବିସ୍ମୃତ ହୋଇଗଲେ। କିନ୍ତୁ ପରକ୍ଷଣରେ ସେ ଭଗବାନଙ୍କ ଚରଣ ତଳେ ଲୋଟିଗଲେ । ଏହାପରେ ଭକ୍ତିର ସହିତ ସେ ଭଗବାନଙ୍କୁ ପ୍ରାର୍ଥନା କଲେ । କିନ୍ତୁ ଏସବୁ ସତ୍ତ୍ୱେ ତାଙ୍କ ମନରେ ବିମାତାଙ୍କ ନିଷ୍ଠୁର ବଚନ ବାରମ୍ବାର ପ୍ରତିଧ୍ୱନିତ ହେଉଥାଏ। ଉଚ୍ଚପଦ ପ୍ରାପ୍ତିର କାମନା ରହିଥିଲା ମଧ୍ୟ । ଏଣୁ ଭଗବାନ୍ ତାଙ୍କୁ ଏଭଳି ବରଦାନ ଦେଲେ ଯେ ସେ ହଜାର ହଜାର ବର୍ଷ ଧରି ରାଜ୍ୟ ଶାସନ କରିବେ। ପରେ ଏକ ସ୍ୱତନ୍ତ୍ର ଲୋକରେ ଅଧିଷ୍ଠିତ ହୋଇ ସପ୍ତର୍ଷିମାନେ ଥିବା ସ୍ଥାନର ଉପରେ ରହିବେ। ଭଗବାନ୍ ଏହା ମଧ୍ୟ ତାଙ୍କୁ କହିଥିଲେ ଯେ, ତାଙ୍କର ସାନଭାଇ ଉତ୍ତମ ଶିକାର କରିବା ସମୟରେ ତାଙ୍କର ମୃତ୍ୟୁ ଘଟିବ । ତାଙ୍କୁ ଝୁରି ଝୁରି ତାଙ୍କର ମାଆ ସୁରୁଚିଙ୍କର ମୃତ୍ୟୁ ବରଣ କରିବେ। ଏଭଳି ଭାବରେ ଧ୍ରୁବ ଭଗବାନଙ୍କର ବର ଲାଭ କଲେ। ଏହା ପରେ ଭଗବାନ୍ ଅନ୍ତର୍ହିତ ହୋଇଯାଇଥିଲେ।

ଏଣେ ପିତା ଉତ୍ତାନପାଦ ଧ୍ରୁବଙ୍କ ପ୍ରତି କରିଥିବା ଅନ୍ୟାୟ ପାଇଁ ଅନୁତାପ କରିବାକୁ ଲାଗିଲେ । ଧ୍ରୁବ ତପସ୍ୟାରେ ସଫଳ ହୋଇ ରାଜ୍ୟକୁ ଫେରି ଆସିବାରୁ ଆନନ୍ଦରେ ଧ୍ରୁବଙ୍କୁ ନିଜ କୋଳକୁ ନେଇ ଯାଇଥିଲେ।

ଧ୍ରୁବ ତପସ୍ୟାରେ ସଫଳ ହୋଇ ରାଜ୍ୟ ଏବଂ ସକଳ ସମ୍ପଦ ଭୋଗ କରିବାର ସୌଭାଗ୍ୟ ଲାଭ କରିଥିଲେ ମଧ୍ୟ ତାଙ୍କର ମନରେ ଆନନ୍ଦ ନଥିଲା । ସେ ଅନୁଭବ କରିଥିଲେ ଯେ, ଜୀବନରେ ଯେଉଁ ଶାଶ୍ୱତ ଲକ୍ଷ୍ୟ ରହିଛି ତାହାର ପ୍ରାପ୍ତି ତାଙ୍କ କ୍ଷେତ୍ରରେ ଘଟି ନଥିଲା । ନିଜର ବିଚାର ଧାରାର ସଂକୀର୍ଣ୍ଣତା ତାଙ୍କୁ ଭୋଗବିଳାସ ଆଡକୁ ଟାଣିନେଇଥିଲା । ତପସ୍ୱୀ ବା ସାଧକଗଣ ସାଧନା କ୍ଷେତ୍ରରେ ଅଗ୍ରସର ହୁଅନ୍ତି ମୋକ୍ଷ ଲାଭ କରିବା ପାଇଁ । ରାଜ୍ୟ, ଧନ ସଂପଦ ଏଭଳିକି ସ୍ୱର୍ଗର ଭୋଗ ବିଳାସ ଲାଭ ମଧ୍ୟ ତପସ୍ୟାର ଲକ୍ଷ୍ୟ ନୁହେଁ । ଯଦି କେହି ପୁଣ୍ୟ ବଳରେ ସ୍ୱର୍ଗର ସୁଖ ସଂପଦ ଲାଭ କରିଥାଏ ତେବେ ତାହା ମଧ୍ୟ ଶାଶ୍ୱତ ନୁହେଁ । ପୁଣ୍ୟ କ୍ଷୀଣ ହୋଇଗଲେ ବ୍ୟକ୍ତି ପୁନର୍ବାର ସଂସାରକୁ ଫେରିଆସେ । ସକାମ ଭକ୍ତି

ଅପେକ୍ଷା ନିଷ୍କାମ ଭକ୍ତିର ସ୍ଥାନ ଉଚ୍ଚରେ। ଧ୍ରୁବଙ୍କର ଅନୁଶୋଚନା ଭାଗବତର ନିମ୍ନଶ୍ଳୋକରେ ପ୍ରକାଶିତ ହୋଇଛି।

ସମାଧିନା ନୈକଭବେନ ଯତ୍ପଦଂ
ବିଦୁଃ ସନନ୍ଦାଦୟ ଉର୍ଦ୍ଧରେତସଃ ।
ମାସୈରହଂ ଷଡ଼୍‌ଭିରମୁଷ୍ୟ ପାଦୟୋ –
ଶ୍ଛାୟା ମୁପେତ୍ୟାପଗତଃ ପୃଥଙ୍‌ମତିଃ ।

ଦୀର୍ଘକାଳ ତପସ୍ୟା କରି ମୁନିଋଷିମାନେ ଯେଉଁ ପଦ ପାଇପାରନ୍ତି ନାହିଁ ମାତ୍ର ଛଅ ମାସ ତପସ୍ୟା କରି ସେ ପଦ ପାଇଥିଲି । ମାତ୍ର ମୁଁ ତାକୁ ଛାଡ଼ିଦେଇ ରାଜପଦ ଗ୍ରହଣ କଲି । ଧ୍ରୁବ ଏଥିପାଇଁ ଅନୁତାପ କଲେ ଯେ, ଈଶ୍ୱର ଭକ୍ତିର ଫଳ ସ୍ୱରୂପ ସାଧୁ ବା ମହତ୍ ବ୍ୟକ୍ତି ମୋକ୍ଷ କାମନା କରନ୍ତି । ଏଣୁ ରାଜ୍ୟ ବା ରାଜପଦ ମାଗିବା ଜଣଙ୍କର ନିର୍ବୋଧତାର ପରିଚୟ ଦେଇଥାଏ । ଜଣେ କୋଟିପତିଙ୍କୁ ଖୁଦ ଗଣ୍ଡେ ମାଗିବା ଯାହା ଭଗବାନଙ୍କୁ ଧନ, ସଂପଦ, ଐଶ୍ୱର୍ଯ୍ୟ ଓ ରାଜପଦ ମାଗିବା ତାହା ।

ପୁରାଣମାନଙ୍କରେ ନିଷ୍କାମ ଭକ୍ତି କଥା କୁହାଯାଇଛି ଯେ, ପ୍ରକୃତ ଭକ୍ତ ଭଗବାନଙ୍କୁ କିଛି ମାଗିନଥାଏ । ଗୋପୀମାନେ କେବଳ ଶ୍ରୀକୃଷ୍ଣଙ୍କର ସାନ୍ନିଧ୍ୟ ଚାହିଁଥିଲେ। କୁନ୍ତୀ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ ଯେ, ସେ ଦୁଃଖ କଷ୍ଟ ସହିବାକୁ ଭଲପାଆନ୍ତି କାରଣ ଦୁଃଖ ଭିତରେ ସେ ଭଗବାନଙ୍କୁ ସ୍ମରଣ କରିବେ। ସୁଖରେ କାଳେ ଭୁଲିଯିବେ ! ଇନ୍ଦ୍ରଦ୍ୟୁମ୍ନ ମହାରାଜା ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ ଯେ, ତାଙ୍କ ବଂଶରେ କେହି ନରହନ୍ତୁ, କାରଣ ସେ ମନ୍ଦିର ନିର୍ମାତା ବୋଲି ତାଙ୍କ ବଂଶଧର ଗଣ କାଳେ ଗର୍ବ ଅନୁଭବ କରିବେ ! ପ୍ରହ୍ଲାଦ ମଧ୍ୟ କିଛି ଯାଚନା କରିନଥିଲା।

ଏହି ଦୃଷ୍ଟିରୁ ବିଚାର କଲେ ଧ୍ରୁବଙ୍କ ତପସ୍ୟାରେ କିଛିଟା ସ୍ୱାର୍ଥଭାବ ରହିଥିଲା । ସେ ସାଧାରଣ ମଣିଷର ସଂକୀର୍ଣ୍ଣ ବିଚାରର ଉର୍ଦ୍ଧ୍ୱକୁ ଯାଇପାରିନଥିଲେ। ଏଥିପାଇଁ ତାଙ୍କ ମନରେ ଅନୁଶୋଚନା ଆସିଥିଲା। ସେ ନିଜର ଭୁଲ୍ ପାଇଁ ଅନୁତାପ କରିଥିଲେ ।

✵✵✵

# ପ୍ରତିଭା ଓ ପ୍ରୋତ୍ସାହନ

**ବ୍ୟକ୍ତି**ର ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ଅଛି । ଯଥାର୍ଥ ସୁବିଧା ବା ସୁଯୋଗ ନମିଳିଲେ ଏହାର ବିକାଶ ଘଟିପାରିନଥାଏ। ବଣମଲ୍ଲୀ ଭଳି ଏହା ମଉଳିଯାଏ। ଯେଉଁମାନେ ଅସାଧାରଣ ପ୍ରତିଭା ବଳରେ ଅଲୌକିକ କାର୍ଯ୍ୟ ସଂପନ୍ନ କରିଛନ୍ତି ସେମାନଙ୍କ ଜୀବନକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେମାନେ ଜୀବନରେ କୌଣସି କ୍ଷେତ୍ରରୁ ବା ବ୍ୟକ୍ତିବିଶେଷଙ୍କ ଠାରୁ ପ୍ରେରଣା ବା ଉତ୍ସାହ ଲାଭ କରିଥାନ୍ତି । କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନକୁ ପର୍ଯ୍ୟାଲୋଚନା କଲେ ଏହାର ଯଥାର୍ଥତା ପ୍ରତିପାଦିତ ହେବ।

ଭାରତର ପୂର୍ବତନ ରାଷ୍ଟ୍ରପତି ଡଃ ଏ.ପି.ଜେ. ଅବଦୁଲ୍ କାଲାମଙ୍କ ଜୀବନରେ କେତୋଟି ଘଟଣା ପ୍ରଥମେ ମନକୁ ଆସେ। 'କ୍ଷେପଣାସ୍ତ୍ର ଯାନ' ନିର୍ମାଣ କ୍ଷେତ୍ରରେ ଭାରତ ଯେଉଁ ଗୌରବ ଲାଭ କରିଛି ସେଥିପାଇଁ ତାଙ୍କର ଅବଦାନ ସବୁଠାରୁ ବେଶୀ । ତାଙ୍କର ବିରଳ ପ୍ରତିଭା ପାଇଁ ସେ 'ଭାରତରତ୍ନ' ଉପାଧିରେ ଭୂଷିତ ହେଲେ ଏବଂ ପରେ ରାଷ୍ଟ୍ରପତି ଆସନ ଅଳଂକୃତ କରିଥିଲେ । କିନ୍ତୁ ବାଲ୍ୟ କାଳରେ ତାଙ୍କୁ ଅଭାବ ଅନଟନ ମଧ୍ୟରେ ଗତି କରିବାକୁ ପଡ଼ିଥିଲା । ତାମିଲ୍‌ନାଡୁର 'ରାମେଶ୍ୱରମ୍' ଏକ ପବିତ୍ର ତୀର୍ଥସ୍ଥାନ । ହିନ୍ଦୁମାନଙ୍କର ଚାରିଗୋଟି ଧାମ ମଧ୍ୟରୁ ଏହା ଅନ୍ୟତମ । ଏଠାରେ ଗୋଟିଏ ଗରିବ ମୁସଲିମ୍ ପରିବାରରେ ତାଙ୍କର ଜନ୍ମ । ରାମେଶ୍ୱରମ୍ ଠାରୁ ଧନୁଷ୍କୋଟି ପର୍ଯ୍ୟନ୍ତ ତୀର୍ଥଯାତ୍ରୀମାନଙ୍କୁ ନୌକାରେ ନେବା ଆଣିବା କରି ଯେଉଁ ଆୟ ହୁଏ ସେଥିରେ ପରିବାର ଚଳେ । ମାତ୍ର କେତେକ କାରଣରୁ ଏ ବ୍ୟବସାୟ ବନ୍ଦ ହୋଇଗଲା । ବାଲ୍ୟ କାଳରେ କାଲାମଙ୍କୁ ପଢ଼ା ଖର୍ଚ୍ଚ ବହନ କରିବାକୁ ସମ୍ବାଦପତ୍ର ବିକ୍ରି କରିବାକୁ ପଡୁଥିଲା । କିନ୍ତୁ ସେ ଜଣେ ପ୍ରତିଭାବାନ୍ ଛାତ୍ର ଥିଲେ । ପ୍ରତିକୂଳ ପରିସ୍ଥିତି ସହିତ ସଂଗ୍ରାମ କରି ଅଧିକ ଶିକ୍ଷାଲାଭ କରିବାର ସଂକଳ୍ପ ସେ ନେଇଥା'ନ୍ତି । ରାମେଶ୍ୱରମ୍‌ରେ ଉଚ୍ଚଶିକ୍ଷା ଲାଭ କରିବାର ବିଶେଷ ସୁଯୋଗ ନଥିଲା । ଏଣୁ ସେ ବି.ଏସ.ସି. ପଢିବା ପାଇଁ ରାମନାଥପୁରମ୍‌କୁ ଚାଲିଗଲେ। ସେଠାରେ କଠୋର ଅଧ୍ୟବ୍ୟବସାୟ ବଳରେ ସେ ପରୀକ୍ଷାରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେଲେ । ଏଠାରେ ଅଧ୍ୟୟନ କରିବା ସମୟରେ ମହାକାଶ ବିଜ୍ଞାନ ପ୍ରତି ମନରେ ପ୍ରବଳ ଆଗ୍ରହ ଆସିଥିଲା । ଲକ୍ଷ୍ୟ ରହିଲା କିଭଳି ଜଣେ ଇଞ୍ଜିନିଅର୍ ହେବେ । ଏ ବିଷୟରେ ମାଡ୍ରାଜର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜି ଦକ୍ଷିଣ ଭାରତରେ ଥିଲା ପ୍ରମୁଖ ଶିକ୍ଷାନୁଷ୍ଠାନ। ଏଠାରେ ପଢ଼ିବା ପାଇଁ କାଲାମ୍ ଆବେଦନ କଲେ । ପ୍ରାର୍ଥୀ ମନୋନୟନ ପରୀକ୍ଷାରେ କୃତକାର୍ଯ୍ୟ ମଧ୍ୟ ହେଲେ। ମନରେ ଗଭୀର ଆନନ୍ଦ ଭରିଗଲା । ମାତ୍ର ଅର୍ଥାଭାବ ହେଲା

ପ୍ରଧାନ ଅନ୍ତରାୟ । ନାମ ଲେଖାଇବା ପାଇଁ ଏକ ହଜାର ଟଙ୍କା ଆବଶ୍ୟକ । ଆଜକୁ ପ୍ରାୟ ୬୦ ବର୍ଷ ତଳେ ଏତେ ଟଙ୍କା ଜଣେ ଗରିବ ଛାତ୍ର ଯୋଗାଡ କରିବା ଥିଲା ଏକ ଅସମ୍ଭବ ବ୍ୟାପାର । ଦୁଃଖ ଓ ନୈରାଶ୍ୟ ମଧ୍ୟରେ ତାଙ୍କ ମନ ଭାଙ୍ଗି ପଡିଲା। ସତେ କ'ଣ ତାଙ୍କ ସ୍ୱପ୍ନ ସାକାର ହୋଇପାରିବ ନାହିଁ? ସେ ଯେଉଁ ଆଶାର ସୌଧ ଗଢ଼ିଥିଲେ ତାହା ଭାଙ୍ଗିଯିବ? ପିତା ଅର୍ଥ ଯୋଗାଡ଼ କରିବାରେ ନିଜର ଅକ୍ଷମତା ପ୍ରକାଶ କଲେ । କିନ୍ତୁ ତାଙ୍କର ଭଉଣୀ ଜୋହରା ତାଙ୍କୁ ସାହସ ଦେଲେ । ସେ କେବଳ ଉତ୍ସାହ ଦେଇନଥିଲେ ବରଂ ନିଜର ସମସ୍ତ ସୁନା, ଗହଣା ଦେଇଦେଇ ଏହାକୁ ବନ୍ଧା ପକାଇ ଟଙ୍କା ଯୋଗାଡ କରିବାକୁ ପରାମର୍ଶ ଦେଲେ । ତାଙ୍କର ସ୍ୱାମୀ ମଧ୍ୟ ଏ ପ୍ରସ୍ତାବକୁ ସମର୍ଥନ କଲେ । ସ୍ତ୍ରୀ ଲୋକମାନଙ୍କର ସାଧାରତଃ ଗହଣା ପ୍ରତି ଦୁର୍ବଳତା ଥାଏ । ମାତ୍ର ଜଣେ ଭଉଣୀ ଭାଇର ପାଠପଢା ପାଇଁ ନିଜର ସମସ୍ତ ଗହଣା ଦେଇଦେବା କମ୍ ତ୍ୟାଗ ନୁହେଁ । ଏହାରି ଫଳରେ କାଲାମଙ୍କର ଉଚ୍ଚଶିକ୍ଷା ସମ୍ଭବ ହେଲା । ଏହି ତ୍ୟାଗ ଫଳରେ ଭବିଷ୍ୟତର ଭାରତରତ୍ନଧାରୀ ଅସାଧାରଣ ଧୀସମ୍ପନ୍ନ ମାନବ ପ୍ରେମୀ ରାଷ୍ଟ୍ରପତି କାଲାମଙ୍କର ଗୌରବୋଜ୍ଜ୍ୱଳ ଜୀବନ ଗଢିଉଠିଥିଲା ।

ବିଶ୍ୱବିଖ୍ୟାତ ଗଣିତଜ୍ଞ ରାମାନୁଜମ୍ ଯେଉଁ ସମ୍ମାନ ଓ ଗୌରବର ଅଧିକାରୀ ହୋଇଥିଲେ ତାହା ପଛରେ ରହିଥିଲା ପ୍ରସିଦ୍ଧ ଗଣିତଜ୍ଞ କେମ୍ବ୍ରିଜ୍ ପ୍ରଫେସର୍ 'ହାର୍ଡି'ଙ୍କର ପ୍ରେରଣା । ତାମିଲ୍‌ନାଡୁର 'ତାଞ୍ଜାବୁର' ଜିଲ୍ଲାରେ କୁମ୍ଭକୋଣମ୍ ସହରଟି କାବେରୀ ନଦୀ କୂଳରେ ଅବସ୍ଥିତ । ଏହିଠାରେ ତାଙ୍କର ଶୈଶବ ଅତିବାହିତ ହୋଇଥିଲା । ବାଲ୍ୟକାଳରୁ ଗଣିତ ପ୍ରତି ରହିଥିଲା ତାଙ୍କର ପ୍ରବଳ ଆକର୍ଷଣ । ଏ କ୍ଷେତ୍ରରେ ସେ ଥିଲେ ନୈସର୍ଗିକ ପ୍ରତିଭା (Natural Talent) ର ଅଧିକାରୀ। ସବୁବେଳେ ଗଣିତରେ ମନୋନିବେଶ କରିବାରୁ ପରିବାରର ଲୋକମାନେ ତାଙ୍କ ଉପରେ ବେଳେ ବେଳେ ବିରକ୍ତ ହେଉଥିଲେ । ଏଣୁ ଖଟତଳେ ଲୁଚିରହି ସେ ମଧ୍ୟ ଗଣିତ କଷୁଥିଲେ । ଅନ୍ୟ ବିଷୟରେ ତାଙ୍କର ଆଗ୍ରହ ନଥିଲା। ଏହା ଫଳରେ ସେ ଆଇ.ଏ. ପରୀକ୍ଷାରେ ଦୁଇଥର ଫେଲ୍ ହୋଇଗଲେ । ଚଳିବେ କିଭଳି ? ସେତେବେଳକୁ ସେ ବିବାହ କରିସାରିଥା'ନ୍ତି। ଗ୍ରାସାଚ୍ଛାଦନ ପାଇଁ ଚାକିରି ଅନ୍ୱେଷଣରେ ବୁଲିଲେ। ଆଇ.ଏ. ଫେଲ୍ ହୋଇଥିବା ଯୁବକକୁ ଚାକିରୀ ଦେବ କିଏ? ଯାହାହେଉ ମାନ୍ଦ୍ରାଜ ପୋର୍ଟ ଟ୍ରଷ୍ଟରେ କିରାନି ଚାକିରୀ ଟିଏ ମିଳିଗଲା । ଅଫିସରେ ବିଶେଷ କାମ ନଥାଏ। ସେଠାରେ ମଧ୍ୟ ଅଙ୍କ କଷିବାରେ ଲାଗିଗଲେ। ଘରେ ସନ୍ଧ୍ୟାଠାରୁ ପାହାନ୍ତିଆ ପର୍ଯ୍ୟନ୍ତ ଅଙ୍କ କଷନ୍ତି । ତା'ପରେ ମାତ୍ର ଦୁଇଘଣ୍ଟା ଶୋଇ ତରତର ହୋଇ ନିତ୍ୟକର୍ମ ସାରି ଗଣ୍ଡେ ଖାଇଦେଇ ଅଫିସକୁ ଯା'ନ୍ତି । ଈଶ୍ୱରଦତ୍ତ ପ୍ରତିଭା ବଳରେ ସେ ଗଣିତର କେତେକ ମୌଳିକ ତତ୍ତ୍ୱ ଆବିଷ୍କାର କରିପାରିଥିଲେ । କଲେଜ ବା ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ

ନକରି ମଧ୍ୟ ଗଣିତରେ ଅନେକ ଜଟିଳ ପ୍ରଶ୍ନର ସମାଧାନ ସହଜରେ କରିପାରି ଅନ୍ୟମାନଙ୍କୁ ଚମତ୍କୃତ କରିଦେଉଥିଲେ । ତାଙ୍କର ଉପର ଅଫିସର୍ ଜଣେ ଗଣିତଜ୍ଞ ଥିଲେ । ସେ ଏବଂ ପ୍ରେସିଡେନ୍ସି କଲେଜର ଅଧ୍ୟାପକଗଣ ତାଙ୍କର ପ୍ରତିଭାରେ ମୁଗ୍ଧ ହୋଇ ବିଚାର କଲେ ଯେ ତାଙ୍କର ଅନନ୍ୟ ପ୍ରତିଭାର ଯଥାର୍ଥ ଆକଳନ ପାଇଁ ତାଙ୍କୁ ବିଦେଶ ଯିବାକୁ ପଡ଼ିବ । ସେମାନଙ୍କ ଦ୍ୱାରା ଉତ୍ସାହିତ ହୋଇ ରାମାନୁଜମ୍ ଗୋଟିଏ ଚିଠି ସହ ନିଜ ଦ୍ୱାରା ଆବିଷ୍କୃତ କେତୋଟି ତତ୍ତ୍ୱକୁ କାଗଜରେ ଲେଖି 'ହାର୍ଡି'ଙ୍କ ପାଖକୁ ପଠାଇଦେଲେ । 'ହାର୍ଡି' ଏ ଚିଠି ପାଇ ପ୍ରଥମେ ଧାରଣା ନେଇଥିଲେ ଯେ, ଏ ଜଣେ ଉଦ୍‌ଭ୍ରାନ୍ତ ଯୁବକର ବାଚାଳାମି । ମାତ୍ର ତାଙ୍କର ଅବଚେତନ ମନରେ ଏକ ଭିନ୍ନ ଧାରଣା ଗଢି ଉଠିଥିଲା । ସେ ତାଙ୍କର ଅନ୍ୟଜଣେ ଗଣିତଜ୍ଞ ବନ୍ଧୁଙ୍କ ଦ୍ୱାରା ଏହାକୁ ଭଲ ଭାବରେ ପରୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଏହାର ଲେଖକ ଜଣେ ପ୍ରତିଭାବାନ୍ ବ୍ୟକ୍ତି କିନ୍ତୁ ଉପଯୁକ୍ତ ତାଲିମ୍ ପାଇବା ଦରକାର । 'ହାର୍ଡି' ଉଦ୍ୟମ କଲେ କୌଣସି ପ୍ରକାରେ ରାମନୁଜମ୍‌ଙ୍କୁ କେମ୍ବ୍ରିଜ୍ ଆଣିବା ପାଇଁ । ଏହି ସମୟରେ ଟ୍ରିନିଟର ଅଧ୍ୟାପକ ନାଭିଲ୍ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ଏକ ନିମନ୍ତ୍ରିତ ବକ୍ତା ଭାବେ ମାନ୍ଦ୍ରାଜ୍ ଯାଇଥା'ନ୍ତି । ରାମାନୁଜୁମ୍‌ଙ୍କୁ ସାଙ୍ଗରେ ଧରି ଆସିବା ପାଇଁ 'ହାର୍ଡି' ତାଙ୍କୁ ଅନୁରୋଧ କଲେ । ଏଥିପାଇଁ ନାଭିଲ୍‌ଙ୍କୁ ବହୁତ ପରିଶ୍ରମ କରିବାକୁ ପଡିଥିଲା । ପ୍ରଥମ ଅସୁବିଧା ଥିଲା ରାମାନୁଜମ୍‌ଙ୍କ ରକ୍ଷଣଶୀଳ ପରିବାର ତଥା ସମାଜର ବିରୋଧ । ବିଦେଶ ଗଲେ ଜାତି ଯିବ । ରାମାନୁଜମ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଦ୍ୱିତୀୟ ଅସୁବିଧା ଥିଲା ଆବଶ୍ୟକ ଅର୍ଥ ଯୋଗାଡ଼ କରିବା । ଯାହାହେଉ ନାଭିଲ୍‌ଙ୍କ ଉଦ୍ୟମ ଫଳରେ ଏସବୁ ଅସୁବିଧା ଦୂର ହୋଇଗଲା । ମାନ୍ଦ୍ରାଜର ଗଭର୍ଣ୍ଣର ପେଣ୍ଟଲାଣ୍ଡଙ୍କର ଉଦାରତା ଯୋଗୁଁ ମାନ୍ଦ୍ରାଜ୍ ବିଶ୍ୱବିଦ୍ୟାଳୟ ଇଂଲଣ୍ଡ ଯାତ୍ରା ପାଇଁ ୧୦୦ ପାଉଣ୍ଡ ଏବଂ ଦୁଇବର୍ଷ ରହଣି ପାଇଁ ୬୦୦ ପାଉଣ୍ଡ ସାହାଯ୍ୟ ମଞ୍ଜୁର କଲେ । ରାମାନୁଜମ୍ କେମ୍ବ୍ରିଜରେ ତାଙ୍କର ଗବେଷଣା କାର୍ଯ୍ୟରେ ମନୋନିବେଶ କଲେ । ତାଙ୍କର ବହୁ ଉଚ୍ଚକୋଟୀର ପ୍ରବନ୍ଧ ବିଶ୍ୱ ବିଖ୍ୟାତ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇ ଉଚ୍ଚ ପ୍ରଶଂସା ଲାଭ କଲା । ତାଙ୍କର ମୌଳିକ କୃତିପାଇଁ ସେ ଆନ୍ତର୍ଜାତିକ ସ୍ତରରେ ବିଶେଷ ଖ୍ୟାତି ଲାଭ କଲେ । ଗଣିତଜ୍ଞ 'ହାର୍ଡି' ଏବଂ ରାମାନୁଜମଙ୍କର ମିଳିତ ଉଦ୍ୟମରେ ଗଣିତର ଅନେକ ନୂତନ ତଥ୍ୟ ଆବିଷ୍କୃତ ହେଲା । ରାମାନୁଜମ୍ ନୂତନ କୀର୍ତ୍ତି ସ୍ତମ୍ଭ ସ୍ଥାପନ କଲେ । ମାତ୍ର ଭାଗ୍ୟର ବିଡ଼ମ୍ବନା ଯେ, ସେଠାକାର ଜଳବାୟୁ ତାଙ୍କର ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ହେଲା ନାହିଁ । ରାମାନୁଜମ୍ ଶୁଦ୍ଧ ଶାକାହାରୀ ଥିଲେ । ହୁଏତ ସୁଷମ ଖାଦ୍ୟର ଅଭାବ ଏହାର କାରଣ ହୋଇପାରେ । ଭଗ୍ନ ସ୍ୱାସ୍ଥ୍ୟ ନେଇ ସେ ଭାରତକୁ ଫେରି ଆସିଲେ । ୧୯୨୦ ମସିହା ଏପ୍ରିଲ୍ ୨୬ ତାରିଖ ଦିନ ମାତ୍ର ୩୨ ବର୍ଷ ବୟସରେ ଭାରତ ମାତାର ଏହି ସୁଯୋଗ୍ୟ ସନ୍ତାନ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ତାଙ୍କର ମର ଶରୀର ମାଟିରେ ମିଶିଗଲା । କିନ୍ତୁ ଗଣିତ ଜଗତର ଏହି ଅମ୍ଳାନ ପ୍ରତିଭା ଇତିହାସରେ ଚିର ଅମର ହୋଇ ରହିବେ । ଯଦି ହାର୍ଡିଙ୍କର ପ୍ରେରଣା ଓ ସାହାଯ୍ୟ ଲାଭ କରିନଥାନ୍ତେ  ତେବେ ପୋର୍ଟଟ୍ରଷ୍ଟର ଜଣେ କିରାଣି ଭାବରେ ତାଙ୍କର ଜୀବନର ଅବସାନ ଘଟିଥା'ନ୍ତା । ଏହାକୁ କହନ୍ତି ମଣିକାଞ୍ଚନରେ ସଂଯୋଗ ।

ଆମ ଓଡିଶାର ସାମନ୍ତ ଚନ୍ଦ୍ର ଶେଖର ଥିଲେ ବିଶ୍ୱବିଖ୍ୟାତ୍ ଜ୍ୟୋତିର୍ବିଦ୍ । କିନ୍ତୁ ତାଙ୍କୁ ଲୋକଲୋଚନକୁ ଆଣିଥିଲେ କବିବର ରାଧାନାଥ ରାୟ । ସେତେବେଳେ କବିବର ରାଧାନାଥ ରାୟ ଥିଲେ ବିହାର-ଓଡିଶା ଶିକ୍ଷା ବିଭାଗର ଜଏଣ୍ଟ ଇନିସ୍ପେକ୍ଟର। ଖଣ୍ଡପଡ଼ା ଥିଲା ଏକ ଅନ୍ଧାରୀ ମୁଲକ। ରାଧାନାଥ ରାୟ ଖଣ୍ଡପଡ଼ା ଭ୍ରମଣ ସମୟରେ ସାମନ୍ତ ଚନ୍ଦ୍ରଶେଖରଙ୍କ ସଂସ୍ପର୍ଶରେ ଆସିଥିଲେ । ତାଙ୍କ ଅଗାଧ ଜ୍ଞାନ ଓ ଅସାଧାରଣ ପ୍ରତିଭା ଦେଖି ରାଧାନାଥ ଚମତ୍କୃତ ହୋଇଯାଇଥିଲେ। ସେତେବେଳକୁ ସାମନ୍ତ ଚନ୍ଦ୍ରଶେଖର ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ "ସିଦ୍ଧାନ୍ତ ଦର୍ପଣ" ରଚନା କରିସାରିଥିଲେ । ଏହା କିଭଳି ଛାପାହେବ ଏବଂ ଜ୍ୟୋତିର୍ବିଜ୍ଞାନୀମାନେ ଏହାପାଠ କରିବେ ଏଥିପାଇଁ ରାଧାନାଥ ଉଦ୍ୟମ କଲେ । କଲିକତା ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ମହେଶ ଚନ୍ଦ୍ର ନ୍ୟାୟରତ୍ନ ଏବଂ ରେଭେନ୍ସା କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟଙ୍କର ସେ ସାହାଯ୍ୟ ନେଲେ । ପ୍ରଥମେ ଘନଶ୍ୟାମ ମିଶ୍ର ନାମକ ଜନୈକ ପଣ୍ଡିତ "ସିଦ୍ଧାନ୍ତ ଦର୍ପଣ"କୁ ତାଳପତ୍ର ଖେଦାରୁ କାଗଜକୁ ଉତାରି ଦେଲେ । ରାଧାନାଥ ରାୟଙ୍କର ଅନୁରୋଧ ରକ୍ଷା କରି ଆଠମଲ୍ଲିକର ରାଜା ଛାପା ଖର୍ଚ୍ଚ ପାଇଁ ୧୦୦୦ ଟଙ୍କା ଦେଲେ । କଲିକତାର ଏକ ପ୍ରସିଦ୍ଧ ପ୍ରେସ୍‌ରେ ଛାପାକାମ ଆରମ୍ଭ ହେଲା । ପ୍ରୁଫ୍‌ଗୁଡ଼ିକ ସଂଶୋଧନ ପାଇଁ ସାମନ୍ତଙ୍କ ପାଖକୁ ଖଣ୍ଡପଡ଼ା ପଠାଯାଉଥିଲା। ପରିଶେଷରେ ଚନ୍ଦ୍ରଶେଖରଙ୍କର ଅନନ୍ୟ ପ୍ରତିଭାର ସ୍ୱାକ୍ଷର ବହନ କରି "ସିଦ୍ଧାନ୍ତ ଦର୍ପଣ" ପ୍ରକାଶିତ ହେଲା । ଜ୍ୟୋତିର୍ବିଜ୍ଞାନ ଜଗତ ସାମନ୍ତଙ୍କ ପ୍ରଶଂସାରେ ମୁଖର ହୋଇ ଉଠିଲା । ମହାମହୋପାଧ୍ୟାୟ ଉପାଧିରେ ସେ ଭୂଷିତ ହେଲେ । ଓଡ଼ିଆ ଜାତି ତାଙ୍କ ପାଇଁ ଗର୍ବ ଅନୁଭବ କଲା ।

ରାଧାନାଥ ରାୟ କବି ଭାବରେ ଯେଉଁ ଯଶ ବା ସମ୍ମାନର ଅଧିକାରୀ ହେଲେ ତାହା ପଛରେ ରହିଥିଲା ଭୂଦେବ ମୁଖୋପାଧ୍ୟାୟଙ୍କର ପ୍ରେରଣା । ସେ ରାଧାନାଥଙ୍କର କବି ପ୍ରତିଭାକୁ ଆବିଷ୍କାର କଲେ ଏବଂ ବଙ୍ଗଳା ଭାଷାରେ କବିତା ନଲେଖି ଓଡିଆ ଭାଷାରେ ରଚନା କରିବାକୁ ପରାମର୍ଶ ଦେଲେ । ତାଙ୍କରି ପ୍ରେରଣା ଲାଭ କରି ଏ ଦିଗରେ ଅଗ୍ରସର ହେଲେ । 'ମହାଯାତ୍ରା', 'ଚିଲିକା', 'ଯଯାତି' ପ୍ରଭୃତି ତାଙ୍କରି ଅମର କୃତି ଓଡିଆ ସାହିତ୍ୟ ଭଣ୍ଡାରର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ ।

ରାଧାନାଥଙ୍କ ଠାରୁ ପ୍ରେରଣା ଲାଭ କରି ଅନେକ ଯୁବ ପ୍ରତିଭା ଓ ଓଡିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ । ବାଙ୍କୀର 'ନୀଳମଣି' ଯେକି ପରେ ବିଦ୍ୟାରତ୍ନ ଉପାଧି

ଲାଭ କଲେ । ତାଙ୍କ ପ୍ରତିଭାର ଉନ୍ମେଷ ପଛରେ ଥିଲା ରାଧାନାଥଙ୍କର ସାହାଯ୍ୟ ଓ ସମର୍ଥନ । ସେ ତାଙ୍କୁ ପାଖରେ ରଖି ଉପଯୁକ୍ତ ଶିକ୍ଷା ଲାଭର ବ୍ୟବସ୍ଥା କରିଥିଲେ । ଆର୍ଥିକ ସାହାଯ୍ୟ ମଧ୍ୟ କରିଥିଲେ । ଉତ୍କଳ ମାତାର ଅନ୍ୟତମ ବରପୁତ୍ର ଭାବରେ ନୀଳମଣି ବିଦ୍ୟାରତ୍ନ ସମ୍ମାନ ଓ ଗୌରବର ଅଧିକାରୀ ହେଲେ ।

ଜୀବନରେ ଅନ୍ୟକୁ ବିଦ୍ରୂପ ନକରି ତାଙ୍କୁ ପ୍ରେରଣା ଦେବା ଉତ୍ସାହିତ କରିବା ଆମର କର୍ତ୍ତବ୍ୟ । ଜଣେ ମହତ୍ ବ୍ୟକ୍ତି ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ଉତ୍ସାହ ଦେଇଥା'ନ୍ତି ଓ ସାହାଯ୍ୟ କରିଥା'ନ୍ତି। ପ୍ରତ୍ୟେକଙ୍କ ଠାରେ  କିଛି ନା କିଛି ପ୍ରତିଭା ରହିଛି । ପ୍ରେରଣା ଲାଭ କଲେ ଏହାର ବିକାଶ ଘଟେ । କାହାର ସାହିତ୍ୟିକ ପ୍ରତିଭା ରହିଛି ତ ଅନ୍ୟର ବୈଜ୍ଞାନିକ ପ୍ରତିଭା ରହିଛି । ସମସ୍ତଙ୍କ ପ୍ରତିଭା ଏକ ପ୍ରକାର ନୁହେଁ। କିନ୍ତୁ ଅନୁକୂଳ ପରିବେଶ ଲାଭ କଲେ ଏହାର ବିକାଶ ଘଟେ । ଛାତ୍ରଟିଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ଅନ୍ୟମାନଙ୍କ ତାଡ଼ନା ସହି ନପାରି କୁସଙ୍ଗରେ ପଡ଼ି ସେ ବିପଥଗାମୀ ହୁଏ କିମ୍ବା ଆତ୍ମହତ୍ୟା କରିଥାଏ । ମାତ୍ର ତାକୁ ଉତ୍ସାହ ଦେଲେ ସେ ପରେ ସଫଳତାର ଗୌରବ ଲାଭ କରେ । ଏଣୁ ଅନ୍ୟକୁ ପ୍ରେରଣା ଦେବା ଆମର କର୍ତ୍ତବ୍ୟ । ପ୍ରେରଣା ଉତ୍ସାହ ବଳରେ ଅନେକ କାଲାମ, ରାମାନୁଜମ୍ ବା ଚନ୍ଦ୍ରଶେଖର ସୃଷ୍ଟି ହୋଇ ଭାରତମାତାର ମୁଖ ଉଜ୍ଜ୍ୱଳ କରିବେ ।

✶✶✶

# ବିଦ୍ୟା ଦଦାତି ବିନୟମ୍

**ବି**ଦ୍ୟା ମନୁଷ୍ୟକୁ ବିନୟ ଭାବ ଦେଇଥାଏ । ଏହା ପରିପକ୍ୱ ହେଲେ ଜ୍ଞାନରେ ପରିଣତ ହୁଏ । ବିନୟ ଗୁଣ ସଂପନ୍ନ ବ୍ୟକ୍ତିର ହୃଦୟରେ କୋମଳତା ଭରିଯାଇଥାଏ । ସେ ହୁଏ ସମ୍ବେଦନଶୀଳ, ପରୋପକାରୀ ଓ ମାନବ ଧର୍ମୀ । ନିଜର ବଡ଼ିମା ଗାଇବା ତାର ସ୍ୱଭାବ ବିରୁଦ୍ଧ । ଅନ୍ୟମାନେ ତାଙ୍କ ଜ୍ଞାନ ବା ପାଣ୍ଡିତ୍ୟର ପ୍ରଶଂସା କଲେ ସେ ସେଥିରେ ଉତ୍‌ଫୁଲ୍ଲିତ ନହୋଇ ବରଂ ନିଜର ଜ୍ଞାନ ପରିସୀମା ସଂପର୍କରେ ଅଧିକ ସଚେତନ ହୋଇଥା'ନ୍ତି । ତାଙ୍କର ତ୍ରୁଟି ସଂପର୍କରେ କେହି ଚେତାଇଦେଲେ ଏଥିରେ କ୍ରୁଦ୍ଧ ନହୋଇ ବରଂ ନିଜକୁ ସଂଶୋଧନ କରିବାକୁ ଚେଷ୍ଟା କରିଥା'ନ୍ତି । ମହାପୁରୁଷମାନଙ୍କ ଜୀବନର ବିଭିନ୍ନ ଘଟଣାବଳୀକୁ ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବରେ ଜଣାଯାଏ ।

ସକ୍ରେଟିସ୍ ଥିଲେ ପ୍ରାଚୀନ ଗ୍ରୀସର ଜଣେ ମହାନ୍ ଦାର୍ଶନିକ । ସେ ଥିଲେ ପ୍ଲାଟୋଙ୍କର ଗୁରୁ । ଡେଲଫିର ଭବିଷ୍ୟବାଣୀ ହୋଇଥିଲାଯେ, ସକ୍ରେଟିସ୍ ହେଉଛନ୍ତି ଗ୍ରୀସର ସବୁଠାରୁ ଜ୍ଞାନୀ ବ୍ୟକ୍ତି । ଏହା ଶୁଣି ସକ୍ରେଟିସ୍ ଆଶ୍ଚର୍ଯ୍ୟ ହୋଇଗଲେ ।ତାଙ୍କ ମନରେ ଏଭଳି ପ୍ରଶ୍ନ ଆସିଲା ଯେ, ସେ ଜ୍ଞାନୀ ହେଲେ କିପରି ? ତାଙ୍କର ଜ୍ଞାନତ ଅତ୍ୟନ୍ତ ସୀମିତ । ଅନେକ ବିଷୟରେ ତାଙ୍କର ସ୍ପଷ୍ଟଧାରଣା ମଧ୍ୟ ନାହିଁ । କିନ୍ତୁ ପରିଶେଷରେ ସେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଜ୍ଞାନୀ ଏଥିପାଇଁ ଅଟନ୍ତି, ଯେହେତୁ ନିଜର ଅଜ୍ଞତା ସଂପର୍କରେ ସେ ସଚେତନ ଅଟନ୍ତି । ଗ୍ରୀସରେ ଏଭଳି ବ୍ୟକ୍ତି ଅଛନ୍ତି ଯେଉଁମାନେ କିଛି ନଜାଣି ମଧ୍ୟ ନିଜକୁ ଜ୍ଞାନୀ ବୋଲି ପ୍ରଚାର କରୁଛନ୍ତି । ସକ୍ରେଟିସ୍‌ଙ୍କର ହୃଦୟରେ ବିନୟ ଭାବ ଯୋଗୁଁ ତାଙ୍କ ମନରେ ଏଭଳି ବିଚାର ଆସିଥିଲା ।

ଆଇଜାକ ନିଉଟନ୍ ବିଜ୍ଞାନ ଆକାଶର ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ । କୁହାଯାଏ ଯେ, ସମଗ୍ର ବିଶ୍ୱ ଅଜ୍ଞାନର ଅନ୍ଧକାରରେ ଆଚ୍ଛନ୍ନ ଥିଲା ଏବଂ ନିଉଟନଙ୍କ ପ୍ରତିଭାର ଆଲୋକରେ ତାହା ଦୂର ହୋଇଥିଲା । କିନ୍ତୁ ନିଉଟନଙ୍କ ମନରେ ତାଙ୍କର ସଫଳତା ପାଇଁ ଗର୍ବ ନଥିଲା । ସେ ଅତ୍ୟନ୍ତ ନମ୍ର ସ୍ୱଭାବର ବ୍ୟକ୍ତି । ନିଜର ସଫଳତାକୁ ଲକ୍ଷ୍ୟକରି କହିଥିଲେଯେ, ତାଙ୍କ ସମ୍ମୁଖରେ ବିଶାଳ ବାରିଧି ରହିଥିବା ସ୍ଥଳେ ସେ କେବଳ ଉପଳଖଣ୍ଡ ଗୁଡ଼ିଏ ସଂଗ୍ରହ କରିଛନ୍ତି । ତାତ୍ପର୍ଯ୍ୟ ହେଉଛି ଯେ, ସେ ଯାହା ଲାଭ କରିଛନ୍ତି ତାହା ନଗଣ୍ୟ ମାତ୍ର । ତାଙ୍କଭଳି ଜଣେ ମହାନ ବୈଜ୍ଞାନିକଙ୍କ ପକ୍ଷରେ ଏଭଳି ନମ୍ରତା ସମ୍ଭବ ହୋଇଥିଲା ।

ଆମ ଦେଶର ସଂସ୍କୃତ ସାହିତ୍ୟର ଶ୍ରେଷ୍ଠକବି କାଳିଦାସଙ୍କ ବିନୟ ଭାବ ତାଙ୍କର ମହାନ୍ କାବ୍ୟ 'ରଘୁବଂଶ'ର ନିମ୍ନ ଶ୍ଳୋକରେ ପ୍ରକାଶିତ ହୋଇଛି। କାବ୍ୟର ଆରମ୍ଭରେ ସେ ଲେଖିଛନ୍ତି ଯେ,-

"ମନ୍ଦଃ କବି ଯଶଃପ୍ରାର୍ଥୀ ଗମିଷ୍ୟାମୁପହାସ୍ୟତାମ୍
ପ୍ରାଂଶୁଲଭ୍ୟେ ଫଳେ ଲୋଭାଦୁଦ୍‌ବାହୁରିବ ବାମନଃ"

ଯେଉଁ ଫଳକୁ ଡେଙ୍ଗା ମଣିଷର ହାତ ପାଏ ତାକୁ ପାଇବାକୁ ଯଦି ଜଣେ ବାମନ ହାତ ବଢ଼ାଏ ସେ ଯେଭଳି ଉପହସିତ ହୁଏ, ମୁ କବି ଭାବରେ ଯଶ ଲାଭ କରିବାକୁ ଆଶା କରି ସେହିଭଳି ଉପହାସର ପାତ୍ର ହେବି ମାତ୍ର।

ଅନ୍ୟତ୍ର ସେ ଲେଖିଛନ୍ତି -

"ଅଥବା କୃତବାଗ୍‌ଦ୍ୱାରେ ବଂଶେଽସ୍ମିନ ପୂର୍ବ ସୂରିଭିଃ
ମଣୌ ବଜ୍ରସମୁତ୍‌କୀର୍ଣ୍ଣେ ସୂତ୍ରସ୍ୟେବାସ୍ତି ମେ ଗତିଃ"

ପୂର୍ବ ମନୀଷୀମାନେ (ବାଲ୍ମୀକି ପ୍ରଭୃତି) ଏହି ବଂଶର (ରାମାୟଣ ପ୍ରଭୃତି) ଗ୍ରନ୍ଥ ରୂପକ ଦ୍ୱାର ସୃଷ୍ଟି କରିଛନ୍ତି। ମଣି ଭେଦକ ଛୁଞ୍ଚି ମଣିକୁ ଭେଦ କଲେ, ପରେ ସୂତା ଯେପରି ତା ମଧ୍ୟରେ ପ୍ରବେଶ କରିପାରେ ସେହିଭଳି ସେ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ଦ୍ୱାର ବାଟେ ଏହି ବଂଶର ବର୍ଣ୍ଣନାରେ ପ୍ରବେଶ କରିପାରିବେ। ଅନ୍ୟଭାବରେ କହିବାକୁ ଗଲେ ସେ ନିଜକୁ ନ୍ୟୁନ ମନେକରି ପୂର୍ବ ସୂରିମାନଙ୍କୁ ପ୍ରାଧାନ୍ୟ ଦେଇଛନ୍ତି। ଏହା ତାଙ୍କର ବିନମ୍ର ଗୁଣ ନୁହେଁ କି ?

ଭାରତୀୟ ଦର୍ଶନ ଜଗତରେ ଆଦି ଶଙ୍କରାଚାର୍ଯ୍ୟ ଥିଲେ ଏକ ଅମ୍ଳାନ ପ୍ରତିଭା। ତାଙ୍କର ଜୀବନକାଳ ମାତ୍ର ୩୨ ବର୍ଷରେ ସୀମିତ ହୋଇଥିଲା। ସାଧାରଣ ମଣିଷ ପକ୍ଷରେ ତାଙ୍କର ଅନନ୍ୟ ପ୍ରତିଭାର କଳନା କରିବା ସମ୍ଭବ ନୁହେଁ। ପ୍ରସ୍ଥାନତ୍ରୟୀ ଅର୍ଥାତ୍ ବ୍ରହ୍ମସୂତ୍ର, ଉପନିଷଦ୍ ଏବଂ ଭଗବଦ୍ ଗୀତା ଉପରେ ସେ ଭାଷ୍ୟ ରଚନା କରିଥିଲେ। ସମଗ୍ର ଭାରତ ବର୍ଷକୁ ପଦବ୍ରଜରେ ପର୍ଯ୍ୟଟନ କରି ଶାସ୍ତ୍ରାର୍ଥରେ ପ୍ରତିପକ୍ଷକୁ ପରାସ୍ତ କରି ଅଦ୍ୱୈତ ଦର୍ଶନର ବୈଜୟନ୍ତୀ ଉଡ଼ାଇଥିଲେ। ଉପନିଷଦୀୟ ମହାବାକ୍ୟ ଉପରେ ଆଧାରିତ ଚାରିଗୋଟି ପୀଠ ସ୍ଥାପନ କରି ସନାତନ ଧର୍ମର ଭିତ୍ତିଭୂମିକୁ ଅଧିକ ଦୃଢ଼ୀଭୂତ କରିଥିଲେ। ତାଙ୍କର ରଚନାବଳୀକୁ ପର୍ଯ୍ୟାଲୋଚନା କଲେ ତାଙ୍କର ହୃଦୟର ଭକ୍ତି ଓ ବିନୟଭାବ କିଭଳି ସ୍ୱଚ୍ଛନ୍ଦ ଓ ସାବଲୀଳ ଭାବରେ ପ୍ରବାହିତ ହୋଇଛି ତାହା ଜଣାଯାଏ। 'ଦେବ୍ୟପରାଧ କ୍ଷମାପନ ସ୍ତୋତ୍ରମ୍'ରେ ଲେଖିଛନ୍ତି, -

"ପୃଥିବ୍ୟାଂ ପୁତ୍ରାସ୍ତେ ଜନନୀ! ବହବଃ ସନ୍ତି ସରଳାଃ
ପରଂ ତେଷାଂ ମଧ୍ୟେ ବିରଳତରଲୋଽହଂ ତବସୁତଃ।

ମଦୀୟୋଽୟଂ ତ୍ୟାଗଃ ସମୁଚିତମିଦଂ ନୋ ତବ ଶିବେ
କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନଭବତି।"

ହେ ମା! ଏ ସଂସାରରେ ତୁମର ଅନେକ ସରଳ ସନ୍ତାନ ଅଛନ୍ତି। ତାହାରି ମଧ୍ୟରେ ମୁଁ ଏକମାତ୍ର ସନ୍ତାନ ଯେ କି ଅତ୍ୟନ୍ତ ଚଞ୍ଚଳ। ତଥାପି ମୋତେ ତ୍ୟାଗ କରିବା ଉଚିତ ହେବନାହିଁ। କାରଣ ପୁଅ ଯେତେ ଖରାପ ହେଲେ ମଧ୍ୟ ମାଆ କ'ଣ ତାକୁ ତ୍ୟାଗ କରିଥାଏ? ଅନ୍ୟମାନଙ୍କୁ ଉଚ୍ଚସ୍ଥାନ ଦେଇ ନିଜର ଦୁର୍ବଳତାକୁ ପ୍ରକାଶ କରିବା ସେହି ମହାନ୍ ଦାର୍ଶନିକଙ୍କର ବିନୟଭାବ ନୁହେଁ କି? ଏଭଳି ବହୁ ଦୃଷ୍ଟାନ୍ତ ତାଙ୍କ ଜୀବନରେ ରହିଅଛି। ମାତ୍ର ଏହି କ୍ଷୁଦ୍ର ପ୍ରବନ୍ଧରେ ତାହା ପ୍ରକାଶ କରିବା ସମ୍ଭବ ନୁହେଁ।

ସ୍ୱାମୀ ବିବେକାନନ୍ଦ ତାଙ୍କର ପ୍ରଖର ସ୍ମୃତି ଶକ୍ତି, ବାଗ୍ମିତା ଓ ଅସାଧାରଣ ଶାସ୍ତ୍ରଜ୍ଞାନ ପାଇଁ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲେ। କିନ୍ତୁ ବ୍ୟକ୍ତିଗତ ଜୀବନରେ ସେ କେତେ ନମ୍ର ଥିଲେ ତାହା ଭାବିଲେ, ଆଶ୍ଚର୍ଯ୍ୟ ଲାଗେ। ଥରେ ଗୁଜୁରାଟର କେତେକ ଶାସ୍ତ୍ରଜ୍ଞ ପଣ୍ଡିତ ସ୍ୱାମୀ ବିବେକାନନ୍ଦଙ୍କ ସହିତ ସଂସ୍କୃତ ଭାଷାରେ ଶାସ୍ତ୍ରଲୋଚନା କରୁଥିଲେ। ସ୍ୱାମୀଜୀ ସେମାନଙ୍କର ପ୍ରଶ୍ନର ଉତ୍ତର ସଂସ୍କୃତ ଭାଷା ମାଧ୍ୟମରେ ଦେଉଥିଲେ। ଗୋଟିଏ ସ୍ଥଳରେ 'ସ୍ୱସ୍ତି' ସ୍ଥାନରେ ସେ 'ଅସ୍ତି' ଶବ୍ଦକୁ ଭୁଲରେ ବ୍ୟବହାର କରିଦେଲେ। ତାଙ୍କର ଏ ତ୍ରୁଟି ପାଇଁ କେତେଜଣ ପଣ୍ଡିତ ଜୋରରେ ହସି ପକାଇଲେ। କିନ୍ତୁ ସ୍ୱାମୀଜୀ ଏଥିରେ ଅପମାନିତ ବୋଧ ନକରି ବରଂ ନମ୍ରର ସହିତ କହିଲେ –

"ପଣ୍ଡିତାନାଂ ଦାସୋଽହଂ
କ୍ଷନ୍ତବ୍ୟମେତତ୍ ସ୍ଖଳନମ୍"।

ଅର୍ଥାତ୍ ମୁଁ ପଣ୍ଡିତମାନଙ୍କର ଦାସ। ମୋର ଏହି ସ୍ଖଳନକୁ ଆପଣମାନେ କ୍ଷମା କରିଦିଅନ୍ତୁ। ବାସ୍ତବିକ୍ କେତେ ନମ୍ର ସେ ଥିଲେ! ନିଜକୁ ପଣ୍ଡିତମାନଙ୍କର ଦାସ ବା ସେବକ ବୋଲି କହିବା ତାଙ୍କର ବିନମ୍ରତାର ପରିଚୟଦିଏ।

କେହି କେହି କହିପାରନ୍ତି ଯେ, ବିନମ୍ରତା ଦୁର୍ବଳତାର ସଂକେତ ଦେଇଥାଏ। ଆଦୌ ନୁହେଁ। ସକ୍ରେଟିସ୍, ଶଙ୍କର, ବିବେକାନନ୍ଦ ପ୍ରଭୃତି କେହି ଦୁର୍ବଳ ଚରିତ୍ରର ବ୍ୟକ୍ତି ନଥିଲେ। ଗଭୀର ଆତ୍ମ ବିଶ୍ୱାସ ଓ ମନର ସାହସ ବ୍ୟକ୍ତିକୁ ବିନୟୀ କରିଥାଏ। ଯିଏ ମନରେ ଦୁର୍ବଳ, ସେହି ବ୍ୟକ୍ତି ନିଜର ଦୁର୍ବଳତାକୁ ଲୁଚାଇବାକୁ ଯାଇ ବାହାରକୁ ଗର୍ବ, ଅହଂଭାବ ଓ ଔଦ୍ଧତ୍ୟ ପ୍ରକାଶ କରିଥାଏ।

ଅଧ୍ୟୟନ ହେଉଛି ଛାତ୍ରମାନଙ୍କର ତପସ୍ୟା। ଯଥାର୍ଥରେ କୁହାଯାଇଛି, "ଛାତ୍ରାଣାଂ ଅଧ୍ୟୟନଂ ତପଃ"। ଅଧ୍ୟୟନ ଦ୍ୱାରା ଜ୍ଞାନ ଲାଭ କରିହୁଏ। କିନ୍ତୁ ମନରେ ସନ୍ଦେହ ଆସିଲେ ଗୁରୁ ସନ୍ଦେହ ମୋଚନ କରନ୍ତି। ମାତ୍ର ଅତି ନମ୍ର ଭାବରେ ପ୍ରଣିପାତ କରି, ପ୍ରଶ୍ନ ପଚାରି

ଗୁରୁଙ୍କ ଠାରୁ ଯଥାର୍ଥ ଜ୍ଞାନ ଲାଭ କରିବାକୁ ହୁଏ। ଭଗବଦ୍‌ଗୀତାରେ ଏଣୁ କୁହାଯାଇଛି ଯେ,

"ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା"

ପ୍ରଣାମ କରି ପ୍ରଶ୍ନ ପଚାରି ଏବଂ ଗୁରୁଙ୍କର ସେବାକରି ସେହି ତତ୍ତ୍ୱକୁ ଜାଣ। ଏହାହିଁ ହେଉଛି ଆମ ଭାରତ ବର୍ଷର ମହାନ୍ ପରଂପରା। ନମ୍ରତା ହେଉଛି ଛାତ୍ରର ଯଥାର୍ଥ ଭୂଷଣ ଅନ୍ୟକୁ ସମ୍ମାନ ଜଣାଇବା, ଅନ୍ୟମାନଙ୍କୁ ସମ୍ମାନ ଦେବା ଏବଂ ସମ୍ବେଦନଶୀଳ ହେବା, ଏହାହିଁ ତାର ଧର୍ମ। ମାନବିକ ମୂଲ୍ୟବୋଧକୁ ଆହରଣ କରିବା ପାଇଁ ଆମେ ନିରନ୍ତର ଉଦ୍ୟମ କରିବା। ସଂଘର୍ଷ ନୁହେଁ, ସଂପ୍ରୀତି ଦ୍ୱାରା ଆମେ ସମସ୍ତଙ୍କୁ ଆପଣାର କରିପାରିବା। 'ବସୁଧୈବ କୁଟୁମ୍ବକମ୍' ହେଉଛି ଆମର ଆଦର୍ଶ।

✶✶✶

# ରାମାନୁଜାଚାର୍ଯ୍ୟ ଓ ଯାଦବ ପ୍ରକାଶ

**ବି**ନ୍ଧ୍ୟ ପର୍ବତର ପାଦ ଦେଶରେ ରହିଛି ଅରଣ୍ୟ ଭୂମି । ତାହାରି ଉପରେ ଚାଲିଛନ୍ତି ଦଳେ ତୀର୍ଥଯାତ୍ରୀ । ଲକ୍ଷ ହେଉଛି ପୁଣ୍ୟଭୂମି କାଶୀରେ ପହଞ୍ଚି ତ୍ରିବେଣୀରେ ସ୍ନାନ କରିବା ଏବଂ କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବା । ଆସିଛନ୍ତି ସୁଦୂର କାଞ୍ଚିପୁରମରୁ । ଏହି ତୀର୍ଥଯାତ୍ରୀଙ୍କର ମୁଖ୍ୟ ହେଉଛନ୍ତି ଗୁରୁ ଯାଦବ ପ୍ରକାଶ । ରାମାନୁଜ ଏମାନଙ୍କ ସହିତ ମଧ୍ୟ ଯାତ୍ରା କରୁଛନ୍ତି । ମନରେ ଗଭୀର ଆନନ୍ଦ ଓ ଅପୂର୍ବ ଉତ୍ସାହ । ବୟସ ମାତ୍ର ସତର ହେବ । ଗୁରୁଙ୍କ ଦୟାରୁ ସେ ଏହି ଦଳରେ ରହିପାରିଛନ୍ତି । ସେ ବିନୟୀ, କିନ୍ତୁ ବୁଦ୍ଧିମାନ୍ । ବିଶେଷତଃ ବିଭିନ୍ନ ଶାସ୍ତ୍ରର ଅର୍ଥକୁ ବୁଝାଇବାରେ ତାଙ୍କର ଅପୂର୍ବ ଦକ୍ଷତା ଅଛି । ଗୁରୁଙ୍କ ପ୍ରତି ତାଙ୍କ ହୃଦୟରେ ରହିଛି ଗଭୀର ଭକ୍ତି । ତାଙ୍କ ସହିତ ତାଙ୍କର ମାଉସୀ ପୁଅ ଭାଇ ଗୋବିନ୍ଦ ମଧ୍ୟ ଏହି ଦଳରେ ଅଛନ୍ତି ।

ଦିନେ ଗୋବିନ୍ଦ ରାମାନୁଜଙ୍କୁ ଅନ୍ୟମାନେ ବିଶ୍ରାମ ନେଉଥିବାବେଳେ ନଦୀକୂଳକୁ ଡାକି ନେଇ ଏଭଳି ଏକ ଗୋପନ କଥା କହିଦେଲେ ଯାହା ଶୁଣି ରାମନୁଜ ସ୍ତବ୍ଧ ହୋଇଗଲେ । ଏ ସମ୍ବାଦ ଥିଲା ତାଙ୍କ ପାଇଁ ଅକାଳ ବଜ୍ରପାତ ଭଳି । ଗୋବିନ୍ଦ ତାଙ୍କୁ କହିଦେଲେ ଯେ, ଗୁରୁ ଏ ଯେଉଁ ତୀର୍ଥ ଯାତ୍ରାର ଆୟୋଜନ କଲେ ତା'ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ଅରଣ୍ୟ ଭୂମିରେ ତାଙ୍କ ଜୀବନର ଅନ୍ତ ଘଟାଇବା । ଏହା ପଛରେ ରହିଥିଲା ଏକ ଜଘନ୍ୟ ଷଡ଼ଯନ୍ତ୍ର । ଏହା କେହି ବିଶ୍ୱାସ ନକରିପାରନ୍ତି । କିନ୍ତୁ ଏହା ସତ୍ୟ ଯେ, ତାଙ୍କର ଜୀବନ ପ୍ରତି ବିପଦ ରହିଛି । ଏହା ସେ ଶୁଣି ପାରିଛନ୍ତି । ଏଣୁ ସେ ଶୀଘ୍ର ଆତ୍ମଗୋପନ କରନ୍ତୁ । ଏହା କହିଦେଇ ଗୋବିନ୍ଦ ତତ୍‌କ୍ଷଣାତ୍ ତୀର୍ଥଯାତ୍ରୀଙ୍କ ପାଖକୁ ଚାଲିଆସିଲେ । ତେବେ ରାମାନୁଜଙ୍କ ଭଳି ଜଣେ ସରଳ ନିଷ୍ପାପ ବ୍ୟକ୍ତିଙ୍କ ଜୀବନ ନେବାର ଏଭଳି ଜଘନ୍ୟ ଷଡ଼ଯନ୍ତ୍ର ରଚାଗଲା କାହିଁକି ? ସେ ଏଭଳି କି ଅପରାଧ କରିଥିଲେ ଯେଉଁଥିପାଇଁ ଗୁରୁ ନିଜେ ଏଭଳି ଏକ ଯୋଜନା ସଂଗଠିତ କଲେ ।

ରାମାନୁଜଙ୍କର ଜନ୍ମସ୍ଥାନ ଥିଲା ପେରୁମ୍ବୁଦୁର । କିନ୍ତୁ ପିତୃ ବିୟୋଗପରେ ତାଙ୍କୁ ପେରୁମ୍ବୁଦୁରରେ ଆଉ ରହିବା ପାଇଁ ଇଚ୍ଛା ହେଲା ନାହିଁ । ସେତେବେଳକୁ ସେ ବିବାହ କରିସାରିଥିଲେ । ଏଣୁ ସ୍ତ୍ରୀ ଓ ମଆଙ୍କୁ ଧରି ସେ କାଞ୍ଚିପୁରମ୍ ଚାଲିଆସିଲେ ଏବଂ ସେଠାରେ ଘରଟିଏ ତିଆରି କରି ସେଠାରେ ବସବାସ କରିବାକୁ ଲାଗିଲେ । ଯାଦବ ପ୍ରକାଶ ଥିଲେ କାଞ୍ଚିପୁରମ୍‌ର ପ୍ରସିଦ୍ଧ ପଣ୍ଡିତ । ତାଙ୍କ ପାଖରେ ଅନେକ ଶିଷ୍ୟ ଅଧ୍ୟୟନ କରୁଥା'ନ୍ତି । ରାମାନୁଜ ମଧ୍ୟ ତାଙ୍କ ପାଖରେ ଅଧ୍ୟୟନ କରିବାକୁ ଲାଗିଲେ । ଦିନକର କଥା, ସମସ୍ତ ଶିଷ୍ୟ ଅଧ୍ୟୟନ

ଶେଷକରି ଘରକୁ ଚାଲିଯାଇଥା'ନ୍ତି। ମଧ୍ୟାହ୍ନ ସମୟରେ ରାମାନୁଜ ଗୁରୁଙ୍କ ଦେହରେ ତେଲ ଘଷୁଥା'ନ୍ତି। ଏହି ସମୟରେ ଜଣେ ଶିଷ୍ୟ ଆସି ଯାଦବ ପ୍ରକାଶଙ୍କୁ ଛାନ୍ଦୋଗ୍ୟ ଉପନିଷଦ୍‌ର ଗୋଟିଏ ମନ୍ତ୍ରର ଅର୍ଥ ବୁଝାଇ ଦେବାପାଇଁ ଅନୁରୋଧ କଲେ। ମନ୍ତ୍ରଟି ହେଉଛି, "ତସ୍ୟ ଯଥା କପ୍ୟାସମ୍ ପୁଣ୍ଡରୀକମେବମକ୍ଷିଣୀ।" ଗୁରୁ ଯାଦବ ପ୍ରକାଶ 'କପ୍ୟସମ୍' ଶବ୍ଦର ଅର୍ଥ ମର୍କଟର ପଛପାଖ ବୋଲି ଅର୍ଥ କଲେ। ଏଣୁ ଏହାର ଅର୍ଥ ସେ ଏପରି କଲେ ଯେ, ସେହି ହିରଣ୍ମୟ ପୁରୁଷଙ୍କର ଆକ୍ଷି ଦୁଇଟି ପଦ୍ମପୁଷ୍ପଭଳି ଯାହାର ରଙ୍ଗ ମର୍କଟର ପଛପାଖ ଯେଭଳି ଲାଲ୍ ସେହିଭଳି ଲାଲ୍। ଶଙ୍କରାଚାର୍ଯ୍ୟ ମଧ୍ୟ ଏହିଭଳି ଅର୍ଥ କରିଥିଲେ। ଗୁରୁଙ୍କର ଏଭଳି ଅର୍ଥ କରିବାର ଦେଖି ରାମାନୁଜଙ୍କ ଚକ୍ଷୁରୁ ଅଶ୍ରୁ ବହିଯାଇଥିଲା ଏବଂ ଗୁରୁଙ୍କ ଉପରେ ସେ ଲୋତକ ବିନ୍ଦୁ ପଡିଗଲା। ଗୁରୁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ଆଡ଼କୁ ଚାହିଁଲେ ଏବଂ ପଚାରିଲେ ଯେ, ତାଙ୍କ ମନକୁ ଏ ଅର୍ଥ କ'ଣ ଠିକ୍ ବୋଲି ଜଣାଯାଉନାହିଁ। ରାମାନୁଜ ଅତି ନମ୍ର ଭାବରେ ନିଜର ସଂଶୟ ପ୍ରକାଶ କଲେ। ତାଙ୍କ ମତରେ ମାଙ୍କଡ଼ର ପୃଷ୍ଠ ଦେଶର ରଙ୍ଗ ସହିତ ହିରଣ୍ମୟ ପୁରୁଷଙ୍କ ଚକ୍ଷୁର ରଙ୍ଗକୁ ତୁଳନା କରାଯିବା ଠିକ୍ ନୁହେଁ। ରାମାନୁଜଙ୍କର ଏ ଉତ୍ତର ଗୁରୁଙ୍କୁ ବହୁତ ଆଘାତ ଦେଇଥିଲା। ସେ ଅତ୍ୟନ୍ତ କ୍ଷୁବ୍ଧ ହେଲେ। ତେବେ ଏ ମନ୍ତ୍ରର ପ୍ରକୃତ ଅର୍ଥ କ'ଣ ହେବ? ଏହା ସେ ରାମାନୁଜଙ୍କୁ ପଚାରିଲେ। ରାମାନୁଜ ଏ ମନ୍ତ୍ରକୁ ଭିନ୍ନ ପ୍ରକାର ଅର୍ଥ କରାଇଲେ। ତାଙ୍କ ମତରେ "କଃ ଜଳଂ ପିବତି ଇତି"ଏଠାରେ କପି କହିଲେ ସୂର୍ଯ୍ୟଙ୍କୁ ବୁଝାଏ। ସୂର୍ଯ୍ୟ ଜଳକୁ ଶୋଷି ନିଅନ୍ତି। ଏଣୁ ପ୍ରକୃତ ଅର୍ଥ ହେବ ଯେ, ସୂର୍ଯ୍ୟ ଉଦୟ ହେଲେ ପଦ୍ମ ପୁଷ୍ପ ପ୍ରସ୍ଫୁଟିତ ହୁଏ। ସେହି ପ୍ରସ୍ଫୁଟିତ ପଦ୍ମ ପୁଷ୍ପର ରଙ୍ଗ ଭଳି ହିରଣ୍ମୟ ପୁରୁଷଙ୍କର ଚକ୍ଷୁର ରଙ୍ଗ। ଗୁରୁ ରାମାନୁଜଙ୍କ ପ୍ରତିଭାରେ ମୁଗ୍ଧ ହେବା କଥା। କିନ୍ତୁ ଫଳ ବିପରୀତ ହୋଇଗଲା। ସେ ଅନୁଭବ କଲେ ଯେ, ଗୁରୁଙ୍କ ମତକୁ ବିରୋଧ କରିବା ତାଙ୍କର ଔଦ୍ଧତ୍ୟର ପରିଚୟ। ସେ ରାମାନୁଜଙ୍କୁ ସ୍ପଷ୍ଟ ଭାବରେ କହିଲେ ଯେ, ତାଙ୍କର ଏ ବ୍ୟାଖ୍ୟା ଯୁକ୍ତିଯୁକ୍ତ ନୁହେଁ। କୌଣସି ପୂର୍ବସୂରୀ ଏଭଳି ବ୍ୟାଖ୍ୟା କରିନାହାନ୍ତି।

ଅନ୍ୟଏକ ଦିନ ଗୁରୁ ତୈତ୍ତିରିୟ ଉପନିଷଦ୍‌ର ଗୋଟିଏ ମନ୍ତ୍ର ଯଥା, 'ସତ୍ୟମ୍, ଜ୍ଞାନମ୍, ଅନନ୍ତମ୍, ବ୍ରହ୍ମ'କୁ ବୁଝାଇବାବେଳେ କହିଲେ ଯେ, ବ୍ରହ୍ମ ନିଜେ ସତ୍ୟ, ଜ୍ଞାନ ଓ ଅନନ୍ତ ଅଟେ। ମାତ୍ର ରାମନୁଜ ଭିନ୍ନ ଭାବରେ ବ୍ୟାଖ୍ୟା କଲେ। ତାଙ୍କ ମତରେ ବ୍ରହ୍ମକୁ ଏମାନଙ୍କ ସହିତ ଏକୀଭୂତ କରିବା ଠିକ୍ ନୁହେଁ। ଏମାନେ ବ୍ରହ୍ମଙ୍କର ଗୁଣ ସବୁ। ଅନ୍ୟ ଭାବରେ କହିବାକୁ ଗଲେ, ସତ୍ୟ, ଜ୍ଞାନ ଓ ଅନନ୍ତ ବ୍ରହ୍ମଙ୍କର ତିନିଗୋଟି ଗୁଣ ଅଟେ। ରାମାନୁଜଙ୍କ ମତରେ ବ୍ରହ୍ମ ସଗୁଣ ଅଟେ।

ଗୁରୁ ଯାଦବ ପ୍ରକାଶଙ୍କ ମନରେ ସନ୍ଦେହ ଘନୀଭୂତ ହେଲା। ସନ୍ଦେହ କ୍ରମେ କ୍ରୋଧ, ଘୃଣା ଓ ପ୍ରତିହିଂସାର ରୂପ ନେଲା। ଯାଦବ ପ୍ରକାଶ ଥିଲେ ଶଙ୍କରାଚାର୍ଯ୍ୟଙ୍କର

ଅଦ୍ୱୈତ ଦର୍ଶନର ସମର୍ଥକ। ଏଣୁ ସେ ଭାବିଲେ ରାମନୁଜ ଭବିଷ୍ୟତରେ ଏ ମତବାଦକୁ ଖଣ୍ଡନ କରି ଏକ ନୂତନ ଦର୍ଶନ ପ୍ରଚାର କରିବେ। ହୁଏତ ସେ ଦ୍ୱୈତ ମତବାଦ ପ୍ରଚାର କରିପାରନ୍ତି। ପାଠକଗଣ ଜାଣନ୍ତି ଯେ, ମାନବ ଜାତିର ଇତିହାସରେ ବିଚାରଗତ ପାର୍ଥକ୍ୟ ବେଳେବେଳେ ବିଷମ ସଙ୍କଟ ସୃଷ୍ଟି କରିଛି ଏବଂ ପରସ୍ପର ମନରେ ବିଦ୍ୱେଷ ଭାବ ଜନ୍ମାଇଛି। ଯାଦବ ପ୍ରକାଶଙ୍କ କ୍ଷେତ୍ରରେ ଏହାହିଁ ଘଟିଥିଲା। ରାମାନୁଜ ଭବିଷ୍ୟତରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇ ବାହାରିବେ ଏବଂ ତାଙ୍କର ସମ୍ମାନ ବା ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବ ଏହି ଆଶଙ୍କା ତାଙ୍କ ମନରେ ଆସିଲା।

ଥରେ ଗୁରୁ ତାଙ୍କର କେତେକ ବିଶ୍ୱସ୍ତ ଶିଷ୍ୟଙ୍କୁ ଡାକି ମନର କ୍ରୋଧ ଓ ଆଶଙ୍କା ବ୍ୟକ୍ତ କଲେ। ରାମାନୁଜ ତାଙ୍କୁ ବାରମ୍ବାର ଅପଦସ୍ତ କରୁଛନ୍ତି। କିନ୍ତୁ ରାମାନୁଜଙ୍କର ମତ ଭିନ୍ନ ଥିଲା। ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲ୍, ପ୍ଲାଟୋଙ୍କର ରିପବ୍ଲିକର ଛାତ୍ର ଥିଲେ। ପ୍ଲାଟୋଙ୍କ ମତକୁ ସେ ବହୁ ସମୟରେ ବିରୋଧ କରୁଥିଲେ। ସେ କହିଥିଲେ ଗୁରୁ ତାଙ୍କ ପାଇଁ ବଡ଼। ମାତ୍ର ସତ୍ୟର ସ୍ଥାନ ଗୁରୁଙ୍କ ଠାରୁ ବହୁତ ଉପରେ। ଏଠି ରାମାନୁଜଙ୍କ ମତ ଠିକ୍ ସେହିଭଳି ଥିଲା। ଯାଦବ ପ୍ରକାଶଙ୍କୁ ତାଙ୍କର ଶିଷ୍ୟମାନେ ପରାମର୍ଶ ଦେଲେ ଯେ, ରାମାନୁଜଙ୍କୁ ପାଠଶାଳାରୁ ବାହାର କରିଦେଲେ ଭଲ ହେବ। କିନ୍ତୁ ଗୁରୁ ଯାଦବ ପ୍ରକାଶ ଏଥିରେ ଏକମତ ହେଲେ ନାହିଁ। ରାମାନୁଜଙ୍କୁ ବାହାର କରିଦେଲେ ସେ ନିଜେ ଗୋଟିଏ ପାଠଶାଳା ସ୍ଥାପନ କରି ତାଙ୍କ ମତବାଦ ପ୍ରଚାର କରିବେ। ଏଣୁ ଗୁରୁ ଚାହିଁଲେ ରାମାନୁଜଙ୍କୁ ପଥ ମଧ୍ୟରୁ ହଟାଇ ଦେବାକୁ ପଡିବ।

ଫଳରେ ରାମାନୁଜଙ୍କ ଜୀବନ ଉପରେ ସଙ୍କଟ ଘନେଇ ଆସିଲା। ଯେଉଁ ଗୁରୁଙ୍କୁ ସେ ଦେବତାର ଆସନ ଦେଇଥିଲେ ଆଜି ସେ ଏଭଳି ଏକ ଷଡ଼ଯନ୍ତ୍ର ରଚିପାରନ୍ତି ତାହା କାହିଁକି ସେ ଭାବିବେ? ମାଉସୀ ପୁଅ ଭାଇ ଗୋବିନ୍ଦ ଠାରୁ ଏହା ଶୁଣିବା ପରେ ତାଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦିଶିଲା। ସେ କ'ଣ କରିବେ? କେଉଁଆଡ଼େ ଯିବେ? ଘର ସୁଦୂର କାଞ୍ଚିପୁରମ୍‌ରେ। ଏତେ ବାଟ ଯିବେ କିପରି? ଏ ଅରଣ୍ୟ ଭୂମି ହିଂସ୍ର ଜନ୍ତୁଙ୍କର ଚାରଣ ଭୂମି। ମଣିଷ ଯେତେବେଳେ ସଂପୂର୍ଣ୍ଣ ଅସହାୟ ଅନୁଭବ କରେ ସେ ସେତେବେଳେ ନିଜକୁ ଭଗବାନଙ୍କ ପାଦପଦ୍ମରେ  ସମର୍ପଣ କରିଦିଏ। ରାମାନୁଜ ଥିଲେ ପରମ ବୈଷ୍ଣବ। ସେ ଲକ୍ଷ୍ମୀନାରାୟଣଙ୍କୁ ମନେ ମନେ ସ୍ମରଣ କଲେ। ବ୍ୟାକୁଳ ଭାବରେ ଡାକିଲେ, "ହେ ପ୍ରଭୁ, ତୁମେ ହିଁ ମୋର ଏକ ମାତ୍ର ସହାୟ। ଏ ଘୋର ବିପଦ ମଧ୍ୟରୁ ମୋତେ ରକ୍ଷା କର।"ଏଭଳି ପ୍ରାର୍ଥନା କରି ସେ ଦକ୍ଷିଣ ପଥରେ ଯାତ୍ରା କଲେ। କେତେବେଳେ ବଣ ଭିତରେ ଏବଂ ବେଳେବେଳେ ସମତଳ ଭୂମିରେ କ୍ଷିପ୍ର ଗତିରେ ଆଗେଇ ଚାଲିଲେ। କିନ୍ତୁ ସେ ଅନୁଭବ କଲେ ଯେ, ତାଙ୍କ ମନ ଯେଭଳି ଅପୂର୍ବ

ସାହସରେ ଭରିଯାଇଛି । ଭୟ ଓ ଆଶଙ୍କା ମନରୁ ଦୂରେଇ ଯାଉଛି । କେହି ଜଣେ ତାଙ୍କ ପାଖରେ ରହି ତାଙ୍କର ନାମ ଧରି ଡାକୁଛି । ଏହି ସମୟରେ ସେ ପଥ ମଧ୍ୟରେ ଏକ ଶବର ଦମ୍ପତିଙ୍କୁ ଦେଖିବାକୁ ପାଇଲେ । ଏମାନେ ରାମାନୁଜଙ୍କୁ ଏଭଳି ଏକ ବନ ଭୂମିରେ ଏକାକୀ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସେ ଏଠାରେ ଏକାକୀ କାହିଁକି ବୁଲୁଛନ୍ତି ତାହାର କାରଣ ପଚାରିଲେ । ରାମାନୁଜ ପ୍ରଥମେ ସେମାନଙ୍କୁ ସନ୍ଦେହ କରୁଥିଲେ । ମାତ୍ର ସେମାନଙ୍କ ସରଳ ଓ ନିଷ୍କପଟ ବ୍ୟବହାରରେ ତାଙ୍କ ମନର ଆଶଙ୍କା ଦୂର ହୋଇଗଲା । ରାମାନୁଜ ସେମାନଙ୍କୁ କହିଲେ ଯେ, ସେ କାଞ୍ଚିପୁରମ୍‌କୁ ଯାଉଛନ୍ତି । ଏଥିରେ ଶବର ଦମ୍ପତି ଖୁସି ହୋଇଗଲେ । କାରଣ ସେମାନେ ରାମେଶ୍ୱରମ୍‌କୁ ଯାଉଥିଲେ ତୀର୍ଥ କରିବାକୁ । ବର୍ତ୍ତମାନ ତିନିହେଁ ଏକତ୍ର ଯିବେ । କାରଣ ରାମେଶ୍ୱର ଗଳାବାଟରେ କାଞ୍ଚିପୁରମ୍ ପଡ଼େ । ଯାହାହେଉ ଏମାନେ କିଛିବାଟ ଯାଇଛନ୍ତି ରାତ୍ରି ଆସିଗଲା । ଏକ ନିରାପଦ ସ୍ଥାନରେ ଏମାନେ ବିଶ୍ରାମ ନେଲେ । ଶବର ସ୍ତ୍ରୀକୁ ଶୋଷ ହେବାରୁ ସେ କିଛି ଜଳ ଆଣିବାକୁ ସ୍ୱାମୀକୁ ଅନୁରୋଧ କଲା । କିନ୍ତୁ ଶବର ସ୍ତ୍ରୀକୁ କହିଲା ଯେ, ରାତ୍ରିକାଳରେ ସେ ସ୍ଥାନ ଛାଡ଼ିବା ନିରାପଦ ନୁହେଁ । ଏମାନେ ପ୍ରଭାତ ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ।

ପ୍ରଭାତ ହେଲା ରାମାନୁଜ ନିକଟସ୍ଥ ଜଳାଶୟକୁ ଯାଇ ମୁହଁହାତ ଧୋଇ ଶବର ସ୍ତ୍ରୀ ପାଇଁ କିଛି ଜଳ ଆଣିଲେ । ମାତ୍ର ତିନି ଥର ଜଳ ପାନ କଲେ ମଧ୍ୟ ଶବର ସ୍ତ୍ରୀ ର ଶୋଷ ମେଣ୍ଟିଲା ନାହିଁ । କିନ୍ତୁ ସେ ଚତୁର୍ଥ ଥର ଜଳ ଆଣି ଦେଖନ୍ତି ଯେ, ଶବର ଦମ୍ପତି କେଉଁଆଡ଼େ ଚାଲିଯାଇଥିଲେ ।

କିନ୍ତୁ ସବୁଠାରୁ ବିସ୍ମୟକର ବିଷୟ ହେଲା ଯେ, ରାତ୍ରିରେ ସେ ନିଦ୍ରିତ ଥିବାବେଳେ ଏକ ଅଲୌକିକ ଘଟନା ଘଟିଲା । ସେ ପ୍ରଭାତରେ ନିଜକୁ ଏକ ନଗରୀ ନିକଟରେ ଦେଖିଲେ । ରାମନୁଜଙ୍କୁ ସ୍ଥାନୀୟ ଲୋକମାନେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ରାମନୁଜ ସେମାନଙ୍କୁ ଯେତେବେଳେ ଏ ସ୍ଥାନ ବିଷୟରେ ପଚାରିଲେ, ସେମାନେ ତାଙ୍କୁ ଉପହାସ କରି କହିଲେ, “କିଓ ତୁମେ କେଉଁଠୁ ଆସିଲ କି ? ତୁମେ ପରା ଯାଦବ ପ୍ରକାଶଙ୍କ ଶିଷ୍ୟ । ତୀର୍ଥାଟନରେ ଯାଇଥିଲ । ନିଜ ରାଜ୍ୟକୁ ଚିହ୍ନି ପାରୁନ ।” ରାମନୁଜ ଜାଣିଲେ ସେ ନିଜ ରାଜ୍ୟରେ ପହଞ୍ଚିଯାଇଛନ୍ତି । ରାତ୍ରିରେ ଏସବୁ କିଭଳି ଘଟିଲା ? ଏ ଶବର ଦମ୍ପତି ଲକ୍ଷ୍ମୀ ନାରାୟଣ ନୁହନ୍ତି ତ ?

ରାମାନୁଜ ଆସି ନିଜ ଘରେ ପହଞ୍ଚିଲେ । ତାଙ୍କର ମାଆ ତାଙ୍କୁ ଦେଖି ବିସ୍ମିତ ହୋଇଗଲେ । ସେ ଏତେଶୀଘ୍ର କିଭଳି ଆସିଲେ । ମାଆଙ୍କ ଆଗରେ ରାମନୁଜ ସମସ୍ତ ବିଷୟ ବର୍ଣ୍ଣନା କଲେ । କିନ୍ତୁ ଏକଥା ଗୋପନ ରଖିବାକୁ ପରାମର୍ଶ ଦେଲେ । ଏଣେ ଗୁରୁ ରାମାନୁଜଙ୍କୁ ନଦେଖି ଭାବିଲେ, ଜଙ୍ଗଲର ହିଂସ୍ର ଜନ୍ତୁଙ୍କର ସେ ଶିକାର ହୋଇଛନ୍ତି ।

ତିନିମାସ ପରେ ଯାଦବ ପ୍ରକାଶ କାଞ୍ଚିପୁରମ୍‌କୁ ଫେରିଆସି ରାମାନୁଜଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କ ମନରେ ଆଶଙ୍କା ବି ଆସିଲା ଯେ, ତାଙ୍କ ବିରୁଦ୍ଧରେ ରାମାନୁଜ ଜନସାଧାରଣଙ୍କୁ ବହୁତ କଥା କହିବେ। କିନ୍ତୁ ଏପରି କିଛି ଘଟି ନଥିଲା। ଗୁରୁ ଭାବିଲେ ଯେ, ରାମାନୁଜ ବୋଧେ କିଛି ଜାଣି ନାହାନ୍ତି। ଯାହାହେଉ ଗୁରୁ ରାମାନୁଜଙ୍କୁ କହିଲେଯେ, ତାଙ୍କର ଅନୁପସ୍ଥିତି ସେମାନଙ୍କୁ ବହୁତ ଆଘାତ ଦେଇଥିଲା। ରାମାନୁଜ ପୂନର୍ବାର ତାଙ୍କ ପାଠଶାଳାକୁ ଗଲେ। ମାତ୍ର କିଛଦିନ ପରେ ଯାଦବ ପ୍ରକାଶଙ୍କ ସହିତ ଶାସ୍ତ୍ରର ବ୍ୟାଖ୍ୟା ନେଇ ମତାନ୍ତର ହେଲା ଏବଂ ରାମାନୁଜ ସବୁଦିନ ପାଇଁ ତାଙ୍କ ପାଠଶାଳା ତ୍ୟାଗ କଲେ।

ପରବର୍ତ୍ତୀ ସମୟରେ ରାମାନୁଜ ଏକ ନୂତନ ଦର୍ଶନ ପ୍ରଚାର କଲେ। ଏହାର ନାମ 'ବିଶିଷ୍ଟାଦ୍ୱୈତ'। ଶଙ୍କରଙ୍କର ମତବାଦକୁ ସେ ବିରୋଧ କଲେ। ଶଙ୍କରଙ୍କ ମାୟାବାଦକୁ ସେ ଖଣ୍ଡନ କରିଥିଲେ। ସେ ବ୍ରହ୍ମସୂତ୍ର ଉପରେ ଏକ ନୂତନ ଭାଷ୍ୟ ରଚନା କଲେ। ଏହାର ନାମ 'ଶ୍ରୀଭାଷ୍ୟ' । ସେ ପରମ ବୈଷ୍ଣବ ଥିଲେ। ଶ୍ରୀକ୍ଷେତ୍ର ପୁରୀକୁ ସେ ଆସିଥିଲେ ଏବଂ ଏମାର ମଠ ତାଙ୍କରି ପରାମର୍ଶରେ ସ୍ଥାପିତ ହୋଇଥିଲା।

ଗୁରୁଙ୍କର କେବଳ ଶାସ୍ତ୍ର ଜ୍ଞାନ ଥିଲେ, ସେ ଗୁରୁ ପଦବାଚ୍ୟ ହେବେ ନାହିଁ। ତାଙ୍କ ଠାରେ ଦୟା, କ୍ଷମା, ସହନଶୀଳତା, ବିନୟଗୁଣ ତଥା ସମଭାବ ଥିବା ଦରକାର। ଯାଦବ ପ୍ରକାଶଙ୍କ ଠାରେ ଏସବୁ ଗୁଣର ଅଭାବ ଥିଲା। ତଥାପି ରାମାନୁଜ ଭଗବାନଙ୍କ କୃପାରୁ ଘୋର ବିପଦରୁ ରକ୍ଷା ପାଇଯାଇଥିଲେ। ସର୍ବାନ୍ତଃକରଣରେ ନିଜକୁ ସମର୍ପଣ କଲେ ଈଶ୍ୱର ସହାୟ ହୁଅନ୍ତି।

✶✶✶

# ଆଚାର୍ଯ୍ୟ ଶଙ୍କର ଓ ଜାତୀୟ ଐକ୍ୟ

ହିମାଳୟଠାରୁ କୁମାରୀକା ଯାଏ ପରିବ୍ୟାପ୍ତ ଭାରତବର୍ଷରେ ଯଦି ଏତେ ବିଭିନ୍ନତା ମଧ୍ୟରେ ସଂହତି ରହିଅଛି ତେବେ ଏହା ସମ୍ଭବ ହୋଇଛି ଆମର ଆଧ୍ୟାତ୍ମିକ ପରମ୍ପରା ଯୋଗୁଁ । ଏହି ଆଧ୍ୟାତ୍ମିକତାର ସୂତ୍ର ସମଗ୍ର ଭାରତବର୍ଷକୁ ବାନ୍ଧି ରଖିଛି । ବହୁ ସାଧୁ ସନ୍ଥ କବି ତଥା ଦାର୍ଶନିକଗଣ ଏହି ଭାବଧାରକୁ ସୁଦୃଢ଼ କରିପାରିଛନ୍ତି । ବିଦେଶୀ ଶାସକଗଣ ଆର୍ଯ୍ୟ ଓ ଦ୍ରାବିଡ଼ ଶବ୍ଦକୁ ବାରମ୍ବାର ପ୍ରୟୋଗ କରି ଆମ ଭିତରେ ବିଭେଦ ସୃଷ୍ଟିକରି ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଆମର ଉଚ୍ଚ ପରମ୍ପରା ଓ ଆଧ୍ୟାତ୍ମିକ ଭାବନା ଏ ବିଭେଦକୁ ସ୍ୱୀକାର କରେନାହିଁ ।

କୌଣସି ଏକ ଧାର୍ମିକ ବିଶେଷତଃ ମାଙ୍ଗଳିକ କାର୍ଯ୍ୟରେ ଆମେ ଯେଉଁ ସଂକଳ୍ପ କରୁ ସେଥିରେ ଏହି ମନ୍ତ୍ରଟି ପାଠ କରାଯାଏ ଯଥା:-

"ଗଙ୍ଗେଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ
ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ୍ ସାନ୍ନିଧିଂ କୁରୁ ।"

ଗଙ୍ଗା, ଯମୁନା ଓ ସରସ୍ୱତୀ ଉତ୍ତର ଭାରତରେ ପ୍ରବାହିତ ଏବଂ ଗୋଦାବରୀ ନର୍ମଦା ତଥା କାବେରୀ ଦକ୍ଷିଣ ଭାରତର ପ୍ରବାହିତ। ଏ ପ୍ରତ୍ୟେକଟି ନଦୀ ଆମପାଇଁ ପବିତ୍ର। ଉତ୍ତର ଭାରତର ଲୋକମାନେ ଗୋଦାବରୀରେ ବୁଡ ପକାଇ ପୁଣ୍ୟ ଅର୍ଜନ କରନ୍ତି। ଦକ୍ଷିଣ ଭାରତର ଲୋକମାନେ ଗଙ୍ଗାସ୍ନାନ କରି ନିଜକୁ ଧନ୍ୟ ମନେ କରନ୍ତି। ଆମପାଇଁ ବଦ୍ରିନାଥ ଯେତିକି ପବିତ୍ର ରାମେଶ୍ୱର ଧାମ ମଧ୍ୟ ସେତିକି ପବିତ୍ର। ଶଙ୍କରାଚାର୍ଯ୍ୟ ଏ ଆଧ୍ୟାତ୍ମିକ ପରମ୍ପରାର ଥିଲେ ଶ୍ରେଷ୍ଠ ପ୍ରତୀକ। ଏ ମହାନ୍ ପରମ୍ପରାର ଅବକ୍ଷୟ ଘଟିବାକୁ ସେ ଦେଇନଥିଲେ। ସମଗ୍ର ଭାରତବର୍ଷ, ଏହାର ନଦନଦୀ, ତୀର୍ଥସମୂହ ବନପର୍ବତ ପ୍ରଭୃତିକୁ ସେ ପ୍ରାଣଭରି ଭଲ ପାଉଥିଲେ। କେତେକଙ୍କ ମତରେ ସେ କେଦାରନାଥଠାରେ ମର ଶରୀର ତ୍ୟାଗ କରିଥିଲେ । ଜନ୍ମ ହୋଇଥିଲେ କେରଳର କାଲାଡିରେ ଏବଂ ସଂସାରରୁ ବିଦାୟ ନେଇଥିଲେ କେଦାରନାଥଠାରେ। ତାଙ୍କପାଇଁ କାଲାଡି ଯେତିକି ପ୍ରିୟ ପବିତ୍ର ହିମାଳୟ ମଧ୍ୟ ସେତିକି ପ୍ରିୟ। ଭାରତବର୍ଷର ପତ୍ୟେକ ଧୂଳିକଣା ଆମପାଇଁ ପବିତ୍ର। ଏହା ଦେବଭୂମି। ସନାତନ ଧର୍ମକୁ ପ୍ରଚାର କରାଯାଏ ନାହିଁ। ଖଣ୍ଡାଧାରରେ ଧର୍ମ ପ୍ରସାର କରିବା ଇତିହାସର ଏକ ଅଭିଶାପ। ଶଙ୍କରାଚାର୍ଯ୍ୟ ପ୍ରତିପକ୍ଷକୁ ନିଜର ବଳିଷ୍ଠ ଯୁକ୍ତି ଓ ଶାସ୍ତ୍ରଜ୍ଞାନ ଦ୍ୱାରା ପରାସ୍ତ କରୁଥିଲେ, ପ୍ରତିପକ୍ଷର

ହୃଦ୍‌ବୋଧ ହେଉଥିଲା ଯେ ଶଙ୍କରଙ୍କ ମତ ଯୁକ୍ତିଯୁକ୍ତ ଏବଂ ତତ୍‌ପରେ ସେମାନେ ଶଙ୍କରଙ୍କ ମତକୁ ଗ୍ରହଣ କରୁଥିଲେ। ଶଙ୍କରାଚାର୍ଯ୍ୟ ନିର୍ଗୁଣ ବ୍ରହ୍ମଙ୍କୁ ପରମ ସତ୍ୟ ବୋଲି ଗ୍ରହଣ କରିଥିଲେ ମଧ୍ୟ ସମସ୍ତଙ୍କର ଧର୍ମଭାବନାକୁ ସମ୍ମାନ ଜଣାଇଥିଲେ। ବିଭିନ୍ନ ଦେବଦେବୀଙ୍କୁ ସେ ବନ୍ଦନା କରିଛନ୍ତି। ତାଙ୍କ ରଚିତ ସ୍ତବଗୁଡିକ ସର୍ବତ୍ର ଆଦୃତ ହୋଇଛି। ଭାରତବର୍ଷରେ ଅନେକ ମତବାଦ ଗଢ଼ିଉଠିଛି। ମାତ୍ର ଏ ସମସ୍ତଙ୍କର ଲକ୍ଷ୍ୟ ଏକ ବୋଲି ସ୍ୱୀକାର କରାଯାଇଅଛି। ଯେଉଁଳି ବିଭିନ୍ନ ନଦୀ ସରଳ ବା ବକ୍ରପଥରେ ଗତିକରି ପରିଶେଷରେ ସାଗର ସହିତ ମିଳିତ ହୁଅନ୍ତି ସେହିପରି ଯିଏ ଯେଉଁମତକୁ ଗ୍ରହଣ କରୁ କିନ୍ତୁ ପରିଶେଷରେ ପରମାତ୍ମାଙ୍କୁ ଲାଭକରିବା ହିଁ ତାଙ୍କର ଧ୍ୟେୟ। ପୁଷ୍ପଦନ୍ତଙ୍କ ଦ୍ୱାରା ରଚିତ ଶିବମହିମ୍ନ ସ୍ତୋତ୍ରରେ ଏକ ଶ୍ଳୋକ ଏଠାରେ ଉଦ୍ଧାର କରାଯାଇପାରେ।

ଯଥା:-

"ତ୍ରୟୀ ସାଂଖ୍ୟଂ ଯୋଗଃ ପଶୁପତି ମତଂ ବୈଷ୍ଣବମିତି  
ପ୍ରଭିନ୍ନେ ପ୍ରସ୍ଥାନେ ପରମିଦ ମଦଃ ପଥ୍ୟମିତିଚ ।  
ରୁଚୀନାଂ ବୈଚିତ୍ର୍ୟାଦୃଜୁକୁଟିଳ ନାନାପଥଜୁଷାଂ  
ନୃଣାମେକୋ ଗମ୍ୟ ସ୍ତ୍ୱମସି ପୟସା ମିର୍ଣ୍ଣବା ଇବ

ପଦ୍ୟାନୁବାଦ-

ବେଦ ତ୍ରୟୀ, ସଂଖ୍ୟ ବୈଷ୍ଣବ ଶୈବଙ୍କ ମତ ଅଟେ ଭିନ୍ନ ଭିନ୍ନ  
ରୁଚିରେ ଆମର ବୈଚିତ୍ର୍ୟ ରହିଛି,ଏଣୁ ଏସବୁ ବିଭିନ୍ନ।  
ବକ୍ର ବା ସଳଖ ଭାବେ ବହି ନଦୀ ମିଳେ ଶେଷ ସାଗରରେ  
ସମସ୍ତ ତତ୍ତ୍ୱଙ୍କ ଲକ୍ଷ୍ୟ ପରା ଏକ ମିଳିବେ ପ୍ରଭୁଙ୍କଠାରେ ।

ଅଦ୍ୱୈତବାଦୀ ଶଙ୍କର ସମସ୍ତ ମତକୁ ସମ୍ମାନ ଦେଇ ଶିବ, ଭବାନୀ, ବିଷ୍ଣୁ, ଲକ୍ଷ୍ମୀ, ସୂର୍ଯ୍ୟ ଗଣେଶ ତଥା ବିଭିନ୍ନ ନଦୀଙ୍କର ବନ୍ଦନା କରିଛନ୍ତି। ସେ ସବୁ ମତକୁ ସମ୍ମାନ ଦେଇଛନ୍ତି । ତାଙ୍କର ଏ ଉଦାରତାକୁ ଲକ୍ଷ୍ୟକରି କେତେକ ତାଙ୍କୁ ପ୍ରଚ୍ଛନ୍ନ ବୌଦ୍ଧ ବୋଲି ମଧ୍ୟ କହିଛନ୍ତି, ଯଦିଓ ସେ ବୌଦ୍ଧ ମତକୁ ଖଣ୍ଡନ କରିଛନ୍ତି । ବୌଦ୍ଧ ଦର୍ଶନର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ବୋଲି ତାଙ୍କର ସମାଲୋଚକମାନେ କହନ୍ତି। ଶଙ୍କରଙ୍କର ଦୃଷ୍ଟିକୋଣ ବିଶାଳ ଥିଲା। ଶଙ୍କରାଚାର୍ଯ୍ୟ ବିଭିନ୍ନ ପୀଠ ସ୍ଥାପନ କରି ସମଗ୍ର ଭାରତ ବର୍ଷକୁ ଐକ୍ୟ ପାଶରେ ବାନ୍ଧି ଦେଇଛନ୍ତି। ସେ ଉତ୍ତର ଦକ୍ଷିଣ ପୂର୍ବ ଏବଂ ପଶ୍ଚିମର ଶେଷପ୍ରାନ୍ତରେ ମଠ ସ୍ଥାପନ କରିଥିଲେ। ଉତ୍ତରରେ ବଦ୍ରିନାଥ, ଦକ୍ଷିଣରେ ଶୃଙ୍ଗେରୀ, ପୂର୍ବରେ ପୁରୀ ଏବଂ ପଶ୍ଚିମରେ ଦ୍ୱାରକା ମଠ ସ୍ଥାପନ କରି ସନାତନ ଧର୍ମର ସମୃଦ୍ଧି ପାଇଁ ଯେଉଁ ଉଦ୍ୟମ କରିଥିଲେ ତାହା ଭାରତ ବର୍ଷର ଐକ୍ୟ ଏବଂ ସଂହତି କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ।

ଭାଷା ମାଧ୍ୟମରେ ଦେଶରେ ଐକ୍ୟ ସ୍ଥାପନ କରାଯାଇପାରେ। ଶଙ୍କରାଚାର୍ଯ୍ୟ ଜନମାନସରେ ଏଭଳି ଐକ ସ୍ଥାପନ କରିଛନ୍ତି ସରଳ ସଂସ୍କୃତ ଭାଷା ମାଧ୍ୟମରେ। ତାଙ୍କର ଅସାଧାରଣ କବିତ୍ୱ ଥିଲା। ତାଙ୍କର ରଚନା ଭାବୋଦ୍ଦୀପକ, ମାତ୍ର ଭାଷା ସରଳ। ତାଙ୍କର ଅନେକ ରଚନା ଅଛି ଯାହା ସାଧାରଣ ବ୍ୟକ୍ତି ବୁଝିବାକୁ ସକ୍ଷମ ହେବ। ସଂସ୍କୃତରେ ସାଧାରଣ ଜ୍ଞାନ ଥାଇ ମଧ୍ୟ ତାଙ୍କ ରଚନାକୁ ବୁଝିହେବ। ନିମ୍ନରେ କେତୋଟି ଉଦାହରଣ ଦେଉଛି । ପାଠକଗଣ ଜାଣି ପାରିବେ ଏହା କେତେ ସରଳ।

"ଭଜ ଗୋବିନ୍ଦଂ, ଭଜ ଗୋବିନ୍ଦଂ, ଗୋବିନ୍ଦଂ ଭଜ ମୂଢ଼ମତେ"

" ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ"

"ପୁନରପି ଜନନଂ, ପୁନରପି ମରଣଂ ପୁନରପି ଜନନୀ ଜଠରେ ଶୟନମ୍"

"ନଳିନୀ ଜଳଗତ ଦଳମତି ତରଳଂତଦବଜ୍ଜୀବନ ମତିଶୟ ଚପଳମ୍"

ଏଭଳି ଅନେକ ଉଦାହରଣ ଦିଆଯାଇପାରେ । ସରଳ ସଂସ୍କୃତ ଭାଷା ଭାରତର ରାଷ୍ଟ୍ରଭାଷା ହୋଇପାରି ଥାଆନ୍ତା । ମାତ୍ର ଧାର୍ମିକ ତଥା ରାଜନୈତିକ କାରଣରୁ ତାହା ସମ୍ଭବ ହେଲାନାହିଁ। କିନ୍ତୁ ଶଙ୍କରାଚାର୍ଯ୍ୟଙ୍କ ବ୍ୟବହୃତ ଭାଷା ମନରେ ଆଶା ଭରିଦିଏ ।

ଜାତି ଓ ଧର୍ମ ଦୃଷ୍ଟିରୁ ଦେଶରେ ସଂଘର୍ଷ ଘଟୁଅଛି। ଶଙ୍କରଙ୍କ ମତରେ ଯେଉଁବ୍ୟକ୍ତି ଜ୍ଞାନୀ ତାଙ୍କପାଇଁ ଜାତିର କୌଣସି ଗୁରୁତ୍ୱ ନାହିଁ । ଅନ୍ୟ ଭାବରେ କହିବାକୁ ଗଲେ ଜାତିପ୍ରଥା ଏକ ସାମାଜିକ ବ୍ୟବସ୍ଥା। ମାତ୍ର ବର୍ତ୍ତମାନ ସମାଜ ଏହାକୁ ସେଭଳି ଭାବରେ ଗ୍ରହଣ କରୁନାହିଁ । ଶଙ୍କରଙ୍କ ମତରେ ଯେଉଁବ୍ୟକ୍ତି ଯଥାର୍ଥ ଜ୍ଞାନର ଅଧିକାରୀ ସେ ଆମର ନମସ୍ୟ ଯେଉଁ ଜାତିର ସେ ହୁଅନ୍ତି ନା କାହିଁକି । ନିମ୍ନଶ୍ଳୋକରେ ଏହା ପ୍ରତିପାଦିତ ହୋଇଅଛି ।

"ବ୍ରହ୍ମୈବାହମିଦଂ ଜଗତ ସକଳଂ ଚିନ୍ମାତ୍ର ବିସ୍ତାରିତଂ
ସର୍ବଂ ଚୈଦଦବିଦ୍ୟୟା ତ୍ରିଗୁଣୟା ଶେଷଂ ମୟା କଳ୍ପିତମ୍
ଇତ୍ଥଂ ଯସ୍ୟ ଦୃଢ଼ା ମତିଃ ସୁଖତରେ ନିତ୍ୟେପରେ ନିର୍ମଳେ
ଚଣ୍ଡାଳୋସ୍ତୁ ସତୁ ଦ୍ୱିଜୋସ୍ତୁ ଗୁରୁରି ତ୍ୟେଷାମନୀଷା ମମ"

"ମୁଁ ବ୍ରହ୍ମ ଚୈନ୍ୟେମୟ, ସମଗ୍ର ଜଗତରେ ପରିବ୍ୟାପ୍ତ ତ୍ରିଗୁଣମୟୀ ଅବିଦ୍ୟାଦ୍ୱାରା ଜଗତର କଳ୍ପନା କରାଯାଇଛି । ଯେଉଁ ବ୍ୟକ୍ତି ସୁଖମୟ ନିତ୍ୟ ପରମ ନିର୍ମଳ ବ୍ରହ୍ମ ନିକଟରେ ଅଟଳ ବିଶ୍ୱାସ ରଖିପାରେ ସେ ଯିଏ ହୁଅନ୍ତୁ , ଚଣ୍ଡାଳ ହୁଅନ୍ତୁ ବା ବ୍ରାହ୍ମଣ ହୁଅନ୍ତୁ, ସେ ମୋର ଗୁରୁ।" ପୁନଶ୍ଚ ଶଙ୍କରଙ୍କ ଦର୍ଶନର ମୂଳମନ୍ତ୍ର ହେଉଛି ଯେ ଏକ ଆତ୍ମା ସର୍ବଘଟରେ ବିଦ୍ୟାମାନ ଏଣୁ ସମସ୍ତେ ସମାନ। ପାର୍ଥକ୍ୟ ଆସିଲା କେଉଁଠି । ସଂଘର୍ଷରେ କୌଣସି

ଅବକାଶ ନାହିଁ । ଏଣୁ ଶଙ୍କର ଦର୍ଶନର ଯଥାର୍ଥ ଅନୁଶୀଳନ ଜାତି ଓ ଧର୍ମକୁ ନେଇ ଯେଉଁ ସଂଘର୍ଷ ଦେଖା ଦେଇଛି ତାହାର ଅବସାନ ଘଟାଇବ। ଶଙ୍କରାଚାର୍ଯ୍ୟଙ୍କ ଜୀବନକାଳ ମଧ୍ୟରେ ଜାତୀୟ ସଂଘର୍ଷ ଭଳି ସମସ୍ୟା ବିଷୟରେ କେହି ଆଲୋଚନା କରୁନଥିଲେ ବା ଏହା ଏକ ମୁଖ୍ୟ ପ୍ରସଙ୍ଗ ନଥିଲା । କିନ୍ତୁ ସମୟ ବଦଳି ଯାଇଛି । ଏବେ ଦେଶରେ ବିଭିନ୍ନ ଧର୍ମ, ବିଭିନ୍ନ ଭାଷାର ପ୍ରଚଳନ ସଙ୍ଗେ ଆଞ୍ଚଳିକ ଦଳ ମଧ୍ୟ ଗଢ଼ି ଉଠିଲେଣି। ବିଭିନ୍ନ ରାଜନୈତିକ ମତବାଦ ମଧ୍ୟ ଦେଶରେ ସଂଘର୍ଷ ସୃଷ୍ଟି କରୁଛି । କିନ୍ତୁ ଏଠାରେ ମନେ ରଖିବା ଉଚିତ୍ ଯେ ସ୍ୱାଧୀନ ଭାରତରେ ଆମେ ଏ ସବୁର ବିରୋଧ ନ କଲେ ମଧ୍ୟ ଆମର କଥା ବା କାର୍ଯ୍ୟରେ ଏଭଳି କିଛି କରିବା ଉଚିତ୍ ହେବ ନାହିଁ; ଯାହା ଆମ ଦେଶକୁ ଦୁର୍ବଳ କରିଦେବ । ଭାରତ ବର୍ଷର ସଂହତି ପ୍ରତି ସମସ୍ତଙ୍କର ପ୍ରତିବଦ୍ଧତା ରହିବା ଉଚିତ୍। ଶଙ୍କର ଦର୍ଶନ ଆମକୁ ଏ କ୍ଷେତ୍ରରେ ପ୍ରେରଣା ଦିଏ ।

✶✶✶

# ପ୍ରଭୁ ଶ୍ରୀଜଗନ୍ନାଥ ଓ ଆଚାର୍ଯ୍ୟ ଶଙ୍କର

ଆଚାର୍ଯ୍ୟ ଶଙ୍କର ଶ୍ରୀକ୍ଷେତ୍ରରେ ପ୍ରବେଶ କରି ଦେଖିଲେ ଯେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ମନ୍ଦିର ଭିତରେ ନାହାନ୍ତି। ଅନୁସନ୍ଧାନରୁ ଜଣାଗଲା ଯେ ରକ୍ତବାହୁର ଆକ୍ରମଣରୁ ରକ୍ଷାକରିବାକୁ ତ୍ରିମୂର୍ତ୍ତିଙ୍କ ବିଗ୍ରହମାନଙ୍କୁ ନିଆଯାଇ ସୋନପୁର ପାଖରେ ପାତାଳୀ କରାଯାଇଛି। ଯେଉଁ ସ୍ଥାନରେ ମୂର୍ତ୍ତିମାନଙ୍କୁ ଭୂମି ମଧ୍ୟରେ ପୋତା ଯାଇଥିଲା ତା ଉପରେ ଗୋଟିଏ ବଟବୃକ୍ଷ ଲଗା ଯାଇଥିଲା। ଶ୍ରୀଶଙ୍କରାଚାର୍ଯ୍ୟ ଉତ୍କଳର ତତ୍‌କାଳୀନ ଶାସକଙ୍କୁ ମୂର୍ତ୍ତିଗୁଡ଼ିକ ଆଣି ପୁନଃ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଥିଲେ। ତାଙ୍କରି ନିର୍ଦ୍ଦେଶରେ ବଟବୃକ୍ଷକୁ ଛେଦନ କରାଯାଇ ବିଗ୍ରହ ମାନଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର ବିଗ୍ରହମାନେ କୀଟଦ୍ରଂଷ୍ଟ ହୋଇ ଯାଇଥିବାରୁ ଏମାନଙ୍କର ପୁନଃ ନିର୍ମାଣ ଏବଂ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା କରାଗଲା । ମୂର୍ତ୍ତିମାନଙ୍କର ପ୍ରତିଷ୍ଠା ନିମିତ୍ତ ଏକ ବିରାଟ ଯଜ୍ଞର ମଧ୍ୟ ଆୟୋଜନ କରାଯାଇଥିଲା। ଆଗ ଯାଜପୁରରେ ବିଗ୍ରହମାନଙ୍କୁ ପ୍ରତିଷ୍ଠା କରାଯାଇ ପରେ ଶ୍ରୀକ୍ଷେତ୍ରକୁ ଅଣା ଯାଇଥିଲା। ଏଥିପାଇଁ ନେପାଳରୁ ସେଠାକାର ରାଜାଙ୍କର ସହାୟତାରେ ଏକ ଲକ୍ଷ ଜୀବନ୍ତ ଶାଳଗ୍ରାମ ଅଣା ଯାଇଥିଲା। ନେପାଳ ରାଜାଙ୍କର ଏ ସହଯୋଗ ଯୋଗୁଁ ତାଙ୍କୁ ମନ୍ଦିର ମଧ୍ୟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବାର ଅଧିକାର ଦିଆଯାଇଛି। ଉତ୍କଳର ଗଜପତିଙ୍କ ଭଳି ଏ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର କିଛି ସୁବିଧା ରହିଛି। ବିଗ୍ରହମାନଙ୍କର ପ୍ରତିଷ୍ଠା ତଥା ମନ୍ଦିରରେ ତାଙ୍କର ପୁନଃ ସଂସ୍ଥାପନା ଆଚାର୍ଯ୍ୟ ଶଙ୍କରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଶୁଣାଯାଏ ଉତ୍କଳର ଶାସକ ଯଯାତିକେଶରୀ ୩୮ ହାତ ଉଚ୍ଚର ମନ୍ଦିର ନିର୍ମାଣ କରିଥିଲେ। ଶ୍ରୀଶଙ୍କରାଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କର ପ୍ରିୟଶିଷ୍ୟ ପଦ୍ମପାଦଙ୍କ ଦ୍ୱାରା ରତ୍ନସିଂହାସନରେ ବିଗ୍ରହମାନଙ୍କୁ ସଂସ୍ଥାପିତ କରାଯାଇଥିଲା। ସେଦିନ ଥିଲା ଶ୍ରାବଣ ଅମାବାସ୍ୟା। ଶ୍ରୀଜଗନ୍ନାଥଙ୍କର ପଟ୍ଟାଭିଷେକ କରାଯାଇ ହୀରାଚିତା ଲଗାଯାଇଥିଲା। ସେହି ଦିନଠାରୁ ଆଜିପର୍ଯ୍ୟନ୍ତ ଶ୍ରାବଣ ଅମାବାସ୍ୟା ଦିନ ହୀରାଚିତା ଲାଗି କରାଯାଉଅଛି। ଏହାକୁ ଚିତାଲାଗି  ଅମାବାସ୍ୟ ବୋଲି କୁହାଯାଏ। ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ପ୍ରଥମ ଆଳତି କରିଥିଲେ। ଏହାଥିଲା ଭକ୍ତମାନଙ୍କ ପାଇଁ ଏକ ପବିତ୍ର ତଥା ସ୍ମରଣୀୟ ଦିନ। ଆଚାର୍ଯ୍ୟଶଙ୍କର ରତ୍ନସିଂହାସନରେ ପ୍ରଭୁଙ୍କୁ ସଂସ୍ଥାପିତ କରାଇ ତାଙ୍କର ଅନ୍ନପ୍ରସାଦର ବ୍ୟବସ୍ଥା ମଧ୍ୟ କରିଥିଲେ।

ଗୋବର୍ଦ୍ଧନ ପୀଠରେ ଶଙ୍କରାଚାର୍ଯ୍ୟ ତାଙ୍କର ପ୍ରିୟଶିଷ୍ୟ ପଦ୍ମପାଦଙ୍କୁ ଅଧିଷ୍ଠିତ କରାଇଥିଲେ। ମନ୍ଦିରର ସେବାବିଧି ଓ ଅନ୍ୟାନ୍ୟ କାର୍ଯ୍ୟରେ ସଂଶୟ ଉପୁଜିଲେ ଗୋବର୍ଦ୍ଧନ

ପୀଠର ଶଙ୍କରାଚାର୍ଯ୍ୟଙ୍କ ମତକୁ ଗ୍ରହଣ କରାଯାଏ। ଏ କ୍ଷେତ୍ରର ଶେଷନିଷ୍ପତ୍ତି ନେବାର ଅଧିକାର ତାଙ୍କର ରହିଛି। ପୁରୀ ମୁକ୍ତିମଣ୍ଡପର ସେ ହେଉଛନ୍ତି ସ୍ଥାୟୀ ସଭାପତି। ଅବଶ୍ୟ ସେ ସବୁବେଳେ ଆସି ପାରିବେ ନାହିଁ। ଏଣୁ ଜଣେ କାର୍ଯ୍ୟନିର୍ବାହୀ ସଭାପତି ରହିଅଛନ୍ତି। ଶଙ୍କରାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ସେବା ବିଧିରେ ସ୍ମାର୍ତ୍ତରୀତି ପ୍ରଚଳନ କରାଇଥିଲେ।

ଶଙ୍କରାଚାର୍ଯ୍ୟ ପୁରୀଠାରେ ଯେଭଳି ପୀଠ ସ୍ଥାପନ କରିଥିଲେ ସେହିଭଳି ଉତ୍ତରରେ ବଦ୍ରିନାଥ, ଦକ୍ଷିଣରେ ରାମେଶ୍ୱର ଏବଂ ପଶ୍ଚିମରେ ଦ୍ୱାରକାଠାରେ ମଧ୍ୟ ପୀଠସ୍ଥାପନ କରିଥିଲେ। ତେବେ ଏ ପୀଠଗୁଡ଼ିକ ଯେଉଁଭଳି ଭାବରେ ସେ ସ୍ଥାପନ କରିଥିଲେ ତାହାର ଏକ ନିର୍ଦ୍ଦିଷ୍ଟ ଆଧାର ଥିଲା। ଏହା ନିମ୍ନ ସାରଣୀର ଦିଆଯାଇଛି।

## ମଠ ପ୍ରତିଷ୍ଠାର୍ ପରି୍ଚୟ

| ଦିଗ/ ଆଚାର୍ଯ୍ୟ | ମଠର ନାମ/ ତୀର୍ଥ | କ୍ଷେତ୍ର ନାମ/ ବେଦ | ଅଧିଷ୍ଠିତ ଦେବ | ଦେବୀ |
|---|---|---|---|---|
| ପୂର୍ବ<br>ପଦ୍ମପାଦ | ଗୋବର୍ଦ୍ଧନ<br>ମହୋଦଧି | ପୁରଷୋତ୍ତମ<br>ଋକ୍‌ବେଦ | ଜଗନ୍ନାଥ | ବିମଳା |
| ପଶ୍ଚିମ<br>ସୁରେଶ୍ୱର | ଶାରଦାମଠ<br>ଗୋମତ ନଦୀ | ଦ୍ୱାରକା<br>ସାମବେଦ | ସିଦ୍ଧେଶ୍ୱର | ରକ୍ତକାଳୀ |
| ଉତ୍ତର<br>ତ୍ରୋଟକ | ଜ୍ୟୋତିମଠ<br>ଅଳକା ନନ୍ଦା | ବଦ୍ରିକା<br>ଅଥର୍ବବେଦ | ନାରାୟଣ | ପୂର୍ଣ୍ଣଗିରି |
| ଦକ୍ଷିଣ<br>ହସ୍ତାମଳକ | ଶୃଙ୍ଗେରୀ ମଠ<br>ତୁଙ୍ଗଭଦ୍ରା | ରାମେଶ୍ୱର<br>ଯଜୁର୍ବେଦ | ଆଦିବରାହ | ଶାରଦା |

## ମହାବାକ୍ୟ

| | |
|---|---|
| ପ୍ରଜ୍ଞାନବ୍ରହ୍ମ | ଜଗନ୍ନାଥ ଧାମ, ପୁରୀ |
| ତତ୍ତ୍ୱମସି | ଦ୍ୱାରକା |
| ଅୟମାତ୍ମା ବ୍ରହ୍ମ | ବଦ୍ରିକା |
| ଅହଂବ୍ରହ୍ମାସ୍ମି | ଶୃଙ୍ଗେରୀ |

ଏଭଳି ମଠସ୍ଥାପନ କରି ଶଙ୍କରାଚାର୍ଯ୍ୟ କେବଳ ସନାତନ ଧର୍ମର ଭିତ୍ତିଭୂମିକୁ ଯେ ସୁଦୃଢ କରିଥିଲେ ତାହା ନୁହେଁ ସେ ସମଗ୍ର ଭାରତ ବର୍ଷର ଐକ୍ୟ ଓ ସଂହତି ସ୍ଥାପନ କରିଥିଲେ।

# ବିଶ୍ୱାମିତ୍ରଙ୍କର ବ୍ରହ୍ମର୍ଷିପଦ ଲାଭ

ବିଶ୍ୱାମିତ୍ର ଥରେ ବିଶ୍ୱ ଭ୍ରମଣରେ ବାହାରିଥିଲେ। ସେହି କ୍ରମରେ ସେ ଆସି ବଶିଷ୍ଠଙ୍କ ଆଶ୍ରମରେ ପହଞ୍ଚିଲେ। ତାଙ୍କର ଏକ ବିଶାଳ ସୈନ୍ୟବାହିନୀ ତାଙ୍କ ସହିତ ଆସିଥିଲେ। ବିଶ୍ୱାମିତ୍ର ଆଶ୍ରମ ମଧ୍ୟକୁ ଯାଇ ବଶିଷ୍ଠଙ୍କୁ ଗଭୀର ଭକ୍ତିର ସହିତ ପ୍ରଣାମ ଜଣାଇଲେ। ଆଶ୍ରମର ଶୋଭା ତଥା ପବିତ୍ରତାରେ ବିଶ୍ୱାମିତ୍ର ମୁଗ୍ଧ ହୋଇଗଲେ। ପ୍ରକୃତି କୋଳରେ ଆଶ୍ରମଟି ଥିଲା ଅତ୍ୟନ୍ତ ରମଣୀୟ। ଏଠାରେ ତପସ୍ୱୀଗଣ ବେଦମନ୍ତ୍ର ଉଚ୍ଚାରଣ କରୁଥିଲେ। କେତେକ ମଧ୍ୟ ଅଧ୍ୟୟନରତ ଥିଲେ। ଏ ଆଶ୍ରମର ମୁଖ୍ୟଥିଲେ ବଶିଷ୍ଠ। ବଶିଷ୍ଠ ଥିଲେ ଜଣେ ମହାନ୍ ତପସ୍ୱୀ ତଥା ସାଧକ। ସେ ମଧ୍ୟ ଇକ୍ଷାକୁବଂଶର ଗୁରୁଥିଲେ। ବଶିଷ୍ଠ; ବିଶ୍ୱାମିତ୍ର ତଥା ତାଙ୍କସହିତ ଯେଉଁମାନେ ଆସିଥିଲେ ସେମାନଙ୍କର ସୁନ୍ଦର ଚର୍ଚ୍ଚାକଲେ। ସେମାନଙ୍କୁ ଫଳମୂଳରେ ଆପ୍ୟାୟିତ କଲେ। ବଶିଷ୍ଠ ଏବଂ ବିଶ୍ୱାମିତ୍ରଙ୍କ ମଧ୍ୟରେ କଥୋପକଥନ ହେତୁ କ୍ରମେକ୍ରମେ ମୈତ୍ରୀଭାବ ଜାଗ୍ରତ ହେଲା। ବଶିଷ୍ଠ; ବିଶ୍ୱାମିତ୍ରଙ୍କୁ ଆପ୍ୟାୟିତ କରିବାପାଇଁ ଗୋଟିଏ ଭୋଜିର ଆୟୋଜନ କଲେ। ପ୍ରଥମେ ବିଶ୍ୱାମିତ୍ର ଏ ଭୋଜି ଆୟୋଜନ ନକରିବାକୁ ବଶିଷ୍ଠଙ୍କୁ ଅନୁରୋଧ କରିଥିଲେ। କାରଣ ସେ ଭାବିଥିଲେ ଯେ ଜଣେ ଋଷି ଆଶ୍ରମରେ ଏତେ ବଡ଼ ଭୋଜିର ଆୟୋଜନ କିପରି କରିବେ ? ମାତ୍ର ବଶିଷ୍ଠ ଏହା ସମ୍ଭବ ହୋଇ ପାରିବ ବୋଲି ତାହାଙ୍କୁ ବୁଝାଇ ଦେଇଥିଲେ। ବଶିଷ୍ଠଙ୍କର ଏକ ଧେନୁ ଥିଲା। ତାର ନାମ କପିଳା। ସେ କାମଧେନୁ ସଦୃଶ। କପିଳାର ଅଦ୍‌ଭୁତ ଶକ୍ତି ଥିଲା। ସେ ଭୋଜିର ଖାଦ୍ୟସାମଗ୍ରୀ ନିଜର ଶକ୍ତି ବଳରେ ସୃଷ୍ଟି କରିଥିଲେ। ବିଶ୍ୱାମିତ୍ର ତଥା ତାଙ୍କର ସମସ୍ତ ଅନୁଚରବର୍ଗ ଏ ଭୋଜିରେ ସନ୍ତୋଷ ଲାଭ କରିଥିଲେ।

କପିଳାର ଏ ଅଦ୍‌ଭୁତ ଶକ୍ତି ଦେଖି ବିଶ୍ୱାମିତ୍ରଙ୍କ ମନରେ ଲୋଭ ଆସିଲା। ସେ ବଶିଷ୍ଠଙ୍କୁ ଅନୁରୋଧ କରିଥିଲେ ଯେ ତାଙ୍କର ଏ ଧେନୁ କପିଳାକୁ ଦେବା ପାଇଁ। ଏହା ବଦଳରେ ସେ ବଶିଷ୍ଠଙ୍କୁ ହଜାର ହଜାର ଧେନୁ ତଥା ଅନ୍ୟାନ୍ୟ ବହୁ ମୂଲ୍ୟବାନ ସାମଗ୍ରୀ ଦେବେ। ମାତ୍ର ବଶିଷ୍ଠ ଏଥିରେ ରାଜି ହୋଇ ନଥିଲେ। କାରଣ କପିଳା ଥିଲେ ତାଙ୍କର ପ୍ରାଣ। କପିଳା କ୍ଷୀରରୁ ପ୍ରସ୍ତୁତ ଦ୍ରବ୍ୟ ଆଶ୍ରମର ଯଜ୍ଞକାର୍ଯ୍ୟରେ ବିନିଯୋଗ ହେଉଥିଲା। କିନ୍ତୁ ବିଶ୍ୱାମିତ୍ର ନିଜର ଜିଦ୍‌ରେ ଅଟଳ ରହିଲେ। ଶେଷରେ ସେ ବଳ ପ୍ରୟୋଗ କରି କପିଳାଙ୍କୁ ନେବା ପାଇଁ ଉଦ୍ୟମ କଲେ। କପିଳା ଅତ୍ୟନ୍ତ ଅସହାୟ ହୋଇ କାନ୍ଦି ଉଠିଲେ ଏବଂ ବଶିଷ୍ଠଙ୍କୁ ତାଙ୍କୁ ରକ୍ଷା କରିବା ପାଇଁ ପ୍ରାର୍ଥନା କଲେ। ବଶିଷ୍ଠ କପିଳାଙ୍କୁ କହିଲେ ଯେ ବିଶ୍ୱାମିତ୍ରଙ୍କର ବିଶାଳ ସୈନବାହିନୀ ଅଛନ୍ତି। ସେ ଅତ୍ୟନ୍ତ ବଳଶାଳୀ। ଏଣୁ କପିଳା ଯଦି

ସମ୍ଭବ ନିଜକୁ ରକ୍ଷାକରନ୍ତୁ। କାରଣ ସେ ଅଦ୍ଭୁତଶକ୍ତିର ଅଧିକାରିଣୀ। ହଠାତ୍ କପିଳା ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଲକ୍ଷ ଲକ୍ଷ ସୈନ୍ୟ ସୃଷ୍ଟି କଲେ ଏବଂ ବିଶ୍ୱାମିତ୍ରଙ୍କର ବିରାଟ ସୈନ୍ୟ ବାହିନୀକୁ ଧ୍ୱଂସ କରିଦେଲେ। ବିଶ୍ୱାମିତ୍ରଙ୍କର ସମସ୍ତ ଶକ୍ତି ବଶିଷ୍ଠଙ୍କର ବ୍ରହ୍ମଶକ୍ତି ଆଗରେ ନିଷ୍ପ୍ରଭ ହୋଇଥିଲା। ବିଶ୍ୱାମିତ୍ର ଏଥିରେ ଅପମାନିତ ବୋଧ କରି ବଶିଷ୍ଠଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଶିବଙ୍କୁ କଠୋର ତପସ୍ୟା କଲେ। ଶିବ ତାଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅନେକ ଅସ୍ତ୍ରଶସ୍ତ୍ର ଦେଲେ। ବିଶ୍ୱାମିତ୍ର ପୁନର୍ବାର ଆସି ବଶିଷ୍ଠଙ୍କ ସହିତ ଯୁଦ୍ଧ କଲେ। କିନ୍ତୁ ବଶିଷ୍ଠଙ୍କର ବ୍ରହ୍ମଦଣ୍ଡଆଗରେ ଏ ସମସ୍ତ ଅସ୍ତ୍ର ଅକାମି ହୋଇଥିଲା। ବିଶ୍ୱାମିତ୍ର ସମ୍ପୂର୍ଣ୍ଣ ଭାବରେ ପରାସ୍ତ ହୋଇଗଲେ। ବିଶ୍ୱାମିତ୍ର ଅନୁଭବ କଲେ ଯେ ବ୍ରହ୍ମଶକ୍ତି ଆଗରେ କ୍ଷତ୍ରିୟ ଶକ୍ତି ଅତ୍ୟନ୍ତ ନ୍ୟୂନ ଅଟେ। ଏଣୁ ସେ ନିଜର ଗୋଟିଏ ପୁଅକୁ ରାଜ୍ୟଭାର ଦେଇ ତପସ୍ୟା କରିବାକୁ ଘୋର ଅରଣ୍ୟକୁ ଚାଲି ଗଲେ। ତାଙ୍କ ତପସ୍ୟାର ଲକ୍ଷ୍ୟ ହେଲା ସେ କିପରି ବ୍ରହ୍ମର୍ଷି ହେବେ ? ସେ କଠୋର ତପସ୍ୟାକରି ଅନେକ ସିଦ୍ଧିପାପ୍ତ ମଧ୍ୟ ହେଲେ। ମାତ୍ର ବ୍ରହ୍ମର୍ଷି ନହେଲା ପର୍ଯ୍ୟନ୍ତ ସେ ତପସ୍ୟାରୁ ବିରତ ହେଲେ ନାହିଁ।

ଏହି ସମୟରେ ଇକ୍ଷାକୁ ବଂଶର ଜଣେ ରାଜା ତ୍ରିଶଙ୍କୁ ସ୍ୱଦେହରେ ସ୍ୱର୍ଗକୁ ଯିବା ପାଇଁ ଇଚ୍ଛାକରି ନିଜର କୁଳଗୁରୁ ବଶିଷ୍ଠଙ୍କ ପାଖକୁ ଯାଇଥିଲେ। ମାତ୍ର ବଶିଷ୍ଠ ତାଙ୍କୁ ଏଥିରୁ କ୍ଷାନ୍ତ ରହିବା ପାଇଁ ପରାମର୍ଶ ଦେଲେ। କାରଣ ସ୍ୱଦେହରେ ସ୍ୱର୍ଗକୁ ଯିବା ସମ୍ଭବ ନୁହେଁ। ବଶିଷ୍ଠ ସ୍ପଷ୍ଟ ରୂପେ ମନା କରିଦେବାରୁ ସେ ତାଙ୍କର ପୁତ୍ରମାନଙ୍କ ପାଖକୁ ଗଲେ। ମାତ୍ର ସେମାନେ ମଧ୍ୟ ମନା କରି ଦେଲେ। ଯାହାଫଳରେ ସେ ଅନ୍ୟ ଗୁରୁ ଖୋଜିବେ ବୋଲି କହିବାରୁ ବଶିଷ୍ଠଙ୍କର ପୁତ୍ର ତାଙ୍କୁ ଚଣ୍ଡାଳ ହେବା ପାଇଁ ଅଭିଶାପ ଦେଲେ। ତ୍ରିଶଙ୍କୁ ତତ୍କ୍ଷଣାତ୍ ଚଣ୍ଡାଳର ରୂପ ଧାରଣ କଲେ। ଏଭଳି ଦୟନୀୟ ଅବସ୍ଥାରେ ସେ ବାଧ୍ୟହୋଇ ବିଶ୍ୱାମିତ୍ରଙ୍କର ଶରଣାପନ୍ନ ହେଲେ। ବିଶ୍ୱାମିତ୍ରଙ୍କର ବଶିଷ୍ଠଙ୍କ ଉପରେ ରାଗ ଥିଲା।ଏଣୁ ସେ ଏଥିରେ ରାଜି ହୋଇଗଲେ ଏବଂ ଏକ ଯଜ୍ଞ ମଧ୍ୟ ଆୟୋଜନ କଲେ। ବିଶ୍ୱାମିତ୍ରଙ୍କର ଅଭିଶାପ ଭୟରେ ଅନ୍ୟାନ୍ୟ ଋଷିମାନେ ମଧ୍ୟ ଏ ଯଜ୍ଞରେ ଯୋଗ ଦେଲେ। କିନ୍ତୁ ଯଜ୍ଞରେ ଦେବତାମାନେ ଚରୁ ଗ୍ରହଣ କଲେ ନାହିଁ। କାରଣ ଏ ଯଜ୍ଞ ବିଧିସମ୍ମତ ନଥିଲା। କିନ୍ତୁ ଅତ୍ୟନ୍ତ କ୍ରୋଧି ବିଶ୍ୱାମିତ୍ର ନିଜର ଜିଦ୍‌ରେ ଅଟଳ ହୋଇ ତ୍ରିଶଙ୍କୁଙ୍କୁ ସ୍ୱଦେହରେ ସ୍ୱର୍ଗକୁ ପଠାଇ ଦେଲେ। ମାତ୍ର ଇନ୍ଦ୍ର ଏଥିରେ କ୍ରୁଦ୍ଧ ହୋଇ ତ୍ରିଶଙ୍କଙ୍କୁ ଅଧୋଗାମୀ ହେବା ପାଇଁ ଅଭିଶାପ ଦେଇଦେଲେ। ଫଳରେ ତ୍ରିଶଙ୍କୁ ଅଧାବାଟରେ ନିମ୍ନମୁଖୀ ହୋଇରହିଲେ। ମାତ୍ର କ୍ରୋଧୀ ବିଶ୍ୱାମିତ୍ର ପୁନର୍ବାର ନିଜର ତପସ୍ୟା ଦ୍ୱାରା ଏକ ସ୍ୱର୍ଗ ସୃଷ୍ଟି କଲେ। ସେଠାରେ ତ୍ରିଶଙ୍କୁ ରହିଲେ। କିନ୍ତୁ ଏସବୁ ସତ୍ତ୍ୱେ ସେ ବ୍ରହ୍ମର୍ଷି ହୋଇପାରିନଥିଲେ।

ଏହାପରେ ଅନ୍ୟଏକ ଘଟଣା ଘଟିଗଲା। ରାଜା କଲ୍ୟାଣପଦ ଏକ ଯଜ୍ଞ ଆୟୋଜନ କଲେ। କୁଳଗୁରୁ ବଶିଷ୍ଠଙ୍କୁ ନିମନ୍ତ୍ରଣ କଲେ। କିନ୍ତୁ ବଶିଷ୍ଠ ସେ ସମୟରେ ଆସି ନପାରି ପରେ ଆସିବେ ବୋଲି କହିଲେ। ଏଥିରେ କଲ୍ୟାଣପଦ ଅନ୍ୟ ଆଚାର୍ଯ୍ୟଙ୍କୁ ବରଣ କରିବେ ବୋଲି ମନସ୍ଥ କଲେ । ଏଥିପାଇଁ ସେ ବିଶ୍ୱାମିତ୍ରଙ୍କୁ ସାଙ୍ଗରେ ଆଣିଲେ।

ଆସିବା ସମୟରେ ବଶିଷ୍ଠଙ୍କ ପୁତ୍ର ଶକ୍ତିଙ୍କ ସହିତ ଦେଖାହେଲା । ଶକ୍ତି ଓ ରାଜାଙ୍କ ମଧ୍ୟରେ ସାମାନ୍ୟ ଘଟଣାକୁ ନେଇ ବିବାଦ ଆରମ୍ଭ ହୋଇଗଲା। କ୍ରୋଧରେ ରାଜା ଶକ୍ତିଙ୍କୁ ଆଘାତ କଲେ। ଶକ୍ତି କ୍ରୋଧରେ ଅଭିଶାପ ଦେଲେ ଯେ ରାଜା କଲ୍ୟାଣପଦ ଏକ ନିଶାଚର ହୋଇଯାଆନ୍ତୁ। ରାଜା ଶକ୍ତିଙ୍କୁ କ୍ଷମାପାଇଁ ଆବେଦନ କରିବାକୁ ଯାଉଥିଲେ, ମାତ୍ର ବିଶ୍ୱାମିତ୍ର ଏଭଳି ଏକ ମଉକା ହାତଛଡା କରି ନଥିଲେ। ସେ ଏକ ନିଶାଚରକୁ ଆଣି ରାଜାଙ୍କ ଶରୀର ମଧ୍ୟରେ ପ୍ରବେଶ କରାଇଦେଲେ। ଏହି ନିଶାଚର, ଶକ୍ତିଙ୍କୁ କେବଳ ନୁହେଁ ବଶିଷ୍ଠଙ୍କ ଅନ୍ୟପୁତ୍ର ମାନଙ୍କୁ ମଧ୍ୟ ବଧ କରିଦେଲେ। ଏହା ବଶିଷ୍ଠଙ୍କୁ ଦାରୁଣ ଆଘାତ ଦେଲା। ଏ ଦୁଃଖ ସହ୍ୟକରିବା ତାଙ୍କ ପକ୍ଷରେ ଅସମ୍ଭବ ଜଣା ପଡିଲା। ପରିଶେଷରେ ଜୀବନର ଅନ୍ତ ଘଟାଇବାକୁ ସେ ଚିନ୍ତାକଲେ। ସେ ଅଗ୍ନିରେ ପ୍ରବେଶକଲେ, ଅଗ୍ନି ଶୀତଳ ହୋଇଗଲା।ନଦୀରେ ପ୍ରବେଶ କଲେ ନଦୀ ଶୁଷ୍କ ହୋଇଗଲା। ପର୍ବତରୁ ତଳକୁ ଲମ୍ଫପ୍ରଦାନକଲେ, ଭୂମି କୋମଳ ହୋଇଗଲା।କୌଣସି ପ୍ରକାରେ ତାଙ୍କର ମୃତ୍ୟୁ ଘଟିଲା ନାହିଁ। ମହାତ୍ମା ବଶିଷ୍ଠଙ୍କର ମୃତ୍ୟୁର କିଏବା କାରଣ ହେବ? ଏହି ସମୟରେ ଜଣେ ନାରୀଙ୍କୁ ବଶିଷ୍ଠ ଦେଖିଲେ । ସେ ତାଙ୍କର ପୁତ୍ରବଧୂ ଥିଲେ ଏବଂ ତାଙ୍କର ଗର୍ଭସ୍ଥ ସନ୍ତାନର ଧ୍ୱନି ସେ ଶୁଣି ପାରିଲେ। ସେ ଆଶ୍ୱସ୍ତ ହେଲେ ଯେ ତାଙ୍କର କୁଳ ରକ୍ଷା ହୋଇପାରିବ।ପରିଶେଷରେ ପୁତ୍ରବଧୂଙ୍କୁ ଧରି ସେ ଆଶ୍ରମକୁ ଚାଲିଆସଲେ।

ଏଣେ ବିଶ୍ୱାମିତ୍ର କଠୋର ତପସ୍ୟା କରୁଥାଆନ୍ତି । ତାଙ୍କର ତପସ୍ୟା ଭଙ୍ଗ କରିବା ପାଇଁ ଇନ୍ଦ୍ର ମେନକାଙ୍କୁ ପଠାଇଥିଲେ। ବିଶ୍ୱାମିତ୍ର ମେନକାଙ୍କ ସୌନ୍ଦର୍ଯ୍ୟରେ ମୋହିତ ହୋଇ ତପସ୍ୟାରୁ କ୍ଷାନ୍ତ ହେଲେ ଏବଂ ଆଶ୍ରମରେ ତାଙ୍କ ସହିତ ଦଶବର୍ଷକାଳ ରହିଥିଲେ। ଶକୁନ୍ତଳା, ମେନକାଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। କିନ୍ତୁ ବିଶ୍ୱାମିତ୍ର ନିଜର ସ୍ଖଳନ ପାଇଁ ଅନୁତାପ କଲେ ଏବଂ ଏମାନଙ୍କୁ ତ୍ୟାଗକରି କଠୋର ତପସ୍ୟାରେ ନିମଗ୍ନ ରହିଲେ। ସେ ବହୁବର୍ଷ ଧରି କଠୋର ସାଧନା କଲେ। ପରିଶେଷରେ ବ୍ରହ୍ମା ବିଶ୍ୱାମିତ୍ରଙ୍କ ନିକଟରେ ଆବିର୍ଭୂତ ହୋଇ ତାଙ୍କର ତପସ୍ୟା ସଫଳ ହୋଇଛି ବୋଲି ତାଙ୍କୁ ବର ପ୍ରଦାନ କଲେ। ମାତ୍ର ବିଶ୍ୱାମିତ୍ରଙ୍କର ଏକା ଜିଦ୍ ଯେ ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ବୋଲି ସ୍ୱୀକାର କରିବେ। ସେ ଏଭଳି ବର ପାଇଲେ ଯେ, ଯଦି ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ବୋଲି ସ୍ୱୀକାର ନ କରନ୍ତି ତେବେ ସେ ବଶିଷ୍ଠଙ୍କ ଆଡ଼କୁ ପଛକରି ବୁଲିଗଲେ ବଶିଷ୍ଠ ଧ୍ୱଂସ ହୋଇଯିବେ।

ଏହାପରେ ପରୀକ୍ଷା କରିବା ପାଇଁ ବିଶ୍ୱାମିତ୍ର ବଶିଷ୍ଠଙ୍କ ଆଶ୍ରମକୁ ଗଲେ। ପୂର୍ବପରି ବଶିଷ୍ଠ ତାଙ୍କୁ ରାଜର୍ଷି ବୋଲି ସମ୍ବୋଧନ କଲେ। ହଠାତ୍ ବରପ୍ରାପ୍ତି କଥା ମନେପକାଇ ବିଶ୍ୱାମିତ୍ର ବଶିଷ୍ଠଙ୍କ ଆଡ଼କୁ ପଛକରି ବୁଲିଯିବାକୁ ଭାବୁଛନ୍ତି, ଏହି ସମୟରେ ତାଙ୍କ ମନରେ ଏହିଭାବ ଆସିଲା ଯେ, ବଶିଷ୍ଠଙ୍କଭଳି ଜଣେ ମହାନ୍ ତପସ୍ୱୀ ତଥା ମହାତ୍ମାଙ୍କର ମୃତ୍ୟୁ ଘଟାଇ ତାଙ୍କର କଣ ଲାଭହେବ ?ଏହାଦ୍ୱାରା ମାନବ ଜାତି ଜଣେ ମହାପୁରୁଷଙ୍କୁ ହରାଇବ। ଏଭଳି ଏକ ଉଦାର ଭାବ ତାଙ୍କ ମନରେ ଉଦ୍ରେକ ହେଲା।ଏଣୁ ସେ ବଶିଷ୍ଠଙ୍କ ଆଡକୁ ମୁହଁକରି ପଛକୁ ଫେରି ଚାଲିଗଲେ। ଏହି ସମୟରେ ବଶିଷ୍ଠ ତାଙ୍କୁ ସମ୍ବୋଧନକରି କହିଲେ, ହେ, ବ୍ରହ୍ମର୍ଷି ବିଶ୍ୱାମିତ୍ର ଆସନ୍ତୁ । ବିଶ୍ୱାମିତ୍ର ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ନିଜର ଫଳପ୍ରାପ୍ତି ପାଇଁ ଗଭୀର ସନ୍ତୋଷ ଲାଭକଲେ।

ଉପରୋକ୍ତ ଘଟଣାରୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ସେତେବେଳେ ବ୍ରହ୍ମର୍ଷି ହେବ, ଯେତେବେଳେ ମନର ଅହଂଭାବ ଏବଂ କ୍ରୋଧକୁ ସେ ତ୍ୟାଗ କରିପାରିବ। ଯେତେବେଳେ ବିଶ୍ୱାମିତ୍ରଙ୍କ ମନରୁ ଗର୍ବ,ଅହଂକାର ଏବଂ କ୍ରୋଧ ଦୂର ହୋଇଗଲା ଏବଂ ସେ ନମ୍ର ହୋଇଥିଲେ, ସେତେବେଳେ ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ବୋଲି ସମ୍ବୋଧନ କଲେ। ହୁଏତ ବିଶ୍ୱାମିତ୍ର ଏହା ଅନୁଭବ କଲେ ଯେ ସେ ପଛେ ବ୍ରହ୍ମର୍ଷି ନ ହୁଅନ୍ତୁ, କିନ୍ତୁ ବଶିଷ୍ଠଙ୍କ ଭଳି ଜଣେ ମହାତ୍ମା ପୃଥିବୀ ପୃଷ୍ଠରେ ମାନବ ଜାତିର ମଙ୍ଗଳ ପାଇଁ ବଞ୍ଚିରହନ୍ତୁ। ଦର୍ପ ଅହଂକାର ଏବଂ କ୍ରୋଧ ହେଉଛି ମଣିଷର ଗୋଟିଏ ଗୋଟିଏ ଶତ୍ରୁ।ଏମାନଙ୍କୁ ତ୍ୟାଗ କରିପାରିଲେ ମଣିଷ ଜୀବନରେ ଶାନ୍ତି ଏବଂ ସିଦ୍ଧି ଲାଭ କରିବ।

✶✶✶

# ଅଜାମିଳ ଉପାଖ୍ୟାନ

**କା**ନ୍ୟକୁବ୍‌ଜ ନଗରରେ ଅଜାମିଳ ନାମରେ ଜଣେ ବ୍ରାହ୍ମଣ ବାସ କରୁଥିଲେ। ସେ ଥିଲେ ଶାସ୍ତ୍ରଜ୍ଞ, ସଦ୍‌ଗୁଣ ସମ୍ପନ୍ନ, ସତ୍ୟନିଷ୍ଠ, ସଦାଚାରୀ। ସେ ଗୁରୁ, ଅଗ୍ନି, ଅତିଥି ତଥା ବୃଦ୍ଧମାନଙ୍କର ସେବା କରୁଥିଲେ। ତାଙ୍କଠାରେ ତିଳେମାତ୍ର ଅହଙ୍କାର ନ ଥିଲା। ତାଙ୍କର ପିତା ଥିଲେ ଅତ୍ୟନ୍ତ ଧର୍ମପରାୟଣ। ଦିନେ ଅଜାମିଳ ପିତାଙ୍କ ଆଦେଶ ଅନୁସାରେ ବଣକୁ ଯାଇ ଫଳ, ଫୁଲ, ସମିଧ ତଥା କୁଶ ପ୍ରଭୃତି ସଂଗ୍ରହ କରି ଘରକୁ ଫେରୁଥିଲେ। ପଥ ମଧ୍ୟରେ ଦେଖିଲେ ଯେ ଜଣେ ଦୁଃଶ୍ଚରିତ୍ର ବ୍ୟକ୍ତି ମଦ୍ୟ ପାନକରି ଜଣେ ବେଶ୍ୟା ସହିତ ବିହାର କରୁଥିଲା। ନାନା ପ୍ରକାର କ୍ରୀଡ଼ା କୌତୁକ କରି ସେ ବେଶ୍ୟାକୁ ପ୍ରସନ୍ନ କରୁଥିଲା। ଅଜାମିଳ ଧାର୍ମିକ ଥିଲେ ମଧ୍ୟ ଏ ଦୃଶ୍ୟ ଦେଖି ମୋହିତ ହୋଇପଡ଼ିଲେ। ତାଙ୍କ ସଂଯମର ବନ୍ଧ ଭାଙ୍ଗିଗଲା। ସେ ମଧ୍ୟ ସେଇ ବେଶ୍ୟା ପ୍ରତି ଆକୃଷ୍ଟ ହୋଇ ପଡ଼ିଲେ। ପରେ ତାହାକୁ ଉପପତ୍ନୀ ଭାବରେ ରଖି ତାହାରି ଇଙ୍ଗିତରେ ଜୀବନ କଟାଇବାକୁ ଲାଗିଲେ। ତାଙ୍କ ମନରୁ ଧର୍ମଭାବ ଦୂରେଇ ଗଲା। ସେ ସଦାଚାର ଭୁଲିଗଲେ। ସେହି ସ୍ତ୍ରୀ ଲୋକଟି କିଭଳି ପ୍ରସନ୍ନ ରହିବ କେବଳ ସେହି ଲକ୍ଷ୍ୟ ତାଙ୍କୁ ପ୍ରଭାବିତ କରିବାକୁ ଲାଗିଲା। ନିଜର ବିବାହିତା ଅନୁଗତା ପତ୍ନୀ ତଥା ସନ୍ତାନମାନଙ୍କୁ ସେ ଅବହେଳା କଲେ। ନିଜର ପିତାମାତାଙ୍କୁ ବାର୍ଦ୍ଧକ୍ୟରେ ସେ ଯନ୍ତ୍ରଣା ଦେଲେ। ବେଶ୍ୟାକୁ ଖୁସିକରିବା ପାଇଁ ଧନର ଆବଶ୍ୟକତା ପଡ଼ିଲା। ମାତ୍ର ଏତେ ଧନ ସେ ପାଇବେ କେଉଁଠୁ? ଏଣୁ ଚୋରି ଡକାୟତି କରିବାକୁ ପଛାଇଲେ ନାହିଁ। ବେଳେ ବେଳେ ବାଟୋଇମାନଙ୍କୁ ବାନ୍ଧି ପକାଇ ସେମାନଙ୍କର ସର୍ବସ୍ୱ ଲୁଣ୍ଠନ କରୁଥିଲେ। ବେଳେ ବେଳେ ଲୋକଙ୍କୁ ଜୁଆ ଖେଳରେ ହରାଇ ଅସତ୍ ଉପାୟରେ ଧନ ଅର୍ଜନ କରୁଥିଲେ। ସେ ସ୍ତ୍ରୀର ସନ୍ତାନମାନଙ୍କୁ ପାଳୁଥିଲେ। ଜୀବନରେ ସେ ଏତେ ନିନ୍ଦନୀୟ କର୍ମ କରିଥିଲେ ଯେ ଏହାକୁ ଭାଷାରେ ବର୍ଣ୍ଣନା କରିହେବ ନାହିଁ।

ଅଜାମିଳର ଦଶଗୋଟି ସନ୍ତାନ ଥିଲେ। ସାନପୁଅଟିର ନାମ ଥିଲା ନାରାୟଣ। ଏ ପୁଅଟି ତାଙ୍କର ପ୍ରାଣ ସ୍ୱରୂପ ଥିଲା। ତାକୁ ସେ ଗଭୀର ଭାବରେ ଭଲପାଉଥିଲେ। ସେ ପୁଅଟିକୁ ମୁହୂର୍ତ୍ତେ ନ ଦେଖିଲେ ବ୍ୟସ୍ତ ହୋଇ ପଡୁଥିଲେ। ସେ ଖାଇଲା ବେଳେ ପାଖରେ ବସାଇ ଖୁଆଉ ଥିଲେ, ପାଣି ପିଇଲା ବେଳେ ମଧ୍ୟ ତାକୁ ଢୋକେ ପାଣି ପିଆଇ ଦେଉଥିଲେ, ପୁତ୍ର ସ୍ନେହରେ ସେ ସମ୍ପୂର୍ଣ୍ଣ ଅନ୍ଧ ଥିଲେ। ଏଭଳି ଭାବରେ ଜୀବନର ବୃହତ ଅଂଶ ଚାଲିଗଲା

ଏବଂ ବାର୍ଦ୍ଧକ୍ୟ ମାଡ଼ି ଆସିଲା । ପରିଶେଷରେ ସେ ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚିଲେ, କିନ୍ତୁ ସବୁବେଳେ ପୁତ୍ର ନାରାୟଣ କଥାହିଁ ଭାବୁ ଥାଆନ୍ତି। ଦିନେ ସେ ଦେଖିଲେ ଯେ ତିନିଜଣ ଭୟଙ୍କର ଯମଦୂତ ତାଙ୍କୁ ନେବାପାଇଁ ଆସି ପହଞ୍ଚି ଯାଇଛନ୍ତି। ସେମାନଙ୍କର ଭୟଙ୍କର ମୁଖ ଦେଖି ଅଜାମିଳ ଅତ୍ୟନ୍ତ ବ୍ୟାକୁଳ ହୋଇ ପୁଅକୁ ପାଟିକରି ନାରାୟଣ, ନାରାୟଣ ବୋଲି ଡାକିଲେ। ବ୍ୟାକୁଳ ଚିତ୍ତରେ ନାରାୟଣ ନାରାୟଣ ଶବ୍ଦ ଉଚ୍ଚାରଣ କରୁଥିବାରୁ ଭଗବାନଙ୍କର ପାର୍ଷଦମାନେ ଆସି ସେଠି ପହଞ୍ଚିଥିଲେ। ଠିକ ଏହି ସମୟରେ ଯମଦୂତମାନେ ଅଜାମିଳର ଶରୀରରୁ ସୂକ୍ଷ୍ମ ଶରୀରକୁ ବାହାର କରୁଥାଆନ୍ତି। ବିଷ୍ଣୁଙ୍କର ଦୂତମାନେ ଅତ୍ୟନ୍ତ ସୁନ୍ଦର ଦିଶୁଥିଲେ। ସେମାଙ୍କର ପଦ୍ମପଳାଶ ଲୋଚନ, ପୀତାମ୍ବର ପରିଧାନ, କର୍ଣ୍ଣରେ କୁଣ୍ଡଳ, ମସ୍ତକରେ ମୁକୁଟ, ଶରୀରର କମନୀୟ କାନ୍ତିରେ ଚତୁର୍ଦ୍ଦିଗ ଆଲୋକିତ ହୋଇ ଯାଉଥାଏ। ଯମଦୂତମାନେ ସେମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ତଥାପି ଯମଙ୍କ ବଳରେ ସେମାନେ ବଳୀୟାନ, ଉଭୟ ଦଳଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଗଲା। ଯମଦୂତମାନେ ବୁଝାଇ ଦେଲେ ଯେ ବେଦ ସତକର୍ମ କରିବାକୁ ନିର୍ଦ୍ଦେଶ ଦେଇଥାଏ ଏବଂ ଅସତ୍ କର୍ମରୁ ନିବୃତ୍ତ ହେବାପାଇଁ ମଧ୍ୟ କହିଥାଏ। ବେଦ ହେଉଛି ଭଗବାନଙ୍କର ମୁଖ ନିଃସୃତବାଣୀ। ଏହାର ବିରୁଦ୍ଧାଚରଣ ଯେ କରେ ସେ ହେଉଛି ପାପୀ। ଅଜାମିଳ ପାପ କର୍ମରେ ଲିପ୍ତ ଥିଲା। ସେ ଜଣେ ଦୁଶ୍ଚରିତ୍ରା ନାରୀଙ୍କର ସଙ୍ଗ ଲାଭ କରି ଅନେକ ଦୁଷ୍କର୍ମ କରିଅଛି। ନିଜର ବିବାହିତ ପତ୍ନୀ, ବୃଦ୍ଧ ପିତାମାତା ତଥା ସନ୍ତାନମାନଙ୍କର ଅବହେଳା କରିଅଛି ଏବଂ ବିଭିନ୍ନ ଅନ୍ୟାୟ ଉପାୟରେ ଧନ ଅର୍ଜନ କରିଅଛି। ଏଣୁ ମୃତ୍ୟୁ ପରେ ଏ ବ୍ୟକ୍ତି କଠୋର ଦଣ୍ଡ ପାଇବ। ଏହାହିଁ ଏହାର ପ୍ରାୟଶ୍ଚିତ। ଧର୍ମରାଜ ଯମଙ୍କ ନିର୍ଦ୍ଦେଶ କେହି ଲଙ୍ଘନ କରିପାରିବେ ନାହିଁ। ଏହାହିଁ ସୃଷ୍ଟିର ନିୟମ। ଏ ନିୟମ ପାଳନ କରାଯିବା ଉଚିତ୍। ଏଣୁ ସେମାନେ ବିନା କାରଣରେ ପ୍ରତିରୋଧ କରିବା ଉଚିତ ନୁହେଁ। ଯମଦୂତମାନଙ୍କର ଏହି କଥା ଶୁଣି ନାରାୟଣଙ୍କ ପାର୍ଷଦମାନେ ତାଙ୍କୁ ବୁଝାଇ ଦେଲେ ଯେ ସକଳ ପାପରୁ ମୁକ୍ତି ପାଇବାର ଶ୍ରେଷ୍ଠ ଉପାୟ ହେଉଛି ନାରାୟଣଙ୍କ ନାମ ଉଚ୍ଚାରଣ କରିବା। ଏହାହିଁ ତାହାର ପାପର ପ୍ରାୟଶ୍ଚିତ। ଅଜାଣତରେ ମହୌଷଧି ସେବନ କଲେ ଯେଉଳି ଦୁରାରୋଗ୍ୟ ବ୍ୟାଧି ଭଲ ହୋଇଯାଏ ଅଜାଣତରେ ନିଆଁ ଲାଗିଗଲେ ମଧ୍ୟ ଯେଉଳି ବସ୍ତୁ ସବୁ ପୋଡ଼ି ପାଉଁଶ ହୋଇଯାଏ ଠିକ ସେହିପରି ଭଗବାନଙ୍କ ନାମ ଅଜାଣତରେ ଉଚ୍ଚାରଣ କଲେ ମଧ୍ୟ ପାପର ବିନାଶ ଘଟେ। ଏହାହିଁ ହେଉଛି ସକଳ ପାପର ପ୍ରାୟଶ୍ଚିତ। ଭଗବାନଙ୍କ ପାର୍ଷଦମାନେ ଯମଦୂତମାନଙ୍କୁ ଧର୍ମର ବିଶଦ ବ୍ୟାଖ୍ୟା ଶୁଣାଇ ଦେବା ସହିତ ଅଜାମିଳଙ୍କୁ ସେମାନଙ୍କ ପାଖରୁ ମୁକୁଳାଇ ବଞ୍ଚାଇ ଦେଲେ। ଏହାପରେ ଯମଦୂତମାନେ ଯମଙ୍କ ପାଖକୁ ଯାଇ ସକଳ ବିଷୟ ବର୍ଣ୍ଣନା କଲେ। ଯମ ସେମାନଙ୍କୁ ବୁଝାଇ ଦେଲେ ଯେ ସୃଷ୍ଟିର ନିୟନ୍ତା ହେଉଛନ୍ତି ନାରାୟଣ। ତାଙ୍କରି

ନିର୍ଦ୍ଦେଶରେ ଏ ସୃଷ୍ଟି ପରିଚାଳିତ ହେଉଅଛି। ସେ ମଧ୍ୟ ତାଙ୍କରି ନିର୍ଦ୍ଦେଶରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଏଣୁ ତାଙ୍କର ପାର୍ଷଦମାନେ ଯାହା କହିଛନ୍ତି ଓ ଯାହା କରିଛନ୍ତି ତାହା ଯଥାର୍ଥ।

ଅଜାମିଳ ଏ ସମସ୍ତ ଘଟନାକୁ ଦେଖିଥିଲେ। ସେ ନାରାୟଣଙ୍କର ସୁନ୍ଦର ପାର୍ଷଦମାନଙ୍କୁ ଦେଖିଥିଲେ, ଧର୍ମର ବ୍ୟାଖ୍ୟା ଶୁଣିଥିଲେ ଏବଂ ଏମାନେ କିଭଳି ତାଙ୍କୁ ମୃତ୍ୟୁ ମୁଖରୁ ରକ୍ଷାକଲେ ତାହା ମଧ୍ୟ ଉପଲବ୍ଧି କରିଥିଲେ।

ନିଜର ଅପକର୍ମ ପାଇଁ ସେ ଅନୁତାପ କଲେ। ସେ ଭାବିଲେ ଯେ ପୂର୍ବଜନ୍ମରେ କିଛି ସତ୍ କର୍ମ କରିଥିବାରୁ ନାରାୟଣଙ୍କ ପାର୍ଷଦମାନଙ୍କର ଦର୍ଶନ ଲାଭ କଲେ ଏବଂ ଏ ଘୋର ବିପଦରୁ ରକ୍ଷା ପାଇଥିଲେ, କିନ୍ତୁ ଏ ଜନ୍ମରେ ସେ କି ଜଘନ୍ୟ ପାପ କରିନାହାନ୍ତି। ସେ ଅପରାଧର ପ୍ରାୟଶ୍ଚିତ ନାହିଁ। ସମଗ୍ର ଜୀବନ ତାଙ୍କର ନଷ୍ଟ ହୋଇଗଲା। ଏଭଳି ଭାବନା ତାଙ୍କ ମନରେ ସଂସାର ପ୍ରତି ତୀବ୍ର ବୈରାଗ୍ୟ ଭାବ ସୃଷ୍ଟିକଲା। ସେ ଭାବିଲେ ଯେ ମାୟା ତାଙ୍କୁ ଏକ ସ୍ତ୍ରୀ ରୂପରେ କବଳିତ କରିଥିଲା। ଏଣୁ ସେ ସଂସାରର ମୋହ ତ୍ୟାଗକରି ହରିଦ୍ୱାରକୁ ଚାଲିଗଲେ ଏବଂ ସେଠାରେ ଯୋଗଧ୍ୟାନରେ ନିମଜ୍ଜିତ ହେଲେ। ଇନ୍ଦ୍ରିୟମାନଙ୍କୁ ମନରେ, ମନକୁ ବୁଦ୍ଧିରେ ଏବଂ ବୁଦ୍ଧିକୁ ଆତ୍ମାରେ ନିବଦ୍ଧ କରି ସେ ଧ୍ୟାନସ୍ଥ ହେଲେ। କାଳକ୍ରମେ ତାଙ୍କର ମୃତ୍ୟୁ ସମୟ ଉପସ୍ଥିତ ହେଲା। ସେ ପୁନର୍ବାର ସେହି ନାରାୟଣଙ୍କର ପାର୍ଷଦମାନଙ୍କୁ ଦେଖିବାକୁ ପାଇଲେ। ଶେଷରେ ସେ ଶରୀର ତ୍ୟାଗ କଲେ ଏବଂ ମୃତ୍ୟୁ ପରେ ନାରାୟଣଙ୍କର ସାନ୍ନିଧ୍ୟ ଲାଭକଲେ। ନାରାୟଣ ନାମ ସ୍ମରଣ, କୀର୍ତ୍ତନ ଓ ଭଜନ ଦ୍ୱାରା ବ୍ୟକ୍ତିର ସକଳ କଳୁଷ ନଷ୍ଟ ହୋଇଯାଏ ଏବଂ ବ୍ୟକ୍ତି ମୃତ୍ୟୁ

ପରେ ପରମ ଧାମ ଲାଭକରେ। ଅଜାମିଳ ଉପାଖ୍ୟାନ ଆଉ ଗୋଟିଏ ବିଷୟର ସୂଚନା ଦିଏ। ତାହା ହେଉଛି ଯେ ଜୀବନରେ ସତ୍‌ସଙ୍ଗ କରିବା ଉଚିତ୍। ମଣିଷ ଯେତେ ଭଲ ହୋଇଥାଉ କୁସଙ୍ଗରେ ପଡ଼ିଲେ ତାର ବୁଦ୍ଧି ଭ୍ରଷ୍ଟ ହୋଇଯାଏ। ସେ ବିପଥଗାମୀ ହୁଏ। ସାଧୁ, ସନ୍ଥ ଓ ମହାତ୍ମାମାନଙ୍କର ସାନ୍ନିଧ୍ୟ ଏବଂ ଭଗବାନଙ୍କ ନାମର ଭଜନକୀର୍ତ୍ତନ ଦ୍ୱାରା ବ୍ୟକ୍ତି ଜୀବନରେ ଉଚ୍ଚତର ସୋପାନରେ ଅଧିରୂଢ଼ ହୁଏ। ଅଜାମିଳ ଉପାଖ୍ୟାନ ଏହାହିଁ ଶିକ୍ଷା ଦେଇଥାଏ। ଶଙ୍କରାଚାର୍ଯ୍ୟ ଯଥାର୍ଥରେ କହିଛନ୍ତି--

ନଳିନୀ ଦଳଗତ ଜଳମତି ତରଳଂ
ତଦ୍‌ବଜ୍ଜୀବନ ମତିଶୟ ଚପଳମ୍।
କ୍ଷଣମିହ ସଜ୍ଜନ ସଙ୍ଗତି ରେକା।
ଭବତି ଭବାର୍ଣ୍ଣବ ତରଣେ ନୌକା।
(ମୋହମୁଦ୍‌ଗର)

ଅନୁବାଦ

ପଦ୍ମପତ୍ରେ ଜଳବିନ୍ଦୁ ସଦା ଢଳ ଢଳ
ସେପରି ଜୀବନ ଆମ କେତେ ଯେ ଚଞ୍ଚଳ।
କ୍ଷଣେ ମଧ୍ୟ ସାଧୁସଙ୍ଗ ତରଣୀର ପରି
କରାଇ ଦେବ ଆମକୁ ଭବସିନ୍ଧୁ ପାରି।

(ଭକ୍ତି କୁସୁମାଞ୍ଜଳି)

ଭଗବାନଙ୍କର ପାର୍ଷଦ-ମହାତ୍ମାମାନଙ୍କ ସହିତ ଅଜାମିଳଙ୍କୁ କିଛିସମୟ ପାଇଁ ସତ୍‌ସଙ୍ଗର ସୁଯୋଗ ମିଳିଥିଲା। କିନ୍ତୁ ସତସଙ୍ଗ ତାଙ୍କର ଜୀବନଧାରାକୁ ବଦଳାଇ ଦେଲା, ସେ ଘୋର ଦୁର୍ଗତିରୁ ଉଦ୍ଧାର ପାଇଗଲେ। ଏଣୁ ଦୁର୍ଜନ ବା ଖଳ ଲୋକଙ୍କଠାରୁ ଦୂରରେ ରହି, ମହତ୍‌ବ୍ୟକ୍ତିଙ୍କ ସନ୍ନିଧ୍ୟ ଲାଭ କରିବା ପାଇଁ ଉଦ୍ୟମ କରିବା ଉଚିତ। ଖରାପ ବିଷୟ ଦେଖିବା ନାହିଁ, ଶୁଣିବା ନାହିଁ, ଚିନ୍ତା ମଧ୍ୟ କରିବା ନାହିଁ। ଏହାହିଁ ଆମର ଲକ୍ଷ୍ୟ ହେବା ଉଚିତ୍।

✶✶✶

# ସମନ୍ୱୟର ପ୍ରତୀକ ପ୍ରଭୁ ଶ୍ରୀଜଗନ୍ନାଥ

ପ୍ରଭୁ ଶ୍ରୀଜଗନ୍ନାଥ ସମନ୍ୱୟର ପ୍ରତୀକ। ସେ ଉପନିଷଦୀୟ ବ୍ରହ୍ମ ଏବଂ ବୌଦ୍ଧମାନଙ୍କର ବୁଦ୍ଧ। ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ ପ୍ରଭୃତି ବିଭିନ୍ନ ସଂପ୍ରଦାୟ ତାଙ୍କୁ ନିଜର ଦେବତା ବୋଲି ଭାବି ଥାଆନ୍ତି। ଏହା ବଡ଼ ବିଚିତ୍ର ବିଷୟ। ବିଶ୍ୱରେ ଏଭଳି ଦେବତା ବିରଳ; ଯାହାଙ୍କୁ ବିଭିନ୍ନ ସଂପ୍ରଦାୟ ଓ ବିଚାରଧାରାର ବ୍ୟକ୍ତିଗଣ  ନିଜର ବୋଲି ମନେ କରନ୍ତି।

ଶ୍ରୀଜଗନ୍ନାଥ ଚେତନାରେ ଶାବର ଓ ବ୍ରାହ୍ମଣ୍ୟ ସଂସ୍କୃତିର ମିଳନ ଘଟିଛି। ବିଶ୍ୱାବସୁ ଶାବର ସଂସ୍କୃତିର ପ୍ରତୀକ ଥିଲେ ଏବଂ ବିଦ୍ୟାପତି ବ୍ରାହ୍ମଣ୍ୟ ସଂସ୍କୃତିର ପ୍ରତୀକ ଥିଲେ।

ଏ ସଂସ୍କୃତିର ପ୍ରାଚୀନତା ବିଷୟରେ ନିର୍ଦ୍ଦିଷ୍ଟ ଭାବରେ କିଛି କହିହେବ ନାହିଁ। କେବେ ଏହାର ଉଦ୍ଭବ ହୋଇଥିଲା ? ତଥାପି ଗବେଷକଗଣ ବିଭିନ୍ନ ମତ ପୋଷଣ କରିଥାଆନ୍ତି।

କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କର ବୈଦିକ ବା ବ୍ରାହ୍ମଣ୍ୟ ସ୍ୱରୂପ ସମ୍ପର୍କରେ ମତ ପୋଷଣ କରିଥାଆନ୍ତି। ଋଗ୍‌ବେଦର ଦଶମ ମଣ୍ଡଳର ୧୫୫ ସୂକ୍ତକୁ ଉଲ୍ଲେଖ କରା ଯାଇପାରେ

"ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍
ତଦାରଭସ୍ୱ ଦୁର୍ହଣୋ ତେନ ଗଛ ପରସ୍ତରମ୍"

ସମୁଦ୍ରକୂଳରେ ଭାସମାନ ଏ ଦାରୁ ପୁରୁଷୋତ୍ତମଙ୍କର ମୂଳ ଉତ୍ସ ନୁହନ୍ତିତ ? ବିଶ୍ୱାବସୁ ଶବର ନୀଳମାଧବଙ୍କର ପୂଜା କରୁଥିଲେ। ବ୍ରାହ୍ମଣ ବିଦ୍ୟାପତି ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରେରିତ ହୋଇ ତାହାର ସନ୍ଧାନ ପାଇଲେ। ମାତ୍ର ପରେ ନୀଳମାଧବ ଉଭାନ ହୋଇଗଲେ।  ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରାର୍ଥନାରେ ପ୍ରଭୁ ସିନ୍ଧୁ ତୀରରେ ଦାରୁ ରୂପରେ ପ୍ରକଟିତ ହେଲେ। ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମରୂପେ ପୂଜା କରାଯାଏ।

ମହାଭାରତର ବନପର୍ବର ୧୧୪ ଅଧ୍ୟାୟରେ ବର୍ଣ୍ଣିତ ଅଛି ଯେ ଯୁଧିଷ୍ଠିର ନିଜର ଭାଇମାନଙ୍କ ସହିତ କଳିଙ୍ଗକୁ ଆସିଥିଲେ। ସମୁଦ୍ର କୂଳରେ ଲୋମଶ ଋଷିଙ୍କ ପରାମର୍ଶରେ ଏକ ଯଜ୍ଞ ବେଦୀ ଏମାନେ  ଦର୍ଶନ କଲେ। ଏହି ବେଦୀ ନିକଟକୁ ଗଲେ ବ୍ୟକ୍ତି ଅଶେଷ ଶକ୍ତିଲାଭ କରିଥାଏ। ଏହି ଯଜ୍ଞବେଦୀକୁ ଅନ୍ତର୍ବେଦୀ ବୋଲି କୁହାଯାଇଛି ଏବଂ ଏହା ଶଙ୍ଖନାଭି ମଣ୍ଡଳ ସହ ଜଡ଼ିତ। ଏହି ଶଙ୍ଖନାଭି ମଧ୍ୟସ୍ଥ ଅନ୍ତର୍ବେଦୀରେ ଅବସ୍ଥିତ ଦାରୁବ୍ରହ୍ମ

ପୁରୁଷୋତ୍ତମ ଦର୍ଶନର ମୂଳଉତ୍ସ। ମହାଭାରତରେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଜଗନ୍ନାଥ ନାମର ଉଲ୍ଲେଖ କରାଯାଇଛି। ଶାନ୍ତି ପର୍ବରେ ଉଲ୍ଲେଖ ଅଛି।

"ଏଷୋଧର୍ମ ଜଗନ୍ନାଥାତ୍ ସାକ୍ଷାତ୍ ନାରାୟଣାତ୍ ନୃପଃ
ଏବମେଷ ମହାଧର୍ମଃ ସତ ପୂର୍ବେ ନୃପୋତ୍ତମଃ"

ବିଷ୍ଣୁସହସ୍ରନାମ ପୂର୍ଣ୍ଣମହାଭାରତର ଅଂଶ ବିଶେଷ

ଏଥିରେ ଉଲ୍ଲେଖ ଅଛି:-

"ତସ୍ୟ ଲୋକ ପ୍ରଧାନସ୍ୟ ଜଗନ୍ନାଥସ୍ୟ ଭୂପତେ
ବିଷ୍ଣୋର୍ନାମ ସହସ୍ରଂ ମେ ଶୃଣୁ ପାପଭୟାପହମ୍"।

ରାମାୟଣ ମହାଭାରତ ଠାରୁ ପ୍ରାଚୀନ। ଆଦିକବି ବାଲ୍ମିକୀଙ୍କ ଦ୍ୱାରା ରଚିତ ରାମାୟଣର ଉତ୍ତରାକାଣ୍ଡରେ ଉଲ୍ଲେଖ ଅଛି।

କିଂ ଚାନ୍ୟତ ବକ୍ତୁମିଛାମି ରାକ୍ଷସେନ୍ଦ୍ର ମହାବଳଃ
ଆରାଧ୍ୟାୟ ଜଗନ୍ନାଥ ମିକ୍ଷାକୁ କୁଳଦୈବତମ୍

ଶ୍ରୀରାମଚନ୍ଦ୍ର ରାକ୍ଷସ ରାଜ ବିଭୀଷଣଙ୍କୁ ଇକ୍ଷାକୁ କୁଳର ଇଷ୍ଟଦେବତା ଜଗନ୍ନାଥଙ୍କୁ ଆରାଧନା କରିବାକୁ ଉପଦେଶ ପ୍ରଦାନ କରିଅଛନ୍ତି। ପ୍ରଭୁଙ୍କ ଉପଦେଶ ଅନୁସାରେ ବିଭୀଷଣ ଇକ୍ଷାକୁ ବଂଶର ଇଷ୍ଟଦେବ ଜଗନ୍ନାଥଙ୍କୁ ଉପାସନା କରିଛନ୍ତି। ଇନ୍ଦ୍ରଦ୍ୟୁମ୍ନ ମହାରାଜା ମଧ୍ୟ ଇକ୍ଷାକୁ ବଂଶର ଥିଲେ।

ବୌଦ୍ଧମାନେ ମଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ଉପାସନା କରିଛନ୍ତି। ଉଡ୍ଡୀୟାନ ପୀଠର ରାଜା ଇନ୍ଦ୍ରଭୂତି ବୌଦ୍ଧ 'ବଜ୍ରଯାନ'ର ପ୍ରବର୍ତ୍ତକ। ସେ ମହାଯାନ ମତର ଅନୁଗାମୀ ଭାବରେ ଜଗନ୍ନାଥଙ୍କୁ 'ସର୍ବବୁଦ୍ଧମୟ' ରୂପେ ବର୍ଣ୍ଣନା କରିଛନ୍ତି। ଯଥା:-

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତଂ
ସର୍ବବୁଦ୍ଧମୟଂ ସିଦ୍ଧିବ୍ୟାପିନଂ ଗଗନୋପମମ୍।

ଜୈନମାନେ ମଧ୍ୟ ଜଗନ୍ନାଥଙ୍କୁ ନିଜର ବୋଲି ଭାବିନେଇଛନ୍ତି। ସିଦ୍ଧସେନ ଦିବାକର ସ୍ୱରଚିତ ଜୈନଗ୍ରନ୍ଥ 'ବର୍ଦ୍ଧମାନ ଦ୍ୱାତ୍ରିଂଶକା' ରେ ଜଗନ୍ନାଥ ଶବ୍ଦ ମହାବୀରଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରିଛନ୍ତି।

ପୁନଶ୍ଚ ତନ୍ତ୍ରମତର ପ୍ରବର୍ତ୍ତକମାନେ ମଧ୍ୟ ଜଗନ୍ନାଥଙ୍କୁ ଉପାସ୍ୟ ଦେବତା ଭାବରେ ଗ୍ରହଣ କରିଥାଆନ୍ତି 'କାଳିକା ପୁରାଣ', 'ରୁଦ୍ରଯାମଳ', 'ତନ୍ତ୍ର ଯାମଳ' ପ୍ରଭୃତି ଗ୍ରନ୍ଥକୁ ଅନୁଧ୍ୟାନ କଲେ ଏହା ପ୍ରତୀତ ହୁଏ। ତନ୍ତ୍ର ଯାମଳରେ ନିର୍ଦ୍ଦିଷ୍ଟ ଭାବରେ ପୁରୁଷୋତ୍ତମଙ୍କ ବିଷୟରେ କୁହାଯାଇଛି।

'ଭାରତେଚୋତ୍କଳ ଦେଶେ  ଭୂସ୍ୱର୍ଗେ ପୁରୁଷୋତ୍ତମେ'

ପୁନଶ୍ଚ ଏଥିରେ 'ଦାରୁରୂପୀ ଜଗନ୍ନାଥୋ'ଏଭଳି ଶବ୍ଦ ମଧ୍ୟ ବ୍ୟବହାର କରାଯାଇଛି। ଅନ୍ୟତ୍ର ଶ୍ରୀଜଗନ୍ନାଥଙ୍କୁ ଭୈରବ ରୂପରେ ମଧ୍ୟ ବର୍ଣ୍ଣନା କରାଯାଇଛି।

ଶ୍ରୀଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀର ଦାର୍ଶନିକ। ସେ ଶ୍ରୀକ୍ଷେତ୍ରକୁ ଆସି ଦେଖିଲେ ଯେ ଗର୍ଭଗୃହରେ ପ୍ରଭୁ ଶ୍ରୀଜଗନ୍ନାଥ ନାହାନ୍ତି। ରକ୍ତବାହୁ ଆକ୍ରମଣର ଆଶଙ୍କାରେ ବିଗ୍ରହମାନଙ୍କୁ ସୋନପୁରଠାରେ ପାତାଳୀ କରା ଯାଇଥିଲା। ଶ୍ରୀଶଙ୍କରାଚାର୍ଯ୍ୟଙ୍କ ଉପଦେଶକ୍ରମେ ଭୂଗର୍ଭରୁ ଏମାନଙ୍କୁ ଉଦ୍ଧାର କରାଯାଇଥିଲା। ମାତ୍ର କୀଟଦଂଷ୍ଟ ବିଗ୍ରହଙ୍କୁ ଦେଖି ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇ ରତ୍ନ ସିଂହାସନରେ ସ୍ଥାପନ କରାଗଲା। ଶ୍ରୀଜଗନ୍ନାଥ ସେବାପୂଜା ଓ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନର ବିଧିବ୍ୟବସ୍ଥା ଶ୍ରୀଶଙ୍କରାଚାର୍ଯ୍ୟ କରାଇଥିଲେ। ସେ ଗୋବର୍ଦ୍ଧନ ପୀଠ ସ୍ଥାପନ କରି ତାଙ୍କର ପ୍ରଧାନ ଶିଷ୍ୟ ପଦ୍ମପାଦଙ୍କୁ ସେଠାକାର ଦାୟିତ୍ୱ ପ୍ରଦାନ କରିଥିଲେ। ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ମୁକ୍ତି ମଣ୍ଡପର ସ୍ଥାୟୀ ସଭାପତି। କିନ୍ତୁ ଶ୍ରୀଶଙ୍କରାଚାର୍ଯ୍ୟ ବୌଦ୍ଧମତକୁ ଖଣ୍ଡନ କରି ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ବିଷ୍ଣୁ, ନାରାୟଣ ବା ଶ୍ରୀକୃଷ୍ଣଙ୍କ ଚେତନାକୁ ଦେଖିଥିଲେ। ସେହିଭାବରେ ସେ ଉପାସନା କରିଥିଲେ। ତାଙ୍କ ରଚିତ ଜଗନ୍ନାଥଷ୍ଟକ ଏହା ଉଦ୍‌ଘୋଷଣ କରିଛି।

"ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପୁଚ୍ଛଂ କଟିତଟେ
ଦୁକୂଳଂ ନେତ୍ରାନ୍ତେ,ସହଚର କଟାକ୍ଷ୍ୟଂ ବିଦଧତେ
ସଦାଶ୍ରୀମଦ୍‌ବୃନ୍ଦାବନ ବସତି ଲୀଳା ପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ"

ଅନୁବାଦ :

ବାମକରେ ଶୋହେ ବେଣୁ ସୁଦୃଶ୍ୟ
ମସ୍ତକରେ ଶୋହେ ମୟୂର ପୁଚ୍ଛ
କଟି ପଟ୍ଟବସ୍ତ୍ର  ମଣ୍ଡଇ ଅଙ୍ଗ
କୃପାକଟାକ୍ଷରେ  ମୋହିତ ସାଙ୍ଗ
ବୃନ୍ଦାବନ ଧାମେ, ରଚନ୍ତି ଯେ ଲୀଳା ଦିବ୍ୟ ସୁନ୍ଦର
ସେହି ମହାପ୍ରଭୁ ଜଗନ୍ନାଥ ସ୍ୱାମୀ ନେତ୍ରପଥାରୂଢ଼ ହୁଅନ୍ତୁ ମୋର ।
(ଭକ୍ତି କୁସୁମାଞ୍ଜଳି)

ଏଣୁ ପ୍ରତ୍ୟେକ ସମ୍ପ୍ରଦାୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନିଜର ଉପାସ୍ୟ ଦେବତା ବୋଲି ଭାବି ନେଇଛନ୍ତି। ସେ ସମସ୍ତଙ୍କର ହୃଦୟର ଦେବତା। ପଣ୍ଡିତ ଗଣପତି ଭଟ୍ଟ ପ୍ରଭୁ ଶ୍ରୀ

ଜଗନ୍ନାଥଙ୍କୁ ନିଜର ପ୍ରିୟ ଦେବତା ଗଣେଶ ଭାବରେ ଦେଖିବାକୁ ଇଚ୍ଛା କରିଥିଲେ। ମାତ୍ର ଏଥିରେ ସଫଳ ନ ହୋଇ ପ୍ରାଣରେ ଗଭୀର ବ୍ୟଥା ଅନୁଭବ କଲେ। କିନ୍ତୁ ପ୍ରଭୁ ତାଙ୍କର ଅନ୍ତର୍ବେଦନାକୁ ଅନୁଭବ କରିବା ପରେ ତାଙ୍କ ସମ୍ମୁଖରେ ଗଣେଶ ରୂପରେ ପ୍ରକଟିତ ହୋଇଥିଲେ। ସ୍ନାନ ପୂର୍ଣ୍ଣମୀ ଦିନ ପ୍ରଭୁଙ୍କର ଗଜାନନ ବେଶ ତାହାର ସ୍ମାରକୀ ଅଟେ।

ଏଣୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ସମସ୍ତ ମତର ଭିନ୍ନତା ଲୀନ ହୋଇଯାଇଛି। ଯେଭଳି ନଦୀମାନେ ବିଭିନ୍ନ ପଥରେ ଆସି ସାଗର ମଧ୍ୟରେ ନିଜର ସତ୍ତା ହରାଇଦିଅନ୍ତି, ସେହିଭଳି ବିଭିନ୍ନ ମତବାଦ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱରୂପରେ ଏକୀଭୂତ ହୋଇଯାଏ। ଶିବ ମହିମ୍ନ ସ୍ତୋତ୍ରର ନିମ୍ନୋକ୍ତ ଶ୍ଳୋକଟି ଜଗନ୍ନାଥଙ୍କ ଠାରେ ମଧ୍ୟ ପ୍ରଜୁଜ୍ୟ ହୋଇପାରେ।

"ତ୍ରୟୀ ସାଂଖ୍ୟଂ ଯୋଗଃ ପଶୁପତି ମତଂ ବୈଷ୍ଣବମିତି
ପ୍ରଭିନ୍ନେ ପ୍ରସ୍ଥାନେ ପରମିଦମଦଃ ପଥ୍ୟମିତିଚ।
ରୁଚୀନାଂ ବୈଚିତ୍ର୍ୟା ଦୃଜୁକୁଟିଳ ନାନା ପଥଜୁଷାଂ
ନୃଣାମେକୋଗମ୍ୟ ସ୍ତ୍ୱମସି ପୟସାମର୍ଣ୍ଣବଇବ"

ଅନୁବାଦ :

ବେଦତ୍ରୟୀ ସାଂଖ୍ୟ ବୈଷ୍ଣବ ଶୈବଙ୍କ ମତ ଅଟେ ଭିନ୍ନ ଭିନ୍ନ
ରୁଚିରେ ଆମର ବୈଚିତ୍ର୍ୟ ରହିଛି ଏଣୁ ଏ ସବୁ ବିଭିନ୍ନ
ବକ୍ର ବା ସଳଖ ଭାବେ ବହିନଦୀ ମିଳେ ଶେଷେ ସାଗରରେ
ସମସ୍ତ ତତ୍ତ୍ୱଙ୍କ ଲକ୍ଷ୍ୟ ପରା ଏକ ମିଳିବେ ପ୍ରଭୁଙ୍କଠାରେ

(ଶ୍ରୀଶିବ ସ୍ତୋତ୍ରମାଳା)

ପ୍ରଭୁ ଶ୍ରୀଜଗନ୍ନାଥ ଆମର ଉପାସ୍ୟ ଦେବତା। ଏକାନ୍ତ ଭାବରେ ତାଙ୍କୁ ଭକ୍ତି କଲେ ଆମର ଦୁଃଖ ଓ ବିପଦ ଦୂର ହୋଇଯାଏ। ସେ ଦାରୁବ୍ରହ୍ମ ଓ ସମସ୍ତ ବେଦର ସାରତତ୍ତ୍ୱ । ସମସ୍ତ ଶୁଭ କାର୍ଯ୍ୟରେ ବା ମାଙ୍ଗଳିକ ଅନୁଷ୍ଠାନରେ ଆମେ ନିମ୍ନୋକ୍ତ ମନ୍ତ୍ରଟି ପାଠକରି ତାଙ୍କୁ ସ୍ମରଣ କରୁ।

"ନିଳାଦ୍ରୌ ଶଙ୍ଖମଧ୍ୟେ ଶତଦଳ କମଳେ ରତ୍ନସିଂହାସନସ୍ଥଂ
ସର୍ବାଳଙ୍କାର ଯୁକ୍ତଂ ନବଘନ ରୁଚିରଂ ସଂଯୁତଂ ଚାଗ୍ରଜେନ।
ଭଦ୍ରାୟା ବାମଭାଗେ ରଥଚରଣଯୁତଂ ବ୍ରହ୍ମା ରୁଦ୍ରେନ୍ଦ୍ର ପୂଜ୍ୟଂ
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁଂ ସ୍ମରାମି।

ଶ୍ରୀଜଗନ୍ନାଥଙ୍କୁ ନେଇ ଗବେଷକଗଣ ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି। ଅନେକ

ପୁସ୍ତକ ରଚନା କରାଯାଇଛି। କିନ୍ତୁ ସେ ରହସ୍ୟମୟ। ସେହି ରହସ୍ୟକୁ ଭେଦ କରିବାରେ କେହି ସମର୍ଥ ହୋଇ ନାହାନ୍ତି। ସମସ୍ତେ ତାଙ୍କୁ ନିଜର ଉପାସ୍ୟ ଦେବତା ଭାବେ ଗ୍ରହଣ କରିଛନ୍ତି। ସାଧାରଣ ମଣିଷର ବୁଦ୍ଧି ସେ ରହସ୍ୟକୁ ଭେଦ କରିବାକୁ ସମର୍ଥ ନୁହେଁ। ଭକ୍ତ ତାଙ୍କର ଅତିପ୍ରିୟ। ସେ ମୁସଲମାନ ସାଲବେଗ ହୁଅନ୍ତୁ ବା ଦାସିଆ ବାଉରି ହୁଅନ୍ତୁ, ହୃଦୟର ଭକ୍ତିର ବନ୍ଧନରେ ପ୍ରଭୁ ବାନ୍ଧି ହୋଇଯାଆନ୍ତି। ତାଙ୍କ କରୁଣା ଲାଭର ଏକମାତ୍ର ମାର୍ଗ ହେଉଛି ଭକ୍ତି। ବର୍ତ୍ତମାନ ରତ୍ନସିଂହାସନରେ ଆମେ ତ୍ରିମୂର୍ତ୍ତିଙ୍କୁ ଦେଖିବାକୁ ପାଉଛୁ। ଶ୍ରୀ ଜଗନ୍ନାଥ ଜ୍ୟେଷ୍ଠଭ୍ରାତା ବଳଭଦ୍ର ଓ ଭଗିନୀ ସୁଭଦ୍ରାଙ୍କ ସହିତ ରତ୍ନସିଂହାସନରେ ବିରାଜିତ। ଗୋପାଳ ମନ୍ତ୍ରରେ ପ୍ରଭୁ ଜଗନ୍ନାଥ ପୂଜା ପାଉଛନ୍ତି । ଆମେ ନାରାୟଣ, ବିଷ୍ଣୁ ବା ଶ୍ରୀକୃଷ୍ଣ ଭାବନାରେ ବିମୋହିତ ହେଉ। ସେହି ଆମର ଉପାସ୍ୟ ଦେବତା। ତାଙ୍କରି ନାମ ସ୍ମରଣ କଲେ ଅପୂର୍ବ ଶକ୍ତି ଲାଭ କରି ସମସ୍ତ ସଂକଟକୁ ସହଜରେ ଅତିକ୍ରମ କରିପାରିବ।

✶✶✶

# ଶୁନଃଶେପଙ୍କ ପ୍ରସଙ୍ଗ

ବୈଦିକ ସାହିତ୍ୟରେ ଶୁନଃଶେପଙ୍କ ପ୍ରସଙ୍ଗର ଅବତାରଣା କରାଯାଇଛି। ଋଗ୍‌ବେଦରେ ଏ ପ୍ରସଙ୍ଗ ଦେଖିବାକୁ ମିଳେ। ସେ ଯୂପକାଠରେ ରଜ୍ଜୁଦ୍ୱାରା ବନ୍ଧା ହୋଇଛନ୍ତି। ମୃତ୍ୟୁର ଭୟରେ ସେ ଦେବତାମାନଙ୍କୁ ପ୍ରାର୍ଥନା କରୁଛନ୍ତି। ଆସନ୍ନ ମୃତ୍ୟୁରୁ କିଏ ତାଙ୍କୁ ରକ୍ଷା କରିବ। ଅଗ୍ନି, ପ୍ରଜାପତି, ସବିତା ପ୍ରଭୃତିଙ୍କୁ ସ୍ତୁତି କରୁଛନ୍ତି। ପରିଶେଷରେ ସେ ବରୁଣଙ୍କର ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ତାଙ୍କର ଗୌରବଗାନ କରିଛନ୍ତି। ଅତି ବ୍ୟାକୁଳ ଭାବରେ ପ୍ରାର୍ଥନା କରିଛନ୍ତି ତାଙ୍କୁ ସେ ରକ୍ଷା କରନ୍ତୁ। ବେଦରେ ବର୍ଣ୍ଣିତ ଏ ଶୁନଃଶେପ ପ୍ରସଙ୍ଗ ପରବର୍ତ୍ତୀ କାଳରେ ବିଭିନ୍ନ ରୂପରେ ପୁରାଣ, ଭାଗବତ, ମନୁସଂହିତା ପ୍ରଭୃତିରେ ପ୍ରକାଶିତ ହୋଇଛି।

ପ୍ରଥମେ ରାମାୟଣ କଥା ବିଚାରକୁ ନିଆଯାଉ। ଅଯୋଧ୍ୟାରେ ଅମ୍ବରୀଶ ନାମରେ ଜଣେ ନରପତି ଥିଲେ। ସେ ଯଜ୍ଞ କରିବା ପାଇଁ ଆୟୋଜନ କରିଥିଲେ। କିନ୍ତୁ ଯଜ୍ଞରେ ବିଘ୍ନ ଘଟାଇବାକୁ ଇନ୍ଦ୍ର ଯଜ୍ଞ ଅଶ୍ୱକୁ ଘେନି ଚାଲିଗଲେ। ପୁରୋହିତ ଏକଥା ଆସି ରାଜାଙ୍କୁ ଜଣାଇଲେ। ସେ ରାଜାଙ୍କୁ କହିଲେ ଯେ ତାଙ୍କରି ପାପ ଯୋଗୁଁ ଏ ବିଘ୍ନ ଘଟିଲା। ଏହାର ପ୍ରାୟଶ୍ଚିତ ହେଉଛି ନରବଳି। ବର୍ତ୍ତମାନ ରାଜା ହଜାର ହଜାର ଧେନୁ ଓ ବହୁତ ଧନ ଦେଇ ଗୋଟିଏ ମଣିଷ କିଣିବାକୁ ଉଦ୍ୟମ କଲେ। କିନ୍ତୁ କେଉଁଠି ସେ ଏହା ପାଇବେ। ବହୁସ୍ଥାନ ବୁଲି ବୁଲି ରାଜା ହତାଶ ହୋଇ ପରିଶେଷରେ ଋଷି ଋଚୀକଙ୍କୁ ଯଥାରୀତି ସମ୍ମାନ ଜଣାଇ ତାଙ୍କର କୁଶଳ ଜିଜ୍ଞାସା କଲେ। ସେ ସେଠାରେ ଋଷିଙ୍କର ତିନିପୁଅଙ୍କୁ ଦେଖିଲେ। ରାଜା ନିଜର ସମସ୍ୟା କଥା ତାଙ୍କୁ ଜଣାଇ ଧନ ବଦଳରେ ଗୋଟିଏ ପୁତ୍ରକୁ ଦେବାପାଇଁ ତାଙ୍କୁ ଅନୁରୋଧ କଲେ। ଏହାଶୁଣି ପିତା କହିଲେ ଯେ କୌଣସି ପ୍ରକାରେ ଜ୍ୟେଷ୍ଠ ପୁତ୍ରକୁ ସେ ଦେଇ ପାରିବେ ନାହିଁ। ମାତା କହିଲେ ଯେ, କନିଷ୍ଠ ପୁତ୍ରକୁ ସେ ଦେଇପାରିବେ ନାହିଁ। ମଧ୍ୟମପୁତ୍ର ଶୁନଃଶେପ ମନଦୁଃଖରେ କହିଲେ ଯେ ଯେହେତୁ ସେ ବାପା ମାଆଙ୍କର ସ୍ନେହର ପାତ୍ର ନୁହନ୍ତି, ଏଣୁ ସେ ବିକ୍ରୟ ଯୋଗ୍ୟ। ରାଜା ଅମ୍ବରୀଶ ହଜାର ହଜାର ସ୍ୱର୍ଣ୍ଣମୁଦ୍ରା ଦେଇ ଶୁନଃଶେପଙ୍କୁ କିଣିଆଣିଲେ। ଆସିବା ବାଟରେ ସେ ପୁଷ୍କର ନିକଟରେ କିଛି ସମୟ ବିଶ୍ରାମ ନେଲେ। ସେତ ଅତ୍ୟନ୍ତ କ୍ଲାନ୍ତ ହୋଇପଡିଥିଲେ, ଏଣୁ ନିଦରେ ଶୋଇପଡିଲେ। ଏହି ଅବସ୍ଥାରେ ଶୁନଃଶେପ ତାଙ୍କର ମାମୁଁ ବିଶ୍ୱାମିତ୍ରଙ୍କୁ ଅଳ୍ପ ଦୂରରେ ଦେଖିଲେ। ସେ ବ୍ୟାକୁଳ ହୋଇ ମାମୁଁ ବିଶ୍ୱାମିତ୍ରଙ୍କ ପାଖକୁ ଚାଲିଗଲେ ଏବଂ ନିଜର ଦୁର୍ଦ୍ଦଶା ବିଷୟ ତାଙ୍କୁ ଜଣାଇଲେ। ସେ କାତର କଣ୍ଠରେ

କହିଲେ ଯେ ସେ ମାମୁଁ ବିଶ୍ୱାମିତ୍ରଙ୍କ ପାଖରେ ଶରଣ ପଶୁଛନ୍ତି । ଏ ଘୋର ବିପଦରୁ ତାଙ୍କୁ ସେ ରକ୍ଷା କରନ୍ତୁ । ବିଶ୍ୱାମିତ୍ରଙ୍କୁ ଆକୁଳ ପ୍ରାର୍ଥନା କରି ସେ କହିଥିଲେ-

'ରାଜା ଚ କୃତକାର୍ଯ୍ୟଃ ସ୍ୟାଦହଂ ଦୀର୍ଘାୟୁରବ୍ୟୟଃ' ରାଜା ଯଜ୍ଞରେ କୃତକାର୍ଯ୍ୟ ହୁଅନ୍ତୁ, ମୁଁ ଦୀର୍ଘାୟୁ ହୁଏ । ବିଶ୍ୱାମିତ୍ର କ୍ରୋଧୀ ହୋଇପାରନ୍ତି ମାତ୍ର ତାଙ୍କର ସ୍ୱଭାବ ଏପରିଥିଲା ଯେ ସେ ଅନ୍ୟର ଅନୁରୋଧକୁ ପ୍ରତ୍ୟାଖାନ କରିପାରନ୍ତି ନାହିଁ । ଏହି ପରିସ୍ଥିତିରେ ବିଶ୍ୱାମିତ୍ର, ତାଙ୍କର ଶହେ ପୁଅଙ୍କୁ ଡାକି କହିଲେ ଯେ ସେମାନଙ୍କ ମଧ୍ୟରୁ ଜଣେ ବଳି ହେବା ପାଇଁ ସମ୍ମତି ପ୍ରଦାନ କରନ୍ତୁ । ଏହାଦ୍ୱାରା ଧର୍ମ ରକ୍ଷାହେବ । କିନ୍ତୁ ସେମାନେ ବିଶ୍ୱାମିତ୍ରଙ୍କୁ ଉପହାସ କରି କହିଲେ ଯେ ସେ ଅନ୍ୟର ପୁଅକୁ ରକ୍ଷା କରିବା ପାଇଁ କିଭଳି ନିଜର ପୁଅକୁ ବଳି ହେବା ପାଇଁ କହୁଛନ୍ତି । ଏହା ବଡ ବିଚିତ୍ର କଥା ଅଟେ । ପୁଅମାନଙ୍କର ବିଦ୍ରୂପ ବାଣୀ ଶୁଣି ବିଶ୍ୱାମିତ୍ର ସେମାନଙ୍କୁ ଚଣ୍ଡାଳ ହୋଇଯିବା ପାଇଁ ଅଭିଶାପ ଦେଇଦେଲେ ।

ବିଶ୍ୱାମିତ୍ର ଯେତେବେଳେ ଦେଖିଲେ ଯେ ଭଣଜା ଶୁନଃଶେପଙ୍କୁ ରକ୍ଷା କରିବା ପାଇଁ ତାଙ୍କର ପୁଅମାନେ ସହଯୋଗ ନ କଲେ ସେତେବେଳେ ସେ ଶୁନଃଶେପଙ୍କୁ ଗୋଟିଏ ମନ୍ତ୍ର ଶିକ୍ଷାଦେଲେ ଏବଂ କହିଲେ ଯେ ଯୂପକାଠରେ ବନ୍ଧାହେବାପରେ ଏ ମନ୍ତ୍ରଟି ସେ ପାଠ କରିବେ । ପ୍ରକୃତରେ ତାହାହିଁ ହେଲା । ଯେତେବେଳେ ବିଧି ଅନୁସାରେ ଯୂପକାଠରେ ତାଙ୍କୁ ବନ୍ଧନ କରାଗଲା ସେ ସେହି ସମୟରେ ବିଶ୍ୱାମିତ୍ରଙ୍କ ପ୍ରଦତ୍ତ ମନ୍ତ୍ରଟି ପାଠକଲେ । ତାଙ୍କର ମନ୍ତ୍ର ପାଠରେ ସନ୍ତୁଷ୍ଟ ହୋଇ ଇନ୍ଦ୍ରାଦି ଦେବଗଣ ସେଠାରେ ଉପସ୍ଥିତ ହେଲେ ଏବଂ ରାଜାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ଯଥାଶୀଘ୍ର ଏ ବାଳକକୁ ପାଶରୁ ମୁକ୍ତ କରିଦିଅନ୍ତୁ । ପୁନଶ୍ଚ ସେମାନଙ୍କ କୃପାରୁ ରାଜା ଯଜ୍ଞଫଳ ମଧ୍ୟ ଭୋଗ କରିବେ ।

ଭାଗବତରେ ମଧ୍ୟ ଏ ବିଷୟ ବର୍ଣ୍ଣନା କରାଯାଇଛି । ମନୁ ସଂହିତାରେ କୁହାଯାଇଅଛି ଯେ ଅଜୀଗର୍ତ୍ତ ନିଜକୁ ଓ ତାଙ୍କର ପରିବାରକୁ କ୍ଷୁଧାରୁ ରକ୍ଷାକରିବା ପାଇଁ ଶୁନଃଶେପକୁ ବିକ୍ରୟ କରି ଦୋଷାବହ କାର୍ଯ୍ୟ କରିନାହାନ୍ତି । କିନ୍ତୁ ରାମାୟଣରେ ଋଷିଙ୍କ ନାମ 'ଋଚୀକ' ଥିବାବେଳେ ଭାଗବତରେ ତାଙ୍କର ନାମ 'ଅଜୀଗର୍ତ୍ତ' ବୋଲି କୁହାଯାଇଛି ।

ଐତରେୟ ବ୍ରାହ୍ମଣରେ ଶୁନଃଶେପ ଉପାଖ୍ୟାନ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି । ଏଠାରେ ଶୁନଃଶେପଙ୍କ ପିତାଙ୍କ ନାମ 'ଅଜୀଗର୍ତ୍ତ' । ଅଯୋଧ୍ୟାର ରାଜାଙ୍କ ନାମ ହରିଶ୍ଚନ୍ଦ୍ର । ହରିଶ୍ଚନ୍ଦ୍ର ନିଃସନ୍ତାନ ଥିଲେ । ସେ ସନ୍ତାନ ଲାଭ କରିବା ପାଇଁ ବରୁଣଙ୍କୁ ପ୍ରାର୍ଥନା କଲେ । ତାଙ୍କର ସନ୍ତାନ ହେଲେ ପ୍ରଥମ ସନ୍ତାନକୁ ବରୁଣଙ୍କୁ ଦେଇଦେବେ ବୋଲି ପ୍ରତିଜ୍ଞା ମଧ୍ୟ କରିଥିଲେ । ସନ୍ତାନ ହେଲା । ପୁତ୍ରଟିର ନାମ ଦିଆଗଲା ରୋହିତ । ମାତ୍ର ଯେତେବେଳେ ବରୁଣ ଆସି ରାଜାଙ୍କୁ ପ୍ରତିଶ୍ରୁତି ରକ୍ଷା କରିବା ପାଇଁ କହିଲେ ସେତେବେଳେ ବିଭିନ୍ନ କାରଣ ଦେଖାଇ ବରୁଣଙ୍କୁ ଫେରାଇ ଦେଲେ । ରୋହିତ

ପ୍ରାପ୍ତବୟସ୍କ ହେବାରୁ ସବୁକଥା ଜାଣିପାରି ଭୀତତ୍ରସ୍ତ ହୋଇ ବନକୁ ଚାଲିଗଲେ। ଛଅବର୍ଷକାଳ ସେ ସେଠାରେ ରହିଲେ। ଇନ୍ଦ୍ରଙ୍କ ପ୍ରରୋଚନାରେ ଏପରି ସେ କଲେ ବୋଲି ବର୍ଣ୍ଣନା କରାଯାଇଛି। ପରେ ସେ ଋଷି ଅଜୀଗର୍ତ୍ତଙ୍କୁ ଭେଟିଲେ ଓ ଶତସଂଖ୍ୟକ ଗାଭୀ ବଦଳରେ ତାଙ୍କର ମଧ୍ୟମ ପୁତ୍ର ଶୁନଃଶେପଙ୍କୁ ଆଣିଲେ। ରୋହିତଙ୍କ ବଦଳରେ ଶୁନଃଶେପଙ୍କୁ ବଳି ଭାବରେ ଗ୍ରହଣ କରିବାକୁ ବରୁଣ ରାଜି ହୋଇଛନ୍ତି। କିନ୍ତୁ ଏଠାରେ ବିଶ୍ୱାମିତ୍ର ଋଷି ଶୁନଃଶେପଙ୍କୁ ରକ୍ଷା କରିଛନ୍ତି। ତାଙ୍କ ପ୍ରଦତ୍ତ ସ୍ତୁତି ଗାନକରି ସେ ବରୁଣ, ଇନ୍ଦ୍ର, ଅଗ୍ନି, ବିଶ୍ୱଦେବ ତଥା ଉଷାଙ୍କୁ ସନ୍ତୁଷ୍ଟ କରିଛନ୍ତି ଏବଂ ସେମାନଙ୍କ ପ୍ରସାଦରୁ ମୃତ୍ୟୁ ମୁଖରୁ ରକ୍ଷା ପାଇଛନ୍ତି।

ଶୁନଃଶେପ ପ୍ରସଙ୍ଗର ଅବତାରଣା ବୈଦିକ ସାହିତ୍ୟରେ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ପୁରାଣ ମାନଙ୍କରେ ସ୍ଥାନ ଲାଭ କରିଛି। ମାତ୍ର ଏହାର ତାତ୍ତ୍ୱିକ ବିଶ୍ଳେଷଣ ପ୍ରଣିଧାନଯୋଗ୍ୟ। ଶ୍ରୀ ଅରବିନ୍ଦ ତାଙ୍କ ପ୍ରଣୀତ ପୁସ୍ତକ 'The Secret of Vedas'ରେ ଏହାର ଏକ ପ୍ରତୀକାତ୍ମକ ଚିତ୍ର ପ୍ରଦାନ କରିଛନ୍ତି। ତାଙ୍କ ମତରେ ପାପର ମୂଳ କାରଣ ହେଉଛି ଅଜ୍ଞାନ। ଶୁନଃଶେପ ଯୂପକାଠରେ ବଳି ପଶୁ ବନ୍ଧା ହେଲାଭଳି ମନୁଷ୍ୟ ଅବିଦ୍ୟା ଜନିତ ତିନିଗୋଟି ରଜ୍ଜୁଦ୍ୱାରା ବନ୍ଧା ହୋଇଛନ୍ତି। ଜୀବନ ଏଭଳି ଏକ ପାଶରେ ପଡିରହି ତିଷ୍ଠି ରହିବା ପାଇଁ ସଂଗ୍ରାମ କରୁଅଛି। ଶୂନଃଶେପ ହେଉଛି ପାପକ୍ଲିଷ୍ଟ ମାନବ ଜାତିର ପ୍ରତୀକ। ପ୍ରବଳ ପରାକ୍ରାମୀ ଶକ୍ତି ଓ ଆଲୋକର ଆଧାର ବରୁଣ। ଏହି ରଜ୍ଜୁ ବନ୍ଧନରୁ ସେ ମାନବକୁ ମୁକ୍ତି କରନ୍ତି। ଏଣୁ ଶୁନଃଶେପ ଅଜ୍ଞାନ ଅବିଦ୍ୟାର ବନ୍ଧନରେ ପଡିଥିବା ମାନବ ଏବଂ ବରୁଣ ଜ୍ଞାନର ପ୍ରତୀକ । ସେ ମାନବର ଅଜ୍ଞାନ ଅନ୍ଧକାର ଦୂର କରନ୍ତି ଜ୍ଞାନର ଆଲୋକ ଦ୍ୱାରା। ଋଗବେଦରେ ଏଠାରେ ପାଶକଥା କୁହାଯାଇଛି। ମାତ୍ର ନରବଳି ବିଷୟ କୁହାଯାଇନି। ଏଣୁ ଏହା ପ୍ରତୀକାତ୍ମକ ମନେହୁଏ। ବେଦ ଉପନିଷଦ୍ ମାନଙ୍କରେ ଏଭଳି ପ୍ରସଙ୍ଗ ଆସିଛି ଯାହାର ତାତ୍ତ୍ୱିକ ଆଲୋଚନା ମଣିଷ ମନରେ ଅଜ୍ଞାନ ତଥା ସଂଶୟକୁ ଦୂର କରିଦିଏ।

ତାତ୍ତ୍ୱିକ ଆଲୋଚନାକୁ ନ ମାନି ଯଦି ଆମେ ସାଧାରଣ ଜୀବନକୁ ଆସିବା ତେବେ ଦେଖିବା ଯେ ଉତ୍କଟ ଦାରିଦ୍ର୍ୟ ଭିତରେ ମଣିଷର ବୁଦ୍ଧିଭ୍ରଷ୍ଟ ହୁଏ ଏବଂ ସେ ନିମ୍ନଗାମୀ ହୁଏ। ଶୁନଃଶେପ ପ୍ରସଙ୍ଗଟି ଅତ୍ୟନ୍ତ କରୁଣ ଓ ପ୍ରାଣସ୍ପର୍ଶୀ। ଗୋଟିଏ ନିରୀହ ନିର୍ଦ୍ଦୋଷ, ଅସହାୟ ବାଳକ ଜୀବନ ରକ୍ଷାପାଇଁ ବ୍ୟାକୁଳ ଭାବରେ ସମସ୍ତଙ୍କୁ ସାହାଯ୍ୟ ଭିକ୍ଷା କରୁଛି। ତାର ପିତା ଉତ୍କଟ ଦାରିଦ୍ର୍ୟ ଭିତରେ ତାକୁ ବିକି ଦେଇଛନ୍ତି।। ଅଜୀଗର୍ତ୍ତ ଶବ୍ଦର ଅର୍ଥ ହେଉଛି ଦାରିଦ୍ର୍ୟ ଯୋଗୁଁ ଯାହାର କ୍ଷୁଧାର ଅନ୍ତ ନାହିଁ। ଦାରିଦ୍ର୍ୟ ବା କ୍ଷୁଧାର ତାଡ଼ନାରେ ଋଷି ଦମ୍ପତି ନିଜର ସନ୍ତାନକୁ ବିକ୍ରୟ କରିଥିଲେ। ଯାହାକି ବର୍ତ୍ତମାନ ସମାଜରେ

ମଧ୍ୟ ଘଟୁଅଛି। କେତେକ ବ୍ୟକ୍ତି ଅନ୍ୟର ଦାରିଦ୍ର୍ୟର ସୁଯୋଗ ନେଇ ନିଜର ସ୍ୱାର୍ଥ ସାଧନ କରିଥାଅନ୍ତି। ତେବେ ବିଶ୍ୱାମିତ୍ରଙ୍କର ମହନୀୟତା ପ୍ରକଟିତ ହୋଇଛି। ସେ ଶୂନଃଶେପଙ୍କୁ କେବଳ ରକ୍ଷା କରିନାହାନ୍ତି ତାହାକୁ ଜ୍ୟେଷ୍ଠ ପୁତ୍ରର ମର୍ଯ୍ୟାଦା ମଧ୍ୟ ଦେଇଛନ୍ତି। ଏହି ଶୁନଃଶେପ ପରବର୍ତ୍ତୀ ସମୟରେ ଜଣେ ମହାନ୍ ଋଷି ଭାବରେ ଖ୍ୟାତି ଲାଭ କରିଛନ୍ତି। ବେଦରେ ଅନେକ ସୂକ୍ତର ରଚୟିତା ବୋଲି ଜଣାଯାଏ।

✡✡✡

# ନୀଳମଣି ବିଦ୍ୟାରତ୍ନ

ଉତ୍କଳ ଭାରତୀଙ୍କ ବରପୁତ୍ର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଅଭିମନ୍ୟୁ ସାମନ୍ତ ସିଂହାର, ରାଧାନାଥ ରାୟ, ଗଙ୍ଗାଧର ମେହେର, ଫକିର ମୋହନ ସେନାପତି ପ୍ରମୁଖ ଅଶେଷ ଖ୍ୟାତି ଲାଭ କରିଛନ୍ତି। ଏମାନଙ୍କ ନାମ ଉତ୍କଳର ଘରେ ଘରେ ପରିଚିତ। କିନ୍ତୁ ଅନ୍ୟ କେତେକ କୃତୀ ସନ୍ତାନ ଅଛନ୍ତି ଯେଉଁମାନେ କେବଳ ବୁଦ୍ଧିଜୀବୀ ମହଲରେ ପରିଚିତ ତଥାପି ସେମାନଙ୍କ ସାରସ୍ୱତ ସାଧନା ଉତ୍କଳର ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିଅଛି। ସେମାନଙ୍କ ମଧ୍ୟରେ ନୀଳମଣି ବିଦ୍ୟାରତ୍ନ ଅନ୍ୟତମ। ଜଣେ ସାହିତ୍ୟିକ, ସମାଜ ସଂସ୍କାରକ, ସାମ୍ବାଦିକ ତଥା ନିର୍ଭୀକ ସମାଲୋଚକ ଓ ପ୍ରାବନ୍ଧିକ ଭାବରେ ସେ ଉତ୍କଳର ଜନ ଜୀବନକୁ ପ୍ରଭାବିତ କରିଥିଲେ।

୧୮୬୭ ମସିହା ଡିସେମ୍ବର ୧୪ ତାରିଖ ଦିନ ବାଙ୍କୀର ବୈଦ୍ୟେଶ୍ୱର ନିକଟସ୍ଥ ବ୍ରଜବିହାରୀ ଶାସନରେ ତଙ୍କର ଜନ୍ମ ହୋଇଥିଲା। ତାଙ୍କର ସଞ୍ଜ୍ଞା ହେଉଛି ମିଶ୍ର। ମାତ୍ର ପରେ ବିଦ୍ୟାରତ୍ନ ଉପାଧି ଲାଭକରି ସେ ନୀଳମଣି ବିଦ୍ୟାରତ୍ନ ଭାବରେ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କର ପିତାଙ୍କର ନାମ ସୌରୀଚରଣ ମିଶ୍ର ଓ ମାତାଙ୍କର ନାମ ରୋହିଣୀ ଦେବୀ। ବର୍ଣ୍ଣ ଶ୍ୟାମଳ ଥିବାରୁ ତାଙ୍କର ନାମ ଦିଆଯାଇଥିଲା ନୀଳମଣି। ପିଲାଦିନେ ଗ୍ରାମ ଚାଟଶାଳୀରେ ସେ ପଢ଼ିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ବାଲ୍ୟକାଳରୁ ତାଙ୍କର ପ୍ରତିଭାର ପରିଚୟ ମିଳିଥିଲା। ଆଜିକାଲି ଭଳି ସେ ସମୟରେ ଶିକ୍ଷାର ପ୍ରସାର ଘଟି ନଥିଲା। ଏଣୁ ସେ ବୈଦ୍ୟେଶ୍ୱର ପ୍ରାଇମେରୀ ସ୍କୁଲରେ ନାମ ଲେଖାଇଲେ। ସେ ଜଣେ ମେଧାବୀ ଛାତ୍ର ଭାବରେ ଶିକ୍ଷକମାନଙ୍କର ଦୃଷ୍ଟି ଆକର୍ଷଣ କଲେ। ଏହି ସ୍କୁଲରେ ଶିକ୍ଷା ସମାପ୍ତ କରି ମାସିକ ୩ ଟଙ୍କା ବୃତ୍ତି ପାଇଲେ। ଏହା ପରେ ଚର୍ଚ୍ଚିକା ମିଡିଲ ସ୍କୁଲରେ ନାମ ଲେଖାଇଲେ। ତାଙ୍କର ପାଠପଢ଼ାରେ ବିଶେଷ ଆଗ୍ରହ ଥିଲା। କେଉଁଠାରୁ ବହିଟିଏ ପାଇଲେ ତାକୁ ଶେଷ ନକରିବା ପର୍ଯ୍ୟନ୍ତ ଅନ୍ୟ କାମରେ ମନ ଦେଉନଥିଲେ। କିରୋସିନି କିଣିବାକୁ ପଇସା ନଥିଲେ କନିଅର ମଞ୍ଜିକୁ ଛେଚି ତାରି ରସକୁ ତେଲଭଳି ବ୍ୟବହାର କରି ରାତିସାରା ପଢୁଥିଲେ। ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିଲା। ଏଣୁ ସେ ବୃତ୍ତି ଟଙ୍କାରେ ଅତି କଷ୍ଟରେ ଚଳୁଥିଲେ। ପିଲାଦିନରୁ ତାଙ୍କର ସାହିତ୍ୟ ପ୍ରତି ଆକର୍ଷଣ ରହିଥାଏ।ଏହି ବିଦ୍ୟାଳୟରୁ ସେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ପୁନର୍ବାର ବୃତ୍ତି ପାଇଲେ।

ଚର୍ଚ୍ଚିକା ସ୍କୁଲରୁ ପାଶ୍ କଲାପରେ କାହାକୁ କିଛି ନକହି ଭର୍ଣ୍ଣାକୁଲାର ସ୍କୁଲରେ ପଢ଼ିବାପାଇଁ କଟକ ଚାଲିଆସିଲେ। ଏଠାରେ ପ୍ରଥମେ ସେ ବାଙ୍କୀର ଗୋବିନ୍ଦ ରଥଙ୍କ

ପାଖରେ ରହିଲେ। ସେ ଭଣ୍ଡାର୍କୁଲାର ସ୍କୁଲର ପ୍ରଧାନ ଶିକ୍ଷକଙ୍କଠାରୁ ବୁଝିଲେ ଯେ ହାତରୁ ଟଙ୍କା ଖର୍ଚ୍ଚକରି ଛଅମାସ ପଢ଼ିଲାପରେ ବୃତିଟଙ୍କା ମିଳିବ। ପୂର୍ବରୁ ପାଇଥିବା ବୃତ୍ତିରୁ କିଛିଟଙ୍କା ତାଙ୍କ ପାଖରେ ଥିଲା। ମାତ୍ର ଏହି ସମୟରେ କଲିକତାରେ ଏକ ବୃହତ୍ ପ୍ରଦର୍ଶନୀ ହେଉଥିଲା। ଗୋବିନ୍ଦ ତ୍ରିପାଠୀ ଏହା ଦେଖିବାକୁ ଗଲେ। ନୀଳମଣି ମଧ୍ୟ ତାଙ୍କ ସହିତ କଲିକତା ଗଲେ। ଫଳରେ ତାଙ୍କର ସଞ୍ଚିତ ଅର୍ଥ ମଧ୍ୟ ଖର୍ଚ୍ଚ ହୋଇଗଲା ଏବଂ ସେ କପର୍ଦ୍ଦକ ଶୂନ୍ୟ ହୋଇଗଲେ। ତାଙ୍କର ଏ ଅପରିଣାମଦର୍ଶିତା ଯୋଗୁଁ ଅଧିକ ପଢ଼ିବାର ଆଶା ମଉଳିଗଲା। କିନ୍ତୁ ତାଙ୍କର ପରମ ସୌଭାଗ୍ୟ ଯେ ଗ୍ରାମକୁ ଫେରିବା ପୂର୍ବରୁ ଅକସ୍ମାତ୍ ରାଧାନାଥ ରାୟଙ୍କ ସହିତ ଦେଖାହେଲା। ନୀଳମଣିଙ୍କ ଅକ୍ଷର ଅତି ସୁନ୍ଦର ଥିଲା। ଏଣୁ ରାଧାନାଥ ତାଙ୍କୁ ପାଖରେ ରଖିଲେ। ସେ ରାଧାନାଥଙ୍କ ଦ୍ୱାରା ପେନସିଲ୍‌ରେ ଲିଖିତ ପାଣ୍ଡୁଲିପିକୁ ସଜାଇ କଲମ ଧରି କାଗଜରେ ଉତାରି ଦେଲେ। ରାଧାନାଥଙ୍କ ସାନ୍ନିଧ ଲାଭକରି ତାଙ୍କର ସାହିତ୍ୟିକ ପ୍ରତିଭାର ଉନ୍ମେଷ ଘଟିଲା। ସେ ଥିଲେ ଅଧ୍ୟୟନଶୀଳ। ତାଙ୍କର ପ୍ରତିଭାରେ ମୁଗ୍ଧହୋଇ ରାଧାନାଥ ବଡମ୍ବାର ଗୋପିନାଥପୁର ସ୍କୁଲରେ ତାଙ୍କୁ ଶିକ୍ଷକ ହେବାରେ ସହାୟତା କରିଥିଲେ। ରାଧାନାଥ ସେତେବେଳେ ଶିକ୍ଷା ବିଭାଗର ଇନିସ୍ପେକ୍ଟର ଥିଲେ। ଗୋପିନାଥପୁର ସ୍କୁଲରେ ସେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ତାଙ୍କର କର୍ତ୍ତବ୍ୟ ନିଷ୍ଠା ତଥା  ମଧୁର ବ୍ୟବହାର ଫଳରେ ଜନସାଧାରଣ ତାଙ୍କୁ ବିଶେଷ ସମ୍ମାନ ଦେଉଥିଲେ। ସେ ସାହିତ୍ୟ ସାଧନାରେ ନିମଗ୍ନ ରହୁଥିଲେ। କଟକରେ ବାମଣ୍ଡା ପ୍ରେସ ପକ୍ଷରୁ ପ୍ରକାଶିତ ପତ୍ରିକାରେ ତାଙ୍କର ଅନେକ ଲେଖା ପ୍ରକାଶିତ ହେଲା। ଏହା ଫଳରେ ତାଙ୍କ ସୁନାମ ଦିନକୁ ଦିନ ବଢ଼ିବାରେ ଲାଗିଲା। ସ୍କୁଲରୁ ମଧ୍ୟ ଜଣେ ଛାତ୍ର ବୃତ୍ତି ପାଇବାରୁ ଜଣେ ଉଚ୍ଚ କୋଟିର ଶିକ୍ଷକ ଭାବରେ ସେ ପ୍ରଶଂସିତ ହେଲେ। ଏହି ସମୟରେ ବଡ଼ମ୍ବାର ରାଣୀ ତାଙ୍କର ବିଦ୍ୱତ୍ତା ଓ ସାହିତ୍ୟିକ ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ 'ବିଦ୍ୟାରତ୍ନ' ଉପାଧିରେ ଭୂଷିତ କରାଇଲେ। ତାଙ୍କୁ ପଟ୍ଟବସ୍ତ୍ର ଓ ଅର୍ଥ ପୁରସ୍କାର ଆକାରରେ ଦେଇଥିଲେ। ତାଙ୍କୁ ଗୋଟିଏ ସାର୍ଟିଫିକେଟ୍ ମଧ୍ୟ ଦେଇଥିଲେ। ସେହିଦିନ ଠାରୁ ସେ ନୀଳମଣି ବିଦ୍ୟାରତ୍ନ ଭାବରେ ପରିଚିତ ହେଲେ। ନୀଳମଣିଙ୍କର ଜୀବନର ଲକ୍ଷ୍ୟଥିଲା ଶିକ୍ଷାଦାନ, ସାହିତ୍ୟସାଧନା ଓ ପରୋପକାର। ସେ ଗୋଟିଏ ନୈଶ ବିଦ୍ୟାଳୟ ସ୍ଥାପନ କରି ଲୋକମାନଙ୍କୁ ସାକ୍ଷର କରାଇବାର ଉଦ୍ୟମ କରିଥିଲେ। ବଡ଼ମ୍ବାର ପ୍ରଖ୍ୟାତ ବ୍ୟବସାୟୀ ଧନାଢ଼୍ୟ ବ୍ୟକ୍ତି ମୋହନ ସୁବୁଦ୍ଧି ଯାହାଙ୍କ ବାଦାନ୍ୟତା ଯୋଗୁ ଅନେକ ଶିକ୍ଷାନୁଷ୍ଠାନ ଗଢ଼ିଉଠିଛି; ସେ ଜୀବନରେ ପ୍ରାରମ୍ଭିକ ଅବସ୍ଥାରେ ଅତ୍ୟନ୍ତ ଗରିବ ଥିଲେ। ନୀଳମଣି ଅନ୍ୟଠାରୁ ଟଙ୍କା ଧାର ଆଣି ତାଙ୍କୁ ଏହା ଦେଇ ବ୍ୟବସାୟ କରିବାକୁ ପ୍ରବର୍ତ୍ତାଇଥିଲେ। ଏହା ନୀଳମଣିଙ୍କର ଦୂରଦର୍ଶିତାର ଏକ ନମୁନା।

ସେ ବିଭିନ୍ନ ଭାବରେ ସଫଳତା ଲାଭକଲେ। ଅତ୍ୟନ୍ତ ଜନପ୍ରିୟ ହୋଇଗଲେ ଏବଂ ତାଙ୍କର ସାହିତ୍ୟିକ କୃତି ପ୍ରଶଂସିତ ହେଲା। ଯାହାର ପରିଣାମ ସ୍ୱରୁପ କେତେକ ବ୍ୟକ୍ତି ତାଙ୍କ ପ୍ରତି ଇର୍ଷାନ୍ୱିତ  ହୋଇ ପଡ଼ିଲେ। ସେହି ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକ ସେଥିମଧ୍ୟରୁ ଅନ୍ୟତମ। ସେ ନୀଳମଣିଙ୍କ ବିରୁଦ୍ଧରେ ଉପରିସ୍ଥ ଅଫିସରଙ୍କ ପାଖକୁ ଅନେକ ବେନାମୀ ଚିଠି ପଠାଇଲେ। ନୀଳମଣି ସ୍କୁଲରେ ପାଠ ପଢ଼ାଉ ନାହାନ୍ତି। ଗାଁ ଭିତରେ ସବୁବେଳେ ପଶା ଖେଳୁଛନ୍ତି। ନୀଳମଣି  ଯେତେବେଳେ ଏକଥା ଜାଣିଲେ ସେ ଅତ୍ୟନ୍ତ ବିବ୍ରତ ହୋଇପଡ଼ିଲେ। ପରିଶେଷରେ  ସେ ସ୍ଥିର କଲେ ଯେ ଏହି ବିଦ୍ୟାଳୟରୁ ସେ ବିଦାୟ ନେବେ। ଏହି ସମୟରେ ସେ ଶୁଣିଲେ ଯେ ବାମଣ୍ଡାରେ  ମାଇନର ସ୍କୁଲରେ ଗୋଟିଏ ଶିକ୍ଷକ ପଦ ଖାଲି ଅଛି। ଏଣୁ ସେ ରାଜା ସୁଢ଼ଳ ଦେବଙ୍କ ପାଖକୁ ଦରଖାସ୍ତ ପଠାଇଲେ। ପ୍ରଥମେ ଏକଥା ସେ ଗୋପନ ରଖିଥିଲେ। ମାତ୍ର ସ୍କୁଲର ଦ୍ୱିତୀୟ ଶିକ୍ଷକ ଏହା କୌଣସି ପ୍ରକାରେ ଜାଣିଗଲେ। ସେ ଚକ୍ରାନ୍ତ କରି ପୋଷ୍ଟଅଫିସର ସିଲ୍‌ଲଗା ଗୋଟିଏ ଜାଲ ନିଯୁକ୍ତିପତ୍ର ନୀଳମଣିଙ୍କ ପାଖକୁ ପଠାଇଦେଲେ। ସରଳ ବିଶ୍ୱାସୀ ନୀଳମଣି ଏହା ଜାଣିପାରିଲେ ନାହିଁ। ସେ ଅତ୍ୟନ୍ତ ଆନନ୍ଦିତ ହୋଇ ବିଦ୍ୟାଳୟରୁ ଇସ୍ତଫାଦେଇ ବାମଣ୍ଡା ଅଭିମୁଖେ ଯାତ୍ରା କଲେ। ସେଠି ପହଞ୍ଚି ରାଜାଙ୍କୁ ଦେଖାକରି ଏ ନିଯୁକ୍ତି ପତ୍ର ଯେତେବେଳେ ଦେଖାଇଲେ ରାଜା ଜାଣିଗଲେ ଯେ ଏହା ଏକ ଜାଲ ନିଯୁକ୍ତିପତ୍ର। କିନ୍ତୁ ସେ ଅନୁମାନ କରିପାରିଲେ ଯେ ନୀଳମଣି ଏକପ୍ରକାର ଚକ୍ରାନ୍ତର ଶିକାର ହୋଇ ସେଠା ସ୍କୁଲରୁ ଇସ୍ତଫା ଦେଇଛନ୍ତି। ନୀଳମଣିଙ୍କର ସରଳତା ଓ ନିର୍ଦ୍ଦୋଷତାକୁ ସେ ଉପଲବ୍ଧି କରିପାରିଲେ ଏବଂ ବାମଣ୍ଡା ସ୍କୁଲରେ ତାଙ୍କର ନିଯୁକ୍ତି ହେଲା।

ନୀଳମଣି ଅନେକ ସଦ୍‌ଗୁଣର ଅଧିକାରୀ ଥିଲେ। ଯଦିଓ ସେ ଉଚ୍ଚଶିକ୍ଷା ଲାଭ କରିନଥିଲେ ତଥାପି ନିଜ ଅଧ୍ୟବସାୟ ବଳରେ ଅନେକ ବିଷୟରେ ତାଙ୍କର ପାଣ୍ଡିତ୍ୟ ଥିଲା। ସେ ନିର୍ଭୀକ ଓ ସଂସ୍କାରବାଦୀ ଥିଲେ। ସେ ନାରୀଶିକ୍ଷା ଓ ବିଧବା ବିବାହ ସପକ୍ଷରେ ଥିଲେ। ବାଲ୍ୟ ବିବାହ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ। ଏକାଦଶୀ ଦିନ ନିର୍ଜଳ ଉପବାସ କରି ବିଧବାମାନେ ଯେଉଁ କଷ୍ଟ ଭୋଗକରୁଥିଲେ ତାହା ଭାବି ନୀଳମଣି ଗଭୀର ବ୍ୟଥା ଅନୁଭବ କରୁଥିଲେ। ଏଣୁ ସେ ମତ ଦେଉଥିଲେ ଯେ ସେମାନେ ଫଳ ଭକ୍ଷଣ କଲେ କିଛି କ୍ଷତି ନାହିଁ। ଏହି ସମୟରେ ସୁଢଳଦେବ ଦେଖିଲେ ଯେ କଟକରେ ସ୍ଥାପିତ ସୁଢଳପ୍ରେସ୍ ଏକ ପ୍ରକାର ଅଚଳ ଅବସ୍ଥାକୁ ଚାଲିଆସିଛି। ଏଣୁ ସେ ଏ ପ୍ରେସ୍‌କୁ ଦେଓଗଡକୁ ଘେନି ଆସିଲେ। ରାଧାନାଥ ରାୟଙ୍କର ସୁଢଳ ଦେବ ଜଣେ ପ୍ରଶଂସକ ଥିଲେ ଏବଂ ରାଧାନାଥ ବାମଣ୍ଡାକୁ ଏକ ସପ୍ତାହ ପାଇଁ ଆସିଥିଲେ। ତାଙ୍କରି ପରାମର୍ଶରେ ସୁଢଳ ଦେବ 'ସମ୍ବଲପୁର ହିତୈଷିଣୀ' ନାମକ ଏକ ପତ୍ରିକା ପ୍ରକାଶ କରିବାକୁ ଚିନ୍ତାକଲେ।

ରାଜନୀତି, ସମାଜ ସଂସ୍କାର, ସାହିତ୍ୟ ସାଧନା, ଉତ୍କଳ ଭାଷାର ବିକାଶ, ବୈଜ୍ଞାନିକ ଚିନ୍ତାଧାରାର ପ୍ରଗତି ଏଭଳି ଅନେକ କଲ୍ୟାଣମୂଳକ ଯୋଜନା ପ୍ରସ୍ତୁତ କରି ଏ ପତ୍ରିକା ପ୍ରକାଶିତ ହେଲା। ପ୍ରଥମେ ରାଜକୁମାର ସ୍କୁଲର ପ୍ରଧାନ ଶିକ୍ଷକ ଏହାର ସମ୍ପାଦକ ରହିଲେ। ମାତ୍ର ରାଜା ନୀଳମଣି ବିଦ୍ୟାରତ୍ନଙ୍କୁ ସବୁଦୃଷ୍ଟିରୁ ଯୋଗ୍ୟ ବ୍ୟକ୍ତି ଭାବି ପରେ ତାଙ୍କୁ ସ୍ଥାୟୀ ସମ୍ପାଦକ ଭାବରେ ନିଯୁକ୍ତି ଦେଲେ। ନୀଳମଣି ବିଦ୍ୟାରତ୍ନ ଏ ପତ୍ରିକାର ପ୍ରସାର ପାଇଁ କଠୋର ପରିଶ୍ରମ କରୁଥିଲେ। ପ୍ରଭାତରୁ ଗଭୀର ରାତ୍ରି ପର୍ଯ୍ୟନ୍ତ ସେ ଏଥିପାଇଁ ଏହାର ସମ୍ପାଦନା କାର୍ଯ୍ୟରେ ଲାଗି ଥାଆନ୍ତି। ବିଭିନ୍ନ ପୁସ୍ତକ ପଠନ, ବିଭିନ୍ନ ଲେଖାପଢ଼ି ପତ୍ରିକା ପାଇଁ ତାହାକୁ ନିର୍ବାଚନ କରିବା, ପ୍ରୁଫ୍ ସଂଶୋଧନ ଏସବୁ କାର୍ଯ୍ୟରେ ସେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗକରି ଦେଇଥିଲେ। ତାଙ୍କରି ପ୍ରେରଣାରେ ଅନେକ ସାହିତ୍ୟିକ ନିଜର ଲେଖାସବୁ ପଠାଇଲେ। ରାଧାନାଥ ରାୟ, ଗଙ୍ଗାଧର ମେହେର, ଫକିର ମୋହନ ସେନାପତି, ବିଶ୍ୱନାଥ କର, ଚନ୍ଦ୍ରମୋହନ ମହାରଣା ପ୍ରଭୃତି ବିଶିଷ୍ଟ କବି ଓ ଲେଖକଙ୍କର ଲେଖା ଏଥିରେ ପ୍ରାକାଶିତ ହେବା ଫଳରେ ଏହାର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଲା। ସେତେବେଳେ ସମ୍ବଲପୁର ମଧ୍ୟପ୍ରଦେଶ ଅଧୀନରେ ଥିଲା ଏବଂ ସରକାରୀ ଭାଷା ଭାବରେ ଓଡ଼ିଆ ବଦଳରେ ହିନ୍ଦୀ ପ୍ରଚଳିତ ଥିଲା। ଏହା ବିରୁଦ୍ଧରେ ସମ୍ବଲପୁରରେ ଜନ ଅନ୍ଦୋଳନ ଆରମ୍ଭ ହୋଇଥାଏ। ନୀଳମଣି ତାଙ୍କ ସମ୍ପାଦିତ ପତ୍ରିକାରେ ଏହି ଆନ୍ଦୋଳନକୁ ସମର୍ଥନ କରି ଲେଖାମାନ ପ୍ରକାଶ କରୁଥାଆନ୍ତି। ସରକାରଙ୍କର ଚକ୍ଷୁଶୂଳ ହେଲେ ମଧ୍ୟ ତାଙ୍କର ଏଥିପ୍ରତି ଭୟ ନଥାଏ। ସେ ଯେ କୌଣସି କାର୍ଯ୍ୟ ହାତକୁ ନେଲେ ତାହା ଶେଷ ନ ହେଲା ପର୍ଯ୍ୟନ୍ତ ସେ ଏଥିରୁ କ୍ଷାନ୍ତ ହେଉ ନଥିଲେ। ଗଙ୍ଗାଧର ମେହେର ଯଦି ଓଡ଼ିଶାରେ ପ୍ରସିଦ୍ଧି ଲାଭକଲେ ଏହା ପଛରେ ନୀଳମଣିଙ୍କର ପ୍ରେରଣା ମୁଖ୍ୟ କାରଣ ହୋଇପାରେ।

ମାତ୍ର ହଠାତ୍ ଏଭଳି ଏକ ଘଟଣା ଘଟିଗଲା ଯାହା ଫଳରେ ନୀଳମଣି ସମ୍ପାଦକ ପଦରୁ ଇସ୍ତଫା ଦେଇ ବାମଣ୍ଡାରୁ ବିଦାୟ ନେଲେ। ନୀଳମଣିଙ୍କର ଅନେକ ସଦ୍‌ଗୁଣ ଥିଲେ ମଧ୍ୟ ସେ ମିତବ୍ୟୟୀ ନଥିଲେ। ଖୁବ ଖର୍ଚ୍ଚୀ ଥିଲେ। ଫଳରେ ପ୍ରେସ ପାଣ୍ଠିରୁ ୩୦୦ ଟଙ୍କା ଖର୍ଚ୍ଚ କରିଦେଲେ। ଭରଣା କରି ପାରିଲେ ନାହିଁ। ସୁଚଳଦେବଙ୍କ ଦୃଷ୍ଟିକୁ ଏହା ଆସିଲା। ସେ କ୍ରୋଧାନ୍ୱିତ ହୋଇ ନୀଳମଣିଙ୍କୁ କହିଲେ ଯେ ଯଦି ସାତଦିନ ମଧ୍ୟରେ ସେ ଟଙ୍କା ପଇଠ ନକରନ୍ତି ତେବେ ସେ ଦଣ୍ଡିତ ହେବେ, ଅର୍ଥାତ ଜେଲ ଭୋଗିବେ। ନୀଳମଣି ବିବ୍ରତ ହୋଇପଡିଲେ। ଏ ସଙ୍କଟରୁ ଉଦ୍ଧାର ପାଇବା ପାଇଁ ତାଙ୍କର ପୂଜ୍ୟ ଗୁରୁ ରାଧାନାଥଙ୍କ ସାହାଯ୍ୟ ଲୋଡିଲେ। ଉଦାର ହୃଦୟ ରାଧାନାଥ ୩୦୦ଟଙ୍କା ମନିଅର୍ଡର ପଠାଇ ତାଙ୍କୁ ଏ ବିପଦରୁ ରକ୍ଷା କଲେ। ବିପଦରୁ ସିନା ରକ୍ଷା ପାଇଗଲେ କିନ୍ତୁ ସେ

ଅନୁଭବ କଲେ ଯେ ରାଜଦରବାରରେ ପୂର୍ବ ସମ୍ମାନ ଆଉ ସେ ଫେରି ପାଇବେ ନାହିଁ। ଏଣୁ ଇସ୍ତଫାଦେଇ ବାମଣ୍ଡାରୁ ବିଦାୟ ନେଲେ।

ଏହାପରେ ଖଲିକୋଟ ରାଜାଙ୍କ ଅଧୀନରେ 'ପ୍ରଜାବନ୍ଧୁ' ପତ୍ରିକାର ସମ୍ପାଦକ ଦାୟିତ୍ୱ ତୁଲାଇଲେ। ଏ ପତ୍ରିକାର ଖ୍ୟାତି ବଢ଼ିଲା। କିନ୍ତୁ ଆର୍ଥିକ କ୍ଷତି ଯୋଗୁ ଏ ପତ୍ରିକା ବନ୍ଦ ହୋଇଗଲା। ତାପରେ 'ଗୁଣ ଦର୍ପଣ' ପତ୍ରିକାର ସମ୍ପାଦକ ହୋଇଥିଲେ। ପରିଶେଷରେ 'ଉତ୍କଳଦୀପିକା'ରେ କିଛିଦିନ ପାଇଁ ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ, ମାତ୍ର ନିଜର ଭଗ୍ନ ସ୍ୱାସ୍ଥ୍ୟ ଯୋଗୁ ବିଶେଷ ସଫଳତା ଲାଭ କରିପାରିନଥିଲେ।

ନୀଳମଣି ଥିଲେ ଅତ୍ୟନ୍ତ ପରୋପକାରୀ। ସେ ଅନୁଭବ କରିଥିଲେ ଯେ ଉତ୍କଳ ଜନନୀର ଜଣେ ଯୋଗ୍ୟ ସନ୍ତାନ ସାମନ୍ତ ଚନ୍ଦ୍ରଶେଖର ଦାରୁଣ ବ୍ୟାଧିରେ ପଡିଛନ୍ତି ଓ ତାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଛି। ଏଥିରୁ ତାଙ୍କୁ ଉଦ୍ଧାର କରିବା ପାଇଁ ନୀଳମଣି ୩୦୦ ଖଣ୍ଡ ଚିଠି ଓଡିଶାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପାଖକୁ ପଠାଇଥିଲେ। ଫଳରେ ଚନ୍ଦ୍ରଶେଖର ବିଶେଷ ଆର୍ଥିକ ସାହାଯ୍ୟ ପାଇଥିଲେ।

କ୍ରମେ କ୍ରମେ ନୀଳମଣିଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଲା। ବିଭିନ୍ନ ରୋଗରେ ପଡ଼ି ସେ ବିଶେଷ କଷ୍ଟ ଅନୁଭବ କରୁଥିଲେ। କଟକର ପ୍ରସିଦ୍ଧ କବିରାଜ ବାଲୁଙ୍କେଶ୍ୱର ଆଚାର୍ଯ୍ୟ ତାଙ୍କର ଚିକିତ୍ସା କରୁଥାଆନ୍ତି କିନ୍ତୁ ସମସ୍ତ ଉଦ୍ୟମ ବ୍ୟର୍ଥହେଲା। ୧୯୨୪ ମସିହା ଜୁଲାଇ ୨୬ ତାରିଖ ଦିନ ସଂସାରରୁ ସେ ବିଦାୟନେଲେ। ଓଡ଼ିଶା ତାର ଜଣେ ଯୋଗ୍ୟ ସନ୍ତାନକୁ ହରାଇଲା। ଜଣେ ସାହିତ୍ୟିକ, ସମାଜ ସଂସ୍କାରକ, ନିର୍ଭୀକ ସମାଲୋଚକ ଓ ଉଚ୍ଚକୋଟିର ପ୍ରାବନ୍ଧିକ ଭାବରେ ସେ ତତ୍କାଳୀନ ଓଡିଶାର ଅଶେଷ ଉପକାର ସାଧନ କରିଥିଲେ। ସେ ଚିର ନମସ୍ୟ।

✱✱✱

# ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସ

ପୁରୀ-ବ୍ରହ୍ମଗିରି ରାସ୍ତାରେ ପ୍ରାୟ ଆଠ କିଲୋମିଟର ଗଲାପରେ ଉତ୍ତରକୁ ଗୋଟିଏ ପକ୍‌କା ରାସ୍ତା କପିଳେଶ୍ୱରପୁର ଗ୍ରାମକୁ ପଡ଼ିଅଛି। ଏହି କପିଳେଶ୍ୱରପୁର ଗ୍ରାମଟି ସୂର୍ଯ୍ୟବଂଶର ପ୍ରଥମ ରାଜା କପିଳେନ୍ଦ୍ରଦେବ ସ୍ଥାପନ କରିଥିଲେ। ଏହି ଗ୍ରାମରେ ୧୪୮୭ ମସିହା ଭାଦ୍ର ଶୁକ୍ଳ ଅଷ୍ଟମୀ (ରାଧାଷ୍ଟାମୀ) ଦିନ ଜଗନ୍ନାଥ ଦାସଙ୍କର ଜନ୍ମ ହୋଇଥିଲା। ତାଙ୍କର ପିତାଙ୍କର ନାମ ଭଗବାନ ଦାସ ଓ ମାତାଙ୍କର ନାମ ପଦ୍ମାବତୀ ଦେବୀ। କପିଳେନ୍ଦ୍ରଦେବ ଏହି ଗ୍ରାମର କୌଶିକ ଗ୍ରୋତ୍ରୀୟ ବ୍ରାହ୍ମଣ ନରୋତ୍ତମ ଦାସଙ୍କୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପୁରାଣପଣ୍ଡା ଭାବେ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ପୌତ୍ର ତଥା ଜଗନ୍ନାଥ ଦାସଙ୍କର ପିତା ଏହି ପଦରେ ମଧ୍ୟ ଅଧିରୂଢ଼ ହୋଇଥିଲେ। ଏଣୁ ଦେଖିବାକୁ ଗଲେ ମନ୍ଦିରରେ ପୁରାଣ ପାଠ କରିବା ଥିଲା ଏ ପରିବାରର କୌଳିକ ବୃତ୍ତି ବା ପରମ୍ପରା।

ଭଗବାନ ଦାସ ଓ ତାଙ୍କର ପତ୍ନୀ ବହୁଦିନ ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଆରାଧନା କରି ପୁତ୍ର ଲାଭକଲେ। ଶ୍ରୀ ଜଗନ୍ନାଥଙ୍କ କୃପାରୁ ପୁତ୍ର ପ୍ରାପ୍ତି ହେବାରୁ ତାର ନାମ ଦେଲେ ଜଗନ୍ନାଥ। ବାଲ୍ୟକାଳରୁ ଜଗନ୍ନାଥଙ୍କ ଅସାଧାରଣ ପ୍ରତିଭାର ପରିଚୟ ମିଳିଥିଲା। ତାଙ୍କୁ ଯେତେବେଳେ ଆଠବର୍ଷ ହୋଇଥିଲା ସେତେବେଳେ ତାଙ୍କର ଉପନୟନ କାର୍ଯ୍ୟ ଶେଷ ହେଲା। ଅସାଧାରଣ ଧୀଶକ୍ତି ବଳରେ ବ୍ୟାକରଣ, ଷଡ଼୍‌ଦର୍ଶନ, ଭାଗବତ ଓ ଅନ୍ୟାନ୍ୟ ପୁରାଣ ଶାସ୍ତ୍ରରେ ବ୍ୟୁତ୍ପତ୍ତି ଲାଭକଲେ। ସେ ସମୟର ରୀତି ଅନୁଯାୟୀ ତାଙ୍କୁ ୧୨ ବର୍ଷରେ ବିବାହ କରାଇବା ପାଇଁ ତାଙ୍କ ପିତାମାତା ଇଚ୍ଛା କରିଥିଲେ। ମାତ୍ର, ସେ ଅମଙ୍ଗ ହେବାରୁ ଏ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ତାଙ୍କୁ ୧୬ ବର୍ଷ ହୋଇଥିବା ବେଳେ ତାଙ୍କର ପିତୃ ବିୟୋଗ ହେଲା। ଏଣୁ ସେ ଶାସ୍ତ୍ର ଅଧ୍ୟୟନ ଓ ମାତୃ ସେବାରେ ସମୟକୁ ବିନିଯୋଗ କଲେ। ଯାହା ଜଣାଯାଏ ୨୦ ବର୍ଷ ବୟସରେ ସେ ଶ୍ରୀକ୍ଷେତ୍ର ଆସିଥିଲେ ଏବଂ ପରବର୍ତ୍ତୀ ଜୀବନ ଏହିଠାରେ କଟାଇ ଥିଲେ। କ୍ରମେ ସଂସାର ପ୍ରତି ତାଙ୍କର ବୈରାଗ୍ୟ ଭାବ ଆସିଲା ଏବଂ ସେ ଆଜୀବନ ବ୍ରହ୍ମଚାରୀ ରହିଥିଲେ।

ସେ ସମୟରେ ଧାର୍ମିକ ବ୍ୟକ୍ତିଗଣ ବ୍ୟାସକୃତ ଶ୍ରୀମଦ୍‌ଭାଗବତ ମହାପୁରାଣ ଶୁଣିବାକୁ ଏକ ପୁଣ୍ୟ କାର୍ଯ୍ୟ ବୋଲି ମନେ କରୁଥିଲେ। ଏହା ସକଳ ବିଦ୍ୟାର ସାର। "ବିଦ୍ୟା ଭାଗବତାବଧି"। "ସକଳ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ"। କିନ୍ତୁ

ଏହା ସଂସ୍କୃତ ଭାଷାରେ ରଚିତ ହୋଇଛି। ଏଣୁ ସଂସ୍କୃତଜ୍ଞ ବିଦ୍ୱାନମାନେ ଜିଜ୍ଞାସୁ ଶ୍ରୋତାମାନଙ୍କୁ ଏହା ଶୁଣାଉ ଥିଲେ। ଥରେ କାର୍ତ୍ତିକ ମାସରେ ଜଗନ୍ନାଥ ଦାସଙ୍କ ମାତା ପୁରାଣପଣ୍ଡାଙ୍କ ଠାରୁ ଭାଗବତ ଶୁଣୁଥିଲେ। କଥିତ ଅଛି ଯେ ପଣ୍ଡାଙ୍କ ଦକ୍ଷିଣା ଦେବାରେ ସେ ଅସମର୍ଥ ହେଲେ। ପଣ୍ଡା ତାଙ୍କୁ ଆସିବାକୁ ମନା କରିଦେଲେ। ଏଥିରେ ସେ ଅପମାନିତ ବୋଧ କଲେ। ସେ ଅନୁଭବ କଲେ ଯେ ତାଙ୍କ ଭଳି ଅନେକ ବ୍ୟକ୍ତି ଅର୍ଥାଭାବରୁ ଭାଗବତ ଶ୍ରବଣରୁ ବଂଚିତ ହେଉଥିବେ। ପୁତ୍ର ଜଗନ୍ନାଥଙ୍କ ଆଗରେ ହୃଦୟର ବ୍ୟଥା ପ୍ରକାଶ କରି ତାଙ୍କୁ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରିବା ପାଇଁ ପ୍ରବର୍ତ୍ତାଇଲେ। ସେ ଜାଣିଥିଲେ ଯେ ତାଙ୍କ ପୁତ୍ରର ସଂସ୍କୃତ ଭାଷାରେ ଅସାଧାରଣ ପାଣ୍ଡିତ୍ୟ ରହିଛି। ଜନନୀଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇ ପୁତ୍ର ଜଗନ୍ନାଥ ଏ କଠିନ କାର୍ଯ୍ୟ ସଂପନ୍ନ କରିବା ପାଇଁ ପ୍ରୟାସୀ ହେଲେ। ତେବେ କେବଳ ମାତୃ ପ୍ରେରଣା ଯଥେଷ୍ଟ ନୁହେଁ। ଭଗବତ୍ କୃପାବିନା ଏ କାର୍ଯ୍ୟରେ ସଫଳ ହେବା ସମ୍ଭବ ନୁହେଁ। ଏଣୁ ତାଙ୍କର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିରନ୍ତର ଧ୍ୟାନ କରିବାକୁ ଲାଗିଲେ। ଥରେ ରାତ୍ରିରେ ସେ ସ୍ୱପ୍ନ ଦେଖିଲେ ଯେ ତାଙ୍କର ଆରାଧ୍ୟ ଦେବତା ତାଙ୍କୁ କହୁଛନ୍ତି ଯେ ସେ ଏ ମହାନ୍ କାର୍ଯ୍ୟରେ ଅଗ୍ରସର ହୁଅନ୍ତୁ। ତାଙ୍କର ହୃଦୟ କମଳ ମଧ୍ୟରେ ରହି ସେ ପଦ ଗୁଡ଼ିକ ବତାଇ ଦେବେ। ଏଭଳି ଭାବରେ ସ୍ୱପ୍ନାଦିଷ୍ଟ ହୋଇ ସଂସ୍କୃତ ଭାଗବତର ଅନୁବାଦ କାର୍ଯ୍ୟରେ ସେ ଅଗ୍ରସର ହେଲେ। ପ୍ରତିଦିନ ଅନୁବାଦ ସେ ମାଆଙ୍କୁ ଶୁଣାନ୍ତି। ପ୍ରଥମେ ସେ ଚଉଦ ଅକ୍ଷରୀ ବୃତ୍ତରେ ଅନୁବାଦ କରି ମାଆଙ୍କୁ ଶୁଣାଇଲେ। ମାତ୍ର ମାଆଙ୍କର ବୋଧଗମ୍ୟ ନ ହେବାରୁ ସେ ଏହାକୁ ଆହୁରି ସରଳ କରି ନବାକ୍ଷରୀ ବୃତ୍ତରେ ଲେଖିଲେ। ଏ କାର୍ଯ୍ୟଟି ଶେଷ କରିବାକୁ ତାଙ୍କୁ ପ୍ରାୟ ୫ ବର୍ଷ ଲାଗିଥିଲା। ପ୍ରଥମେ ସେ ନିଜ ମାଆଙ୍କ ପାଇଁ ଏହା ଲେଖିଥିଲେ ମଧ୍ୟ ସାଧାରଣ ଶ୍ରୋତାଙ୍କ ମନକୁ ଏହା ବିଶେଷ ଭାବରେ ଆକର୍ଷଣ କଲା। ଏହାର ଲଳିତ କୋମଳ ପଦାବଳୀ ଶ୍ରବଣ କରି ଶ୍ରୋତାମାନେ ବିମୋହିତ ହୋଇ ଯାଉଥିଲେ। କେତେକ ଈର୍ଷାଳୁ ବ୍ୟକ୍ତି ବିଦ୍ରୂପ କରି ଏହାକୁ 'ତେଲି ଭାଗବତ' ବୋଲି କହିଲେ ମଧ୍ୟ ଜନସାଧାରଣ ଏହା ପାଠ କରିବାକୁ ଆଗ୍ରହୀ ହେଲେ ଏବଂ ଏହାର ପ୍ରଶଂସାରେ ଶତମୁଖ ହୋଇଗଲେ। ପୁରପଲ୍ଲୀରେ ଏ ଗ୍ରନ୍ଥ ଆଦୃତ ହେଲା। ଗ୍ରାମ ମାନଙ୍କରେ ଭାଗବତ ଟୁଙ୍ଗୀ ଗଢ଼ି ଉଠିଲା। କେବଳ ଓଡ଼ିଶାରେ ନୁହେଁ ଉପାନ୍ତ ଅଞ୍ଚଳ ମେଦିନୀପୁର, ସିଂହଭୂମ୍, ଛତିଶଗଡ଼ ପ୍ରଭୃତିରେ ଓଡ଼ିଆମାନଙ୍କ ମଧ୍ୟରେ ଏହାର ଆଦର ବଢ଼ିଲା, ପରିଣାମରେ ଓଡ଼ିଆ ଭାଗବତ ଗ୍ରନ୍ଥ ହେଲା ଉତ୍କଳୀୟତ୍ୱ ତଥା ଓଡ଼ିଆ ସଂସ୍କୃତିର ମୁଖପତ୍ର। କଥିତ ଅଛି ଯେ ପିତା ପୁତ୍ରକୁ ଦୁଇ ଅକ୍ଷର ପଢ଼ାଉଥିଲେ ଏଇଥିପାଇଁ ଯେ ମୃତ୍ୟୁ ସମୟରେ ପୁଅ ତୁଣ୍ଡରୁ ଭାଗବତର ବାଣୀ ଶୁଣି ପାରିବେ। ଭାଗବତ ଆମ ପାଇଁ ହେଲା ବେଦ ବା ଭଗବଦ୍ ଗୀତା ଭଳି। ଭାଗବତ ଟୁଙ୍ଗୀ ଗ୍ରାମମାନଙ୍କରେ

ହେଲା ଏକ ପ୍ରକାର ସାଂସ୍କୃତିକ ପୀଠ, ଶିକ୍ଷାକେନ୍ଦ୍ର, ଆଲୋଚନା ସ୍ଥଳ, ପୁସ୍ତକାଗାର ଏବଂ ଆଧ୍ୟାତ୍ମିକତାର ପ୍ରାଣ କେନ୍ଦ୍ର। ଗ୍ରାମମାନଙ୍କର ନ୍ୟାୟ ନିଶାପ ମଧ୍ୟ ଭାଗବତ ଘରେ ହେଉଥିଲା।

ଶ୍ରୀଚୈତନ୍ୟ, ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶାକୁ ୧୫୧୦ ମସିହାରେ ଆସିଥିଲେ। ସେ ଥିଲେ ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ, ଥରେ ଜଗନ୍ନାଥ ଦାସ ବଟଗଣେଶ ମନ୍ଦିର ପାର୍ଶ୍ୱରେ ସଂସ୍କୃତ ଭାଗବତର ଦ୍ୱାଦଶ ସ୍କନ୍ଧ ଶ୍ରୋତାମାନଙ୍କୁ ତନ୍ମୟ ହୋଇ ବୁଝାଉଥିଲେ। ଶ୍ରୀଚୈତନ୍ୟ ଏହା ଦେଖିବାକୁ ପାଇଲେ। ଜଗନ୍ନାଥ ଦାସଙ୍କର ଭକ୍ତିଭାବ, ବ୍ୟାଖ୍ୟାନ ଶୈଳୀ ଏବଂ ଶାସ୍ତ୍ରଜ୍ଞାନ ଶ୍ରୀଚୈତନ୍ୟଙ୍କୁ ଆକୃଷ୍ଟ କଲା। ସେ ଏକ ପ୍ରକାର ବିମୋହିତ ହୋଇଗଲେ। ପରେ ଜଗନ୍ନାଥ ଦାସଙ୍କ ସହିତ ତାଙ୍କର ଶାସ୍ତ୍ର ଆଲୋଚନା ହେଲା। ସେ ତାଙ୍କ ଦ୍ୱାରା ଏଭଳି ପ୍ରଭାବିତ ହୋଇଗଲେ ଯେ ତାଙ୍କୁ 'ଅତିବଡ଼' ବୋଲି ସମ୍ବୋଧନ କଲେ। ସେଇଠାରୁ ସେ ହୋଇଗଲେ ଅତିବଡ଼ୀ ଜଗନ୍ନାଥ ଦାସ। କିନ୍ତୁ ଶ୍ରୀଚୈତନ୍ୟଙ୍କର ଜଗନ୍ନାଥ ଦାସଙ୍କ ପ୍ରତି ଅହେତୁକ ଅନୁରକ୍ତି ଦେଖି ତାଙ୍କର ଗୌଡ଼ୀୟ ବୈଷ୍ଣବ ସାଥୀଗଣ କ୍ଷୁବ୍ଧ ହୋଇ ଶ୍ରୀକ୍ଷେତ୍ର ତ୍ୟାଗକରି ବିରଜାକ୍ଷେତ୍ର ଯାଜପୁରଙ୍କୁ ଚାଲିଗଲେ। ଏଥିରେ ଶ୍ରୀଚୈତନ୍ୟ ମର୍ମାହତ ହୋଇ ଭକ୍ତ ହରିଦାସଙ୍କ ହାତରେ ଏକ ପତ୍ର ଲେଖି ସେମାନଙ୍କୁ ଶ୍ରୀକ୍ଷେତ୍ରଙ୍କୁ ଫେରି ଆସିବାକୁ ଅନୁରୋଧ ଜଣାଇ ବୈଷ୍ଣବର ଗୁଣ କଣ ହେବା ଉଚିତ୍ ତାହା ଉଲ୍ଲେଖ କରିଥିଲେ। ଯଥା 'ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା"।

ମର୍ମାର୍ଥ ହେଉଛି- 'ତୃଣଠାରୁ ନୀଚ ହୋଇବ
ତରୁ ପ୍ରାୟେ ସବୁ ସହିବ
ମାନ୍ୟରେ ଆନନ୍ଦ ହୋଇବ
ଅମାନ୍ୟେ ଦୁଃଖ ନ କରିବ'

ପୁନଶ୍ଚ ଶ୍ରୀଚୈତନ୍ୟ ସେମାନଙ୍କୁ ଫେରାଇ ଆଣିବାକୁ ଜଗନ୍ନାଥ ଦାସଙ୍କ ସଙ୍ଗେ ଯାଜପୁର ଗଲେ। ମାତ୍ର ଜଗନ୍ନାଥ ଦାସଙ୍କୁ ଦେଖି ସେମାନେ ପୁନଶ୍ଚ କ୍ଷୁବ୍ଧ ହେଲେ। ଶ୍ରୀକ୍ଷେତ୍ରକୁ ଆସିଲେ ନାହିଁ। ଗୌଡ଼ୀୟ ବୈଷ୍ଣବଗଣ ଜଗନ୍ନାଥ ଦାସଙ୍କୁ କହୁଥିଲେ 'ଅଣ ଉପଦେଶିଆ'। ବଙ୍ଗୀୟ ବୈଷ୍ଣବଃଗଣ ତଥା ଷଡ଼୍‌ଗୋସ୍ୱାମୀ (ରୂପ, ସନାତନ, ନିତ୍ୟାନନ୍ଦ, ରଘୁନାଥ, ଗୋପାଳ, ଜୀବ) ପ୍ରଭୃତି ପରିଶେଷରେ ଶ୍ରୀକ୍ଷେତ୍ର ଛାଡ଼ିଦେଇ ବୃନ୍ଦାବନ ଚାଲିଗଲେ। ମାତ୍ର ଶ୍ରୀଚୈତନ୍ୟ ଶେଷନିଃଶ୍ୱାସ ତ୍ୟାଗକଲା ପର୍ଯ୍ୟନ୍ତ ଶ୍ରୀ କ୍ଷେତ୍ରରେ ରହିଥିଲେ। ତାଙ୍କ ଦୃଷ୍ଟିରେ ଶ୍ରୀକ୍ଷେତ୍ରର ପ୍ରତ୍ୟେକ ଧୂଳିକଣା କୈବଲ୍ୟ କଣିକା। କଳିଯୁଗରେ ପ୍ରଭୁ ଶ୍ରୀକୃଷ୍ଣ ଶ୍ରୀଜଗନ୍ନାଥ ରୂପରେ ନୀଳାଚଳରେ ରତ୍ନ ସିଂହାସନରେ ପୂଜା ପାଉଛନ୍ତି। ଚୈତନ୍ୟ କହିଥିଲେ:-

'ରତିଃ କୃଷ୍ଣେ ମତିଃ କୃଷ୍ଣେ ଗତିର୍ଗଙ୍ଗା ତଟେ ତଟେ
ଜୀବିତେ ମରଣେ ଋପି ନୀଳାଚଳପତିର୍ଗତି।"

ଶୁଣାଯାଏ ଶ୍ରୀଚୈତନ୍ୟ ଥିଲେ କୃଷ୍ଣଙ୍କ ଅବତାର ଓ ଜଗନ୍ନାଥ ଦାସ ରାଧା ଅବତାର । ଅନ୍ୟାନ୍ୟ ସାଧୁସନ୍ଥମାନଙ୍କ ଭଳି ଜଗନ୍ନାଥ ଦାସଙ୍କ ସମ୍ପର୍କରେ ଅନେକ ଅଲୌକିକ କାହାଣୀ ରହିଅଛି। ଜଗନ୍ନାଥ ଚରିତାମୃତ ତଥା ଦାର୍ଢ୍ୟତା ଭକ୍ତି ଭଳି ପୁସ୍ତକ ଅଧ୍ୟୟନ କଲେ ଏହା ଜାଣିହୁଏ। ଜଗନ୍ନାଥ ଦାସ ସୁଲଳିତ କଣ୍ଠରେ ଭାଗବତ ବୁଝାଇବା ବେଳେ ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଶ୍ରୋତାମାନେ ତନ୍ମୟ ହୋଇ ଏହା ଶୁଣୁଥିଲେ। କେତେକ ଖଳ ଲୋକ ତାଙ୍କର ଚରିତ୍ର କଳୁଷିତ ବୋଲି ରାଜାଙ୍କ ଆଗରେ ଅଭିଯୋଗ ଆଣିଲେ। ଜଗନ୍ନାଥ ଦାସ ନାରୀମେଳରେ ରହୁଥିବାର ଅଭିଯୋଗ ବିଷୟରେ ତାଙ୍କୁ ପଚାରିବାରୁ ସେ କହିଲେ ଯେ ତାଙ୍କ ପାଖରେ ପୁରୁଷ ସ୍ତ୍ରୀ ଭେଦାଭେଦ କିଛି ନାହିଁ। ସଖୀ ଭାବ ନେଇ ଜଗନ୍ନାଥଙ୍କର ସେ ସେବା କରନ୍ତି। ତାଙ୍କ କଥାରେ ବିଶ୍ୱାସ ନ କରି ରାଜା ତାଙ୍କୁ ବନ୍ଦୀଶାଳାରେ ରଖିଲେ। ସେଠାରେ ଅତି କାତର କଣ୍ଠରେ ସେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଡାକିବାରେ ପ୍ରଭୁ ତାଙ୍କୁ ନାରୀ ରୂପ ପ୍ରଦାନ କଲେ। ଦ୍ୱାରୀ ଏକଥା ରାଜାଙ୍କୁ ଜଣାଇଲା। ରାଜା ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ଅନ୍ୟ ଏକ ଉଦାହରଣ ମଧ୍ୟ ଦିଆଯାଇପାରେ। ଥରେ କାଶୀରାମ ନାମକ ଜଣେ ବ୍ୟବସାୟୀ ଠାକୁରଙ୍କ ଶ୍ରୀ ଅଙ୍ଗରେ ଲାଗି କରିବା ପାଇଁ ଦୁର୍ଲଭ ଶ୍ରୀଖଣ୍ଡଚନ୍ଦନ ଟେଳାଟିଏ ମହାରାଜାଙ୍କୁ ଦେଇଥିଲେ। ମହାରାଜା ଏହା ଜଗନ୍ନାଥ ଦାସଙ୍କୁ ଦେଇ ପ୍ରଭୁଙ୍କ ଶ୍ରୀଅଙ୍ଗରେ ଏହାକୁ ଲେପି ଦେବାପାଇଁ କହିଲେ। ମାତ୍ର ଜଗନ୍ନାଥ ଦାସ ଭାବ ବିହ୍ୱଳ ହୋଇ ଏ ଚନ୍ଦନ ନିଜ ମଠ କାନ୍ଥରେ ଲେପି ଦେଲେ। ରାଜା ଏକଥା ଅନ୍ୟମାନଙ୍କଠାରୁ ଶୁଣି ଜଗନ୍ନାଥ ଦାସଙ୍କୁ ଡାକି ପଚାରିବାରୁ ସେ ଉତ୍ତର ଦେଲେ ଯେ ସେ ଠାକୁରଙ୍କ ଶ୍ରୀଅଙ୍ଗରେ ଏହା ଲଗାଇ ଦେଇଛନ୍ତି। ରାଜା ମନ୍ଦିରକୁ ଯାଇ ପରୀକ୍ଷାକରି ଦେଖିଲେ ଯେ ତିନି ଠାକୁରଙ୍କ ଅଙ୍ଗରେ ଏ ଚନ୍ଦନ ଲେପିତ ହୋଇଛି ଓ ମନ୍ଦିର ମହ ମହ ହୋଇ ବାସୁଅଛି। ଜଗନ୍ନାଥ ଦାସଙ୍କର ଏ ଅଲୌକିକ ଶକ୍ତି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ରାଜା ଜଗନ୍ନାଥଙ୍କୁ ଗଭୀର ଭକ୍ତି କରିବାରେ ଲାଗିଲେ ଏବଂ ତାଙ୍କର ପାଟରାଣୀ ଗୌରୀ ଦେବୀଙ୍କୁ ଦୀକ୍ଷା ଦେବା ପାଇଁ ଅନୁରୋଧ କଲେ। ଶ୍ରୀଚୈତନ୍ୟଙ୍କର ଉପଦେଶ କ୍ରମେ ଜଗନ୍ନାଥ ଦାସ ପାଟରାଣୀଙ୍କୁ ଦୀକ୍ଷା ଦେଇଥିଲେ। କିନ୍ତୁ ସେ ନିଜେ ମଧ୍ୟ ବଳରାମ ଦାସଙ୍କ ଠାରୁ ଦୀକ୍ଷା ନେଇଥିଲେ।

ରାଜାଙ୍କ ଅନୁମତି କ୍ରମେ ଜଗନ୍ନାଥ ଦାସ ରାଣୀ ମହଲର ଗୋଟିଏ ଭବନରେ ରହିଥିଲେ। ମାତ୍ର ସାଧନାରେ ବ୍ୟାଘାତ ଘଟିବାରୁ ଏ ସ୍ଥାନ ସେ **ତ୍ୟାଗ କଲେ। ଏହି ଭବନ ଏବେ ବଡ଼ ଓଡ଼ିଆ ମଠ ନାମରେ ନାମିତ ହୋଇଛି। ଏହାପରେ ସେ ସମୁଦ୍ର**

କୂଳରେ ମହାର୍ଦ୍ଦ କୁଡୁଆକୁ ସଜାଇ ଗୋଟିଏ ଗୁମ୍ଫା କରି ତାକୁ ସାଧନା କେନ୍ଦ୍ରରେ ପରିଣତ କଲେ। କିନ୍ତୁ ସମୁଦ୍ରର ଗର୍ଜନ ଓ ଲହରି ମାଡ଼ି ଆସିବାରୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସେ ପ୍ରାର୍ଥନା କଲେ। ସମୁଦ୍ର ସାତ ଲହରି ପଛକୁ ଘୁଞ୍ଚିଗଲା। ଏହି  ସାତ ଲହଡ଼ି ମଠରେ ସେ ସାଧନା କରି ଷାଠିଏ ବର୍ଷ ବୟସରେ ୧୫୪୭ ଖ୍ରୀ.ଅ. ମାଘ ଶୁକ୍ଳ ସପ୍ତମୀ ଦିନ ଇହଲୀଳା ସାଙ୍ଗ କଲେ।

ଜଗନ୍ନାଥ ଦାସ ସଂସ୍କୃତ ଭାଗବତର ଅନୁବାଦ କରିଥିଲେ ମଧ୍ୟ ଏହା ଆକ୍ଷରିକ ଅନୁବାଦ ନୁହେଁ। ମୂଳ ଭାଗବତର ଅବିକଳ ଅନୁବାଦ ନ କରି ବେଳେ ବେଳେ ବାଖ୍ୟା ବଢ଼ାଇଦେଲେ ତ କେତେବେଳେ ମୂଳ  ବିଷୟକୁ ଛାଡ଼ିଦେଲେ। ମୂଳ ଭାଗବତରେ ଅଠରହଜାର ଶ୍ଳୋକ ଥିଲା ଏବଂ ଓଡ଼ିଶାର ରେମୁଣାର ଶ୍ରୀଧର ସ୍ୱାମୀ ଏହାର ବ୍ୟାଖ୍ୟା କରିଥିଲେ। ଜଗନ୍ନାଥ ଦାସ ଶ୍ରୀଧର ସ୍ୱାମୀଙ୍କ ବ୍ୟାଖ୍ୟା ଦ୍ୱାରା ଅନେକ କ୍ଷେତ୍ରରେ ପ୍ରଭାବିତ ହୋଇଛନ୍ତି। ପ୍ରେମ ଭକ୍ତି ଅପେକ୍ଷା ଜଗନ୍ନାଥ ଦାସ ଜ୍ଞାନ ଭକ୍ତି ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ତଥାପି ଏହା ମୂଳ ସଂସ୍କୃତ ଭାଗବତର ଏକ ନିଷ୍କପଟ ସରଳ ଅନୁବାଦ ଅଟେ। ଜଗନ୍ନାଥ ଦାସ ଅନୁବାଦ ସମୟରେ ଜଗନ୍ନାଥ ତତ୍ତ୍ୱ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଶ୍ରୀକୃଷ୍ଣଙ୍କ ସ୍ଥାନରେ 'ଜଗନ୍ନାଥ' ନାମ ଉଲ୍ଲେଖ କରିଛନ୍ତି। ଯଥା :-

୧) ଆପଣେ ପ୍ରଭୁ ଜଗନ୍ନାଥ। ଦେବକୀ ଗର୍ଭେ ହେବେ ଜାତ

୨) ତୋର ଉଦରେ ଜଗନ୍ନାଥ। ଜଗତେ ରଖିବେ ତୋ ସୁତ।

ମନେହୁଏ ଜଗନ୍ନାଥ ଦାସ ଶ୍ରୀକୃଷ୍ଣ ଓ ଜଗନ୍ନାଥଙ୍କ ମଧ୍ୟରେ କୌଣସି ଭିନ୍ନତା ଦେଖି ନାହାନ୍ତି। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ସେ ଦେଖଛନ୍ତି। ଉତ୍କଳୀୟ ଭାବଧାରା ଓ ସାଂସ୍କୃତିକ ପରିବେଶ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି। ତାମିଲ୍ ଭାଷାର କମ୍ବନ୍ ରାମାୟଣ, ବଙ୍ଗଳାର ଚୈତନ୍ୟ ଚରିତାମୃତ ଓ ଉତ୍ତର ଭାରତର ତୁଳସୀ ରାମାୟଣ ଭଳି ଏହା ଲୋକପ୍ରିୟ ହୋଇ ପାରିଛି। ତେବେ ସଂସ୍କୃତ ଭାଗବତ ହେଉ ବା ଓଡ଼ିଆ ଭାଗବତ ହେଉ ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣନ କାହାକୁ ଆନନ୍ଦ ନଦେବ। ବ୍ୟାସଦେବ ଯଥାର୍ଥରେ କହିଛନ୍ତି।

"ତବ କଥାମୃତଂ ତପ୍ତ ଜୀବନଂ
କବିଭିରୀଡ଼ିତଂ କଲ୍ମଷାପହମ୍ ।
ଶ୍ରବଣ ମଙ୍ଗଳଂ ଶ୍ରୀମଦାତତଂ
ଭୁବି ଗୃଣନ୍ତି ତେ ଭୂରିଦା ଜନାଃ।"

ବିରହକାତରା ଗୋପୀଗଣ ପ୍ରାଣର ଆବେଗରେ କହିଛନ୍ତି, ହେ ପ୍ରଭୁ !

ତୁମର ଲୀଳାକଥା ଅମୃତ ସ୍ୱରୂପ। ବିରହ ବିଦଗ୍ଧ ପ୍ରାଣର ଜୀବନ ସର୍ବସ୍ୱ, ଜ୍ଞାନୀ, ମହାତ୍ମା ଓ କବିଗଣ ତାହା ଗାନ କରିଛନ୍ତି। ଏହା ପରମ ମଙ୍ଗଳମୟ ଏବଂ ଏହି ଲୀଳାକଥା ଯିଏ ଶୁଣାଇ ଥାଆନ୍ତି ସେ ଶ୍ରେଷ୍ଠ ଦାତା।

ପୁନଶ୍ଚ ଭାଗବତ ହେଉଛି ନିଗମ ରୂପକ କଳ୍ପତରୁର ଫଳ। ସୁଧୀପାଠକଗଣ ଏହାର ରସପାନ କରି ପରମ ତୃପ୍ତି ଲାଭ କରନ୍ତୁ। ଏଣୁ କୁହାଯାଇଛି

"ନିଗମ କଳ୍ପତରୋର୍ଗଳିତଂ ଫଳଂ
ଶୁକମୁଖାଦମୃତ ଦ୍ରବ ସଂଯୁତମ୍।
ପିବତ ଭାଗବତଂ ରସମାଳୟଂ
ମୁହୁରହୋ ରସିକା ଭୁବି ଭାବୁକାଃ ।"

ଜଗନ୍ନାଥ ଦାସଙ୍କ ଅନୁବାଦ ଅଧିକ ରୋଚକ ହୋଇଅଛି।

ସକଳ ବେଦ ହୋଇ ବୃକ୍ଷେ।
ଫଳଫଳିଲେ ଅନ୍ତରୀକ୍ଷେ
କେତେହେଁ ଦିନେ ପାଚିତଳେ
ବୃକ୍ଷୁ ପଡିଲେ ବାୟୁବଳେ
ଶୁକ ଧାଇଲେ ତାହା ଦେଖି। ପକ୍ଷୀଙ୍କ ସଙ୍ଗତ ଉପେକ୍ଷି।
ତୋଷେ ଅଧର କ୍ଷତ କଲା, ଭିତରେ ସୁରଙ୍ଗ ଦିଶିଲା।
ତହୁଁ ଗଳିଲା ରସ ସାର। କିଅବା ହେବ ପଟାନ୍ତର।
ଅମୃତ ନିନ୍ଦେ ସ୍ୱାଦୁ ପଣେ। ସୁଜନେ ପିବ ଅନୁ କ୍ଷଣେ।
ଆନନ୍ଦେ କର ସୁଧାପାନ, ଯେଣେ ପାଇବ ଦିବ୍ୟ ଜ୍ଞାନ ।
ଏ ରସ ଚରି ବେଦ ମୂଳ। ନିଗମ ବୃକ୍ଷର ଏ ଫଳ।
ପିବ ଜୀବନ ଅନ୍ତ ଯାଏ। ଯେବେ ବଞ୍ଚିବା ମାୟା ମୋହେ।

ଓଡ଼ିଆ ଭାଗବତ ଜଗନ୍ନାଥ ଦାସଙ୍କର ଅନନ୍ୟ କୃତି। ଏହା ତାଙ୍କର ଗଭୀର ଶାସ୍ତ୍ରଜ୍ଞାନ, ଭକ୍ତିଭାବ ତଥା ବିଲକ୍ଷଣ କବି ପ୍ରତିଭାର ସ୍ୱାକ୍ଷର ବହନ କରିଛି। ସେ ଚିର ନମସ୍ୟ। ଓଡ଼ିଆ ଜାତିର ସେ ଗର୍ବ ଓ ଗୌରବ।

✶✶✶

# ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟ ରଚନା ଓ ବ୍ୟାସଦେବଙ୍କ ଦର୍ଶନ ଲାଭ

ପ୍ରଭୁ ଶ୍ରୀ କାଶୀବିଶ୍ୱନାଥଙ୍କ ଦ୍ୱାରା ଆଦିଷ୍ଟ ହୋଇ ଶଙ୍କରାଚାର୍ଯ୍ୟ ବ୍ୟାସକୃତ 'ବ୍ରହ୍ମସୂତ୍ର' ଉପରେ ଭାଷ୍ୟ ରଚନା କରିବା ପାଇଁ ପ୍ରୟାସୀ ହେଲେ। କିନ୍ତୁ କାଶୀରେ ଏ କାର୍ଯ୍ୟ ସମ୍ପନ୍ନ କରିବା ସମ୍ଭବ ହେବ ନାହିଁ। କାଶୀ ଏକ ପବିତ୍ର ସ୍ଥଳ ମାତ୍ର ଏହା ଭଜନ କୀର୍ତ୍ତନରେ ସଦା ମୁଖରିତ। ପୁନଶ୍ଚ ତୀର୍ଥଯାତ୍ରୀମାନଙ୍କର ସମାଗମ ଯୋଗୁଁ ଏହାର ବାତାବରଣ ସର୍ବଦା କୋଳାହଳମୟ। ଏ କାର୍ଯ୍ୟ ପାଇଁ ଶାନ୍ତ ବିଜନ ପରିବେଶ ଏକାନ୍ତ ଆବଶ୍ୟକ। ହିମାଳୟର ପବିତ୍ର ଧାମ ଏ କାର୍ଯ୍ୟ ପାଇଁ ଅନୁକୂଳ ହେବ। ଏହା ଉପଲବ୍ଧି କରି ହିମାଳୟ ଅଭିମୁଖେ ଦୀର୍ଘ ଯାତ୍ରା ପାଇଁ ସେ ପ୍ରସ୍ତୁତ ହେଲେ। ପଥ ବିପଦ ସଙ୍କୁଳ ଓ ଦୁର୍ଗମ। କେଉଁଠାରେ ପ୍ରଚଣ୍ଡ ଖରା ଓ ଅନ୍ୟତ୍ର ପ୍ରବଳ ଶୀତ। ସ୍ଥାନେ ସ୍ଥାନେ ପଥ କଣ୍ଟକାକୀର୍ଣ୍ଣ। ବନଭୂମିର ପାର୍ଶ୍ୱଦେଶରେ ହିଂସ୍ରଜନ୍ତୁଙ୍କର ଭୟ ମଧ୍ୟ ରହିଅଛି। କିନ୍ତୁ କୃତସଂକଳ୍ପ ଶଙ୍କର ସଶିଷ୍ୟ ସୁଦାର୍ଘ ଯାତ୍ରାପଥରେ ଅଗ୍ରସର ହେଲେ। ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ଏବଂ ପଥସ୍ଥ ଦେବଭୂମି ହରିଦ୍ୱାର ଓ ଋଷିକେଶର ଦର୍ଶନ ଲାଭ କରି ପରିଶେଷରେ ହିମାଳୟସ୍ଥ ବଦରିକାଶ୍ରମରେ ପ୍ରବେଶ କଲେ। ଏହି ପାବନ ସ୍ଥଳିରେ ବ୍ୟାସଦେବ ତାଙ୍କର ବିଶାଳ ମହାଭାରତ ଗ୍ରନ୍ଥ ରଚନା କରିଥିଲେ। ଏ ପବିତ୍ର କ୍ଷେତ୍ରରେ ଶଙ୍କର ଚାରିବର୍ଷ ଅବସ୍ଥାନ କରି ଭାଷ୍ୟ ରଚନାରେ ନିମଗ୍ନ ରହିଥିଲେ। ବ୍ରହ୍ମସୂତ୍ର ଉପରେ ସେ ଯେଉଁ ଭାଷ୍ୟରଚନା କରିଥିଲେ ତାହାର ନାମ ଶାରୀରିକ ଭାଷ୍ୟ ଅଟେ। ଏତଦ୍‌ବ୍ୟତୀତ ସେ ଭଗବଦ୍‌ଗୀତା ଓ ଦଶଗୋଟି ପ୍ରଧାନ ଉପନିଷଦ ଉପରେ ମଧ୍ୟ ଭାଷ୍ୟ ରଚନା କଲେ। ବ୍ରହ୍ମସୂତ୍ର,ଉପନିଷଦ ଓ ଭଗବଦଗୀତାକୁ ପ୍ରସ୍ଥାନ ତ୍ରୟୀବୋଲି କୁହାଯାଏ। ଏହା ବେଦାନ୍ତ ଦର୍ଶନର ମୂଳଗ୍ରନ୍ଥ। ଉପନିଷଦ୍ ସବୁ ବେଦ ବା ଶ୍ରୁତିର ଅଂଶ। ଏଣୁ ଏମାନଙ୍କୁ କୁହାଯାଏ ଶୃତି ପ୍ରସ୍ଥାନ। ଭଗବଦଗୀତା ମହାଭାରତରେ ଅଂଶବିଶେଷ। ଏହାକୁ କୁହାଯାଏ ସ୍ମୃତି ପ୍ରସ୍ଥାନ ଓ ବ୍ରହ୍ମସୂତ୍ରକୁ କୁହାଯାଏ ନ୍ୟାୟପ୍ରସ୍ଥାନ। ବ୍ରହ୍ମସୂତ୍ରର ସୂତ୍ରଗୁଡ଼ିକ ଅତ୍ୟନ୍ତ କ୍ଳୃପ୍ତ ବା ସଂକ୍ଷିପ୍ତ। ଏଣୁ ଭାଷ୍ୟକାରମାନେ ଭାଷ୍ୟମାଧ୍ୟମରେ ଏହାର ଅର୍ଥକୁ ପ୍ରକାଶ କରିଥାଆନ୍ତି। ଉପଲବ୍ଧ ଭାଷ୍ୟମାନଙ୍କ ମଧ୍ୟରେ ଶଙ୍କରଙ୍କ ଭାଷ୍ୟ ପ୍ରଥମ ଓ ବିଶେଷଭାବରେ ଜନାଦୃତ। ଏଥିରେ ୫୫୫ଟି ସୂତ୍ରଅଛି ଏବଂ ଚାରିଗୋଟି ଅଧ୍ୟାୟ ରହିଅଛି। ସେମାନେ ହେଲେ ୧.ସମନ୍ୱୟ , ୨.ଅବିରୋଧ, ୩.ସାଧନ. ଓ ୪.ଫଳ।

ଶଙ୍କରାଚାର୍ଯ୍ୟ ଯେଉଁ ଦଶଗୋଟି ଉପନିଷଦ ଉପରେ ଭାଷ୍ୟ ରଚନା କରିଥିଲେ ସେମାନେ ହେଲେ-(୧)ବୃହଦାରଣ୍ୟକ ଉପନିଷଦ୍ (୨)ଛାନ୍ଦୋଗ୍ୟ ଉପନିଷଦ୍ , (୩) କଠୋପନିଷଦ୍ (୪) କେନୋପନିଷଦ୍ (୫) ପ୍ରଶ୍ନୋପନିଷଦ (୬) ଇଷାବାସ୍ୟୋପନିଷଦ୍ (୭) ମୁଣ୍ଡକୋପନିଷଦ୍ (୮) ମାଣ୍ଡୁକ୍ୟୋପନିଷଦ୍ (୯) ଐତରେୟୋପନିଷଦ୍ (୧୦) ତୈତିରୀୟ ଉପନିଷଦ୍। ଏତଦ୍‌ବ୍ୟତୀତ ସେ ସନତ୍ ସୁଜାତୀୟ ଓ ବିଷ୍ଣୁ ସହସ୍ରନାମ ଉପରେ ମଧ୍ୟ ଭାଷ୍ୟ ରଚନା କରିଥିଲେ। ଉପଦେଶ ସାହସ୍ରୀ ଭଳି ଅନେକ ମୌଳିକ ଗ୍ରନ୍ଥ ମଧ୍ୟ ରଚନା କରିଥିଲେ।

ସ୍ୱଳ୍ପକାଳ ମଧ୍ୟରେ ଏ ସମସ୍ତ ଗ୍ରନ୍ଥ ରଚନା କରିବା ଥିଲା ଶଙ୍କରଙ୍କ ଜୀବନର ସର୍ବଶ୍ରେଷ୍ଠ ସଫଳତା। ଏହା ତାଙ୍କର ଅଦ୍ଭୁତ ଓ ଅସାଧାରଣ ପ୍ରତିଭାର ଅନନ୍ୟ ସ୍ୱାକ୍ଷର ବହନ କରୁଅଛି। କିନ୍ତୁ ଶଙ୍କର ସର୍ବଦା ସଚେତନ ଥିଲେ ଯେ ତାଙ୍କର ଜୀବନ ଅବଧି ମାତ୍ର ଷୋଡ଼ଶ ବର୍ଷ। ଏହାପରେ ତାଙ୍କୁ ଏ ମର ସଂସାରରୁ ବିଦାୟ ନେବାକୁ ପଡ଼ିବ। ଏଣୁ ପୁଣ୍ୟମୟୀ କାଶୀଧାମରେ ମହାସମାଧିରେ ବିଲୀନ ହୋଇ ଏ ନଶ୍ୱର ଶରୀର ତ୍ୟାଗ କରିବା ଅଭିପ୍ରାୟରେ ସେ ବଦରିକା ଧାମରୁ ବିଦାୟ ନେଲେ।

କାଶୀକୁ ପ୍ରତ୍ୟାବର୍ତ୍ତନ କରି ଶଙ୍କର ଶିଷ୍ୟମଣ୍ଡଳୀ ଦ୍ୱାରା ପରିବେଷ୍ଟିତ ହୋଇ ଆଧ୍ୟାତ୍ମିକ ଭାବନା ଓ ଭାଷ୍ୟମାନଙ୍କ ବ୍ୟାଖ୍ୟାରେ ସମୟକୁ ସଦୁପଯୋଗ କରି ଜୀବନର ସେହି ଅନ୍ତିମ ମୁହୂର୍ତ୍ତକୁ ଅପେକ୍ଷା କରିଥାଆନ୍ତି। ଦିନକର ଘଟଣା। ଶଙ୍କର ଶାରୀରିକ ଭାଷ୍ୟକୁ ତାଙ୍କର ଶିଷ୍ୟମାନଙ୍କ ସମ୍ମୁଖରେ ବ୍ୟାଖ୍ୟାନ କରୁଥିବା ସମୟରେ ମଧ୍ୟାହ୍ନ କାଳରେ ଜଣେ ବୃଦ୍ଧବ୍ରାହ୍ମଣ ଉପଗତ ହେଲେ ଏବଂ ଜିଜ୍ଞସା କଲେ ଯେ ସେଠାରେ କେଉଁ ଶାସ୍ତ୍ରକୁ ଅଧ୍ୟାପନା କରାଯାଉଅଛି। ପୁନଶ୍ଚ ସେ ସେମାନଙ୍କର ପରିଚୟ ମଧ୍ୟ ଜାଣିବାକୁ ଚାହିଁଥିଲେ। ଏହାଶୁଣି ଶଙ୍କରଙ୍କ ଶିଷ୍ୟମାନେ ଉତ୍ତର ଦେଲେ, "ଏ ହେଉଛନ୍ତି ଆମର ମହାନ୍ ଗୁରୁ, ଆଚାର୍ଯ୍ୟ ଶଙ୍କର, ଯିଏ କି ସମସ୍ତ ଉପନିଷଦ୍‌କୁ ଆୟତ୍ତ କରିଅଛନ୍ତି ଏବଂ ମହାତ୍ମା ବେଦବ୍ୟାସଙ୍କ ପ୍ରଣୀତ ବ୍ରହ୍ମସୂତ୍ରର ଭାଷ୍ୟ ରଚନା କରି ଅଦ୍ୱୈତବାଦକୁ ପ୍ରତିଷ୍ଠିତ କରିପାରିଅଛନ୍ତି।" ଆମେମାନେ ହେଉଛୁ ତାଙ୍କର ଶିଷ୍ୟ। ସେ ତାଙ୍କର ଭାଷ୍ୟକୁ ଆମମାନଙ୍କୁ ବ୍ୟାଖ୍ୟାନ କରୁଅଛନ୍ତି। ଏହାଶୁଣି ଆଗନ୍ତୁକ ବ୍ରାହ୍ମଣ ନିଜର ବିସ୍ମୟ ପ୍ରକାଶକରି ଶଙ୍କରଙ୍କୁ ପ୍ରଶ୍ନକଲେ ଯେ ଯଦି ଏହା ସତ୍ୟହୁଏ ତେବେ ସେ ବ୍ରହ୍ମସୂତ୍ରର ଅନ୍ତତଃ ଗୋଟିଏ ସୂତ୍ରର ବ୍ୟାଖ୍ୟା ତାଙ୍କ ସମ୍ମୁଖରେ କରନ୍ତୁ। ଶଙ୍କର ବିନୀତ ଭାବରେ ବ୍ରାହ୍ମଣଙ୍କୁ କହିଲେ, ସକଳ ଗୁରୁଙ୍କୁ ମୁଁ ପ୍ରଣାମ କରୁଅଛି। ଭାଷ୍ୟକାର ଭାବରେ ମୋ ମନରେ କୌଣସି ଅହଙ୍କାର ନାହିଁ। ତଥାପି ଆପଣଙ୍କ ପ୍ରଶ୍ନର ମୁଁ ଯଥାସାଧ୍ୟ ଉତ୍ତର ଦେବି।" ଏହାପରେ ବ୍ରାହ୍ମଣ ଜଣକ ଶଙ୍କରଙ୍କୁ ବ୍ରହ୍ମସୂତ୍ରର ତୃତୀୟ ଅଧ୍ୟାୟର ପ୍ରଥମ ସୂତ୍ରକୁ ବ୍ୟାଖ୍ୟ କରିବାକୁ ଅନୁରୋଧ

କଲେ। ସୂତ୍ରଟି ହେଉଅଛି, "ତଦନ୍ତର ପ୍ରତିପତୌ ରଂହତି ସଂପରିଷ୍ୱକ୍ତଃ ପ୍ରଶ୍ନନିରୂପଣାଭ୍ୟାମ୍" ଶଙ୍କରାଚାର୍ଯ୍ୟ ଉପରୋକ୍ତ ସୂତ୍ରର ଏହିଭଳି ବ୍ୟାଖ୍ୟାକଲେ ଯେ, "ଇନ୍ଦ୍ରିୟ ସମୂହର ଅବସାନ କାଳରେ ଅର୍ଥାତ୍ ମୃତ୍ୟୁ ସମୟରେ ଜୀବ ପଞ୍ଚଭୂତର ସୂକ୍ଷ୍ମ ଅବୟବମାନଙ୍କ ଦ୍ୱାରା ସଂଯୁକ୍ତ ହୋଇ ଦେହାନ୍ତର ଗମନ କରିଥାଏ। ତାଣ୍ଡିଲ ଶ୍ରୁତିରେ ଜାବାଳି ଓ ଗୌତମଙ୍କ ମଧ୍ୟରେ ଯେଉଁ କଥୋପକଥନ ହୋଇଛି ତାହାଦ୍ୱାରା ଏଭଳି ଅର୍ଥ ସୁସ୍ପଷ୍ଟ। କିନ୍ତୁ ବ୍ରାହ୍ମଣ ଜଣଙ୍କ ଏଭଳି ବ୍ୟାଖ୍ୟାକୁ ନେଇ ଅନେକ ପ୍ରଶ୍ନ ଉତ୍ଥାପନ କଲେ। ଉକ୍ତି ପ୍ରତ୍ୟୁକ୍ତି ଓ ବାଦ ବିବାଦ ମଧ୍ୟରେ ଆଠଦିନ ଅତିକ୍ରାନ୍ତ ହେଲା। ଶାସ୍ତ୍ରାର୍ଥରେ କେହି କାହାକୁ ପରାସ୍ତ କରିପାରୁ ନଥାନ୍ତି। ଏକ ପକ୍ଷରେ ତରୁଣ ସନ୍ନ୍ୟାସୀ ଓ ଅନ୍ୟପକ୍ଷରେ ଜଣେ ବୃଦ୍ଧ ବ୍ରାହ୍ମଣ। ତର୍କ ଓ ଶାସ୍ତ୍ରାର୍ଥରେ ଉଭୟେ ଧୂରନ୍ଧର। ମନେହେଉଥାଏ ଯେଭଳି ଶେଷନାଗ ଓ ବୃହସ୍ପତି ଶାସ୍ତ୍ରାର୍ଥରେ ପ୍ରବୃତ୍ତ ହୋଇଅଛନ୍ତି। ନିର୍ବାକ୍ ନିସ୍ପନ୍ଦ ଭାବରେ ପଣ୍ଡିତ ମଣ୍ଡଳୀ ଓ ଶିଷ୍ୟମାନେ ଏହାକୁ ଶୁଣୁଥାଆନ୍ତି। ଆଗନ୍ତୁକ ବ୍ରାହ୍ମଣଙ୍କର ଅକାଟ୍ୟ ଯୁକ୍ତି, ଶାସ୍ତ୍ରଜ୍ଞାନ, କବିତ୍ୱ ଓ ତର୍କପ୍ରବୀଣତା ଲକ୍ଷ୍ୟକରି ଶଙ୍କରଙ୍କର ପ୍ରଧାନ ଶିଷ୍ୟ ପଦ୍ମପାଦଙ୍କ ମନରେ ଏହି ଧାରଣା ଆସିଲା ଯେ ଏହି ବ୍ରାହ୍ମଣ ନିଶ୍ଚିତ ଭାବରେ ବ୍ରହ୍ମସୂତ୍ର ପ୍ରଣେତା ବ୍ୟାସଦେବ ଅଟନ୍ତି। ଏ ବ୍ୟକ୍ତି ଅସାମାନ୍ୟ ପ୍ରତିଭାର ଅଧିକାରୀ। ବୟସାଧିକ୍ୟ ସତ୍ତ୍ୱେ ଏହାଙ୍କ ସ୍ମୃତି ଶକ୍ତି ସାମାନ୍ୟ ମାତ୍ରାରେ ବି କ୍ଷୀଣ ହୋଇନାହିଁ। ଆମ ପରମ୍ପରାରେ ବ୍ୟାସଙ୍କୁ ଚିରଂଜୀବୀ ବୋଲି କୁହାଯାଇଅଛି। ଏହା ବିଚାରକରି ପଦ୍ମପାଦ ଗୁରୁ ଶଙ୍କରଙ୍କୁ ଡାକିନେଇ ମନର ଏହି ଭାବନା ଏକାନ୍ତରେ ତାଙ୍କ ଆଗରେ ବ୍ୟକ୍ତ କଲେ। ଶଙ୍କର ମଧ୍ୟ ଏହା ଭାବୁଥିଲେ। ପଦ୍ମପାଦଙ୍କ କଥା ଶୁଣି ତାଙ୍କ ମନରେ ସନ୍ଦେହ ଦୂରହେଲା ଏବଂ ସେ ଦୃଢନିଶ୍ଚିତ ହୋଇଗଲେ ଯେ ଏ ମହାତ୍ମା ବ୍ୟାସଦେବ ଅଟନ୍ତି। ବର୍ତ୍ତମାନ ଶଙ୍କର ବ୍ରାହ୍ମଣଙ୍କ ନିକଟକୁ ଯାଇ ଭକ୍ତିର ସହିତ କୃତାଞ୍ଜଳି ପୁଟରେ କହିଲେ, "ବିଦ୍ୟୁତ୍‌ସମ ଜଟାଜୁଟମଣ୍ଡିତ, ବର୍ଷଣଶୀଳ ମେଘତୁଲ୍ୟ କାନ୍ତି ଯୁକ୍ତ, ଶୁଭ୍ର ଯଜ୍ଞୋପବିତ ଧାରୀ, କୃଷ୍ଣସାର ଚର୍ମ ପରିହିତ ଆପଣ ଅନ୍ୟ କେହି ନୁହନ୍ତି, ସ୍ୱୟଂ ବ୍ୟାସଦେବ। ଯଦି ମୋ ଦ୍ୱାରା ପ୍ରଣୀତ ଶାରୀରିକ ଭାଷ୍ୟ ଆପଣଙ୍କ ମନୋନୀତ ହେଉଅଛି, ତେବେ ଦୟାପୂର୍ବକ ସ୍ୱରୂପ ପ୍ରକଟ କରି ମୋତେ କୃତାର୍ଥ କରାନ୍ତୁ।" ତତ୍‌ପରେ ଯୋଗୀନ୍ଦ୍ର ବ୍ୟାସଦେବ ସ୍ୱରୂପ ପ୍ରକଟ କଲେ। ଶଙ୍କର ଭକ୍ତି ଗଦ୍‌ଗଦ ଚିତ୍ତରେ ବ୍ୟାସଦେବଙ୍କୁ ପ୍ରଣାମ କରି ତାଙ୍କର ଗୌରବ ଗାନ କଲେ। ବ୍ୟାସଦେବ ଶଙ୍କରଙ୍କ ସ୍ତୁତିରେ ପ୍ରସନ୍ନ ହୋଇ ତାଙ୍କୁ ଆଶୀର୍ବାଦ କଲେ। ଶଙ୍କରଙ୍କ ପ୍ରଣୀତ ଶାରୀରିକ ଭାଷ୍ୟକୁ ଅଧ୍ୟୟନ କରି ସେ ମଧ୍ୟ ପରମ ସନ୍ତୋଷ ଲାଭକଲେ ଏବଂ ଏହା ସୂତ୍ରମାନଙ୍କର ମର୍ମାର୍ଥକୁ ଯେ ପ୍ରକାଶ କରିଅଛି ଏହା ସ୍ୱୀକାର କଲେ।

ଏହାପରେ ଶଙ୍କର ବ୍ୟାସଙ୍କୁ ଅନୁରୋଧକଲେ ଯେ ସେ ଏଠାରେ ଆଉ କିଛି ସମୟ ଅପେକ୍ଷା କରନ୍ତୁ ଯାହାଫଳରେ ସେ ନିଜର ନଶ୍ୱର ଶରୀର ବ୍ୟାସଙ୍କ ସମ୍ମୁଖରେ ତ୍ୟାଗ କରି ମହାସମାଧିରେ ଲୀନ ହୋଇଯିବେ। ତାଙ୍କ ଜୀବନ ଅବଧି ଷୋଡ଼ଶ ବର୍ଷ ଶେଷ ହୋଇ ଆସିଲାଣି। ଏହାଶୁଣି ତାଙ୍କର ଶିଷ୍ୟମଣ୍ଡଳୀ ଦୁଃଖରେ ଭାଙ୍ଗି ପଡ଼ିଲେ ଏବଂ ଅତି ବ୍ୟାକୁଳ ଭାବରେ ବ୍ୟାସଦେବଙ୍କୁ ଚାହିଁ ରହିଲେ।

ଏହା ଶୁଣି ବ୍ୟାସଦେବ ଶଙ୍କରଙ୍କୁ ଉପଦେଶ ଛଳରେ କହିଲେ ଯେ କେବଳ ଭାଷ୍ୟ ରଚନା କରିଦେଲେ ତାଙ୍କ ଜୀବନର ପରମ ଲକ୍ଷ ସାଧିତ ହୋଇଗଲା ବୋଲି ଭାବିବା ଉଚିତ୍ ହେବ ନାହିଁ। ଏହାକୁ ପ୍ରଚାର କରିବାକୁ ପଡ଼ିବ। ଭାରତର କୋଣେ ଅନୁକୋଣେ ଅଦ୍ୱୈତ ଦର୍ଶନର ବାର୍ତ୍ତା ପହଞ୍ଚାଇବାକୁ ପଡ଼ିବ। ଶାସ୍ତ୍ରର ଅନେକ ଅପବ୍ୟାଖ୍ୟା ଓ ଅପପ୍ରଚାର ଜନ ମାନସଙ୍କୁ ବିଭ୍ରାନ୍ତ କରୁଅଛି। ତାହା ଦୂର କରିବାକୁ ପଡ଼ିବ। ସେ ବେଦର ଉଦ୍ଧାର କରିବେ ଓ ସନାତନ ଧର୍ମକୁ ସୁପ୍ରତିଷ୍ଠିତ କରିବେ। ବ୍ୟାସଦେବ ଶଙ୍କରଙ୍କ ମସ୍ତକରେ ହସ୍ତ ସ୍ଥାପନ ପୂର୍ବକ ତାଙ୍କୁ ଆଶୀର୍ବାଦ କରି କହିଲେ ଯେ ଈଶ୍ୱରଙ୍କ କୃପାରୁ ତାଙ୍କର ପରମାୟୁ ଆଉ ୧୬ ବର୍ଷ ବୃଦ୍ଧି ପାଇବ। ଫଳରେ ତାଙ୍କର ଜୀବନ ଅବଧି ୩୨ ବର୍ଷ ହୋଇଯିବ। ଘୋର ଦୁଃଖରେ ଭାଙ୍ଗି ପଡ଼ିଥିବା ଶଙ୍କରଙ୍କ ଶିଷ୍ୟମାନେ ଏହାଶୁଣି ଆନନ୍ଦରେ ଆତ୍ମହରା ହୋଇପଡ଼ିଲେ। ଶଙ୍କର ବ୍ୟାସଙ୍କ ଏ ଆଶୀର୍ବାଦକୁ ଆଦେଶ ବୋଲି ମନେ କରି ଏହି ମହାନ୍ ଲକ୍ଷ୍ୟକୁ ପୂରଣ କରିବା ପାଇଁ ମନେ ମନେ ସଂକଳ୍ପ କରିନେଲେ। ଶଙ୍କରଙ୍କୁ ଏଭଳି ଭାବରେ ଆଶୀର୍ବାଦ କରି ବ୍ୟାସଦେବ ଅନ୍ତର୍ହିତ ହୋଇଗଲେ। ବ୍ୟାସଦେବଙ୍କ ବିଦାୟ ଶଙ୍କରଙ୍କୁ ଦାରୁଣ ଦୁଃଖ ଦେଇଗଲେ ମଧ୍ୟ ଏ ମହାର୍ହ ସ୍ମୃତିକୁ ହୃଦୟରେ ସ୍ଥାପନ କରି କିଞ୍ଚିତ୍ ସାନ୍ତ୍ୱନା ଲାଭ କରିଥିଲେ। ଶଙ୍କରାଚାର୍ଯ୍ୟ ଓ ବ୍ୟାସଦେବଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଶାସ୍ତ୍ରାର୍ଥକୁ ଲକ୍ଷକରି ତାଙ୍କର ପରମ ଶିଷ୍ୟ ପଦ୍ମପାଦ ଯାହା କହିଥିଲେ ତାହା ପ୍ରଣିଧାନ ଯୋଗ୍ୟ।

"ଶଙ୍କରଃ ଶଙ୍କରଃ ସାକ୍ଷାତ୍ ବ୍ୟାସୋ ନାରାୟଣଃ ସ୍ୱୟମ୍ , ତୟୋର୍ବିବାଦ ସଂଜାତେ କିଙ୍କରଃ କିଂ କରୋମ୍ୟହମ୍"।

ଶଙ୍କର ହେଉଛନ୍ତି ଶିବଙ୍କର ଅବତାର ଏବଂ ବ୍ୟାସଦେବ ହେଉଛନ୍ତି ନାରାୟଣଙ୍କ ଅବତାର। ଉଭୟଙ୍କ ମଧ୍ୟରେ ଏହି ଯେଉଁ ବିବାଦ ଲାଗି ଅଛି ଏଥିରେ ମୁଁ ଦାସାନୁଦାସ କଅଣ ବା କରିପାରିବି।

***

# ସ୍ୱାମୀ ବିବେକାନନ୍ଦ ଓ ଚିକାଗୋ ଧର୍ମସଭା

ଚିକାଗୋ ଧର୍ମ ସଭାରେ ସନାତନ ଧର୍ମର ପ୍ରତିନିଧିତ୍ୱ କରିବା ପାଇଁ ସ୍ୱାମୀ ବିବେକାନନ୍ଦ ଥିଲେ ସମକାଳୀନ ବିଦ୍ୱାନ୍‌ମାନଙ୍କ ମଧ୍ୟରେ ସବୁଠାରୁ ଯୋଗ୍ୟବ୍ୟକ୍ତି। ସେ ଇଂରାଜୀ ଓ ସଂସ୍କୃତ ଭାଷାରେ ଅନର୍ଗଳ ଭାଷଣ ଦେଇପାରୁଥିଲେ। ପ୍ରାଚ୍ୟ ଓ ପ୍ରାଶ୍ଚାତ୍ୟ ଦର୍ଶନକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ। ସେ ଉପଯୁକ୍ତ ଗୁରୁଙ୍କ ପାଖରେ ପାଣିନି ବ୍ୟାକରଣ, ପତଞ୍ଜଳିଙ୍କ ମହାଭାଷ୍ୟ ତଥା ବ୍ୟାସକୃତ ବ୍ରହ୍ମସୂତ୍ରକୁ ଅଧ୍ୟୟନ କରିଥିଲେ। ସେ ତର୍କସମ୍ମତ ପ୍ରଣାଳୀରେ ନିଜର ବିଚାରଧାରାକୁ ଉପସ୍ଥାପନ କରି ପାରୁଥିଲେ।

ଏହାକୁ ଲକ୍ଷ୍ୟକରି ସ୍ୱାମୀଜୀଙ୍କର ମାନ୍ଦ୍ରାଜରେ ଥିବା କେତେକ ଶିଷ୍ୟ ପ୍ରଥମେ ଏଭଳି ଏକ ପ୍ରସ୍ତାବ ଦେଇଥିଲେ। କେବଳ ସେତିକି ନୁହେଁ ସେମାନେ କିଛି ଅର୍ଥ ମଧ୍ୟ ସଂଗ୍ରହକରି ତାଙ୍କୁ ଏ ଉଦ୍ଦେଶ୍ୟରେ ଦେଇଥିଲେ। ମାତ୍ର ସ୍ୱାମୀଜୀଙ୍କର ଏ ମହାନ୍ କାର୍ଯ୍ୟପାଇଁ ନିଜ ଉପରେ ବିଶ୍ୱାସ ଆସୁନଥିଲା। ଗୁରଙ୍କ କୃପାବିନା ଏହା ସମ୍ଭବ ନୁହେଁ। ଏଣୁ ଟଙ୍କା ସେ ଫେରାଇ ଦେଇ କହିଥିଲେ ଯେ ଏହା ଦରିଦ୍ରନାରାୟଣଙ୍କ ମଧ୍ୟରେ ବାଣ୍ଟି ଦିଆଯାଉ। ତାଙ୍କର ପୂଜ୍ୟ ଗୁରୁଙ୍କର ନିର୍ଦ୍ଦେଶ ହେଲେ ସେ ଏଥିପାଇଁ ନିଜକୁ ପ୍ରସ୍ତୁତ କରିବେ। ଏହାର କିଛିଦିନପରେ ସେ ସ୍ୱପ୍ନରେ ଦେଖିଲେ ଯେ ତାଙ୍କର ଗୁରୁ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦିବ୍ୟ ଦେହରେ ସମୁଦ୍ରର ସଲୀଳ ଉପରେ ଅଗ୍ରସର ହେଉଛନ୍ତି ଏବଂ ତାଙ୍କୁ ଅନୁସରଣ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଏ ସ୍ୱପ୍ନ ଦେଖିଲାପରେ ମନର ସମସ୍ତ ଦ୍ୱିଧା ଦୂର ହୋଇଗଲା ଏବଂ ସେ ଆମେରିକା ଯାତ୍ରା ପାଇଁ ପ୍ରସ୍ତୁତ ହେଲେ।

ଏହି ଉଦ୍ଦେଶ୍ୟରେ ତାଙ୍କର ଶିଷ୍ୟମାନେ ଅର୍ଥ ସଂଗ୍ରହ କରିବାକୁ ଲାଗିଲେ. କିନ୍ତୁ ସେ ନିର୍ଦ୍ଦେଶ ଦେଲେ ଯେ ଏ ଅର୍ଥ କେବଳ ରାଜା ମହାରାଜା ବା ଧନାଢ୍ୟ ବ୍ୟକ୍ତିଙ୍କଠାରୁ ସଂଗ୍ରହ ନକରି ଭିକ୍ଷା ଆକାରରେ ସର୍ବସାଧାରଣଙ୍କଠାରୁ ସଂଗ୍ରହ କରନ୍ତୁ କାରଣ ସେ ସମସ୍ତଙ୍କର ପ୍ରତିନିଧି। ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ନୁହନ୍ତି।

ଧର୍ମ ସମ୍ମିଳନୀ ୧୮୯୩ ମସିହା ସେପ୍ଟେମ୍ବର ମାସରେ  ହେବାର ଥିଲା। ତାଙ୍କର ଶିଷ୍ୟମାନେ ଆମେରିକାର ଜଳବାୟୁକୁ ସୁହାଇଲା ଭଳି ପୋଷାକ କିଣି ଦେଇଥିଲେ ଏବଂ ଜାହାଜରେ ଗୋଟିଏ ପ୍ରଥମ ଶ୍ରେଣୀର କ୍ୟାବିନ୍ ରିଜର୍ଭ କରି ଦେଇଥିଲେ କିନ୍ତୁ ସ୍ୱାମୀଜୀ ଅଧିକାଂଶ ସମୟରେ ଗୈରିକ ବସ୍ତ୍ର ପରିଧାନ କରୁଥିଲେ। ସେ ଚିକାଗୋ ଧର୍ମ ସଭାରେ ଭାଷଣ ଦେବାବେଳେ ରେଶମର ଶେରୱାନୀ ଓ ପଗଡି ପରିଧାନ କରିବେ ଏହା ଚିନ୍ତାକରି ତାଙ୍କର ଶିଷ୍ୟମାନେ ଏହା ମଧ୍ୟ ପ୍ରସ୍ତୁତ କରିଥିଲେ। ତାଙ୍କର ଯାତ୍ରା କରିବାର ଦିନ ନିର୍ଦ୍ଧାରିତ ହେଲା। ଏହା ଥିଲା ୧୮୯୩ ମସିହା ମଇ ୩୧ ତାରିଖ।

ପରିଶେଷରେ ବିଦାୟର ବେଳା ଉପସ୍ଥିତ ହେଲା। ବମ୍ବେଠାରେ ସେ ଜାହାଜରେ ପ୍ରବେଶ କଲେ। ତାଙ୍କର ବନ୍ଧୁ ଓ ଶିଷ୍ୟମାନେ ତାଙ୍କୁ ଅଶ୍ରୁଳ ବିଦାୟ ଦେଲେ। ସ୍ୱାମୀଜୀଙ୍କର

ଚକ୍ଷୁ ମଧ୍ୟ ଲୋତକାପ୍ଳୁତ ହୋଇଥିଲା। ଧୀର ମନ୍ଥର ଗତିରେ ଜାହାଜ ବନ୍ଦର ଛାଡ଼ିଲା। ପଥ ମଧ୍ୟରେ କଲମ୍ବୋ, ପେନାଙ୍ଗ୍, ସିଙ୍ଗାପୁର, ହଂକଂ, ଜାପାନ ପ୍ରଭୃତି ଅତିକ୍ରମକରି ପରିଶେଷରେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିଲେ।

ଚିକାଗୋରେ ପହଞ୍ଚି ପ୍ରଥମେ ସେ ଆଶ୍ୱସ୍ତ ହେଲେ। ମାତ୍ର ପରେ ସେ ଅନୁଭବ କଲେ ଯେ ଏଠାରେ ତାଙ୍କର ସ୍ୱପ୍ନ ସାକାର ହେବାର ସମ୍ଭାବନା କ୍ଷୀଣ। ଧର୍ମସଭା ହେବାକୁ ଆଉ ତିନି ମାସ ସମୟ ଅଛି। କିନ୍ତୁ କେଉଁମାନେ ଏଥିରେ ଯୋଗଦେବେ ତାହା ସ୍ଥିର ହେବାର ସମୟ ସୀମା ରହିଛି। ସେ ବହୁତ ବିଳମ୍ବରେ ଆସିଛନ୍ତି। ପୁନଶ୍ଚ ପରିଚୟ ପତ୍ର ନଥିଲେ ତାଙ୍କ ବିଷୟ ବିଚାରକୁ ନିଆଯିବ ନାହିଁ। କିନ୍ତୁ ସବୁଠାରୁ ତାଙ୍କପାଇଁ ବଡ଼ ଅସୁବିଧା ସୃଷ୍ଟିକଲା ତାଙ୍କର ଆର୍ଥିକ ଦୁସ୍ଥିତି। ସେ ଯେଉଁ ଅଳ୍ପ ଅର୍ଥ ଧରି ଆସିଥିଲେ ତାହା ପ୍ରାୟ ଶେଷ ହୋଇ ଆସିଲାଣି। ପୁନଶ୍ଚ ଅର୍ଥ କାରବାରରେ ତାଙ୍କର ଅଭିଜ୍ଞତା ନଥିବାରୁ ସେ ବହୁସ୍ଥାନରେ ପ୍ରତାରିତ ମଧ୍ୟ ହୋଇଥିଲେ। ଚିକାଗୋ ରାଜରାସ୍ତାରେ ଗଲାବେଳେ ତାଙ୍କର ଗୈରିକ ବସ୍ତ୍ର ଦେଖି ବେଳେବେଳେ ପଥଚାରୀମାନେ ତାଙ୍କୁ ଉପହାସ କରୁଥିଲେ। ପରିଶେଷରେ ସେ ସ୍ଥିର କଲେ ଯେ ସେ ବୋଷ୍ଟନକୁ ଚାଲିଯିବେ ଯେଉଁଠାରେ ଖର୍ଚ୍ଚର ପରିମାଣ କିଛିଟା କମିଯିବ।

ବୋଷ୍ଟନ ଯିବା ସମୟରେ ପଥ ମଧ୍ୟରେ ଜଣେ ବର୍ଷିୟସୀ ମହିଳାଙ୍କ ସଙ୍ଗରେ ତାଙ୍କର ପରିଚୟ ଘଟିଲା। ସେ ସ୍ୱାମୀଜୀଙ୍କ ଗୈରିକ ବସ୍ତ୍ର ଦେଖି ତାଙ୍କ ସମ୍ପର୍କରେ କିଛି ଜାଣିବା ପାଇଁ ଆଗ୍ରହୀ ହେଲେ ଏବଂ ତାଙ୍କର ଅସୁବିଧା ବିଷୟ ଅବଗତ ହୋଇ ତାଙ୍କୁ ନିଜ ଘରେ ଆଗ୍ରହର ସହିତ ଆଶ୍ରୟ ଦେଲେ। ସେଠାରେ ଥିବା ସମୟରେ ଜଣେ ବିଶିଷ୍ଟ ବ୍ୟକ୍ତି ମି.ରାଇଟ୍ ଯେକି ହାର୍ଭାଡର ଗ୍ରୀକ୍ ଭାଷାର ପ୍ରଫେସର ଥିଲେ ସେ ଏହି ଭଦ୍ର ମହିଳାଙ୍କ ଘରକୁ ଆସି ସ୍ୱାମୀଜୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରି ତାଙ୍କର ଜ୍ଞାନର ଗଭୀରତା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ତାଙ୍କୁ ଅନୁରୋଧ କଲେ ଯେ ସେ ଧର୍ମ ସମ୍ମିଳନୀରେ ବେଦାନ୍ତ ଦର୍ଶନ ଉପରେ ଭାଷଣ ଦିଅନ୍ତୁ। କିନ୍ତୁ ସ୍ୱାମୀଜୀ ତାଙ୍କର ଅସୁବିଧା କଥା କହିଲେ। ଅଧ୍ୟାପକ ଜଣକ ଆଶ୍ଚର୍ଯ୍ୟ ହୋଇ କହିଲେ, "ସ୍ୱାମୀଜୀ, ଆପଣଙ୍କ ପରିଚୟ ପତ୍ର ମାଗିବା ଯାହା, ସୂର୍ଯ୍ୟଙ୍କର ଆଲୋକ ସମ୍ପର୍କରେ ପ୍ରମାଣ ଖୋଜିବା ଠିକ୍ ସେହିପରି"। ରାଇଟ୍ ସାହେବ ତତ୍‌କ୍ଷଣାତ୍ ଧର୍ମମହାସଭା ସହିତ ସଂପୃକ୍ତ ଥିବା ତାଙ୍କର ଜଣେ ବନ୍ଧୁଙ୍କ ପାଖକୁ ଗୋଟିଏ ଚିଠି ସ୍ୱାମୀଜୀଙ୍କ ହାତରେ ଦେଇଥିଲେ।

ଏହାପରେ ସ୍ୱାମୀଜୀ ଏହି ଚିଠି ଖଣ୍ଡିକ ଧରି ପୁନର୍ବାର ଚିକାଗୋ ଆସିଥିଲେ। ମାତ୍ର ଯେଉଁ ଉତ୍ସାହ ଓ ଉଦ୍ଦୀପନାର ସହ ଆସିଥିଲେ ତାହା ଚିକାଗୋରେ ପହଞ୍ଚିବାପରେ ଉଭେଇ ଯାଇଥିଲା। ଯେଉଁ ଭଦ୍ରଲୋକଙ୍କୁ ଚିଠିଟି ଦେବା କଥା ତାଙ୍କର ବାସଗୃହ ଖୋଜିବା ବା ଅଫିସର ପତ୍ତା ପାଇବା ସମ୍ଭବ ହେଲା ନାହିଁ। ଏଣୁ ଗୋଟିଏ ରାତି ରେଲୱେ ମାଲଗୋଦାମ ସମ୍ମୁଖରେ ପଡ଼ିଥିବା ଗୋଟିଏ ପ୍ୟାକିଙ୍ଗ୍ କେସ ଭିତରେ କଟାଇଲେ। ବାହାରେ ପ୍ରବଳ ଥଣ୍ଡା ପଡୁଥିଲା। ଆବଶ୍ୟକ ଗରମ ପୋଷାକ ନଥିଲା। ଅର୍ଥାଭାବରୁ ରାତିଟି ଉପବାସରେ କଟାଇଲେ। ପରଦିନ କ୍ଷୁଧାର ତାଡ଼ନାରେ ଭୀଷଣ କଷ୍ଟ ଅନୁଭବ

କରି ଦ୍ୱାର ଦ୍ୱାର ବୁଲି ଭିକ୍ଷା ମଧ୍ୟ ଲୋଡ଼ିଥିଲେ। ମାତ୍ର ସାହାଯ୍ୟ ମିଳିଲା ନାହିଁ। ବରଂ ଅପମାନିତ ହେଲେ। ତାଙ୍କର ଆତ୍ମବିଶ୍ୱାସ ତୁଟିଗଲା ଏବଂ ସେ ଅନୁତାପ କଲେ ନିଜର ଅପରିଣାମଦର୍ଶିତା ପାଇଁ । କାହିଁକି କେତେକ ଭାବପ୍ରବଣ ଅର୍ବାଚୀନ ଯୁବକଙ୍କ ପ୍ରେରଣାରେ ସେ ଆମେରିକା ଆସିଥିଲେ। କ୍ଷୁଧା, ଅନିଦ୍ରା ଜନିତ କଷ୍ଟ ଏବଂ ନୈରାଶ୍ୟ ମଧ୍ୟରେ ଅବସନ୍ନ ହୋଇ ରାସ୍ତାର ଗୋଟିଏ ପାର୍ଶ୍ୱରେ ଅସହାୟ ଅବସ୍ଥାରେ ବସି ପଡ଼ିଲେ। ଅନ୍ୟ ଉପାୟ ନଦେଖି ନିଜର ଗୁରୁଦେବଙ୍କୁ ମନେ ମନେ ସ୍ମରଣ କଲେ।

କୌଣସି ଉପନ୍ୟାସର କାଳ୍ପନିକ କାହାଣୀ ଅପେକ୍ଷା ତାଙ୍କର ଅନୁଭୂତି ଥିଲା ଅଧିକ ରୋମାଞ୍ଚକର। ସେ ଦେଖିବାକୁ ପାଇଲେ ଯେ ଅଦୂରରେ ଏକ ପ୍ରାସାଦର ଦ୍ୱାର ଉନ୍ମୁକ୍ତ ହେଲା ଏବଂ ସାକ୍ଷାତ୍ ଅନ୍ନପୂର୍ଣ୍ଣା ସଦୃଶା ଜଣେ ଦୟାବତୀ ଭଦ୍ର ମହିଳା ତାଙ୍କ ପାଖକୁ ଆସି ସ୍ନେହପୂର୍ଣ୍ଣ କଣ୍ଠରେ ପଚାରିଲେ, 'ଆପଣ ଧର୍ମସଭାର ଜଣେ ପ୍ରତିନିଧି କି ?' ନୈରାଶ୍ୟ ଜର୍ଜରିତ ହୃଦୟ ବିବେକାନନ୍ଦ ଆଶାର କ୍ଷୀଣ ଆଲୋକ ଦେଖିବାକୁ ପାଇଲେ। ସେ କାତର କଣ୍ଠରେ ନିଜର ଦୁର୍ଦ୍ଦଶା ତାଙ୍କୁ ଜଣାଇଲେ। ଏ ଭଦ୍ରମହିଳା ସ୍ୱାମୀଜୀଙ୍କୁ ଆଦରର ସହିତ ନିଜ ଗୃହକୁ ନିମନ୍ତ୍ରଣ କଲେ। ତାଙ୍କର ଭୃତ୍ୟମାନେ ତାଙ୍କ ସେବାରେ ନିୟୋଜିତ ହେଲେ। ଭୋଜନପରେ ସେ କିଛି ସମୟ ବିଶ୍ରାମ ନେଲେ। ତତ୍ପରେ ଏହି ଭଦ୍ରମହିଳା ଜଣକ ନିଜ ସାଙ୍ଗରେ ତାଙ୍କୁ ଆଣି ଧର୍ମସଭାର ମୁଖ୍ୟଙ୍କ ସହିତ ପରିଚିତ କରାଇଦେଲେ। ବସ୍ତୁତଃ ତାଙ୍କରି ସାହାଯ୍ୟ ଯୋଗୁଁ ବିବେକାନନ୍ଦ ଧର୍ମସଭାର ପ୍ରତିନିଧି ଭାବରେ ସ୍ୱୀକୃତ ହେଲେ। ସମସ୍ତ ଅସୁବିଧା ଈଶ୍ୱରଙ୍କ କୃପାରୁ ଦୂର ହୋଇଗଲା।

ଧର୍ମସଭା ଯେଉଁ ଅଟ୍ଟାଳିକା ମଧ୍ୟରେ ଆରମ୍ଭ ହେଲା ତାର ନାମ 'ଶିଳ୍ପ - ପ୍ରାସାଦ'। ଏକ ବିରାଟ ହଲ ଏବଂ ତାହା ଉପରକୁ ବିରାଟ ଗ୍ୟାଲେରି। ଆମେରିକାର ଛଅ ସାତ ହଜାର ସୁଶିକ୍ଷିତ ନରନାରୀ ଗ୍ୟାଲେରୀରେ ବସିଥିଲେ। ହଲ୍ ଭିତରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଦ୍ୱାନ୍‌ମାନେ ବସିଥିଲେ। ଏମାନଙ୍କୁ ଉଦ୍‌ବୋଧନ ଦେବା ଯେ କୌଣସି ବକ୍ତା ନିକଟରେ ଏକ କଠିନ କାର୍ଯ୍ୟ। ସ୍ୱାମୀଜୀ ପୂର୍ବରୁ ଏଭଳି ବିଦ୍ୱଜ୍ଜନସମାବୃତ ସଭାରେ ଭାଷଣ ଦେଇନଥିଲେ। ଏଣୁ ତାଙ୍କୁ ଭାଷଣ ଦେବାକୁ ଅନୁରୋଧ କରାଗଲାବେଳେ ମନରେ ବିଚଳିତ ଭାବ ଆସୁଥାଏ। ମାତ୍ର ମନକୁ ସ୍ଥିର ଓ ଦୃଢ଼ରଖି ବାଗ୍‌ଦେବୀଙ୍କୁ ସ୍ମରଣ କରି ଭାଷଣ ଦେବାପାଇଁ ଅଗ୍ରସର ହେଲେ। ତାଙ୍କର ତେଜୋଦୀପ୍ତ ମୁଖମଣ୍ଡଳ, ପ୍ରଭାବଶାଳୀ ବ୍ୟକ୍ତିତ୍ୱ ତଥା ଗୈରିକ ବସ୍ତ୍ର ଦର୍ଶକ ମଣ୍ଡଳୀ ମଧ୍ୟରେ ଏକ ଅଦ୍ଭୁତ ଭାବାବେଗ ସୃଷ୍ଟି କରିଥିଲା। ଅନ୍ୟ ବକ୍ତାଙ୍କ ଭଳି ଚିରାଚରିତ ରୀତିରେ 'ଭଦ୍ର ମହିଳା ଓ ଭଦ୍ର ବ୍ୟକ୍ତିଗଣ' ବୋଲି ସମ୍ବୋଧନ ନକରି ସେ ଯେତେବେଳେ 'ହେ ମୋର ଆମେରିକାର ପ୍ରିୟ ଭାଇ ଓ ଭଉଣୀ'' ବୋଲି ସମ୍ବୋଧନ କଲେ ଘନ ଘନ କରତାଳି ଧ୍ୱନିରେ ସଭାଗୃହ ପ୍ରକମ୍ପିତ ହୋଇଉଠିଲା। ସ୍ୱାମୀଜୀ ଉଦାତ୍ତ କଣ୍ଠରେ ତାଙ୍କର ସଂକ୍ଷିପ୍ତ ତଥା ଓଜସ୍ୱିନୀ ଭାଷଣ ମାଧ୍ୟମରେ ହିନ୍ଦୁ ଧର୍ମର ସର୍ବଜନୀନତା, ବିଶ୍ୱାତ୍ମଚେତନା ଏବଂ ଉଦାର ଦୃଷ୍ଟିକୋଣକୁ ବଳିଷ୍ଠ ଯୁକ୍ତିଦ୍ୱାରା ଉପସ୍ଥାପନ କରି ଦର୍ଶକ ମଣ୍ଡଳୀଙ୍କୁ ବିମୋହିତ

କରିଦେଲେ। ହିନ୍ଦୁଧର୍ମ ସମ୍ପର୍କରେ ପାଶ୍ଚାତ୍ୟ ଦେଶବାସୀଙ୍କ ମନରେ ଯେଉଁ ଭ୍ରମ ଧାରଣା ରହିଥିଲା ତାହା ଦୂରକରିବାରେ ସ୍ୱାମୀଜୀଙ୍କ ଭାଷଣ ସମର୍ଥ ହୋଇଥିଲା। ଏଣୁ ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖ କେବଳ ତାଙ୍କ ଜୀବନର ନୁହେଁ ବରଂ ଇତିହାସର ଏକ ସ୍ମରଣୀୟ ଦିବସ ବୋଲି ବିବେଚିତ ହୁଏ।

ଆମେରିକାର ଜନସାଧାରଣ ସ୍ୱାମୀଜୀଙ୍କର ଜୟଗାନ କରିଥିଲେ। ଯେଉଂ ବ୍ୟକ୍ତି ଅଳ୍ପ କିଛିଦିନ ତଳେ ଅସହାୟ ଅବସ୍ଥାରେ ଚିକାଗୋର ରାଜରାସ୍ତାରେ ବୁଲୁଥିଲେ ସେ ହଠାତ୍ ବିଶ୍ୱ ପ୍ରସିଦ୍ଧ ହୋଇଗଲେ। ପ୍ରମୁଖ ସମ୍ବାଦପତ୍ର ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଆମେରିକାର ଗୋଟିଏ ପ୍ରସିଦ୍ଧ ସମ୍ବାଦପତ୍ର ତାଙ୍କୁ ଧର୍ମ ସଭାର ସର୍ବଶ୍ରେଷ୍ଠ ପ୍ରତିନିଧି ବୋଲି ସ୍ୱୀକାର କରିଥିଲା। ଅତୀତର ସ୍ମୃତିକୁ ମନେପକାଇ ଆନିବେଶାନ୍ତ ତାଙ୍କ ସମ୍ପର୍କରେ ଲେଖିଥିଲେ ଯେ, "ଦ୍ରୁତ ଉନ୍ନତିଶୀଳ ଉଦ୍ଧତ ପାଶ୍ଚାତ୍ୟ ଜଗତରେ ଭାରତ ତାଙ୍କର ଯୋଗ୍ୟତମ ସନ୍ତାନକୁ ଦୂତ ରୁପେ ନିଯୁକ୍ତ କରି ଗୌରବାନ୍ୱିତ ହୋଇଥିଲା ।'' କିନ୍ତୁ ସ୍ୱାମୀଜୀଙ୍କ ମନରେ ନିଜର ଅଦ୍ଭୁତ ସଫଳତା ପାଇଁ କୌଣସି ଗର୍ବ ନଥିଲା। ଅତି ନମ୍ରତାର ସହିତ ସେ କହିଥିଲେ ଯେ ଏହା ସମ୍ଭବ ହୋଇଥିଲା ଈଶ୍ୱରଙ୍କ କରୁଣାରୁ। ଯାହାଙ୍କର କରୁଣା ଲାଭକରି ମୂକ ପ୍ରଗଲ୍ଭ ବକ୍ତା ହୋଇପାରେ ଏବଂ ପଙ୍ଗୁ ଗରି ଲଂଘନ କରିପାରେ କେବଳ ତାଙ୍କରି ଆଶୀର୍ବାଦରୁ । ଯଥାର୍ଥରେ କୁହାଯାଏ–

'ମୂକଂ କରୋତି ବାଚାଳଂ
ପଙ୍ଗୁଂ ଲଂଘୟତେ ଗିରିମ୍
ଯତ୍ କୃପା ତମହଂ ବନ୍ଦେ
ପରମାନନ୍ଦ ମାଧବମ୍''

✶✶✶

# କୁମାରିଲଙ୍କ ପ୍ରାୟଶ୍ଚିତ

କୁମାରିଲ ଭଟ୍ଟ ପୂର୍ବ ମୀମାଂସା ଦର୍ଶନର ଜଣେ ବିରାଟ ପ୍ରବକ୍ତା। ଜୈମିନୀଙ୍କ ପ୍ରଣୀତ ମୀମାଂସା ସୂତ୍ର ଉପରେ ଶବର ସ୍ୱାମୀ ଯେଉଁ ଭାଷ୍ୟ ରଚନା କରିଥିଲେ ତାହା ଉପରେ ସେ ବାର୍ତ୍ତିକ ମଧ୍ୟ ରଚନା କରିଥିଲେ। 'ଶ୍ଳୋକ ବାର୍ତ୍ତିକମ' ତାଙ୍କର ଅନନ୍ୟ କୃତି। ବେଦୋକ୍ତ କର୍ମକାଣ୍ଡର ପ୍ରଚାର ଓ ପ୍ରସାର ଥିଲା ତାଙ୍କ ଜୀବନର ମହାନ୍ ଉଦ୍ଦେଶ୍ୟ। ବେଦ ଏବଂ ଏହାର ଷଡ଼ଙ୍ଗ ଯଥା ଶିକ୍ଷା, କଳ୍ପ, ନିରୁକ୍ତ, ବ୍ୟାକରଣ, ଛନ୍ଦ, ଜ୍ୟୋତିଷ ପ୍ରଭୃତି ଉପରେ ସେ ଶିକ୍ଷାଦାନ କରୁଥିଲେ। କିନ୍ତୁ ସମୟ ତାଙ୍କପାଇଁ ଅନୁକୂଳ ନଥିଲା। ବହୁ ବାଧାବିଘ୍ନର ସେ ସମ୍ମୁଖୀନ ହେଉଥିଲେ। ସେତେବେଳେ ବୌଦ୍ଧଧର୍ମ ସମଗ୍ର ଭାରତବର୍ଷରେ ବ୍ୟାପି ଯାଇଥିଲା। ରାଜା, ମହାରାଜା ଧନାଢ୍ୟ ତଥା ସମାଜର ପ୍ରଭାବଶାଳୀ ବ୍ୟକ୍ତିଗଣ ଏହାର ପୃଷ୍ଠପୋଷକତା କରୁଥିଲେ। ସେମାନେ ବେଦ ବିରୁଦ୍ଧରେ ପ୍ରଚାର କରୁଥିଲେ। ବୈଦିକ କର୍ମକାଣ୍ଡ କୁସଂସ୍କାରାଚ୍ଛନ୍ନ ତଥା ବେଦ ସ୍ୱବିରୋଧୀ ଏଭଳି ଅନେକ ଅପପ୍ରଚାର ଯୋଗୁଁ ବୈଦିକ ପଣ୍ଡିତଗଣ ଦୁଃଖରେ ମ୍ରିୟମାଣ ହୋଇ କେବଳ ଅଶ୍ରୁପାତ କରୁଥିଲେ। ମନରେ ଏଭଳି ଅଶଙ୍କା ଆସୁଥିଲା ଯେ ବୈଦିକ ବା ସନାତନ ଧର୍ମ ଭାରତ ଭୂଖଣ୍ଡରୁ ବିଲୁପ୍ତ ହୋଇଯିବ।

ଏଭଳି ସଙ୍କଟଜନକ ପରିସ୍ଥିତି ଭିତରେ ଦକ୍ଷିଣ ଭାରତର ଏ ମହାନ୍ ପଣ୍ଡିତ ଜଣକ ପରିସ୍ଥିତିର ମୁକାବିଲା କରି ସନାତନ ଧର୍ମକୁ ପୁନଃ ପ୍ରତିଷ୍ଠିତ କରିବା ପାଇଁ ଆଗେଇ ଆସିଲେ। ବିଶ୍ୱର ପ୍ରାଚୀନତମ ଧର୍ମ ଓ ଦର୍ଶନକୁ କୌଣସି ପରିସ୍ଥିତିରେ ବିଲୀନ ହେବାକୁ ଦିଆଯିବ ନାହିଁ। ଯେ କୌଣସି ତ୍ୟାଗ ବା ମୂଲ୍ୟ ଦେଇ ଏହାକୁ ରକ୍ଷା କରିବାକୁ ପଡିବ। ଏହାଥିଲା ତାଙ୍କର ସଂକଳ୍ପ।

ଏଣୁ ସେ ବୌଦ୍ଧ ଦାର୍ଶନିକମାନଙ୍କ ସହିତ ଶାସ୍ତ୍ରାର୍ଥରେ ପ୍ରବୃତ୍ତ ହେଲେ। ବୁଦ୍ଧଙ୍କ ପରବର୍ତ୍ତୀ ସମୟରେ ବୌଦ୍ଧଦର୍ଶନକୁ ସୁପ୍ରତିଷ୍ଠିତ କରିବାପାଇଁ ଦିଗ୍‌ଗଜ ତର୍କପ୍ରବୀଣ ପଣ୍ଡିତଗଣ ଯଥା ଦିଙ୍‌ନାଗ, ଧର୍ମକୀର୍ତ୍ତି, ନାଗାର୍ଜ୍ଜୁନ ପ୍ରଭୃତି ଅଶେଷ ଉଦ୍ୟମ କରିଥିଲେ। ଏଠାରେ ମନେ ରଖିବାକୁ ହେବ ଯେ ଦିଙ୍‌ନାଗଙ୍କ ସାଧନା କ୍ଷେତ୍ରକୁ ପରବର୍ତ୍ତୀ ସମୟରେ 'ତେଲାଙ୍ଗ' ବୋଲି ନାମିତ କରିଯାଇଅଛି। ଏହା କେତେକ ଐତିହାସିକଙ୍କ ମତ। ତେବେ କୁମାରିଲ ଲକ୍ଷ୍ୟକଲେ ଯେ ବୌଦ୍ଧଦର୍ଶନକୁ ଗଭୀରଭାବେ ଅଧ୍ୟୟନ ନକରି ଓ ସେମାନଙ୍କ ତର୍କ ପ୍ରଣାଳୀକୁ ଆୟତ୍ତ ନ କରି ସେମାନଙ୍କୁ ତର୍କରେ ପରାସ୍ତ କରିବା ସମ୍ଭବ ହେବନାହିଁ।

ଏହା ତାଙ୍କ ପାଇଁ ଏକ ବିଷମ ସମସ୍ୟା ସୃଷ୍ଟିକଲା। ସେ ଜଣେ ବ୍ରାହ୍ମଣର ସନ୍ତାନ । କୌଣସି ବୌଦ୍ଧଗୁରୁ ତାଙ୍କୁ ବୌଦ୍ଧ ଦର୍ଶନ ଶିକ୍ଷା ଦେବେନାହିଁ। କିନ୍ତୁ ଯେ କୌଣସି ଭାବରେ ତାଙ୍କୁ ଏ କ୍ଷେତ୍ରରେ ଜ୍ଞାନ ଆହରଣ କରିବାକୁ ପଡ଼ିବ।

ନିଜର ପ୍ରକୃତ ପରିଚୟକୁ ଗୁପ୍ତ ରଖି ଛଦ୍ମ ବେଶରେ ସେ ବୌଦ୍ଧ ଗୁରୁଙ୍କ ପାଖକୁ ଯାଇ ବୌଦ୍ଧ ଦର୍ଶନ ଅଧ୍ୟୟନ କଲେ। ଏଭଳି ଏକ ବିଚକ୍ଷଣ ଶିଷ୍ୟ ଗୁରୁ ପୂର୍ବରୁ କେବେ ଦେଖିନଥିଲେ। ତାଙ୍କ ଯୋଗ୍ୟତାରେ ମୁଗ୍ଧହୋଇ ଗୁରୁ ତାଙ୍କୁ ବୌଦ୍ଧ ଦର୍ଶନର ସୂକ୍ଷ୍ମରୁ ସୂକ୍ଷ୍ମତର ପ୍ରଣାଳୀ ସବୁ ବତାଇ ଦେଲେ। କୁମାରିଲ ସହଜରେ ବୌଦ୍ଧ ଦର୍ଶନକୁ ଆୟତ୍ତ କରିପାରିଲେ। ସମୟ ଅତିକ୍ରାନ୍ତ ହେଲା। ଦିନେ କୁମାରିଲଙ୍କ ସହାଧ୍ୟାୟୀମାନେ ବେଦକୁ ନିନ୍ଦାକରି ଆନନ୍ଦ ଉପଭୋଗ  କରୁଥିବାବେଳେ ପ୍ରାଣର ବ୍ୟଥାକୁ ସହିନପାରି କୁମାରିଲଙ୍କ ଚକ୍ଷୁ ଦ୍ୱୟରୁ ଧାର ଧାର ଲୋତକ ବୋହି ଆସିଲା। ତାଙ୍କର ସହାଧ୍ୟାୟୀମାନେ ସନ୍ଦେହ କଲେ୍ ଯେ ବୈଦିକ ଧର୍ମ ଓ କର୍ମ କାଣ୍ଡର ସେ ସମର୍ଥକ। ଭବିଷ୍ୟତରେ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ। ଘଟଣା କ୍ରମେ ସେମାନେ ଜାଣିଗଲେ ଯେ ଏ ଜଣେ ବ୍ରାହ୍ମଣ ସନ୍ତାନ ଯେକି ଛଦ୍ମ ବେଶରେ ଆସି ବୌଦ୍ଧ ଦର୍ଶନ  ଓ ତର୍କ ସରଣୀକୁ ଆୟତ୍ତ କରିସାରିଲେଣି।

ବୌଦ୍ଧସନ୍ନ୍ୟାସୀ ଗଣ ଏଭଳି ଉତ୍ୟକ୍ତ ହୋଇ ପଡ଼ିଲେ ଯେ କୁମାରିଲଙ୍କ ଜୀବନର ଅନ୍ତ ଘଟାଇବା ସିଦ୍ଧାନ୍ତ ନେଲେ। ସେ ସମୟରେ ବିଭିନ୍ନ ଆଦର୍ଶବାଦ ମଧ୍ୟରେ ଏଭଳି ସଂଘର୍ଷ ଆରମ୍ଭ ହେଉଥିଲା ଯେ ଏହାର ଅନୁଗାମୀଗଣ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ଚରମ ପନ୍ଥାର ଅଶ୍ରୟ ନେଉଥିଲେ। ଏଣୁ ଅହିଂସାବାଣୀ ପ୍ରଚାର କରୁଥିବା ବୌଦ୍ଧମାନେ ବଳପୂର୍ବକ ଏକ ଅଟ୍ଟାଳିକା ଉପରକୁ ତାଙ୍କୁ ନେଇ ଭୂପୃଷ୍ଠକୁ ନିକ୍ଷେପ କଲେ। କୁମାରିଲ ଅନନ୍ୟୋପାୟ ହୋଇ ଉଚ୍ଚସ୍ୱରରେ କହିଲେ, "ଯଦି ବେଦପ୍ରମାଣ ସତ୍ୟ ହୋଇଥାଏ ତେବେ ମୋର କୌଣସି କ୍ଷତି ହେବନାହିଁ"। ସେ ଭୂପୃଷ୍ଠରେ ପତିତ ହେଲେ ମଧ୍ୟ ସୁରକ୍ଷିତ ହୋଇ ରହିଲେ। ତେବେ ଗୋଟିଏ ଚକ୍ଷୁ ହରାଇଥିଲେ। ତାଙ୍କ ମନରେ ଏଭଳି ଭାବନା ଆସିଲା ଯେ ସେ 'ଯଦି' ଶବ୍ଦ ପ୍ରୟୋଗ କରି ବେଦର ପ୍ରାମାଣ୍ୟ ସମ୍ପର୍କରେ ସାମାନ୍ୟ ସନ୍ଦେହ ପ୍ରକାଶ କରିଥିଲେ। ଏଣୁ ତାଙ୍କୁ ଗୋଟିଏ ଚକ୍ଷୁ ହରାଇବାକୁ ପଡ଼ିଲା।

କୁମାରିଲ ଏହା ପରେ ବୌଦ୍ଧ ଦାର୍ଶନିକମାନଙ୍କ ସହ ଶାସ୍ତ୍ରାର୍ଥରେ ପ୍ରବୃତ୍ତ ହୋଇ ସେମାନଙ୍କୁ ଅନାୟାସରେ ପରାସ୍ତ କରିପାରିଲେ। ସନାତନ ଧର୍ମକୁ ପୁନଃ ପ୍ରତିଷ୍ଠିତ କରିବାର ପଥ ସୁଗମ ହେଲା। ଏଭଳି ଅନେକ ଦିନ ବିତିଗଲା। ବୈଦିକ ଧର୍ମ ଦର୍ଶନର ପ୍ରବକ୍ତାଗଣ କୁମାରିଲଙ୍କର ଜୟଜୟକାର କଲେ।

କିନ୍ତୁ କୁମାରିଲ ସ୍ୱଭାବତଃ ଥିଲେ ଜଣେ ବିବେକବାନ୍ ବ୍ୟକ୍ତି । ଏଣୁ ଏକ ଭିନ୍ନ ପ୍ରକାରର ଚିନ୍ତା ତାଙ୍କର ମନରେ ପ୍ରବେଶ କରି ତାଙ୍କୁ ବିଚଳିତ କରି ପକାଇଲା । ସେ ଗଭୀର ଭାବରେ ଅନୁଭବ କଲେ ଯେ ସେ ଏକ ଅକ୍ଷମଣୀୟ ତଥା ଅମାର୍ଜନୀୟ ଅପରାଧ କରିଛନ୍ତି । ସେ ନିଶ୍ଚିତ ଭାବରେ ଗୁରୁଦ୍ରୋହୀ । ସେ ବିଦ୍ୟା ଆହରଣ କରିନାହାନ୍ତି ବରଂ ଚୋରିକରି ଆଣିଛନ୍ତି । ସେ ଗୁରୁଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି । ଛଦ୍ମବେଶରେ ଯାଇ ଯେଉଁ ଗୁରୁଙ୍କଠାରୁ ସେ ବିଦ୍ୟା ଗ୍ରହଣ କଲେ, ତର୍କବିଦ୍ୟାରେ ବହୁ ସ୍ଥାନରେ ସେ ତାଙ୍କୁ ତିରସ୍କାର କରିଛନ୍ତି । ଗୁରୁ ପୂଜାସ୍ପଦ କିନ୍ତୁ ସେ ତାହା କରିନାହାନ୍ତି । ଏ ପାପ ପାଇଁ ତାଙ୍କୁ ପ୍ରାୟଶ୍ଚିତ କରିବାକୁ ପଡିବ । ନଚେତ ଭବିଷ୍ୟତ ବଂଶଧରଙ୍କ ପାଇଁ ସେ ଏକ କଳଙ୍କିତ ପରମ୍ପରା ସୃଷ୍ଟି କରି ଦେବେ । ସେ ଅନ୍ୟ ଏକ ଅପରାଧ ମଧ୍ୟ କରିଛନ୍ତି । ବେଦର ପ୍ରାଧାନ୍ୟକୁ ପ୍ରତିଷ୍ଠା କରିବା ପାଇଁ ସେ ଈଶ୍ୱରଙ୍କୁ ମଧ୍ୟ ଅସ୍ୱୀକାର କରିଛନ୍ତି । ବେଦ ସ୍ୱତଃସିଦ୍ଧ ଏବଂ ବୈଦିକ କର୍ମ ସ୍ୱତଃ ଫଳଦାନ କରେ ଏବଂ ଈଶ୍ୱରଙ୍କର ଏଥିପାଇଁ କୌଣସି ପ୍ରୟୋଜନ ନାହିଁ । ଏଭଳି ଏକ ଦର୍ଶନ ପ୍ରଚାର କରି ଏକ ବିରାଟ ଅପରାଧ କରିଛନ୍ତି । ଜୈମିନିଙ୍କ ମତବାଦର ସେ ଥିଲେ ଦୃଢ଼ ସମର୍ଥକ ।

ଏଣୁ ଏ ଅପରାଧପାଇଁ ତାଙ୍କୁ ପ୍ରାୟଶ୍ଚିତ କରିବାକୁ ପଡ଼ିବ । ଏଣୁ ପବିତ୍ର ପ୍ରୟାଗ ଭୂମିରେ ସେ ତୁଷାନଳରେ ଶରୀରକୁ ବିସର୍ଜନ କରିବେ । ଏହାହିଁ ହେବ ଯଥାର୍ଥ ପ୍ରାୟଶ୍ଚିତ ।

ଏଣେ ଶଙ୍କରାଚାର୍ଯ୍ୟ ଅଦ୍ୱୈତ ଦର୍ଶନକୁ ସମଗ୍ର ଭାରତ ବର୍ଷରେ ପ୍ରଚାର କରିବା ପାଇଁ ଅଗ୍ରସର ହେଉଥିଲେ । ସେ ବିଚାର କଲେ ଯେ ପ୍ରଥମେ ସେ କୁମାରିଲଙ୍କୁ ଶାସ୍ତ୍ରାର୍ଥରେ ପରାସ୍ତ କଲେ ତାଙ୍କର ଦର୍ଶନ ପ୍ରଚାରର ପଥ ସୁଗମ ହୋଇଯିବ । ସେ ଉତ୍ତର ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରି ପ୍ରଥମେ ପ୍ରୟାଗଠାରେ ପହଞ୍ଚିଲେ । ସେଠାରେ ତ୍ରିବେଣୀଠାରେ ସ୍ନାନକରି ନଦୀତୀରରେ ବିଶ୍ରାମ ନେଇ ଶୀତଳ ବାୟୁ ସେବନ କରୁଥିବା ବେଳେ କିଛି ଦୂରରେ କୋଳାହଳ ଶୁଣିବାକୁ ପାଇଲେ । ଶହ ଶହ ସଂଖ୍ୟାରେ ଲୋକମାନେ ଏକତ୍ରିତ ହୋଇ କୁମାରିଲଙ୍କ ପ୍ରାୟଶ୍ଚିତ ସମ୍ପର୍କରେ ନିଜ ନିଜ ମଧ୍ୟରେ ଆଲୋଚନା କରୁଥାଆନ୍ତି । କୌତୂହଳ ବଶତଃ ଶଙ୍କର ସେ ସ୍ଥାନକୁ ଯାଇ ଦେଖିଲେ ଯେ କୁମାରିଲ ତୁଷାନଳ ମଧ୍ୟରେ ଠିଆ ହୋଇଛନ୍ତି । ଧୂମକୁଣ୍ଡଳି ଚତୁର୍ଦ୍ଦିଗକୁ ଆଚ୍ଛନ୍ନ କରିଅଛି । କିନ୍ତୁ ତାଙ୍କର ମୁଖମଣ୍ଡଳ ଦିଶୁଅଛି । ସଶିଷ୍ୟ ଶଙ୍କର ସେଠାରେ ପହଞ୍ଚିଲେ । କୁମାରିଲ ଶଙ୍କରଙ୍କୁ ପୂର୍ବରୁ ଦେଖିନଥିଲେ ମଧ୍ୟ ଏ ଯେ ଶଙ୍କରାଚାର୍ଯ୍ୟ ତାହା ଜାଣି ପାରିଲେ ଏବଂ ଶଙ୍କରଙ୍କୁ ଅଭ୍ୟର୍ଥନା କରିବା ପାଇଁ ଶିଷ୍ୟମାନଙ୍କୁ ନିର୍ଦ୍ଦେଶ ଦେଲେ । ଶଙ୍କର ଲକ୍ଷ୍ୟ କଲେ ଯେ ତୁଷାନଳ ମଧ୍ୟରେ କୁମାରିଲ ଅବିଚଳିତ ଭାବରେ ଠିଆ ହୋଇଛନ୍ତି ଏବଂ ତାଙ୍କର ଶିଷ୍ୟମଣ୍ଡଳୀ

ଲୋତକାପ୍ଳୁତ ଚକ୍ଷୁରେ ତାହା ଦେଖୁଛନ୍ତି । ଶଙ୍କର କୁମାରିଲଙ୍କୁ ଏଥିରୁ ନିବୃତ ହେବାପାଇଁ ଅନୁରୋଧ କଲେ । କିନ୍ତୁ କୁମାରିଲ ତାଙ୍କର ସଂକଳ୍ପରେ ଅଟଳ ରହିଲେ । ଏଭଳି ପ୍ରାୟଶ୍ଚିତ ପରିହାର କଲେ ସେ ଜନସାଧାରଣଙ୍କ ଦ୍ୱାରା ଉପହସିତ ହେବେ । ଶଙ୍କରଙ୍କ ଉଦ୍ଦେଶ୍ୟ ବିଷୟରେ ଅବଗତ ହୋଇ ସେ କହିଲେ ଯେ ଯଦି ଏଭଳି ସଂକଳ୍ପ ସେ କରିନଥାନ୍ତେ ତେବେ ଶଙ୍କର ଭାଷ୍ୟ ଉପରେ ସେ ବାର୍ତ୍ତିକ ଲେଖିଥାଆନ୍ତେ । କିନ୍ତୁ ଏହା ସମ୍ଭବ ନୁହେଁ । ଶାସ୍ତ୍ରାର୍ଥ ସମ୍ପର୍କରେ ଶଙ୍କରଙ୍କ ଅଭିପ୍ରାୟକୁ ଲକ୍ଷ୍ୟକରି ସେ କହିଲେ ଯେ ତାଙ୍କର ପ୍ରଧାନ ଶିଷ୍ୟ ହେଉଛନ୍ତି ମଣ୍ଡନ ମିଶ୍ର । ସେ ସକଳ ଶାସ୍ତ୍ରରେ ଧୂରନ୍ଧର । ଏଣୁ ଶଙ୍କର ତାଙ୍କୁ ଶାସ୍ତ୍ରାର୍ଥରେ ପରାସ୍ତ କରିପାରିଲେ ଭାବିବାକୁ ହେବ ଯେ କୁମାରିଲଙ୍କୁ ମଧ୍ୟ ସେ ପରାସ୍ତ କରିପାରି ଥାଆନ୍ତେ । ପୁନଶ୍ଚ ତାଙ୍କର ପତ୍ନୀ ଭାରତୀ ସୁପଣ୍ଡିତା ଓ ସାକ୍ଷାତ୍ ସରସ୍ୱତୀ ସ୍ୱରୂପୀ । ଶାସ୍ତ୍ରାର୍ଥ ସମୟରେ ସେ ବିଚାରିକା ଆସନ ମଣ୍ଡନ କରିବା ପାଇଁ ଉପଯୁକ୍ତ ହେବେ ।

କୁମାରିଲ ନିଜର ସଙ୍କଳ୍ପରେ ଅଟଳ ରହିଲେ । ସଂସାରରୁ ବିଦାୟ ନେବା ପୂର୍ବରୁ ଶଙ୍କରଙ୍କ ଭଳି ଜଣେ ମହାପୁରୁଷଙ୍କ ଦର୍ଶନଲାଭ କରିବା ତାଙ୍କ ପାଇଁ ପରମ ସୌଭାଗ୍ୟ ବୋଲି ସେ ମନେ କରିଥିଲେ ।

କ୍ରମେ କ୍ରମେ ଅଗ୍ନି ପ୍ରଜ୍ୱଳିତ ହୋଇ ଉଠିଲା । ଅଗ୍ନିର ଲେଲିହାନ ଶିଖା ମଧ୍ୟରେ କୁମାରିଲଙ୍କ ଶରୀର ବିଲୀନ ହୋଇଗଲା । ଧନ୍ୟ କୁମାରିଲ । ଆଦର୍ଶପାଇଁ ଏପରି ଆତ୍ମୋତ୍ସର୍ଗ ବିଶ୍ୱ ଇତିହାସରେ ବିରଳ । ତରୁଣ ସନ୍ନ୍ୟାସୀ ଶଙ୍କର ଜଣେ ପ୍ରବୀଣ ପ୍ରୌଢ଼ ମହାପୁରୁଷଙ୍କର ଏଭଳି ଜୀବନ ଅବସାନ ଦେଖି ସ୍ତବ୍ଧ ଚକିତ ହୋଇଗଲେ । ତତ୍ପରେ ଏସ୍ଥାନ ତ୍ୟାଗକରି ମାହିଷ୍ମତୀପୁର ଅଭିମୁଖରେ ତାଙ୍କର ଯାତ୍ରା ଆରମ୍ଭ କଲେ । ଉଦ୍ଦେଶ୍ୟ ମଣ୍ଡନ ମିଶ୍ରଙ୍କ ସହ ଶାସ୍ତ୍ରାର୍ଥରେ ପ୍ରବୃତ୍ତ ହୋଇ ତାଙ୍କୁ ପରାସ୍ତ କରି ଅଦ୍ୱୈତ ଦର୍ଶନର ବିଜୟ ବୈଜୟନ୍ତୀ ସମଗ୍ର ଭାରତ ବର୍ଷରେ ଉଡ଼ାଇବା । କିନ୍ତୁ କୁମାରିଲଙ୍କ ଏଭଳି ଆତ୍ମୋତ୍ସର୍ଗର କରୁଣ ସ୍ମୃତି ତାଙ୍କ ମନକୁ କିଛି ସମୟ ପାଇଁ ଅବସନ୍ନ କରିଦେଲା ।

✱✱✱

# ମାତୃଦେବୋ ଭବ

ସ୍ମୃତି ଶାସ୍ତ୍ରର ପ୍ରଣେତା ବୀରହରେକୃଷ୍ଣପୁରର ଗଦାଧର ରାଜଗୁରୁ ଯାହା ଲେଖନ୍ତି ନିଜର ମାଆଙ୍କୁ ପଢ଼ାଇ ଶୁଣାନ୍ତି। ସେଦିନ ତାଙ୍କର ଲେଖା ପଢି ମାଆଙ୍କ ଚକ୍ଷୁ ଅଶ୍ରୁରେ ଭରି ଯାଇଥିଲା। ଏହାର କାରଣ କ'ଣ ? ସେ ଲେଖି ଦେଇଥିଲେ ଯେ କାଞ୍ଜି ମଦ୍ୟଜାତୀୟ। କାରଣ ଏହା ବାସି ତୋରାଣିରୁ ତିଆରି ହୁଏ। ଏଣୁ ସ୍ତ୍ରୀ ଲୋକମାନେ ବିଶେଷତଃ ବିଧବାମାନେ ଏହାକୁ ଭକ୍ଷଣ କରିବା ନିଷେଧ। ମାଆ ଦୁଃଖର ସହିତ ପୁଅକୁ କହିଲେ, 'ହଇରେ ପୁଅ, ଗରିବ ବିଧବା ସ୍ତ୍ରୀମାନେ ପଖାଳ ଓ କାଞ୍ଜିଖାଇ ବଞ୍ଚିଥାଆନ୍ତି। ଏବେ କଅଣ କରିବେ ?' ମାତୃ ହୃଦୟର ବ୍ୟଥା ସେ ସହି ପାରିଲେ ନାହିଁ। ଏହାକୁ ବଦଳାଇ ସେ ଲେଖିଲେ, 'ସଫଳାକାଞ୍ଜିକା ଗ୍ରାହ୍ୟା, ଇତି ମାତୃ ବଚନାତ୍' କାଞ୍ଜିରେ ଯଦି ଫଳ ମିଶିଯାଏ ଯଥା କଖାରୁ, ମୂଳା ପ୍ରଭୃତି ତେବେ ତାହା ଭକ୍ଷଣ କରିବାରେ କିଛି ଦୋଷନାହିଁ। ସେ ଲେଖିଥିଲେ, 'ମାତୃବଚନାତ୍' ଅର୍ଥାତ ଏହା ଯାଜ୍ଞବଲକ୍ୟ ବା ପରାଶରଙ୍କ ମତ ଅନୁଯାୟୀ ସେ କହିନାହାନ୍ତି। ଏହା ସେ ଲେଖିଛନ୍ତି ମାଆଙ୍କ କଥା ଅନୁଯାୟୀ । ମାଆର କଥାକୁ ସେ କେତେ ସମ୍ମାନ ଦେଉଥିଲେ ତାହା ଏଥିରୁ ଜଣାପଡ଼େ। ଉତ୍କଳର ଆଉଜଣେ ଯୋଗ୍ୟ ସନ୍ତାନ ଜଗନ୍ନାଥ ଦାସ ମାତୃ ହୃଦୟର ବ୍ୟଥାକୁ ସହି ନପାରି ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରିଦେଲେ। ଜଗନ୍ନାଥ ଦାସଙ୍କର ଏ ଅକ୍ଷୟ କୀର୍ତ୍ତି ପଛରେ ଯେ ଜଣେ ଜନନୀର ପ୍ରେରଣା ରହିଅଛି ତାହା କେହି ଅସ୍ୱୀକାର କରିପାରିବେ ନାହିଁ।

ଜଣେ ଆଦର୍ଶ ଜନନୀ ତାର ସନ୍ତାନମାନଙ୍କୁ ସତ୍ୟ ଓ ଧର୍ମ ପଥରେ ଚାଲିବା ପାଇଁ ପ୍ରେରଣା ଦେଇଥାଏ। ସେ ସେମାନଙ୍କୁ ଶକ୍ତି ଓ ସାହସ ଦେଇଥାଏ। ମହାଭାରତ ଯୁଦ୍ଧ ଆସନ୍ନ ପ୍ରାୟ। ପାଣ୍ଡବ ମାନେ ମାଆଙ୍କର ଆଶୀର୍ବାଦ ନେବାପାଇଁ ଯାଇଛନ୍ତି। କୁନ୍ତୀ କହିଲେ 'ହେ ମୋର ପୁତ୍ରଗଣ, ଜଣେ କ୍ଷତ୍ରିୟ ଜନନୀ ଯେଉଁଥିପାଇଁ ବୀର ସନ୍ତାନ ମାନଙ୍କୁ ଜନ୍ମ ଦେଇଥାଏ ତାହା ଆସି ଉପସ୍ଥିତ। ସେଇଥିପାଇଁ ପ୍ରସ୍ତୁତ ହୁଅ।' ସେହିଭଳି ଭାଗବତରେ ଧ୍ରୁବଙ୍କ ପ୍ରସଙ୍ଗରେ ଲେଖାଅଛି ଯେ ଯେତେବେଳେ ଧ୍ରୁବ ବିମାତା ସୁରୁଚିଙ୍କ ଦ୍ୱାରା ଅପମାନିତ ଓ ପିତାଙ୍କ ଦ୍ୱାରା ଅବହେଳିତ ହୋଇ କ୍ରୋଧରେ କାନ୍ଦି କାନ୍ଦି ସବୁକଥା ନିଜ ମାଆ ସୁନୀତିଙ୍କ ଆଗରେ କହିଛନ୍ତି, ସୁନୀତି ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଦାବାନଳରେ ଜଳିଯାଇଥିବା କୋମଳ ବନଲତାଭଳି ତାଙ୍କର ହୃଦୟ ବିଦୀର୍ଣ୍ଣ ହୋଇଯାଇଛି। ଦୁଃଖରେ ସେ ବିଳାପ କରିଛନ୍ତି। କିନ୍ତୁ ନିଜର ପୁତ୍ର ହୃଦୟରେ ଅନ୍ୟପ୍ରତି ଘୃଣା ବା କ୍ରୋଧଭାବ

ଉଦ୍ରେକ କରିବାକୁ ଚେଷ୍ଟା କରିନାହାନ୍ତି, 'ମାମଙ୍ଗଳଂ ତାତ ପରେଷୁ' ଅନ୍ୟର ଅମଙ୍ଗଳ ଚିନ୍ତା କରନା। ଯଦି ସେ ସିଂହାସନରେ ବସିବାକୁ ଚାହୁଁଛନ୍ତି ତେବେ ମନରୁ ଦ୍ୱେଷ ଭାବକୁ ଛାଡ଼ିଦିଅନ୍ତୁ। ସାବତ ମାଆଙ୍କ କଥା ପାଳନ କରି ଭଗବାନଙ୍କ ଚରଣ କମଳକୁ ଆରାଧନା କରନ୍ତୁ। ଅର୍ଥାତ୍ ସାଧନା ମାର୍ଗରେ ଗତି କରନ୍ତୁ। ମାଆଙ୍କ ଉପଦେଶ ମାନି ଧ୍ରୁବ କଠୋର ତପସ୍ୟା କରିଥିଲେ। ସେ ସିନା ପିତାଙ୍କ କୋଳରେ ବସିପାରିଲେନି କିନ୍ତୁ ପରମପିତା, ଜଗତପିତାଙ୍କ କୋଳ ମଣ୍ଡନ କଲେ। ଆଧ୍ୟାତ୍ମିକତାର ଶୀର୍ଷସ୍ଥାନରେ ଧ୍ରୁବ ପହଞ୍ଚି ପାରିଥିଲେ ମାଆଙ୍କ ପ୍ରେରଣା ଓ ଆଶୀର୍ବାଦ ଲାଭକରି।

ମାଆର ହୃଦୟରେ ସନ୍ତାନ ପ୍ରତି ଯେଭଳି ମମତା ରହିଥାଏ, ମାଆ ପ୍ରତି ସନ୍ତାନର ଆକର୍ଷଣ ମଧ୍ୟ ତଦନୁପାତରେ ରହିଥାଏ। ଏହା ସାଧାରଣ ମଣିଷ କାହିଁକି ସାଧୁ, ସନ୍ଥ, ମହାତ୍ମାମାନେ ମଧ୍ଯ ଅନୁଭବ କରିଥାଆନ୍ତି। ତିନିବର୍ଷ ବୟସରେ ଶଙ୍କର ପିତାଙ୍କୁ ହରାଇଥିଲେ ଏବଂ ମାଆର ମମତା ଘେନି ତାଙ୍କର ଜୀବନ ଗଢି ଉଠିଥିଲା। କିନ୍ତୁ ହୃଦୟରେ ବୈରାଗ୍ୟ ଭାବ ଘନୀଭୂତ ହୋଇଆସିଲା। ସେ ସନ୍ନ୍ୟାସ ଦୀକ୍ଷା ନେବା ପାଇଁ ମାଆଙ୍କ ଠାରୁ ବିଦାୟ ନେବା ଅବସରରେ ଶୋକାକୁଳା ଜନନୀଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ଜୀବନର ଅନ୍ତିମ ମୁହୂର୍ତ୍ତରେ ଯେତେବେଳେ ତାଙ୍କୁ ମନେ ପକାଇବେ, ସେ ତାଙ୍କ ପାଖରେ ଆସି ଉପସ୍ଥିତ ହେବେ। ତାହାହିଁ ଘଟିଛି। ଶଙ୍କର ଆସିଛନ୍ତି ଓ ମାଆଙ୍କୁ ଚାହିଁ ବିଷ୍ଣୁଭୁଜଙ୍ଗମ ସ୍ତୋତ୍ର ଗାନ କରିଛନ୍ତି। ଶବଦାହ ପୂର୍ବରୁ ମାଆଙ୍କ ଶରୀରକୁ ଦେଖି ଅତୀତର ବହୁ ସ୍ମୃତି ତାଙ୍କ ମାନସ ପଟରେ ଜାଗି ଉଠିଛି। ମୁଖରୁ ଝରିପଡିଛି ପାଞ୍ଚଗୋଟି ଶ୍ଳୋକ। ଏହାକୁ କୁହାଯାଏ ମାତୃପଞ୍ଚକମ୍। ଅତୀବ ପ୍ରାଣସ୍ପର୍ଶୀ–

'ଆସ୍ତାଂ ତାବଦୀୟଂ ପ୍ରସୂତି ସମୟେ
ଦୁର୍ବାର ଶୂଳବ୍ୟଥା
ନୈରୁଚ୍ୟେ ତନୁଶୋଷଣଂ ମଳମୟୀ
ଶଯ୍ୟାଚ ସାମ୍ବତ୍ସରୀ
ଏକସ୍ୟାପି ନ ଗର୍ଭଭାରଭରଣ
କ୍ଳେଶସ୍ୟ ଯସ୍ୟାକ୍ଷମଃ
ଦାତୁଂ ନିଷ୍କୃତିମୁନ୍ନତୋପି ତନୟଃ
ତସ୍ମୈ ଜନନ୍ୟୈ ନମଃ'

ମାତୃ ଗର୍ଭରେ ସନ୍ତାନ ରହିବାଠାରୁ ତାର ଲାଳନ ପାଳନ ପର୍ଯ୍ୟନ୍ତ ସେ କେତେ କଷ୍ଟ ନୀରବରେ ସହିଥାଏ। ଶରୀରର ପୀଡ଼ା, ଦୁର୍ବଳତା, ଦୀର୍ଘଦିନର ଯନ୍ତ୍ରଣା, ଖାଦ୍ୟପ୍ରତି

ଅରୁଚି, ପ୍ରସବ କାଳର ଅସହ୍ୟ ବେଦନା। ପୁନଶ୍ଚ ଶିଶୁର ଶଯ୍ୟାରେ ମଳମୂତ୍ର ତ୍ୟାଗ ଓ ତାହାରି ଭିତରେ ମାଆ ଘାଣ୍ଟି ହେବା। ପୁନଶ୍ଚ ଅନ୍ୟ ପ୍ରସଙ୍ଗରେ ଶଙ୍କର ମାଆର ମହନୀୟତା ଓ ଉଦାର ଭାବକୁ ମନେ ପକାଇ ଲେଖିଛନ୍ତି,

'କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି'

ଏ ସଂସାରରେ ବହୁ କୁପୁତ୍ର ଅଛନ୍ତି ମାତ୍ର କୁମାତା ନାହାନ୍ତି।

ଉପନିଷଦରେ ଜଣେ ମାତାର ସତ୍ୟପ୍ରତି ପ୍ରତିବଦ୍ଧତା ଏବଂ ପୁତ୍ରକୁ ସତ୍ୟ କହିବା ପାଇଁ ପ୍ରେରଣା ଦେବାର ଏକ ଅନୁପମ ଚିତ୍ର ପ୍ରଦାନ କରାଯାଇଛି। ଛାନ୍ଦୋଗ୍ୟ ଉପନିଷଦରେ 'ସତ୍ୟକାମ ଜାବାଳ' ପ୍ରସଙ୍ଗର ଅବତାରଣା କରାଯାଇଅଛି। ସତ୍ୟକାମ ଗୁରୁ ଗୌତମଙ୍କ ପାଖକୁ ଯାଇଛନ୍ତି ଅଧ୍ୟୟନ ପାଇଁ। ଗୁରୁ ବ୍ରହ୍ମଚାରୀ ଭାବରେ ତାଙ୍କୁ ଗ୍ରହଣ କରିବା ପୂର୍ବରୁ ପ୍ରଚଳିତ ନିୟମ ଅନୁଯାୟୀ ତାଙ୍କୁ ତାଙ୍କର ଗୋତ୍ର ବିଷୟରେ ପଚାରିଛନ୍ତି। ସେ ତାର ଉତ୍ତର ଦେଇ ପାରିନାହାନ୍ତି। ପିଲାଟି ଦିନରୁ ପିତାଙ୍କୁ ସେ ହରାଇଛନ୍ତି। ମାଆଙ୍କୁ ପଚାରିଛନ୍ତି। ମାଆ ନିଃସଙ୍କୋଚରେ ସତ୍ୟକଥା କହିଛନ୍ତି। ଯୌବନରେ ବିବିଧ ସେବାରେ ସେ ଥିଲେ ନିଯୁକ୍ତା। ଗୋତ୍ର କଥା ସେ ଜାଣନ୍ତି ନାହିଁ। ତେବେ ତାଙ୍କର ନାମ ଜବାଳା ଓ ପୁତ୍ରର ନାମ ସତ୍ୟକାମ। ଏଣୁ ସେ ହେଲେ ସତ୍ୟକାମ ଜାବାଳ। ସତ୍ୟକାମ ଜାବାଳ ସବୁକଥା ଗୁରୁଙ୍କୁ କହିଛନ୍ତି। ଗୁରୁ ଆଦରରେ କୋଳକୁ ତାଙ୍କୁ ନେଇ ଆଶ୍ରମରେ ଅଧ୍ୟୟନ କରିବାର ଅନୁମତି ଦେଇଛନ୍ତି। ସତ୍ୟପ୍ରତି ତାଙ୍କର ଅନନ୍ୟ ଅନୁରାଗରେ ଗୁରୁ ମୁଗ୍ଧ ହୋଇଛନ୍ତି। ଗୁରୁ ଗୃହରେ ଅଧ୍ୟୟନ କରି ଜଣେ ମହାନ୍ ଆଚାର୍ଯ୍ୟ ଭାବରେ ସେ ଭବିଷ୍ୟତରେ ପ୍ରସିଦ୍ଧି ଲାଭ କରିଛନ୍ତି।

ମାଆର ତ୍ୟାଗ ଓ ବଳିଦାନର ପଟାନ୍ତର ନାହିଁ। ଏଣୁ ତାଙ୍କୁ ପ୍ରଥମ ସମ୍ମାନ ଦିଆଯାଇଛି। ସେ ଆମର ପ୍ରଥମ ଗୁରୁ। ତାପରେ ଆସନ୍ତି ପିତା ଏବଂ ପରେ ଆଚାର୍ଯ୍ୟ। ଶଙ୍କରଙ୍କ ଭାଷାରେ ସେ ହେଉଛନ୍ତି

ପୁତ୍ରସ୍ୟ ସମ୍ୟଗ୍ ଅନୁଶାସ୍ତ୍ରୀ-ଅନୁଶାସନ କର୍ତ୍ତ୍ରୀ

(ବୃହଦାରଣ୍ୟକ ଭାଷ୍ୟ)

ତୈତ୍ତିରିୟ ଉପନିଷଦରେ ବିଦାୟର ଅନ୍ତିମ ମୁହୂର୍ତ୍ତରେ ବ୍ରହ୍ମଚାରୀଙ୍କୁ ଗୁରୁଙ୍କର ଉପଦେଶ ହେଉଛି, 'ମାତୃ ଦେବୋଭବ' 'ପିତୃଦେବୋଭବ' ପ୍ରଭୃତି। ଏଠାରେ ସର୍ବପ୍ରଥମେ ମାତାଙ୍କୁ ଦେବୀଭାବରେ ଜ୍ଞାନ କରିବାପାଇଁ ଯଥାର୍ଥରେ ଗୁରୁ ଉପଦେଶ ଦେଇଛନ୍ତି।

ଏହି ପ୍ରସଙ୍ଗରେ ପ୍ରଭୁ ଶ୍ରୀରାମଙ୍କ ଉକ୍ତିକୁ ସ୍ମରଣ କରାଯାଇପାରେ। ଲକ୍ଷ୍ମଣ ସ୍ୱର୍ଣ୍ଣମୟୀ ଲଙ୍କାରେ ଆଉ କିଛିଦିନ ରହିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଶ୍ରୀରାମ ଜନନୀ ଓ ଜନ୍ମଭୂମିକୁ ଦେଖିବାପାଇଁ ବ୍ୟାକୁଳ ହୋଇଉଠିଛନ୍ତି। ସେ ଯଥାର୍ଥରେ କହିଛନ୍ତି,

ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ରୋଚତେ ଲକ୍ଷ୍ମଣ
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'

ଆମ ପରମ୍ପରାରେ ମାତା ସର୍ବଦା ବନ୍ଦନୀୟା। କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଓ ଚରମ ସ୍ୱାର୍ଥପରତା ଯୋଗୁ ଏହି ମୂଲ୍ୟବୋଧର ଅବକ୍ଷୟ ପରିଲକ୍ଷିତ ହେଉଛି। ଆଜି ପରିବାର ସଂଜ୍ଞା ବଦଳି ଯାଇଛି। ପରିବାର କହିଲେ ଜଣେ ବ୍ୟକ୍ତି ଭାବେ ସେ ନିଜେ, ତାର ପତ୍ନୀ ଏବଂ ସନ୍ତାନଗଣ। ଅନ୍ୟମାନେ ପର। ତଥାକଥିତ ପରିବାର ଆରାମରେ ଜୀବନ କାଟୁଥିବା ବେଳେ ମାଆମାନେ କେଉଁ ଅଖ୍ୟାତ ପଲ୍ଲୀରେ ରୋଗ ବାର୍ଦ୍ଧକ୍ୟ ମଧ୍ୟରେ ସଢ଼ୁଛନ୍ତି। ତାହା ଏମାନଙ୍କ ମନକୁ ସ୍ପର୍ଶ କରୁନାହିଁ। ତେବେ ଆମର ପୂର୍ବପୁରୁଷଙ୍କର ଭକ୍ତିଭାବନା ଆମର ମନର ମୋହକୁ ଦୂର କରିଦେଉ। ଭକ୍ତ ଭଗବାନଙ୍କୁ କାତର କଣ୍ଠରେ ଡାକେ।

"ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବ ଦେବ"

ଏହି ଶ୍ଳୋକରେ ଭଗବାନଙ୍କୁ ବିଭିନ୍ନ ଭାବରେ ସମ୍ବୋଧନ କରାଯାଇଛି। କିନ୍ତୁ ସର୍ବାଗ୍ରେ ଭଗବାନ ମୋ ପାଇଁ ମାଆ କାରଣ ମାଆ ସ୍ନେହ ଓ ପ୍ରେମର ଅକ୍ଷୟ ଭଣ୍ଡାର।

ନାସ୍ତି ଗଙ୍ଗାସମତୀର୍ଥଂ
ନାସ୍ତି ବିଷ୍ଣୁ ସମଃପ୍ରଭୁ
ନାସ୍ତି ଶମ୍ଭୁ ସମଃ ପୂଜ୍ୟଃ
ନାସ୍ତି ମାତୃ ସମୋ ଗୁରୁଃ
(ବୃହର୍ଦ୍ଧମ ପୁରାଣ)

***

# କର୍ମଯୋଗ

ଭଗବାନ ଶ୍ରୀକୃଷ୍ଣ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ ଧର୍ମକୁ ରକ୍ଷା କରିବା ପାଇଁ । ମହାଭାରତ ଯୁଦ୍ଧଥିଲା ଧର୍ମଯୁଦ୍ଧ । ଏଥିରେ ଧର୍ମର ଅଧର୍ମ ଉପରେ, ସତ୍ୟର ଅସତ୍ୟ ଉପରେ ଏବଂ ନ୍ୟାୟର ଅନ୍ୟାୟ ଉପରେ ବିଜୟ ଘଟିଥିଲା । ଅର୍ଜୁନ ଯୁଦ୍ଧର ଆରମ୍ଭରେ ଆତ୍ମୀୟ ସ୍ୱଜନଙ୍କୁ ଯୁଦ୍ଧ କ୍ଷେତ୍ରରେ ଦେଖି ଦୁଃଖରେ ମୁହ୍ୟମାନ ହୋଇପଡ଼ିଥିଲେ । ତାଙ୍କର ହୃଦୟ ବିଗଳିତ ହୋଇ ପଡ଼ିଥିଲା । ମନ ଅସ୍ଥିର ହୋଇପଡିଥିଲା । ଚକ୍ଷୁରେ ଅଶ୍ରୁଭରି ଯାଇଥିଲା । ଯୁଦ୍ଧରେ ନିଜର ପ୍ରିୟଜନମାନଙ୍କୁ ମାରି ବିଜୟୀ ହେବାର କି ଗୌରବ ସେ ଲାଭ କରିବେ ? ଯୁଦ୍ଧ କରିବେ ନାହିଁ ବୋଲି ସ୍ଥିର କରି ଧନୁ ରଥ ଉପରେ ଥୋଇଦେଇ ସେ ନିରବରେ ବସିଥିଲେ । ଯଦି ଅର୍ଜୁନ ପ୍ରକୃତରେ ଯୁଦ୍ଧ ତ୍ୟାଗ କରିଦେଇ ଥାଆନ୍ତେ ତେବେ ଏହା ପ୍ରମାଣିତ ହୋଇଥାଆନ୍ତା ଯେ ଅଧର୍ମର ବିଜୟ ଘଟିଲା ଏବଂ ଧର୍ମ ପରାଭୂତ ହେଲା । ମାନବ ଜାତିର ଧର୍ମ ଉପରୁ ଆସ୍ଥା ତୁଟିଯାଇ ଥାଆନ୍ତା । ଏଣୁ ଶ୍ରୀକୃଷ୍ଣ ବିଭିନ୍ନ ଭାବରେ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇଥିଲେ ଏବଂ ପରିଶେଷରେ ସଫଳ ହୋଇଥିଲେ । ପ୍ରଥମେ ସେ ତାତ୍ତ୍ୱିକ ଉପଦେଶ ଦେଇଥିଲେ । ଜ୍ଞାନଯୋଗ ବିଷୟରେ କହିଥିଲେ । ତତ୍ପରେ ଜଣେ କ୍ଷତ୍ରିୟ ଭାବରେ ସେ କିପରି ଯୁଦ୍ଧ କରିବା ତାଙ୍କର ଧର୍ମ ତାହାମଧ୍ୟ କହିଥିଲେ । ଏହା ଶୁଣି ଅର୍ଜୁନଙ୍କର ମୋହଭଙ୍ଗ ହେବା ପରିବର୍ତ୍ତେ ସେ କହିଥିଲେ–

'ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂମୋହୟସୀବ ମେ
ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାଂ'

'ଆପଣ କେତେବେଳେ ଜ୍ଞାନଯୋଗର ଓ କେତେବେଳେ କର୍ମଯୋଗର ପ୍ରଶଂସା କରି ମିଶ୍ରିତ ବଚନ ଦ୍ୱାରା ମୋ ମନକୁ ମୋହିତ କରି ଦେଉଛନ୍ତି । ଗୋଟିଏ କଥା ନିଶ୍ଚିତ ଭାବରେ କହନ୍ତୁ ଯାହାଦ୍ୱାରା ମୋର ମଙ୍ଗଳ ହେବ ।'

ଅର୍ଜୁନ ଏଠାରେ ସନ୍ଦେହରେ ପଡିଛନ୍ତି । ଯଦି ପ୍ରଭୁ ଜ୍ଞାନଯୋଗର ପ୍ରଶଂସା କଲେ ତେବେ ଯୁଦ୍ଧଭଳି ଏକ ଭୟଙ୍କର କର୍ମ କରିବାକୁ ତାଙ୍କୁ କାହିଁକି ପ୍ରବର୍ତ୍ତାଉଛନ୍ତି ।

ଏହି ପ୍ରଶ୍ନର ଉତ୍ତରରେ ପ୍ରଭୁ ଶ୍ରୀକୃଷ୍ଣ ଅଧିକାରୀ ଭେଦରେ କିଏ ଜ୍ଞାନଯୋଗ ପାଇଁ ସମର୍ଥ ଏବଂ କିଏ କର୍ମଯୋଗ କରିବା ଉଚିତ୍ ସେ ବିଷୟ ବୁଝାଇଛନ୍ତି–

ଯଥା– 'ଲୋକେ ଽସ୍ମିନ୍ ଦ୍ୱିବିଧାନିଷ୍ଠା ପୁରା ପ୍ରୋକ୍ତା ମୟାନଘ
ଜ୍ଞାନଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାଂ'

ଏ ଜଗତରେ ବ୍ରହ୍ମନିଷ୍ଠା ଦୁଇ ପ୍ରକାର । ଅଧିକାର ଭେଦରେ କେତେକଙ୍କ ପକ୍ଷରେ

ଜ୍ଞାନଯୋଗ ଓ ଅନ୍ୟ କେତେକଙ୍କ ପକ୍ଷରେ କର୍ମଯୋଗ ଶ୍ରେୟ ଅଟେ। ଯେଉଁମାନଙ୍କ ଅନ୍ତଃକରଣ ଶମ ଦମାଦି ଅଭ୍ୟାସଦ୍ୱାରା ଶୁଦ୍ଧ ହୋଇଅଛି ଏବଂ ମନରେ ପୂର୍ଣ୍ଣ ବୈରାଗ୍ୟ ଆସିଅଛି ସେମାନେ ଜ୍ଞାନଯୋଗପାଇଁ ସମର୍ଥ । ଅନ୍ୟମାନେ ନୁହଁନ୍ତି। ଅନ୍ୟ ପକ୍ଷରେ ଅର୍ଜୁନଙ୍କର ସେଭଳି ବୈରାଗ୍ୟ ଆସିନାହିଁ। ପୁନଶ୍ଚ କର୍ମ ନକରି ଜୀବନ ଧାରଣ ଅସମ୍ଭବ। ପ୍ରତି ମୁହୂର୍ତ୍ତରେ କର୍ମର ଧାରା ଚାଲିଅଛି। ଜଣେ ବ୍ୟକ୍ତି କର୍ମେନ୍ଦ୍ରିୟମାନଙ୍କୁ ନିରୁଦ୍ଧକରି କର୍ମ ନକଲେ ଯେ ମୋକ୍ଷ ଲାଭ କରିବ ଏଭଳି ଭାବିବା ଠିକ ନୁହେଁ। କର୍ମେନ୍ଦ୍ରିୟମାନଙ୍କୁ ନିରୁଦ୍ଧ କଲେ ମଧ୍ୟ ମନ ଭିତରେ ରୂପ, ରସ, ଗନ୍ଧ ପ୍ରଭୃତି ବିଷୟକୁ ସର୍ବଦା ଚିନ୍ତା କରୁଥାଏ। ଏହାକୁ ମିଥ୍ୟାଚାର ବୋଲି କୁହାଯାଏ। ଏଣୁ ଆମକୁ କର୍ମ କରିବାକୁ ପଡିବ। ଆମର ଯାହା କର୍ତ୍ତବ୍ୟ ତାହା ଆମେ ପାଳନ କରିବା। କର୍ମ ବନ୍ଧନର କାରଣ ହେବ ଯେତେବେଳେ ଫଳ ପ୍ରତି ଆମେ ଆସକ୍ତି ରଖିବା। ଫଳପ୍ରତି ଆସକ୍ତି ନ ରଖି ନିଷ୍କାମ ଭାବରେ କର୍ମ କରିବା ଉଚିତ୍। ଏ ପ୍ରେରଣା ଭଗବଦ୍‌ଗୀତା ଆମକୁ ଦେଇଅଛି । ଆମର କର୍ମ ଉପରେ ଅଧିକାର ଅଛି, ମାତ୍ର ଫଳ ଉପରେ ଅଧିକାର ନାହିଁ। କର୍ମଯୋଗକୁ ନିଷ୍କାମ କର୍ମଯୋଗ ବୋଲି ମଧ୍ୟ କୁହାଯାଏ। ତେବେ ଏତେ ସରଳ ଭାବରେ ଏହା କହିଦେଲେ ମଧ୍ୟ ଏହାର ତାତ୍ପର୍ଯ୍ୟ ବୁଝିବା ପାଇଁ ଏହା ଉପରେ କିଞ୍ଚିତ ଅଲୋଚନା ଅପରିହାର୍ଯ୍ୟ ମନେହୁଏ।

କର୍ମଯୋଗ ଆମକୁ କର୍ତ୍ତବ୍ୟ ବୋଧ ଉପରେ ସଚେତନ କରାଇଅଛି। ତେବେ କର୍ମ କହିଲେ ଆମେ ଏଠାରେ କଅଣ ବୁଝିବା। ଆଜିକାଲି ବିଭିନ୍ନ ବ୍ୟକ୍ତି ବିଭିନ୍ନ କର୍ମ କରୁଛନ୍ତି, ମାତ୍ର ସେତେବେଳର ସମାଜର ଢାଞ୍ଚା ବର୍ତ୍ତମାନଠାରୁ ଭିନ୍ନଥିଲା। ଯଦିଓ କର୍ମ ଶବ୍ଦ ସାଧାରଣ ଅର୍ଥରେ ଏକ ବ୍ୟାପକ ପରିସରକୁ ବୁଝାଇଥାଏ ଯଥା- ସ୍ନାନ, ଭୋଜନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ମାତ୍ର ସେ ସମୟରେ କର୍ମର ଏକ ସ୍ୱତନ୍ତ୍ର ଅର୍ଥଥିଲା ଯଥା ବୈଦିକ କର୍ମକାଣ୍ଡ ଏବଂ ଉପାସନା ମଧ୍ୟ। କିନ୍ତୁ ଏଠାରେ 'କର୍ମ' ଶବ୍ଦ ଯେ 'ବର୍ଣ୍ଣଧର୍ମ'କୁ ବୁଝାଇ ଅଛି ଏହା ଅଧିକ ଯୁକ୍ତିଯୁକ୍ତ ମନେହୁଏ। ସମାଜକୁ କେତେକ ବର୍ଣ୍ଣରେ ବିଭାଜନ କରାଯାଇଥିଲା ଏବଂ ନିର୍ଦ୍ଦିଷ୍ଟ ବର୍ଣ୍ଣର ସ୍ୱତନ୍ତ୍ର କର୍ମବ୍ୟବସ୍ଥା କରାଯାଇଥିଲା। ଅର୍ଜୁନ ଥିଲେ ଜଣେ କ୍ଷତ୍ରିୟ। କ୍ଷାତ୍ରଧର୍ମ ତାଙ୍କୁ ପାଳନ କରିବାକୁ ପଡ଼ିବ। ନିଜର କର୍ମ ନିଷ୍ଠାର ସହ ଯଥାର୍ଥ ଭାବେ ପାଳନ କରି ବରଂ ଜୀବନ ଚାଲିଯାଉ ଅନ୍ୟଧର୍ମ ପାଳନ କରିବା ଉଚିତ୍ ନୁହେଁ। ଭଗବଦ୍ ଗୀତାରେ କୁହା ଯାଇଅଛି-

ସ୍ୱଧର୍ମେ ନିଧନଂଶ୍ରେୟଃ ପରଧର୍ମୋ ଭୟାବହଃ

'ଯୋଗ' ଶବ୍ଦ ଏଠି ସଂଯୁକ୍ତ ଅର୍ଥରେ ନିଆଯାଇଅଛି। ମନକୁ ଫଳରେ ସଂଯୁକ୍ତ ନକରି କର୍ମରେ ନିବଦ୍ଧ କରିବାକୁ ପଡିବ। ଆମର ମୂଳଲକ୍ଷ୍ୟ କର୍ମ, ଫଳନୁହେଁ। କର୍ମଯୋଗୀ

କର୍ମକୁ ଲକ୍ଷ୍ୟ ଭାବରେ ନେଇଥାଏ ମାଧ୍ୟମ ଭାବରେ ନୁହେଁ। କର୍ମର ପଥ ଯେତେ କଠିନ ପଛେ ହେଉ ତାହାକୁ ତ୍ୟାଗ କରିପାରିବା ନାହିଁ। ନିଷ୍ଠାର ସହ କର୍ମ ସଂପାଦନ କରି ମଧ୍ୟ ବେଳେ ବେଳେ ସଫଳତା ମିଳେନାହିଁ। ଏଣୁ ବ୍ୟକ୍ତିଗତ ଲାଭ କ୍ଷତି, ନିନ୍ଦା ପ୍ରଶଂସା, ସଫଳତା ବିଫଳତା ଉପରେ ଗୁରୁତ୍ୱ ନଦେଇ ଆମେ ନିଷ୍ଠାର ସହ ଆମର କର୍ତ୍ତବ୍ୟ ପାଳନ କରିବା। ଏଣୁ ଆମର କର୍ମପ୍ରତି ପ୍ରତିବଦ୍ଧତା ରହିବ।

'କର୍ମଯୋଗ' ଦୁଇଗୋଟି ପରସ୍ପର ବିରୋଧୀ ଆଦର୍ଶ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ। ଗୋଟିଏ ହେଉଛି ପ୍ରବୃତ୍ତି ଓ ଅନ୍ୟଟି ହେଉଛି ନିବୃତ୍ତି ମାର୍ଗ। ଯେଉଁମାନେ କର୍ମକାଣ୍ଡର ସମର୍ଥକ ସେମାନେ ପ୍ରବୃତ୍ତି ମାର୍ଗରେ ଗତି କରିଥାନ୍ତି। ସେମାନେ ବୈଦିକ କର୍ମକାଣ୍ଡ ଓ ଯାଗଯଜ୍ଞ ଭଳି ମହତ୍ ଓ ପୁଣ୍ୟକର୍ମ କଲେ ମଧ୍ୟ ଫଳ କାମନା ଥାଏ। ବ୍ୟକ୍ତି ସ୍ୱର୍ଗକାମନା କରିଥାଏ। ଗୋଟିଏ ଗୋଷ୍ଠୀ ଏ ମାର୍ଗରେ ଅନୁଗାମୀ ଥିଲେ,ଅନ୍ୟ ପକ୍ଷରେ ମୋକ୍ଷାର୍ଥୀଗଣ ନିବୃତ୍ତିମାର୍ଗକୁ ଗ୍ରହଣ କରି କର୍ମକୁ ସମ୍ପୂର୍ଣ୍ଣଭାବରେ ତ୍ୟାଗ କରିଥାନ୍ତି। 'କର୍ମ ବନ୍ଧନର କାରଣ'। କିନ୍ତୁ କର୍ମଯୋଗ ଉଭୟର ମହନୀୟ ଦିଗକୁ ଗ୍ରହଣ କରିଥାଏ। ପ୍ରଥମ ମାର୍ଗରୁ ସେ ଶିଖେ କର୍ମ କରିବା କିନ୍ତୁ ଫଳ ପ୍ରତି ଆସକ୍ତି ନାହିଁ। ଦ୍ୱିତୀୟ ମାର୍ଗରୁ ଶିଖେ ତ୍ୟାଗ ଭାବନା। ସେ ବ୍ୟକ୍ତିଗତ ଲାଭକ୍ଷତି ବା ନିନ୍ଦା ପ୍ରଶଂସାର ବନ୍ଧନ ମଧ୍ୟରୁ ନିଜକୁ ମୁକ୍ତ ରଖିଥାଏ। ଏହାର ଆଦର୍ଶ 'କର୍ମ ତ୍ୟାଗ' ନୁହେଁ ବରଂ 'କର୍ମରେ ତ୍ୟାଗ'। କର୍ମ କରିବା ତ୍ୟାଗ ଭାବନା ନେଇ।

କର୍ମଯୋଗର ଶିକ୍ଷା ଯୁଦ୍ଧକ୍ଷେତ୍ରରେ ଦେବାର ତାତ୍ପର୍ଯ୍ୟ ହେଉଛି ଯେ ଏହିଠାରେ ବ୍ୟକ୍ତି ନିଜ ସ୍ୱାର୍ଥକୁ ସାମୁହିକ ସ୍ୱାର୍ଥପାଇଁ ବଳି ଦେଇଥାଏ। ଯୁଦ୍ଧର ପରିଣତି ଅନିଶ୍ଚିତ। କି଼ନ୍ତୁ ସୈନିକ ଏଠି ଆତ୍ମୋତ୍ସର୍ଗ କରିଥାଏ। ବିଜୟର ଆନନ୍ଦ ଭୋଗ କରିବାକୁ ସେ ହୁଏତ ବଞ୍ଚି ନଥାଏ। ତଥାପି ତାର ଚିନ୍ତାନାହିଁ। ପରିଣତି ତା ପାଇଁ ବଡ଼ ନୁହେଁ। ବଡ଼ ତାର କର୍ତ୍ତବ୍ୟ।

ତେବେ କର୍ମଯୋଗ କ୍ଷେତ୍ରରେ କାମ ଓ କ୍ରୋଧ ବାଧକ ଅଟନ୍ତି। ଅର୍ଜୁନ ପଚାରିଲେ-

"ଅଥ କେନ ପ୍ରଯୁକ୍ତୋୟଂ ପାପଂ ଚରତି ପୁରୁଷଃ
ଅନିଚ୍ଛନ୍ ଅପି ବାର୍ଷ୍ଣେୟ ବଳାଦିବ ନିୟୋଜିତଃ"

ମଣିଷ କାହାଦ୍ୱାରା ପ୍ରଯୋଜିତ ହୋଇ ଇଚ୍ଛା ନଥିଲେ ମଧ୍ୟ ପାପ କରିଥାଏ। ସେମାନେ ହେଲେ କାମ ଓ କ୍ରୋଧ। କା଼ମନାର ପୂର୍ତ୍ତି ନ ହେଲେ କ୍ରୋଧ ଆସିଥାଏ। ଏଣୁ ଯଥାର୍ଥ କର୍ମଯୋଗୀ କାମ ଓ କ୍ରୋଧ ଭାବକୁ ମନରୁ ପରିହାର କରି କର୍ତ୍ତବ୍ୟ ସମ୍ପାଦନା କରିବ। ଜୀବନର ଲକ୍ଷ୍ୟ ସତ୍ କର୍ମ, ପରର ଉପକାର। ଫଳପ୍ରତି ଅତ୍ୟଧିକ ଆସକ୍ତି ନ

ରଖି ସତ୍ କର୍ମ କରିବା। ପୁନଶ୍ଚ ସମସ୍ତ କର୍ମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରିବା। ଏହାଦ୍ୱାରା ଚିତ୍ତଶୁଦ୍ଧି ଘଟିବ ଏବଂ ମନ ନିର୍ମଳ ହେଲେ ଶାନ୍ତି ଓ ଆନନ୍ଦ ଲାଭ କରିବା।

ଫଳପ୍ରତି ଆସକ୍ତି ନଥିବା ଯୋଗୁଁ ଓ ଲାଭକ୍ଷତି ବିଚାର ନ କରିବା ଯୋଗୁଁ କର୍ମଯୋଗୀ ମନରେ ସମତ୍ୱ ରକ୍ଷା କରିଥାଏ। ଏଣୁ କୁହାଯାଇଅଛି 'ସମତ୍ୱଂ ଯୋଗ ଉଚ୍ୟତେ'। ପୁନଶ୍ଚ କର୍ମ ବନ୍ଧନର କାରଣ ବୋଲି କୁହା ଯାଇଥିଲେ ମଧ୍ୟ କୌଶଳ ସହକାରେ କର୍ମକଲେ ଅର୍ଥାତ୍ ଫଳପ୍ରତି ଆସକ୍ତି ନ ରଖି କର୍ମକଲେ ବନ୍ଧନ ଆସେ ନାହିଁ। ଏଣୁ କର୍ମଯୋଗୀ ସଂସାର ବନ୍ଧନରେ ପଡ଼ିନଥାଏ। ଯଥାର୍ଥରେ କୁହାଯାଇଛି, 'ଯୋଗଃକର୍ମସୁ କୌଶଳମ୍'।

ଏଣୁ କର୍ମଯୋଗ ଆମ ସମ୍ମୁଖରେ ଏକ ମହାନ ଆଦର୍ଶ ସ୍ଥାପନ କରିଅଛି। ଅଭ୍ୟାସ ଦ୍ୱାରା ଓ ସଂଯମଭାବ ଆଚରଣ କଲେ ଆମେ ଏହାକୁ ଲାଭ କରିବା। ଯେଉଁ ମହାପୁରୁଷଗଣ ମାନବ ଜାତିର କଲ୍ୟାଣକୁ ନିଜର କର୍ତ୍ତବ୍ୟ ବୋଲି ମାନି ନେଇଛନ୍ତି ଓ ବ୍ୟକ୍ତିଗତ ସ୍ୱାର୍ଥଭାବନାକୁ ତ୍ୟାଗ କରିପାରିଛନ୍ତି ସେମାନେ ଯଥାର୍ଥ କର୍ମଯୋଗୀ।

✶✶✶

# ଅପମାନ ବି ଦେଇଥାଏ ପ୍ରେରଣା

ଅପମାନ ପାଇଲେ ମଣିଷ ଦୁଃଖରେ ଭାଙ୍ଗିପଡ଼େ, କିନ୍ତୁ କେତେକ କ୍ଷେତ୍ରରେ ଏହା ମଣିଷ ଜୀବନରେ ଆଣିଦିଏ ବିରାଟ ପରିବର୍ତ୍ତନ ଓ ବ୍ୟକ୍ତି ସଫଳତାର ଶୀର୍ଷସ୍ଥାନରେ ପହଞ୍ଚି ପାରିଥାଏ। ଅପମାନ ମଣିଷକୁ ଦୁର୍ବଳ କରି ଦେଇପାରେ। କିନ୍ତୁ କେତେକ କ୍ଷେତ୍ରରେ ଏହା ମଣିଷ ମନରେ ସୃଷ୍ଟି କରିଛି ନୂତନ ସଂକଳ୍ପ। ବ୍ୟକ୍ତି ସାଧନା ପଥରେ ଅଗ୍ରସର ହୋଇ ପରିଶେଷରେ ସାଫଲ୍ୟ ମଣ୍ଡିତ ହୋଇଛି। ଏଠାରେ କେତୋଟି ଉଦାହରଣ ଦିଆଯାଇଛି।

ଗଙ୍ଗେଶ ଉପାଧ୍ୟାୟ ନବ୍ୟନ୍ୟାୟ ଦର୍ଶନର ଜଣେ ଦିଗ୍‌ଗଜ ପଣ୍ଡିତ। ତାଙ୍କ ପ୍ରଣୀତ 'ତତ୍ତ୍ୱଚିନ୍ତାମଣି' ଏକ ଯୁଗାନ୍ତକାରୀ ସୃଷ୍ଟି। ଏହା ଉପରେ ପରବର୍ତ୍ତୀ ଦାର୍ଶନିକ ଗଣ ଅନେକ ଭାଷ୍ୟ ରଚନା କରିଛନ୍ତି। କିନ୍ତୁ ଜୀବନର ଆଦ୍ୟ ଭାଗରେ ସେ ଥିଲେ ବିଦ୍ୟାହୀନ ଓ ଏକ ପ୍ରକାର ନିର୍ବୁଦ୍ଧିଆ। ତାଙ୍କୁ ସମସ୍ତେ ଗଙ୍ଗା ବୋଲି ଡାକୁଥିଲେ। ତେବେ ତାଙ୍କର ଏକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲା ଓ ଅଳ୍ପ ବୟସରେ ସେ ବିବାହ କରିଥିଲେ। ତାଙ୍କର ସ୍ତ୍ରୀ ଅଧିକାଂଶ ସମୟ ନିଜର ବାପଘରେ ରହୁଥିଲେ। ଗଙ୍ଗା ମଧ୍ୟ ସେଠାରେ ଯାଇ ରହନ୍ତି। କିନ୍ତୁ ତାଙ୍କୁ ସମ୍ମାନ ମିଳେନାହିଁ। ସମସ୍ତେ ତାଙ୍କୁ ଉପହାସ କରନ୍ତି। ଥରେ ଶ୍ୱଶୁରଘରେ ଖାଇବା ସମୟରେ ଉଦ୍ଦେଶ୍ୟମୂଳକ ଭାବରେ ମାଛ ତରକାରୀର କଣ୍ଟା ଭାଗତକ ତାଙ୍କୁ ଦିଆ ଯାଇଥିଲା। ଖାଇ ସାରିଲା ପରେ ତାଙ୍କୁ ଉପହାସ ମଧ୍ୟ କରାଗଲା। ଏଭଳି ଅପମାନ ସେ ସହିପାରିଲେ ନାହିଁ। ମନେ ମନେ ଭାବିଲେ ଯେ ତାଙ୍କର ଉପଯୁକ୍ତ ଶିକ୍ଷା ନ ଥିବା ଯୋଗୁଁ ଏଭଳି ଅପମାନ ସେ ପାଉଛନ୍ତି। ପରଦିନ ସକାଳୁ କାହାକୁ କିଛି ନ କହି ସେ ଘରଛାଡି ଚାଲିଗଲେ। କିନ୍ତୁ ଏହା ଉପରେ କେହି ଗୁରୁତ୍ୱ ବି ଦେଲେନାହିଁ। ସେ ମନେ ମନେ ସଂକଳ୍ପ କରିଥିଲେ ଯେ ସେ ଉପଯୁକ୍ତ ଶିକ୍ଷା ଲାଭକରି ଜନମାନସରେ ନିଜର ପ୍ରତିଷ୍ଠାକୁ ପ୍ରତିପାଦନ କରିବେ। ସେ ଚାଲିଯାଇଥିଲେ ବିଦ୍ୟାନଗରୀ କାଶୀକୁ। ସେଠାରେ ୧୦ ବର୍ଷକାଳ ସଂସ୍କୃତ ଶିକ୍ଷାକରି ନ୍ୟାୟଦର୍ଶନରେ ବ୍ୟୁତ୍ପତ୍ତି ଲାଭକଲେ। ନବ୍ୟନ୍ୟାୟ ଦର୍ଶନର ଅଭ୍ୟୁଦୟ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ତେବେ ଦଶବର୍ଷପରେ ସେ ଯେତେବେଳେ ଫେରିଆସିଥିଲେ ତାଙ୍କୁ ପ୍ରଥମେ ପୂର୍ବଭଳି ବ୍ୟବହାର ଦେଖାଇବାରୁ ସେ ଗର୍ବର ସହିତ କହିଲେ 'ନାହଂଗଙ୍ଗା କିଂତୁ ଗଙ୍ଗେଶ'। ଯେଉଁମାନେ ତାଙ୍କୁ ଉପହାସ କରୁଥିଲେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଦେଖି ତାଙ୍କ ସମ୍ମୁଖକୁ ଆସିବାକୁ ଆଉ ସାହସ କଲେନାହିଁ। ଅପମାନ ତାଙ୍କର ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ନ୍ୟାୟଦର୍ଶନ ଆକାଶର ସେ ହେଲେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ।

ଗଙ୍ଗେଶଙ୍କ କଥା ଆଲୋଚନା କଲାବେଳେ କାଳିଦାସଙ୍କ କଥା ମନରେ ଆସେ। ଆଦ୍ୟ ଜୀବନରେ ସେ ମୂର୍ଖ ଥିଲେ। ଜଣେ ବିଦୁଷୀ ନାରୀଙ୍କ ଦ୍ୱାରା ଶାସ୍ତ୍ର ଆଲୋଚନାରେ ପରାଜିତ କେତେକ ବ୍ୟକ୍ତି କୌଶଳର ସହ ଏ ମୂର୍ଖ ଯୁବକଙ୍କୁ ତାଙ୍କ ସହିତ ବିବାହ କରାଇ ଦେଇଥିଲେ। କିନ୍ତୁ କିଛିଦିନପରେ ଜଣାପଡିଲା ସେ ମୂର୍ଖ ବୋଲି। ପତ୍ନୀ ତାଙ୍କୁ ଅପମାନ ଦେଇ ଘରୁ ବାହାର କରିଦେଲେ। ତାଙ୍କୁ କିଛି କହିବାକୁ ସୁଯୋଗ ନ ଦେଇ ବରଂ ନିଷ୍ଠୁର ଭାବରେ କହିଲେ, 'ଅସ୍ତି କଶ୍ଚିତ୍ ବାଗ୍ ବିଶେଷ'। ଏଭଳି ଅପମାନ ପାଇ ସେ ହୁଏତ ଆତ୍ମହତ୍ୟା କରି ଥାଆନ୍ତେ। ମାତ୍ର ତାହା ସେ କରି ନ ଥିଲେ। ସାଧନାର ପଥରେ ଅଗ୍ରସର ହେଲେ ଏବଂ ତାଙ୍କ ମଧ୍ୟରେ ଅସାଧାରଣ କବିତ୍ୱର ସ୍ଫୁରଣ ଘଟିଲା। କୁହାଯାଏ ସରସ୍ୱତୀ ତାଙ୍କୁ ବରଦାନ କରିଥିଲେ। ମାତ୍ର ବିନା ସାଧନାରେ କଣ ବାଗ୍‌ଦେବୀ ପ୍ରସନ୍ନା ହୋଇଥାଆନ୍ତେ। ଜୀବନରେ ପତ୍ନୀଙ୍କ ବ୍ୟଙ୍ଗୋକ୍ତିକୁ ସେ ଭୁଲିପାରିନଥିଲେ। ରଚନା କଲେ ସଂସ୍କୃତ ସାହିତ୍ୟର ପ୍ରସିଦ୍ଧ ଗ୍ରନ୍ଥଗୁଡିକ 'ଅସ୍ତି' ଶବ୍ଦକୁ ବ୍ୟବହାର କରି, 'ଅସ୍ତ୍ୟୁତ୍ତରସ୍ୟାଂ ଦିଶି ଦେବତାତ୍ମା' ରୁ ଆରମ୍ଭ କଲେ 'କୁମାର ସମ୍ଭବ' 'କଶ୍ଚିତ୍' ଶବ୍ଦକୁ ବ୍ୟବହାରକରି, 'କଶ୍ଚିତ୍ କାନ୍ତା ବିରହ ଗୁରୁଣା'ରୁ ଆରମ୍ଭକଲେ ମେଘଦୂତ ଏବଂ 'ବାକ୍' ଶବ୍ଦକୁ ବ୍ୟବହାର କରି 'ବାଗର୍ଥାବିବ ସଂପୃକ୍ତୌ' ରୁ ଆରମ୍ଭ କଲେ 'ରଘୁବଂଶ'। ଏଗୁଡ଼ିକ ସଂସ୍କୃତ ସାହିତ୍ୟ ଭଣ୍ଡାରର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ। ପତ୍ନୀଙ୍କ ଦ୍ୱାରା ଭର୍ତ୍ସିତ ଓ ଅପମାନିତ ଯୁବକ ଜଣକ ପରେ ବିଶ୍ୱବନ୍ଦ୍ୟ ମହାକବି କାଳିଦାସରେ ପରିଣତ ହେଲେ। ବିକ୍ରମାଦିତ୍ୟଙ୍କ ରାଜ ସଭାରେ ନବରତ୍ନଙ୍କ ମଧ୍ୟରେ ଶ୍ରେଷ୍ଠ ଆସନ ଲାଭ କରିଥିଲେ।

ଏହି ପ୍ରସଙ୍ଗରେ ତୁଳସୀଦାସଙ୍କ କଥା ମଧ୍ୟ ମନକୁ ଆସେ। ତୁଳସୀଦାସଙ୍କର ରତ୍ନାବଳୀ ନାମଧେୟା ଜଣେ ସୁନ୍ଦରୀ କନ୍ୟାଙ୍କ ସହ ବିବାହ ସମ୍ପନ୍ନ ହେଲା। କିନ୍ତୁ ନିଜର ନବ ବିବାହିତା ପତ୍ନୀଙ୍କ ପ୍ରତି ତାଙ୍କର ଏଭଳି ଆସକ୍ତି ଆସିଗଲା ଯେ ତାଙ୍କୁ କ୍ଷଣେ ନ ଦେଖିଲେ ସେ ବ୍ୟସ୍ତ ବିବ୍ରତ ହୋଇ ପଡୁଥିଲେ। ପତ୍ନୀଙ୍କୁ ତାଙ୍କ ବାପ ଘରକୁ ଆଦୌ ଛାଡୁନଥିଲେ। ଥରେ ସେ ଘରେ ନଥିବା ବେଳେ ତାଙ୍କର ପତ୍ନୀ ନିଜର ଭାଇ ସହିତ ବାପ ଘରକୁ ଚାଲିଗଲେ। ପରେ ତୁଳସୀ ଦାସ ଏହା ଜାଣିବା କ୍ଷଣି ବିଚଳିତ ହୋଇ ପଡ଼ିଲେ ଏବଂ ପତ୍ନୀଙ୍କ ପଛେପଛେ ଯାଇ ଶ୍ୱଶୁରଘରେ ପହଞ୍ଚିଗଲେ। ଲଜ୍ଜା ଓ କ୍ରୋଧରେ ପତ୍ନୀ ତାଙ୍କୁ ଭର୍ତ୍ସନା କଲେ। ଧିକ୍କାର କରି କହିଲେ, "ମୋର ଏହି ଅସ୍ଥି ଚର୍ମ ବେଷ୍ଟିତ ନଶ୍ୱର ଶରୀର ପ୍ରତି ଯେତିକି ଆସକ୍ତି ରଖିଛ ଯଦି ତାହାର ଅଧା ଭଗବାନ ଶ୍ରୀରାମଙ୍କଠାରେ ରଖି ଥାଆନ୍ତ ତେବେ ଏ ଜୀବନ ସାର୍ଥକ ହୋଇ ଯାଆନ୍ତା। ମୋର ଏ ଶରୀର ପ୍ରତି ଏତେ ଆକର୍ଷଣ କାହିଁକି"। ପତ୍ନୀଙ୍କର ଏ ଭର୍ତ୍ସନା ତାଙ୍କୁ ଗଭୀର ଆଘାତ ଦେଲା। ମନରେ ବୈରାଗ୍ୟ ଭାବ ଉଦୟ ହେଲା। ସଂସାରର ସମସ୍ତ ମୋହ ମାୟାକୁ ତ୍ୟାଗକରି ପ୍ରଭୁ

ଶ୍ରୀରାମଙ୍କ ପଦାରବିନ୍ଦରେ ମନକୁ ଢାଳିଦେଲେ ଏବଂ ରଚନାକଲେ ଅତୁଳନୀୟ ରାମାୟଣ ଗ୍ରନ୍ଥ 'ଶ୍ରୀ ରାମଚରିତମାନସ'। ଅପମାନ ଦେଲା ଅପୂର୍ବ ପ୍ରେରଣା।

ମନେପଡ଼େ ଧ୍ରୁବଙ୍କ କଥା। ଉତ୍ତର ଆକାଶରେ ଉଜ୍ଜ୍ୱଳ ତାରକାକୁ ଧ୍ରୁବତାରା ବୋଲି କୁହାଯାଏ। ଧ୍ରୁବଙ୍କ ନାମରେ ଏହା ନାମିତ। ଧ୍ରୁବଥିଲେ ଉତ୍ତାନପାଦଙ୍କ ପୁତ୍ର। ତାଙ୍କର ମାତାଙ୍କ ନାମ ସୁନୀତି। ଥରେ ପିତାଙ୍କ କୋଳରେ ସେ ବସିବା ପାଇଁ ଇଚ୍ଛା କରିବାରୁ ତାଙ୍କର ବିମାତା ସୁରୁଚି ଯାହାଙ୍କୁ ତାଙ୍କର ପିତା ଅଧିକ ଭଲ ପାଉଥିଲେ ତାଙ୍କୁ ଅପମାନ ଦେଇ କହିଲେ ଯେ ସେ ତପସ୍ୟା କରି ତାଙ୍କରି ଠାରୁ ଜନ୍ମ ହେଲେ ଏ ସୌଭାଗ୍ୟ ଲାଭ କରିବେ। ଏ କଟୁକ୍ତି ଧ୍ରୁବଙ୍କ ଅନ୍ତରକୁ ବିଦୀର୍ଣ୍ଣ କରିଦେଲା ଏବଂ ନିଜର ମାଆଙ୍କ ଆଗରେ କାନ୍ଦି କାନ୍ଦି ସବୁକଥା କହିଲେ। ତେବେ ମାତୃ ପ୍ରେରଣା ଲାଭକରି ମାତ୍ର ପାଞ୍ଚବର୍ଷ ବୟସରେ କଠୋର ତପସ୍ୟା କରି ଭଗବଦ୍ ଦର୍ଶନ ଲାଭ କଲେ। ଆଧ୍ୟାତ୍ମିକ ଜଗତରେ ଲାଭକଲେ ଶ୍ରେଷ୍ଠ ଆସନ। ଦିବ୍ୟ ଲୋକ ପ୍ରାପ୍ତି ହେଲା। ଅପମାନ ପାଇ ସେ ମହୀୟାନ ହୋଇ ଉଠିଥିଲେ।

ଏସବୁ ସୁଦୂର ଅତୀତ ବା ପୁରାଣ ଯୁଗର କାହାଣୀ। ଅଧିକାଂଶ କିମ୍ବଦନ୍ତୀ ଉପରେ ଆଧାରିତ, ମାତ୍ର ଆମର ସମସାମୟିକ ଘଟନାବଳୀକୁ ଅନୁଧ୍ୟାନ କଲେ ପ୍ରଥମେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କଥା ମନକୁ ଆସେ। ସମଗ୍ର ଜୀବନ ଉତ୍କଟ ଦାରିଦ୍ର୍ୟ ଭିତରେ କଟିଯାଇଛି। ତ୍ୟାଗମୟ ଜୀବନ। କିନ୍ତୁ ଇଂରାଜୀ ଭାଷା ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟ ଓ ଶବ୍ଦଚୟନ ଓ ଉଚ୍ଚାରଣ କ୍ଷେତ୍ରରେ ଅତୁଳନୀୟ ଖ୍ୟାତି ଲାଭ କରିଥିଲେ। କିନ୍ତୁ ଛାତ୍ରଜୀବନରେ ପୁରୀ ଜିଲ୍ଲାସ୍କୁଲରେ ପଢ଼ିବା ବେଳେ ଯେଉଁ ଅପମାନ ସହିଥିଲେ ତାହା ହିଁ ତାଙ୍କୁ ଏ ଉଚ୍ଚ ଆସନ ଦେଇଥିଲା। ଚନ୍ଦ୍ରମୋହନ ମହାରଣା ଥିଲେ ପ୍ରଧାନ ଶିକ୍ଷକ। ଶିକ୍ଷା ବିଭାଗର ନିର୍ଦ୍ଦେଶକ ସ୍କୁଲ ପରିଦର୍ଶନରେ ଆସିଥିଲେ। ଗୋଟିଏ ଇଂରାଜୀ ପଦ୍ୟ ଗୋଦାବରୀଶଙ୍କୁ ଆବୃତ୍ତି କରିବାକୁ ପଡିଲା। ଆବୃତ୍ତି ତ୍ରୁଟିପୂର୍ଣ୍ଣ ଥିଲା। ପରିଦର୍ଶକ ପ୍ରଧାନ ଶିକ୍ଷକଙ୍କ ଆଗରେ ଅସନ୍ତୋଷ ବ୍ୟକ୍ତ କଲେ। ଇଂରାଜୀ ଶିକ୍ଷକ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେଉ ନାହାଁନ୍ତି ବୋଲି ମନ୍ତବ୍ୟ ଦେଲେ। ନିଜେ ପ୍ରଧାନଶିକ୍ଷକ ଇଂରାଜୀ ପଢ଼ାଉଥିଲେ। ଗୋଦାବରୀଶଙ୍କୁ ଦଣ୍ଡ ମିଳିଲା। ଅନେକ ଦିନ ପର୍ଯ୍ୟନ୍ତ ବେଞ୍ଚ ଉପରେ ଠିଆ ହେଲେ ସାମାନ୍ୟ ଭୁଲ ପାଇଁ। ମନରେ ଦୃଢ଼ ସଂକଳ୍ପ ଜାଗି ଉଠିଲା କଠୋର ପରିଶ୍ରମ କରି ଇଂରାଜୀ ଭାଷାକୁ ଆୟତ୍ତ କଲେ। ଏ କ୍ଷେତ୍ରରେ ସେ ସମସ୍ତଙ୍କ ପାଇଁ ଆଦର୍ଶ ହୋଇ ରହିଲେ। ପଣ୍ଡିତ ନୀଳକଣ୍ଠ ଦାସ ଏହାକୁ ସ୍ୱୀକାର କରିଛନ୍ତି।

ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିବାପାଇଁ ଯେଉଁ ପ୍ରୋତ୍ସାହନର ଆବଶ୍ୟକତା ରହିଥାଏ ତାହା ପ୍ରାୟତଃ ମିଳେନାହିଁ। ବ୍ୟକ୍ତିକୁ ନିଜ ଉପରେ ନିର୍ଭର କରିବାକୁ ପଡିବ ଓ

ଆତ୍ମବିଶ୍ୱାସକୁ ଅତୁଟ ରଖିବାକୁ ପଡ଼ିବ। ସାଧନାର ପଥରେ ଅଗ୍ରସର ହେଲାବେଳେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ନିନ୍ଦା ପ୍ରଶଂସା ଉପରେ ଗୁରୁତ୍ୱ ନଦେଇ ଓ ବାଧାବିଘ୍ନର ସମ୍ମୁଖୀନ ହୋଇ ଆମକୁ ଅଗ୍ରସର ହେବାକୁ ପଡିବ। ଅଧ୍ୟବସାୟ ସଫଳତାର ମୂଳମନ୍ତ୍ର। ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ।

✱✱✱

# ଅଭିଶାପ ଦେଲା ମୁକ୍ତିର ପ୍ରେରଣା

ଭଗବାନ ବ୍ୟାସଦେବଙ୍କ ପ୍ରଣୀତ "ଶ୍ରୀମଦ୍ ଭାଗବତ ମହାପୁରାଣ" ଉପରେ ଶାସ୍ତ୍ରଜ୍ଞ ପଣ୍ଡିତମାନେ ଅନେକ ଗ୍ରନ୍ଥ ରଚନା କରିଛନ୍ତି । ଭାଗବତର ସାରମର୍ମକୁ ବୁଝାଇବାକୁ ଯାଇ ବେଳେ ବେଳେ ବିଷୟକୁ ଟିକିଏ ଭିନ୍ନ ଭାବରେ ପରିବେଷଣ କରିଥାଆନ୍ତି । ଭାଗବତ ଉପରେ ଅନେକ ଟୀକା ରଚନା କରାଯାଇଅଛି । କିନ୍ତୁ ଏ ସବୁର ମୂଳ ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାର ବର୍ଣ୍ଣନା । ଏହା ପାଠକଙ୍କ ହୃଦୟରେ ଭକ୍ତିଭାବ ସଞ୍ଚାରିତ କରିଥାଏ । ଭାଗବତରେ ଅନେକ ପ୍ରସଙ୍ଗର ଉତ୍‌ଥାପନ କରାଯାଇଥିଲେ ମଧ୍ୟ ପରୀକ୍ଷିତଙ୍କ ପ୍ରସଙ୍ଗ କେନ୍ଦ୍ରଭାଗରେ ରହିଅଛି । ଜଣେ ଯଶସ୍ୱୀ ନରପତି ଋଷିପୁତ୍ରଙ୍କ ଅଭିଶାପକୁ କିପରି ମୋକ୍ଷଲାଭର ମାର୍ଗ ଭାବରେ ଗ୍ରହଣ କଲେ ତାହା ପାଠକଲେ ପାଠକଙ୍କ ପ୍ରାଣରେ ଯେ ଆଧ୍ୟାତ୍ମିକ ଚେତନା ସୃଷ୍ଟିହୁଏ ତାହା ଅସ୍ୱୀକାର କରି ହେବନାହିଁ । ତେବେ ଏହି ବିଷୟର ପୃଷ୍ଠଭୂମି ଉପରେ ଦୃଷ୍ଟିପାତ କରାଯାଉ ।

ଭଗବାନ ଶ୍ରୀକୃଷ୍ଣ ମର୍ତ୍ତ୍ୟଲୀଳା ଶେଷକରି ସ୍ୱଧାମକୁ ଫେରିଯିବାର ସମ୍ବାଦ ପାଇ ପାଣ୍ଡବମାନେ ଦୁଃଖରେ ଭାଙ୍ଗି ପଡ଼ିଲେ । ଶ୍ରୀକୃଷ୍ଣ ଥିଲେ ତାଙ୍କର ଜୀବନ ସର୍ବସ୍ୱ । ଭୟଙ୍କର ସଙ୍କଟମାନଙ୍କ ମଧ୍ୟରୁ ସେ ପାଣ୍ଡବମାନଙ୍କୁ ରକ୍ଷା କରିଥିଲେ । ତାଙ୍କରି କୃପା ତରଣୀରେ ପାଣ୍ଡବମାନେ ଦୁସ୍ତର ମହାଭାରତ ସମର ସାଗରକୁ ପାରିହୋଇ ଯାଇଥିଲେ । ଏଣୁ ଆଜି ଦାରୁଣ ଦୁଃଖରେ ହୃଦୟ ଭାଙ୍ଗି ପଡ଼ିଲା । ପ୍ରାଣ ଆକୁଳିତ ହେଲା । ସଂସାର ଅସାର ଜଣାଗଲା । ବିଷୟ ସୁଖ ବିଷତୁଲ୍ୟ ପ୍ରତୀତ ହେଲା । ଧର୍ମରାଜ ଯୁଧିଷ୍ଠିର ଭାଇମାନଙ୍କୁ ସମ୍ବୋଧନ କରି କହିଲେ ଯେ ଜଳ ବିନା ମୀନର ଯେଉଁ ଅବସ୍ଥା କୃଷ୍ଣ ବିନା ତାଙ୍କର ଜୀବନର ଅବସ୍ଥା ଠିକ୍ ସେହିଭଳି । ଜୀବନ ଦୁର୍ବିସହ ବୋଧ ହେଉଅଛି । ଏଣୁ ମୃତ୍ୟୁ ସେମାନଙ୍କୁ ଗ୍ରାସ କରିବା ପୂର୍ବରୁ ସେମାନେ ତାକୁ ସ୍ୱାଗତ ଜଣାଇବେ । ମହାପ୍ରୟାଣ ଅଭିମୁଖେ ପାଣ୍ଡବମାନେ ମହାଯାତ୍ରା ପାଇଁ ପ୍ରସ୍ତୁତ ହେଲେ । ପତିପ୍ରାଣା ଯାଜ୍ଞସେନୀ ସେମାନଙ୍କର ସହଗାମିନୀ ହେବାର ଇଚ୍ଛା ବ୍ୟକ୍ତ କଲେ ।

ତେବେ ଯୁଧିଷ୍ଠିରଙ୍କର ଏଭଳି ସିଦ୍ଧାନ୍ତ ପଛରେ ଅନ୍ୟ ଏକ କାରଣ ମଧ୍ୟ ଥିଲା । ସେ ଲକ୍ଷ୍ୟକଲେ ଯେ ଘୋର କଳିକାଳ ମାଡ଼ିଆସୁଛି । ସେ ଦେଖିଲେ ଯେ କମାରଶାଳରେ ଲୋକମାନେ ତାଲା ତିଆରି କରୁଥିଲେ ଗୃହ ଓ ତାହାର ଦ୍ରବ୍ୟ ଗୁଡ଼ିକୁ ସୁରକ୍ଷିତ କରି ରଖିବା ପାଇଁ । ଅର୍ଥାତ ଚୋରି ଭଳି ପାପକର୍ମ କରିବାକୁ ଲୋକମାନେ ମନ ବଳେଇଲେଣି । ଅନ୍ୟଏକ ଘଟନା ଘଟିଗଲା ଯାହା ସୂଚାଇଦେଲା ଯେ ଲୋକମାନଙ୍କ ମନକୁ ଅଧିକରୁ

ଅଧିକ ଲୋଭ ମଧ୍ୟ ଗ୍ରାସ କଲାଣି। ଜଣେ ବ୍ରାହ୍ମଣ ଗୋଟିଏ ଘର ଜଣେ ବୈଶ୍ୟଠାରୁ କିଣିଥିଲେ। ଗୃହର ଅଗଂନକୁ ଖୋଳିଲା ବେଳେ  ସେ ସୁନା ମୁଣ୍ଡାଟିଏ ପାଇଲେ। ସେ ଭାବିଲେ ଯେ ସେ ଘର ଯାହାଙ୍କଠାରୁ କିଣିଥିଲେ ଏ ସୁନା ତାଙ୍କର ହୋଇଥିବ। ଏଣୁ ସେ ବୈଶ୍ୟଘରକୁ ଯାଇ ସୁନାକୁ ଫେରାଇବାକୁ ଇଚ୍ଛାକଲେ। ମାତ୍ର ବୈଶ୍ୟ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ। କାରଣ ସେ ଗୃହକୁ ବିକି ଦେଇଥିଲେ। ଏଣୁ ସୁନା ଉପରେ ତାଙ୍କର ଆଉ ଅଧିକାର ନଥିଲା। ଉଭୟଙ୍କ ମଧ୍ୟରେ ଏହାକୁ ନେଇ ଯୁକ୍ତିତର୍କ ହେଲା। ଏହାର ସମାଧାନ ପାଇଁ ସେମାନେ ଯୁଧିଷ୍ଠିରଙ୍କ ପାଖକୁ ଗଲେ। ଯୁଧିଷ୍ଠିର ଏହାର କିପରି ସମାଧାନ କରିବେ ଭାବୁଛନ୍ତି ଏହି ସମୟରେ ଏକ ବିଚିତ୍ର ଘଟନା ଘଟିଲା। ବ୍ରାହ୍ମଣ ଓ ବୈଶ୍ୟ ନିଜର ସ୍ୱର ବଦଳାଇ ସୁନା ଉପରେ ନିଜ ନିଜର ଅଧିକାର ଜାହିର କଲେ। ଏହା ଘଟିଲା କିପରି  ? ଯୁଧିଷ୍ଠିର ଭାବିଲେ ଯେ କଳିକାଳର ପ୍ରବେଶ ଯୋଗୁଁ ମନୁଷ୍ୟ ମନର ଧର୍ମ ଭାବନା ଅପସରି ଯାଇ ଲୋଭ ଓ ମୋହ ମନକୁ ଗ୍ରାସ କରୁଛି।

ପାଣ୍ଡବମାନେ ରାଜ୍ୟରୁ ବିଦାୟ ନେବା ପୂର୍ବରୁ ଏକମାତ୍ର କୁଳାଙ୍କୁର ପରୀକ୍ଷିତଙ୍କୁ ସିଂହାସନରେ ଅଭିଷିକ୍ତ କରାଇଲେ। ପରୀକ୍ଷିତ ମାତୃଗର୍ଭରେ ଥିବାବେଳେ ଅଶ୍ୱତ୍ଥମାଙ୍କର ଭୟଙ୍କର ବାଣ କବଳରୁ ଶ୍ରୀକୃଷ୍ଣ ତାଙ୍କୁ ରକ୍ଷା କରିଥିଲେ। ମାତୃ ଗର୍ଭରେ ଯେଉଁ ଦିବ୍ୟ ପୁରୁଷଙ୍କୁ ସେ ଦେଖିଥିଲେ ଭୂମିଷ୍ଠ ହୋଇ ସେ ସମସ୍ତଙ୍କୁ ପରୀକ୍ଷା କରୁଥିଲେ ଯେ ଇଏ କଣ ସେଇ ପୁରୁଷ ? ପରୀକ୍ଷା କରୁଥିବାରୁ ତାଙ୍କର ନାମ ହୋଇଥିଲା ପରୀକ୍ଷିତ।

ପରୀକ୍ଷିତ ଥିଲେ ଧର୍ମାତ୍ମା ସଦାଚାରୀ। ସେ ଶାସନ କ୍ଷେତ୍ରରେ ନିରପେକ୍ଷ ଥିଲେ ଏବଂ ନ୍ୟାୟ ପ୍ରଦାନ କରୁଥିଲେ। ଧର୍ମକୁ ରକ୍ଷା କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ। କିଛିବର୍ଷ ରାଜ୍ୟ ଶାସନ କଲାପରେ ତାଙ୍କ ଜୀବନରେ ଗୋଟିଏ ଅଦ୍ଭୁତ ଘଟନା ଘଟିଲା। ଥରେ ସେ ଦେଖିଲେ ଯେ ଗୋଟିଏ ନିଷ୍ଠୁର  ବ୍ୟକ୍ତି ରାଜବେଶ ଧାରଣ କରି ଗୋଟିଏ ଗାଭୀ ଓ ବୃଷଭକୁ ନିର୍ମମ ଭାବରେ ପ୍ରହାର କରୁଅଛି। ସେମାନଙ୍କ ଚକ୍ଷୁରୁ ଧାର ଧାର ଲୋତକ ବୋହି ଯାଉଛି। ସେମାନଙ୍କ ଏ ଅବସ୍ଥାର କାରଣ କଅଣ ବୋଲି ପଚାରିବାରୁ ସେମାନେ ନିର୍ଦ୍ଦିଷ୍ଟ ଭାବରେ କିଛି କହିଲେ ନାହିଁ। ମାତ୍ର ପରୀକ୍ଷିତ ଜାଣିପାରିଲେ ଯେ ଏହି ନିଷ୍ଠୁର ବ୍ୟକ୍ତି କଳି ଅଟେ। ଖଡ୍‌ଗ ଉତ୍ତୋଳନ କରି ପରୀକ୍ଷିତ ତାହାକୁ ସଂହାର କରିବା ପାଇଁ ଉଦ୍ୟତ ହେବାର ଦେଖି କଳି ତାଙ୍କର ଶରଣାପନ୍ନ ହେଲା ଏବଂ କ୍ଷମା ଚାହିଁଲା। ଦୟାର୍ଦ୍ର ପରୀକ୍ଷିତ ତାକୁ କ୍ଷମା କରିଦେଲେ ମାତ୍ର ତାଙ୍କୁ ରାଜ୍ୟରୁ ଚାଲି ଯିବାକୁ କହିଲେ। କଳି କେଉଁଠାରେ ରହିବ ବୋଲି କହିବାରୁ ତାକୁ ଚାରିଗୋଟି ସ୍ଥାନ ଦେଲେ ଯଥା – ସୁରା,  ଦ୍ୟୁତକ୍ରୀଡ଼ା, କାମ ଓ ହିଂସା। ମାତ୍ର କଳି ଗୋଟିଏ ଭଲ ସ୍ଥାନ ମାଗିବାରୁ ସେ ତାକୁ ସୁବର୍ଣ୍ଣରେ ରହିବା ପାଇଁ ଅନୁମତି ଦେଇଦେଲେ। ଗାଭୀଟି ଥିଲା ପୃଥିବୀ ମାତ୍ର ବୃଷଭଟି ଥିଲା ଧର୍ମ। ସମୟ ଅତିକ୍ରାନ୍ତ

ହେଲା। ଥରେ ପରୀକ୍ଷିତ ତାଙ୍କର ଭଣ୍ଡାର ଘରେ ବୁଲି ଦେଖୁଥିଲେ ଯେ ତାଙ୍କର ଜ୍ୟେଷ୍ଠ ପିତାମହ ଯୁଧିଷ୍ଠିର ତାଙ୍କପାଇଁ କଅଣ କଅଣ ବସ୍ତୁ ରଖି ଯାଇଛନ୍ତି। ସେ ଦେଖିଲେ ଯେ ଗୋଟିଏ ହାଣ୍ଡି ଭିତରେ ରହିଛି ଏକ ସୁବର୍ଣ୍ଣ ମୁକୁଟ। ଏହି ମୁକୁଟଟି ଅତି ସୁନ୍ଦର ଦିଶୁଥିଲା। ପ୍ରକୃତରେ ଏହା ଜରାସନ୍ଧର ମୁକୁଟ। ଭୀମ ଜରାସନ୍ଧକୁ ମାରି ଏ ମୁକୁଟଟିକୁ ଆଣିଥିଲେ। ତାଙ୍କର ଭ୍ରାତା ସହଦେବ ଏହାକୁ ମାଗିଥିଲେ ମଧ୍ୟ ସେ ଏହାକୁ ତାଙ୍କୁ ଦେଇନଥିଲେ। ଏ ମୁକୁଟଟିକୁ ସେ  ଜ୍ୟେଷ୍ଠଭ୍ରାତା ଯୁଧିଷ୍ଠିରଙ୍କୁ ଦେଇଥିଲେ। ମାତ୍ର ଯୁଧିଷ୍ଠିର ଥିଲେ ଧର୍ମାତ୍ମା। ସେ ଅନୁଭବ କଲେ ଯେ ଏ ମୁକୁଟଟିକୁ ଅନ୍ୟାୟ ଭାବରେ ଅଣାଯାଇଅଛି। ଏହା ଥିଲା ପାପ ମୁକୁଟ। ଏଣୁ ସେ ଏହାକୁ ମସ୍ତକରେ ଧାରଣ ନକରି ହାଣ୍ଡି ଭିତରେ ଲୁଚାଇ ରଖିଥିଲେ। ମାତ୍ର ପରୀକ୍ଷିତ ଲୋଭ ସମ୍ବରଣ କରିନପାରି ଏହାକୁ ମସ୍ତକରେ ଧାରଣ କଲେ। ଏ ମୁକୁଟ ତାଙ୍କର ବୁଦ୍ଧିକୁ ପ୍ରଭାବିତ କଲା। ପୂର୍ବରୁ ସେ ମୃଗୟାକୁ ପସନ୍ଦ କରୁନଥିଲେ। ନିରୀହ ପଶୁମାନଙ୍କୁ ସେ ନିର୍ମମ ଭାବରେ କାହିଁକି ହତ୍ୟା କରିବେ। ମାତ୍ର ଏ ମୁକୁଟ ପ୍ରଭାବରେ ମୃଗୟାର ନିଶା ତାଙ୍କର ବୁଦ୍ଧିକୁ ଗ୍ରାସକଲା। ଏକ ବିଶାଳ ଧନୁ ଧରି ମୃଗୟା ଉଦ୍ଦେଶ୍ୟରେ ସେ ବାହାରି ପଡ଼ିଲେ। ବହୁ ନିରୀହ ମୃଗଙ୍କୁ ସେ ବଧ କଲେ। କିନ୍ତୁ ଦିବସର ମଧ୍ୟାହ୍ନ ସମୟରେ ସେ କ୍ଳାନ୍ତି ଅନୁଭବ କଲେ। ପ୍ରବଳ ତୃଷାର ବଶବର୍ତ୍ତୀ ହୋଇ ସେ ଜଳର ସନ୍ଧାନ ନେଲେ। ମାତ୍ର କେଉଁଠାରେ ଜଳ ଦେଖିଲେ ନାହିଁ। ପରିଶେଷରେ ସେ ଏକ ଋଷି ଆଶ୍ରମ ଦେଖିଲେ। ଏ ଆଶ୍ରମଟି ଥିଲା ଶମୀକ ଋଷିଙ୍କ ଆଶ୍ରମ। ସେ ଆଶ୍ରମ ମଧ୍ୟକୁ ଆସି ଋଷିଙ୍କୁ ଜଳ ମାଗିଲେ। ମାତ୍ର, ଋଷି ଥିଲେ ଧ୍ୟାନସ୍ଥ। ବାହ୍ୟଜଗତ ବିଷୟରେ ସେ ସଚେତନ ନଥିଲେ। ଋଷିଙ୍କଠାରୁ କୌଣସି ଉତ୍ତର ନ ପାଇବାରୁ ପରୀକ୍ଷିତଙ୍କ ମନରେ କ୍ରୋଧ  ଜାତ ହେଲା। ଗର୍ବ ଓ ଔଦ୍ଧତ୍ୟର ବଶବର୍ତ୍ତୀ ହୋଇ ଅଦୂରରେ ପଡ଼ିଥିବା ଏକ ମୃତ ସର୍ପକୁ ଧନୁ ହୁଳରେ ଆଣି ଋଷିଙ୍କ ଗଳାରେ ଲମ୍ବାଇ ଦେଇଥିଲେ। ଏହାପରେ ନିଜ ରାଜ୍ୟକୁ ସେ ଫେରି ଯାଇଥିଲେ। ପ୍ରାସାଦରେ ପହଞ୍ଚି ଯେତେବେଳେ ସେ ସୁବର୍ଣ୍ଣ ମୁକୁଟଟିକୁ ମସ୍ତକରୁ କାଢ଼ି ଦେଇଥିଲେ, ତାଙ୍କର ମନରେ ନିଜର ଅପକର୍ମ ପାଇଁ ପଶ୍ଚାତାପ ଆସିଲା। ସେ ଏଭଳି ହୀନକର୍ମ କଲେ କାହିଁକି ? ଯେଉଁ ମହାତ୍ମାଙ୍କର ସେ ପଦବନ୍ଦନା କରିଥାଆନ୍ତେ ତାଙ୍କୁ ସେ ଅପମାନିତ କଲେ। ଏ ଅପକର୍ମର ଫଳ ସେ ଅବଶ୍ୟ ଭୋଗିବେ। ସେ ଅନୁଭବ କଲେ ଯେ ତାଙ୍କ ଉପରକୁ ବିପଦ ମାଡ଼ି ଆସୁଛି।

ଶମୀକ ରୁଷିଙ୍କ ପୁତ୍ରର ନାମ ଥିଲା ଶୃଙ୍ଗୀ। ସେ ଥିଲେ ଅତ୍ୟନ୍ତ ତେଜୀୟାନ୍ ଓ କ୍ରୋଧୀ। ସେ ଆଶ୍ରମକୁ ଆସି ପିତାଙ୍କ ଗଳାର ମୃତସର୍ପ ଦେଖି ଅନୁସନ୍ଧାନ କରି ଜାଣିଲେ ଯେ ଏହା ରାଜା ପରୀକ୍ଷିତଙ୍କ କର୍ମ। ସେ କ୍ରୋଧରେ ଥରି ଉଠିଲେ। ରାଜାଙ୍କର ଏ ଔଦ୍ଧତ୍ୟ ପାଇଁ ତାଙ୍କୁ ଦଣ୍ଡ ଅବଶ୍ୟ ଭୋଗିବାକୁ ପଡ଼ିବ। ଋଷିପୁତ୍ର ଏକ ଭୟଙ୍କର ଅଭିଶାପ ଦେଇଦେଲେ। ସପ୍ତମ ଦିନ ପରୀକ୍ଷିତଙ୍କୁ ତକ୍ଷକ ଦଂଶନ କରିବ। ପରିକ୍ଷୀତଙ୍କ ମୃତ୍ୟୁ

ଅନିର୍ବାଯ୍ୟ। ଅଭିଶାପ ଦେଇସାରି ନିଜର ପିତାଙ୍କ ଆଡ଼କୁ ଚାହିଁ ସେ କ୍ରୋଧ ଓ ଅପମାନରେ କ୍ରନ୍ଦନ କରିବାକୁ ଲାଗିଲେ। ଋଷିଙ୍କର ଧ୍ୟାନ ଭଙ୍ଗ ହେଲା। ସେ ପୁତ୍ରର କ୍ରନ୍ଦନର କାରଣ ଜିଜ୍ଞାସା କଲେ। ତତ୍ପରେ ସେ ପୁତ୍ରଠାରୁ ସବୁକଥା ଶୁଣି ପରୀକ୍ଷିତଙ୍କ ଉପରେ କ୍ରୋଧ କରିବା ପରିବର୍ତ୍ତେ ପୁତ୍ରକୁ ଭର୍ତ୍ସନା କଲେ। ପରୀକ୍ଷିତ ଭୁଲ କରିଛନ୍ତି। କିନ୍ତୁ ସେ ଜଣେ ସୁଶାସକ ଥିଲେ। ତାଙ୍କର ମୃତ୍ୟୁ ଘଟିଲେ ସର୍ବତ୍ର ଅରାଜକତା ବ୍ୟାପିଯିବ। ପୁତ୍ରର ବୁଦ୍ଧି ପରିପକ୍ୱ ହୋଇନଥିବାରୁ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ସେ ଏଭଳି ଅଭିଶାପ ଦେଇଦେଲେ। ରାଜାଙ୍କର ମଙ୍ଗଳ ପାଇଁ ଓ ପୁତ୍ରକୁ କ୍ଷମା ଦେବାପାଇଁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ। କିନ୍ତୁ ଋଷିବାକ୍ୟ ଅନ୍ୟଥା ହେବ ନାହିଁ।

ପରୀକ୍ଷିତ ଋଷିପୁତ୍ରଙ୍କର ଅଭିଶାପ ବିଷୟ ଜାଣିବାକୁ ପାଇଲେ । ସେ ଜାଣିପାରିଲେ ଯେ ମୃତ୍ୟୁ ଆସନ୍ନପ୍ରାୟ। କିନ୍ତୁ ଏହାକୁ ସେ ଆଶୀର୍ବାଦ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଗଲେ। ଏ ଅଭିଶାପ ତାଙ୍କର ମନରେ ବୈରାଗ୍ୟ ଭାବ ଆଣିଲା। ବିଷୟ ସୁଖର ଆକର୍ଷଣ ମଉଳି ଗଲା। ସଂସାର ବନ୍ଧନରୁ ମୁକ୍ତି ପାଇବା ପାଇଁ ମନ ବ୍ୟାକୁଳ ହୋଇ ଉଠିଲା। ସେ ରାଜ୍ୟଭାର ପୁତ୍ରକୁ ଦେଇ ଗଙ୍ଗାନଦୀ କୂଳକୁ ଯାଇ ପ୍ରଥମେ ଗଙ୍ଗାରେ ସ୍ନାନ ସାରି ଅନଶନ ବ୍ରତ ଆରମ୍ଭ କରିଦେଲେ। ରାଜାଙ୍କର ଏ ବ୍ରତ ଆଚରଣ ସମ୍ବାଦ ପାଇ ବ୍ରହ୍ମର୍ଷି, ଦେବର୍ଷି ଓ ରାଜର୍ଷିଗଣ ସେଠାରେ ଉପସ୍ଥିତ ହେଲେ। ପରୀକ୍ଷିତ ଭକ୍ତିର ସହିତ ସମସ୍ତଙ୍କୁ ସ୍ୱାଗତ ଜଣାଇଲେ। ତେବେ ବିନମ୍ରତାର ସହିତ ସେ ମନୋଭାବକୁ ବ୍ୟକ୍ତ କରି କହିଲେ ଯେ ମୃତ୍ୟୁ ନିକଟବର୍ତ୍ତୀ ହେବା ସମୟରେ ମନୁଷ୍ୟ କାୟିକ ତଥା ମାନସିକ ସ୍ତରରେ କଅଣ କଲେ ତାର ପରମଗତି ପ୍ରାପ୍ତି ହେବ। ତାଙ୍କ ପାଇଁ ମାତ୍ର ସାତୋଟି ଦିନ ରହିଅଛି। ଏହାଭିତରେ ସେ କଣ କରିଲେ ମୁକ୍ତିଲାଭ କରିପାରିବେ। ଦୀର୍ଘକାଳ ସାଧନା କରିବାର ସମୟ ତାଙ୍କ ପାଖରେ ନଥିଲା। ଉପସ୍ଥିତ ମୁନିଋଷିମାନେ ଏହି ବିଷୟରେ ଚିନ୍ତା କରୁଥିବା ସମୟରେ ଶୁକଦେବ ସେଠାରେ ଆସି ଉପସ୍ଥିତ ହେଲେ। ସେ ଥିଲେ ସର୍ବଦା ଆତ୍ମସ୍ଥ ଏବଂ ବିଷୟପ୍ରତି ନିର୍ଲିପ୍ତ। ପୁନଶ୍ଚ ସେ ଥିଲେ ସମ୍ପୂର୍ଣ୍ଣ ଦିଗମ୍ବର। କିନ୍ତୁ ଏକ ଅପୂର୍ବ ଜ୍ୟୋତି ତାଙ୍କର ମୁଖମଣ୍ଡଳରୁ ପ୍ରକଟିତ ହେଉଥାଏ। ତାଙ୍କର ବୟସ ଥିଲା ମାତ୍ର ଷୋହଳ ବର୍ଷ।  ଭକ୍ତିର ସହିତ ତାଙ୍କୁ ସମସ୍ତେ ସ୍ୱାଗତ ଜଣାଇଲେ। ଶୁକଦେବ ନିଜର ଆସନ ଗ୍ରହଣ କରିବାପରେ ପରୀକ୍ଷିତ ଭକ୍ତିର ସହିତ ଉପରୋକ୍ତ ପ୍ରଶ୍ନଟି ଶୁକଦେବଙ୍କୁ ପଚାରିଥିଲେ।

ଶୁକଦେବ ଏ ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇ କହିଥିଲେ, "ହେ ପରୀକ୍ଷିତ, ଯେଉଁମାନେ ସେହି ପରମପଦ ଲାଭ କରିବାକୁ ଚାହାନ୍ତି ସେମାନେ ଶ୍ରୀହରିଙ୍କ ନାମ ରୂପ, ଲୀଳା, ଧାମ ଓ ଗୁଣ ବିଷୟ ଶ୍ରବଣ, ଚିନ୍ତନ ଓ ସ୍ମରଣ କରନ୍ତି। ଏହାଫଳରେ ତାଙ୍କର ଭଗବାନଙ୍କ ସହିତ ତଦାକାର ବୃତ୍ତି ହୋଇଯିବ ଓ ସେ ପରମାତ୍ମାଙ୍କୁ ଲାଭ କରିବେ। ମୃତ୍ୟୁ

ସମୟରେ ନାରାୟଣଙ୍କ ନାମ ସ୍ମରଣ କଲେ ମନୁଷ୍ୟ ମୁକ୍ତିଲାଭ କରେ।" ଭଗବାନ ନାରାୟଣଙ୍କ ଅବତାର ଶ୍ରୀକୃଷ୍ଣଙ୍କ ମଧୁର ଲୀଳାର ବର୍ଣ୍ଣନା ଭାଗବତରେ କରାଯାଇଅଛି। ବ୍ୟାସଦେବ ଏହାକୁ ରଚନା କରିଥିଲେ। ଶୁକଦେବ ପରୀକ୍ଷିତଙ୍କୁ ଭାଗବତର ଏହି.. କଥାମୃତକୁ ପରିବେଷଣ କରି ତାଙ୍କ ମନରୁ ମୃତ୍ୟୁ ଭୟ ଦୂର କରିଥିଲେ ଏବଂ ପରିଶେଷରେ ତାଙ୍କର ପରମଗତି ପ୍ରାପ୍ତି ହେଲା। ନିଗମରୂପୀ କଳ୍ପତରୁର ଅମୃତମୟୀ ଫଳ ହେଉଛି ଭାଗବତ। ସୁଧୀପାଠକଗଣ ଏହି ଅମୃତକୁ ଆକଣ୍ଠ ପାନ କରନ୍ତୁ। ଯଥାର୍ଥରେ କୁହାଯାଇଛି......

" ନିଗମକଳ୍ପତରୋର୍ଗଳିତଂ ଫଳଂ
ଶୁକମୁଖାଦମୃତଦ୍ରବ ସଂଯୁତମ୍,
ପିବତ ଭାଗବତଂ ରସମାଳୟଂ
ମୁହୁରହୋ ରସିକା ଭୁବିଭାବୁକାଃ"

***

# ହିରଣ୍ମୟ ପାତ୍ର

ଈଶୋପନିଷଦର ପ୍ରସିଦ୍ଧ ମନ୍ତ୍ରଟି ହେଉଛି:
"ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍
ତତ୍ ତ୍ୱଂ ପୂଷନ୍ନପାବୃଣ ସତ୍ୟ ଧର୍ମାୟ ଦୃଷ୍ଟୟେ"

ଏହାର ଅର୍ଥ ହେଉଛି ଯେ ଏକ ହିରଣ୍ମୟ (ସୁବର୍ଣ୍ଣ) ପାତ୍ର ଦ୍ୱାରା ସତ୍ୟର ମୁଖ ଅପିହିତ ବା ଆଚ୍ଛାଦିତ ହୋଇଛି। ହେ ସୂର୍ଯ୍ୟ! ତୁମେ ସେହି ପାତ୍ରଟିକୁ ଅପସାରଣ କର। ପ୍ରଫେସର ରାନାଡ଼େ A constructive survey of Upanisadic Philosophy ଗ୍ରନ୍ଥରେ ଏହାର ତାତ୍ପର୍ଯ୍ୟକୁ ବୁଝାଇବାକୁ ଯାଇ କହିଛନ୍ତି ଯେ ଏହି ପାତ୍ରର ସ୍ୱର୍ଣ୍ଣିମ ଆଭା ଆମର ଦୃଷ୍ଟିକୁ ଟାଣିନିଏ। ଫଳତଃ ଏହାର ଅନ୍ତରାଳରେ ଥିବା ସତ୍ୟକୁ ଆମେ ଉପଲବ୍ଧି କରି ପାରୁନା। ଯାହାର ମନ ବାହ୍ୟିକ ଆକର୍ଷଣରୁ ବିମୁକ୍ତ ତାରି ମନରେ ସତ୍ୟକୁ ଜାଣିବାର ପ୍ରୟାସ ଜାଗ୍ରତ ହୁଏ।

ଏହି ପରିପ୍ରେକ୍ଷୀରେ ରାମକୃଷ୍ଣ ପରମହଂସଙ୍କର ଗୋଟିଏ ଉକ୍ତି ପ୍ରଣିଧାନଯୋଗ୍ୟ। ଛୋଟ ଛୋଟ ଉଦାହରଣ ମାଧ୍ୟମରେ ଗଭୀର ଦାର୍ଶନିକ ତତ୍ତ୍ୱକୁ ବୁଝାଇବାରେ ସେ ସଫଳ ହେଉଥିଲେ। ଶିଶୁଟିଏ ଯେତେବେଳେ କାନ୍ଦିଉଠେ ମାଆ ତାର କାନ୍ଦ ବନ୍ଦକରିବାକୁ ଖେଳଣାଟିଏ ଧରାଇଦିଏ। ଶିଶୁ ଖେଳଣାଟିଏ ଧରି ମାଆକୁ ଭୁଲିଯାଏ। କିନ୍ତୁ ଯଦି ଶିଶୁ ଖେଳଣାଟିକୁ ଫିଙ୍ଗିଦିଏ ଓ କାନ୍ଦ ବନ୍ଦ କରେନି ତେବେ ମାଆତାକୁ ନିଜ କୋଳକୁ ନେଇଯାଏ। ଏ ସଂସାର ଖେଳଣାରେ ଲିପ୍ତରହି ଆମେ ପରମେଶ୍ୱରଙ୍କୁ ଭୁଲିଯାଉ। କିନ୍ତୁ ଯାହାର ମନ ଏଥିରେ ଆସକ୍ତ ହୁଏନାହିଁ ତାହାର ଭଗବତ୍ ପ୍ରାପ୍ତି ଘଟେ।

ଏଣୁ ଉପନିଷଦର ବହୁ କ୍ଷେତ୍ରରେ ଉଦାହରଣ ସହ ବୁଝାଇ ଦିଆଯାଇଛି ଯେ ଜ୍ଞାନ ପ୍ରଦାନ କରିବା ପୂର୍ବରୁ ଗୁରୁ ଶିଷ୍ୟର ମନର ନିଷ୍ଠା ବା ଏକାଗ୍ରତାକୁ ପରୀକ୍ଷା କରିଥାଅନ୍ତି। ବିଦ୍ୟାକୁ ଅପାତ୍ରରେ ଦାନ କରାଯାଏ ନାହିଁ। ଯୋଗ୍ୟଶିଷ୍ୟକୁ ଗୁରୁ ଜ୍ଞାନ ଦାନ କରିଥାଆନ୍ତି। ମନ ପ୍ରଲୋଭନର ବଶବର୍ତ୍ତୀ ହେଲେ ଜିଜ୍ଞାସା ମନରୁ ଅପସରିଯାଏ ଏବଂ ବ୍ୟକ୍ତି ଭୋଗବିଳାସ ମଧ୍ୟରେ ନିଜକୁ ହଜାଇଦିଏ। ଆଧ୍ୟାତ୍ମିକ ଜ୍ଞାନ ପାଇଁ ବୈରାଗ୍ୟ, ସଙ୍କଳ୍ପ ଓ ସାଧନ ଅପରିହାର୍ଯ୍ୟ। ଶଙ୍କରାଚାର୍ଯ୍ୟ ବ୍ରହ୍ମସୂତ୍ର ଭାଷ୍ୟରେ , "ସମଦମାଦିସାଧନ ସମ୍ପତ୍" ଏବଂ "ଭୋଗବିରାଗ" ଉପରେ ଗୁରୁତ୍ୱ ଦେଇଛନ୍ତି।

"ଉପନିଷଦ"ର ଆକ୍ଷରିକ ଅର୍ଥକୁ ଆଲୋଚନା କଲେ ଜଣାଯାଏ ଯେ ଜ୍ଞାନକୁ ଯୋଗ୍ୟ ବ୍ୟକ୍ତିକୁ ଉପଯୁକ୍ତ ପରୀକ୍ଷା କରାଯାଇ ଦାନ କରାଯାଏ। ତତ୍ତ୍ୱଜ୍ଞାନ ସମସ୍ତଙ୍କ ଦ୍ୱାରା ଉପଲବ୍ଧ ହୋଇନପାରେ। 'ଉପନିଷଦ'ର ଆକ୍ଷରିକ ଅର୍ଥ ଏହାହିଁ ପ୍ରକାଶ କରିଥାଏ। ଉପ 'ନିକଟରେ', 'ନି' ଭକ୍ତିପୂତ ଭାବରେ, 'ସଦ୍' ବସିବା। ଏଣୁ ଗୁରୁଙ୍କ ପାଖରେ ଭକ୍ତି ବା ଶ୍ରଦ୍ଧାର ସହ ବସିବା। ଯୋଗ୍ୟଶିଷ୍ୟ ଗୁରୁଙ୍କ ପାଖରେ ଶ୍ରଦ୍ଧା ବା ଭକ୍ତିର ସହ ବସନ୍ତି ଓ ଗୁରୁ ତାଙ୍କୁ ତତ୍ତ୍ୱଜ୍ଞାନ ଦେଇଥାଆନ୍ତି। 'ସଦ୍'ଶବ୍ଦର ଅନ୍ୟ ଅର୍ଥ ମଧ୍ୟ ରହିଅଛି।

ଶିଷ୍ୟ ତତ୍ତ୍ୱଜ୍ଞ ଗୁରୁଙ୍କ ନିକଟକୁ ଯାଇଥାଆନ୍ତି। 'କଠୋପନିଷଦ'ରେ ନଚିକେତାଙ୍କ ପ୍ରସଙ୍ଗର ଅବତାରଣା କରାଯାଇଛି। ତାଙ୍କର ପିତା ଯଜ୍ଞରେ ବିପୁଳ ଦାନ କରିଛନ୍ତି। ନଚିକେତା ଭାବିଛନ୍ତି ଯେ ଯେହେତୁ ପିତା ସବୁକିଛି ଦାନ କରୁଛନ୍ତି ଏବଂ ସେ ତାଙ୍କର ସବୁଠାରୁ ପ୍ରିୟ, ଏଣୁ ପିତା ତାଙ୍କୁ କାହାକୁ ଦାନ କରିବେ। ଏ ପ୍ରଶ୍ନ ପିତାଙ୍କୁ ବାରମ୍ବାର ପଚାରିଛନ୍ତି। କିନ୍ତୁ ପିତା କଣ ପୁତ୍ରକୁ ଦାନ କରନ୍ତି? ତେଣୁ ପିତା ବିରକ୍ତିରେ କହିଦେଇଛନ୍ତି ଯେ ଯମଙ୍କୁ ସେ ତାଙ୍କୁ ଦାନ କରିଛନ୍ତି। ଏହାକୁ ସତ୍ୟ ମନେକରି ନଚିକେତା ଯମଙ୍କ ଭବନରେ ପହଞ୍ଚିଛନ୍ତି। ମାତ୍ର ଯମ ଅନୁପସ୍ଥିତ। ତିନି ଦିନ ପରେ ସେ ଫେରିଛନ୍ତି। ଏହି ତିନିଦିନ କାଳ ନଚିକେତା କୌଣସି ଖାଦ୍ୟ ଗ୍ରହଣ କରିନାହାନ୍ତି।

ଯମ ଗୃହକୁ ଫେରି ଏହା ଶୁଣି ଅନୁତପ୍ତ ହୋଇଛନ୍ତି। ଅତିଥି ଅଭୁକ୍ତ ରହିବା ଏକ ପାପ। ଏଣୁ ଏହାର ପ୍ରାୟଶ୍ଚିତ ସ୍ୱରୂପ ସେ ନଚିକେତାଙ୍କୁ ତିନିଗୋଟି ବର ମାଗିବା ପାଇଁ ଅନୁରୋଧ କରିଛନ୍ତି। ନଚିକେତା ପ୍ରଥମ ବରରେ ମାଗିଛନ୍ତି ଯେ ତାଙ୍କର ପିତା ତାଙ୍କ ଉପରେ ସନ୍ତୁଷ୍ଟ ହୁଅନ୍ତୁ। ପୂର୍ବପରି ସ୍ନେହ କରନ୍ତୁ। ତାଙ୍କ ମନ ଶାନ୍ତ ରହୁ, ଦ୍ୱିତୀୟ ବର ସେ ଅଗ୍ନିଙ୍କ ଆରାଧନା ବିଷୟରେ ମାଗିଛନ୍ତି। ଯମ ଏଦୁଇଟି ବର ତତ୍କ୍ଷଣାତ୍ ପ୍ରଦାନ କରିଛନ୍ତି। ମାତ୍ର ତୃତୀୟଟି ଅତି ଜଟିଳ। ନଚିକେତା ଜାଣିବାକୁ ଚାହିଁଛନ୍ତି ଯେ ମୃତ୍ୟୁପରେ ଆତ୍ମାର କଅଣ ଘଟେ? ଅନ୍ୟଭାବରେ କହିବାକୁ ଗଲେ ସେ ଆତ୍ମଜ୍ଞାନର ପ୍ରାର୍ଥୀ ହେଲେ। ଏଭଳି ବର ମାଗିବାକୁ ଯମ ତାଙ୍କୁ ପ୍ରଥମେ ନିଷେଧ କରିଛନ୍ତି। ଏହାତ ଦେବତାଗଣ ଜାଣି ନାହାନ୍ତି। ସେ ସାମାନ୍ୟ ବାଳକ। ଏଣୁ ସେ ଏହା କିଭଳି ଜାଣିବେ। ମାତ୍ର ନଚିକେତା ପ୍ରାର୍ଥନାରେ ଅଟଳ ରହିଛନ୍ତି। ଏହାପରେ ଯମ ତାଙ୍କ ମନ ଭୁଲାଇବାକୁ ଯାଇ ତାଙ୍କୁ ପ୍ରଲୋଭନ ଦେଖାଇଛନ୍ତି ବିଭିନ୍ନ ଭାବରେ। ସ୍ୱର୍ଗର ସକଳ ଐଶ୍ୱର୍ଯ୍ୟ ତାଙ୍କର ପ୍ରାପ୍ତି ହେବ ମାତ୍ର ଏଭଳି ପ୍ରଶ୍ନରୁ ସେ ନିବୃତ୍ତ ରହନ୍ତୁ। ମାତ୍ର ନଚିକେତା ଥିଲେ ଜଣେ ସଂଯମୀ ବାଳକ। ଜ୍ଞାନଲାଭ ପାଇଁ ଥିଲା ପ୍ରବଳ ଇଚ୍ଛା। ମନରେ ଥିଲା ଦୃଢ଼ ସଙ୍କଳ୍ପ। ହିରଣ୍ମୟ ପାତ୍ରର ସ୍ୱର୍ଣ୍ଣିମା ଆଭା ତାଙ୍କ ମନକୁ ବିମୋହିତ କରି ପାରିନାହିଁ। ଫଳତଃ ଯମ

ତାଙ୍କୁ ଏ ଚରମ ରହସ୍ୟ ଭେଦ କରିବାର ମାର୍ଗ ବତାଇ ଦେବା ଦ୍ୱାରା ଆତ୍ମଜ୍ଞାନ ଲାଭ କରିବାରେ ସେ ସଫଳ ହୋଇଛନ୍ତି।

ସେହିଭଳି ବୃହଦାରଣ୍ୟକ ଉପନିଷଦରେ ଯାଜ୍ଞବଲ୍କ୍ୟ ଓ ମୈତ୍ରେୟୀଙ୍କ ପ୍ରସଙ୍ଗର ଅବତାରଣା କରାଯାଇଛି। ଯାଜ୍ଞବଲ୍କ୍ୟ ବାନପ୍ରସ୍ଥ ପାଇଁ ସିଦ୍ଧାନ୍ତ ନେଇ ତାଙ୍କର ଦୁଇପତ୍ନୀ ମୈତ୍ରେୟୀ ଓ କାତ୍ୟାୟନୀଙ୍କ ମଧ୍ୟରେ ସମସ୍ତ ସମ୍ପତ୍ତି ବାଣ୍ଟିବାକୁ ଇଚ୍ଛା କରିଛନ୍ତି। ମୈତ୍ରେୟୀଙ୍କୁ ତାଙ୍କର ସଂମ୍ପତ୍ତି ନେବାପାଇଁ ଅନୁରୋଧ କରିବାରୁ ସେ ପ୍ରଶ୍ନ କରିଛନ୍ତି ଯେ ଏ ସମ୍ପତ୍ତି ତାଙ୍କୁ ଅମରତ୍ୱ ଦେଇପାରିବକି ? ଯଦି ଏହା ସମ୍ଭବ ନ ହୁଏ ତେବେ ଏହାର ଅଧିକାରିଣୀ ହୋଇ କି ଲାଭ ଅଛି। ତାଙ୍କର ମନର ଅଭିଳାଷ, ପାର୍ଥିବ ସଂପଦ ପ୍ରତି ବିମୁଖତା ଓ ବୈରାଗ୍ୟ ଲକ୍ଷକରି ଓ ତାଙ୍କର ଯୋଗ୍ୟତା ବିଷୟରେ ନିଶ୍ଚିତ ହୋଇ ଯାଜ୍ଞବଲ୍କ୍ୟ ତାଙ୍କୁ ଆତ୍ମଜ୍ଞାନ ଦେଇଥିଲେ। ସେ ଯଥାର୍ଥରେ କହିଥିଲେ, 'ଆତ୍ମା ବା ଅରେ ଦ୍ରଷ୍ଟବ୍ୟଃ, ଶ୍ରୋତବ୍ୟୋ ମନ୍ତବ୍ୟୋ ନିଦିଧ୍ୟାତିତବ୍ୟୋ ମୈତ୍ରେୟି' ଆତ୍ମା ଅନୁଭବର ବିଷୟ, ଶୁଣିବାର ବିଷୟ, ଚିନ୍ତା କରିବାର ବିଷୟ ଓ ଚିନ୍ତାକରି ବୁଝିବାର ବିଷୟ।

ଉପନିଷଦ ଅଧ୍ୟୟନ କଲେ ଜଣାଯାଏ ଆତ୍ମଜ୍ଞାନ ଥିଲା ଏହାର ମୂଳଲକ୍ଷ୍ୟ। ଭାବିଲେ ଆଶ୍ଚର୍ଯ୍ୟଲାଗେ ଯେ ଯେତେବେଳେ ମାନବଜାତି ଅଜ୍ଞାନର ତମିସ୍ରାରେ ଆଚ୍ଛନ୍ନ ଥିଲା ଠିକ୍ ସେହି ସମୟରେ ଆର୍ଯ୍ୟମାନସରେ ଏଭଳି ଅଦ୍ଭୁତ ଆଧ୍ୟାତ୍ମିକ ଉନ୍ମେଷ ଘଟିଥିଲା। ବୈଦିକ ଯୁଗରେ ବ୍ୟକ୍ତି କର୍ମକାଣ୍ଡରେ ଲିପ୍ତରହି ବାହ୍ୟଚେତନାକୁ ଆଧାର ଭାବରେ ଗ୍ରହଣ କରିବାବେଳେ ଉପନିଷଦ୍ ଯୁଗରେ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ମୁଖୀ ହୋଇଉଠିଛି। ଜୀବ ଓ ପରମ, ଜୀବାତ୍ମା ଓ ପରମାତ୍ମାଙ୍କର ଅଭିନ୍ନତାକୁ ସ୍ୱୀକାର କରିଛି। ମହାବାକ୍ୟ ଗୁଡ଼ିକ ଯଥା 'ତତ୍ତ୍ୱମସି', 'ଅହଂବ୍ରହ୍ମାସ୍ମି' ପ୍ରଭୃତି ତାହାର ପ୍ରମାଣ।

ଉପନିଷଦମାନଙ୍କରେ ପରମ ସତ୍ୟର ଅନୁଭବ ବା ଉପଲବ୍ଧି ପାଇଁ ପ୍ରବଳ ପ୍ରୟାସ ଓ ଚେତନାର ଉତ୍ତରଣ ଆର୍ଯ୍ୟମାନସର ଏକ ବିପୁଳ ସମ୍ଭାର। ଜାଗତିକ ବସ୍ତୁ ପରିବର୍ତ୍ତନଶୀଳ। କିନ୍ତୁ ଏହି ପରିବର୍ତ୍ତନଶୀଳ ଜଗତର ଅନ୍ତରାଳରେ ରହିଛି ଶାଶ୍ୱତ ଚିରନ୍ତନ ସତ୍ୟ ଯାହାର ପ୍ରତ୍ୟକ୍ଷାନୁଭୂତି ଜୀବନର ଲକ୍ଷ୍ୟ। ଏହାକୁ ଅନୁଭବ ନକଲେ ଜୀବନ ସାର୍ଥକ ହୁଏନାହିଁ। କିନ୍ତୁ ଏଥିପାଇଁ ଜୀବନ ହେବ ସାଧନାମୟ। ପ୍ରାରମ୍ଭିକ ପ୍ରସ୍ତୁତି ପାଇଁ ମାନବିକ ମୂଲ୍ୟବୋଧ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସତ୍ୟ, ନିଷ୍ଠା, ତ୍ୟାଗ ଓ ସହିଷ୍ଣୁତା ଓ ଏଥିପ୍ରତି ପ୍ରତିବଦ୍ଧତା ଜୀବନରେ ଅପରିହାର୍ଯ୍ୟ ମନେହୁଏ।

ଜର୍ମାନ୍ ଦାର୍ଶନିକ ସୋପନହର ମାନସିକ ଅବସାଦରେ ଗତିକରି ମୃତ୍ୟୁକୁ ଶ୍ରେୟସ୍କର ମନେ କରୁଥିଲେ। ହଠାତ୍ ଉପନିଷଦ ପଢ଼ିବାର ସୁଯୋଗ ଲାଭକଲେ। ଏହା ଅଧ୍ୟୟନ କରି ଏଭଳି ଆନନ୍ଦ ଅନୁଭବ କଲେଯେ ଜୀବନରେ ତାଙ୍କର ଘଟିଲା ଏକ

ଅଦ୍ଭୁତ ପରିବର୍ତ୍ତନ। ଆଧ୍ୟାତ୍ମିକ ଜଗତର ଶ୍ରେଷ୍ଠ ସମ୍ଭାର ବୋଲି ଏହାକୁ ମନେକଲେ। ତାଙ୍କ ମତରେ ଏହା ଜୀବନ ଓ ମରଣର ପାଥେୟ ତଥା ସାନ୍ତ୍ୱନା।

ପରିଶେଷରେ 'ଈଶୋପନିଷଦ'ର ଏହି ପବିତ୍ର ମନ୍ତ୍ରଟି ଉଦ୍‌ଘୋଷଣା କରୁଛି ଯେ ସତ୍ୟ ବା ବର୍ତ୍ତମାନର ପରିପ୍ରେକ୍ଷୀରେ 'କର୍ତ୍ତବ୍ୟ' ପଥରେ ଅଗ୍ରସର ହେଲାବେଳେ ପ୍ରଲୋଭନ ପ୍ରତି ସଚେତନ ରହିବାକୁ। କର୍ତ୍ତବ୍ୟର ଯଥାର୍ଥ ସମ୍ପାଦନ କ୍ଷେତ୍ରରେ ପ୍ରଲୋଭନ ଏବଂ ଆଳସ୍ୟ ହେଉଛି ପ୍ରଥମ ବାଧକ। ଆମେ ସଜାଗ ନ ରହିଲେ ନୈତିକତା ହରାଇବା ଓ ଆମର ଅଧୋପତନ ଘଟିବ। ଆଜି ଦେଶର ଉପର ସ୍ତରରେ ଯେଉଁସବୁ ଦୁର୍ନୀତି ଘଟୁଅଛି ଓ ଯାହାଦ୍ୱାରା ଦେଶର ପ୍ରଭୂତ କ୍ଷତି ଘଟୁଛି ତାହାର ମୂଳ କାରଣ ହେଉଛି ଯେ ଆମେ ପ୍ରଲୋଭନର ଶିକାର ହୋଇଯାଉଛୁ। ଏଥିରୁ ମନକୁ ମୁକ୍ତରଖିବା ପାଇଁ ଉପନିଷଦ ଆମକୁ ଆହ୍ୱାନ କରୁଛି।

✡✡✡

# ଶଙ୍କରଙ୍କ ଜନ୍ମ ଓ ବାଲ୍ୟକାଳ

ସନାତନ ଧର୍ମ ଘୋର ସଙ୍କଟ ମଧ୍ୟରେ ଗତି କରୁଥିଲା । ମନେ ହେଉଥିଲା ସତେ ଯେପରି ଏହାର ଗୌରବ ରବି ଅସ୍ତମିତ ହୋଇଯିବ । ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଶଙ୍କର ଏହାକୁ ଜୀବନ୍ୟାସ ଦେଲେ ଏବଂ ଏହାର ଭିତ୍ତିଭୂମିକୁ ସଦୃଢ଼ କରିଦେଲେ । ସ୍ୱଳ୍ପ ଜୀବନକାଳ ମଧ୍ୟରେ ତାଙ୍କର ଅନନ୍ୟ କୃତି ଓ ଅଲୌକିକ ପ୍ରତିଭା ଆମକୁ ବିସ୍ମିତ କରେ । ସେ ଥିଲେ ଜଣେ ଅବତାର ପୁରୁଷ । ତାଙ୍କର ଆବିର୍ଭାବ ଓ ଧରାପୃଷ୍ଠରୁ ବିଦାୟ ଉଭୟ ଥିଲା ରହସ୍ୟାଚ୍ଛନ୍ନ । ତେବେ ଗବେଷକଗଣ କେତେକାଂଶରେ ଏ ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇଛନ୍ତି ।

କେରଳର କୋଚିନ ଶୋରାନୁର ରେଳପଥ ଉପରେ ଆଲବାଇ ନାମକ ଗୋଟିଏ ଷ୍ଟେସନ ଅଛି । ସେହି ଷ୍ଟେସନର ଦକ୍ଷିଣରେ ପାଞ୍ଚଛଅ ମାଇଲ ଦୂରରେ କାଲଟି ଗ୍ରାମଟି ଅବସ୍ଥିତ । କେହି କେହି ଏହାକୁ କାଲାଡ଼ି ବୋଲି ଡାକନ୍ତି । ଏହି ଗ୍ରାମ ନିକଟରେ ପୂର୍ଣ୍ଣାନଦୀ ପ୍ରବାହିତ । ସେହି ଗ୍ରାମରେ ଏକ ଧର୍ମପ୍ରାଣ ନାମ୍ବୁଦରୀ ବ୍ରାହ୍ମଣ ଦମ୍ପତି ବାସ କରୁଥିଲେ । ସେମାନେ ହେଲେ ଶିବଗୁରୁ ଓ ତାଙ୍କର ପତ୍ନୀ ସତୀ । କେତେକ ପୁସ୍ତକରେ ତାଙ୍କ ନାମ ଲେଖାଯାଇଛି ବିଶିଷ୍ଟା ବୋଲି । ମାତ୍ର ଏବେ ସେଠାରେ ଯେଉଁ ଅନୁଷ୍ଠାନ ଗଢ଼ିଉଠିଛି ସେଥିରେ ଲେଖା ଯାଇଛି ଆର୍ଯ୍ୟାମ୍ବା ବୋଲି । ଶିବଗୁରୁଙ୍କ ପିତାଙ୍କ ନାମଥିଲା ବିଦ୍ୟାଧିରାଜ । କେରଳର ତତ୍‌କାଳୀନ ରାଜା ଚନ୍ଦ୍ରମୌଳୀଙ୍କର ପୂଜା ଆରାଧନା କରିବା ପାଇଁ ତାଙ୍କୁ କିଛି ବୃତ୍ତିବାଡ଼ି ଦେଇଥିଲେ । ବେଦ ଅଧ୍ୟୟନ ଓ ପୂଜାର୍ଚ୍ଚନା ଏହି ପରିବାରର ଥିଲା ମୁଖ୍ୟକାର୍ଯ୍ୟ । ପୁତ୍ର ଶିବଗୁରୁ ଥିଲେ ପିତାଙ୍କର ଯୋଗ୍ୟ ସନ୍ତାନ ଓ ସୁପଣ୍ଡିତ । ମାତ୍ର ଗୁରୁଗୃହରେ ଅଧ୍ୟୟନ ସମାପ୍ତି ପରେ ତାଙ୍କ ମନରେ ବୈରାଗ୍ୟଭାବ ଆସିଗଲା ଓ ବିବାହ କରିବାକୁ ସେ ଇଚ୍ଛା କଲେନାହିଁ । ତେବେ ସେ ଥିଲେ ପିତୃଭକ୍ତ । ଏଣୁ ପିତା ବାଧ୍ୟକରିବାରୁ ନିକଟସ୍ଥ ଗ୍ରାମର ମଘପଣ୍ଡିତଙ୍କ କନ୍ୟା ସତୀଙ୍କୁ ସେ ବିବାହ କଲେ । ଏହି ବ୍ରାହ୍ମଣ ଦମ୍ପତି ପରସ୍ପର ପ୍ରତି ଅନୁରକ୍ତ ରହି ପବିତ୍ର ଗାର୍ହସ୍ଥ୍ୟ ଜୀବନଯାପନ କରୁଥିଲେ । କିନ୍ତୁ ସେମାନେ ବହୁଦିନ ଧରି ନିସନ୍ତାନ ହୋଇ ରହିବାରୁ ମନରେ ଗଭୀର ଦୁଃଖ ଅନୁଭବ କରୁଥିଲେ । ପରିଶେଷରେ ସନ୍ତାନ କାମନା କରି ନିକଟବର୍ତ୍ତୀ ଚନ୍ଦ୍ରମୌଳୀଶ୍ୱର ମହାଦେବ ମନ୍ଦିରରେ ଶିବଙ୍କର ଆରାଧନାରେ ନିମଗ୍ନ ରହିଲେ । ପତିପତ୍ନୀଙ୍କର ଦୃଢ଼ଭକ୍ତି, ନିଷ୍ଠା ଏବଂ କଠୋର ସାଧନାରେ ପ୍ରସନ୍ନ ହୋଇ ଭଗବାନ ଶିବ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ପଚାରିଲେ ଯେ ସେମାନେ ପ୍ରକୃତରେ କିଭଳି ପୁତ୍ର

ରହୁଁଥିଲେ। ଗୋଟିଏ ଦୀର୍ଘାୟୁ ମୂର୍ଖପୁତ୍ର ନା ସ୍ୱଳ୍ପାୟୁ ଅତି ଯୋଗ୍ୟ ପୁତ୍ରଟିଏ। ଶିବଗୁରୁ ଉତ୍ତର ଦେଇଥିଲେ ଯେ ତାଙ୍କର ଯୋଗ୍ୟ ପୁତ୍ରଟିଏ ହେଉ ବରଂ ସେ ସ୍ୱଳ୍ପାୟୁ ହୋଇପାରେ। ପ୍ରଭୁ ସଦାଶିବଙ୍କ ପ୍ରସାଦରୁ ବୈଶାଖ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଧ୍ୟାହ୍ନ ସମୟରେ ଶଙ୍କର ସତୀଙ୍କ ଗର୍ଭରୁ ଜନ୍ମ ହୋଇଥିଲେ।

ଶଙ୍କରଙ୍କ ଜନ୍ମକାଳ ସମ୍ପର୍କରେ ବିଭିନ୍ନ ମତ ରହିଥିଲେ ମଧ୍ୟ ମାକ୍ସ ମୁଲାରଙ୍କ ମତ ଯାହା ଡଃ ରାଧାକ୍ରିଷ୍ଣନଙ୍କ ଦ୍ୱାରା ସମର୍ଥିତ ତାହା ଅଧିକ ଯୁକ୍ତି ଯୁକ୍ତ ମନେହୁଏ। ଏହି ମତ ଅନୁଯାୟୀ ତାଙ୍କର ଜୀବନକାଳ ୭୮୮ ଖ୍ରୀଷ୍ଟାବ୍ଦରୁ ୮୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ। ଶୈଶବରୁ ଶଙ୍କରଙ୍କର ଅସାଧାରଣ ପ୍ରତିଭାର ଉନ୍ମେଷ ଘଟିଥିଲା। ତାଙ୍କର ଅଲୌକିକ ପ୍ରତିଭାକୁ ଲକ୍ଷ୍ୟକରି କୁହାଯାଇଛି ଯେ–

**'ଅଷ୍ଟବର୍ଷେ ଚତୁର୍ବେଦାନ୍ ଦ୍ୱାଦଶେ ସର୍ବଶାସ୍ତ୍ରକୃତ୍**
**ଷୋଡଶେ କୃତବାନ୍ ଭାଷ୍ୟଂ ଦ୍ୱାତ୍ରିଂଶେ ମୁନିରଭ୍ୟଗାତ୍'**

ଆଠବର୍ଷ ମଧ୍ୟରେ ଚାରିବେଦ ଅଧ୍ୟୟନ କରିଥିଲେ। ବାରବର୍ଷ ମଧ୍ୟରେ ସକଳ ଶାସ୍ତ୍ର ରଚନା କରିଥିଲେ। ଷୋଡ଼ଶ ବର୍ଷ ମଧ୍ୟରେ ଭାଷ୍ୟ ରଚନା କରିଥିଲେ ଏବଂ ବତିଶ ବର୍ଷରେ ଧରାଧାମ ତ୍ୟାଗ କରିଥିଲେ।

ଶଙ୍କରଙ୍କୁ ଯେତେବେଳେ ମାତ୍ର ତିନିବର୍ଷ ବୟସ ହୋଇଥିଲା ତାଙ୍କର ପିତୃବିୟୋଗ ହେଲା। ଏହି ପିତୃହୀନ ସନ୍ତାନ ଉପରେ ମାଆ ସମସ୍ତ ସ୍ନେହ ଅଜାଡ଼ି ଦେଇଥିଲେ। ତେବେ ପାଞ୍ଚବର୍ଷ ବୟସରେ ତାହାଙ୍କର ଉପନୟନ କରିବାକୁ ଗଲେ। ତାଙ୍କର ଅସାଧାରଣ ପ୍ରତିଭା ଦେଖି ଗୁରୁ ବିସ୍ମିତ ହୋଇ ଯାଉଥିଲେ। ସ୍ୱଳ୍ପକାଳ ମଧ୍ୟରେ ସେ ସକଳ ଶାସ୍ତ୍ରକୁ ଆୟତ୍ତ କରିପାରିଲେ। ଏହି ସମୟରେ ଏକ ଅଲୌକିକ ଘଟନା ଘଟିଥିଲା। ବ୍ରହ୍ମଚାରୀ ଶଙ୍କର ଭିକ୍ଷା ଉଦ୍ଦେଶ୍ୟରେ ଯାଇ ଜଣେ ଗୃହସ୍ଥର ଦ୍ୱାରରେ ଉପସ୍ଥିତ ହେଲେ। କିନ୍ତୁ ଏ ପରିବାରଟି ଉତ୍କଟ ଦାରିଦ୍ର୍ୟ ଭିତରେ ନିପୀଡ଼ିତ ହୋଇଥିଲା। ଗୃହସ୍ଥର ପତ୍ନୀ ଏହି ସୁକୁମାର ବ୍ରହ୍ମଚାରୀଙ୍କୁ କିଛି ଦେଇନପାରି ଦୁଃଖରେ ଦୀର୍ଘଶ୍ୱାସ ପକାଇଥିଲେ। ତେବେ ଘରେଥିବା ଗୋଟିଏ ଅଁଳାଫଳ ମାତ୍ର ଦେଇଥିଲେ। ତାଙ୍କର ପ୍ରାଣର ବେଦନାକୁ ଅନୁଭବ କରି ଶଙ୍କର ତତ୍କ୍ଷଣାତ୍ ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ସ୍ତୋତ୍ର ରଚନା କରି ଗାନ କରିଥିଲେ। ଏହାର ନାମ 'କନକଧାରା ସ୍ତୋତ୍ର'। ମହାଲକ୍ଷ୍ମୀ ତାଙ୍କ ଭକ୍ତିରେ ପ୍ରସନ୍ନା ହୋଇ ଏ ପରିବାରକୁ ଆଶୀର୍ବାଦ କଲା ଫଳରେ ତାଙ୍କର ଦୁଃଖ ଦୂର ହୋଇଥିଲା।

ଗୁରୁଗୃହରେ ଶଙ୍କର ଦୁଇବର୍ଷ ଅଧ୍ୟୟନ କରିଥିଲେ। ଗୁରୁ ତାଙ୍କର ସୀମିତ ଜ୍ଞାନରେ ଶଙ୍କରଙ୍କର ଜ୍ଞାନପିପାସାକୁ ପୂର୍ଣ୍ଣଭାବରେ ତୃପ୍ତ କରିପାରିନଥିଲେ। ଏହାପରେ ଶଙ୍କର ଗୃହକୁ ଫେରି ଆସିଥିଲେ ଏବଂ ମାତୃ ସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ

କଲେ। ଜନଶ୍ରୁତିରେ ଅଛି ଯେ କୌଣସି ଏକ ମଧ୍ୟାହ୍ନ ସମୟରେ ତାଙ୍କର ମାତା ନଦୀରେ ସ୍ନାନସାରି ଗୃହକୁ ଫେରୁଥିଲେ। ତାଙ୍କର ଶରୀର ବିଭିନ୍ନ ବ୍ରତ ଓ ଉପବାସ ଫଳରେ ଦୁର୍ବଳ ହୋଇ ଯାଇଥିଲା। ମଧ୍ୟାହ୍ନର ପ୍ରଚଣ୍ଡ ସୂର୍ଯ୍ୟୋତ୍ତାପ ସହ୍ୟ କରି ନପାରି ପଥ ମଧ୍ୟରେ ମୂର୍ଚ୍ଛିତା ହୋଇ ପଡ଼ିଗଲେ।। ଶଙ୍କର ଗ୍ରାମବାସୀଙ୍କ ସାହାଯ୍ୟରେ ତାଙ୍କୁ ଗୃହକୁ ନେଇଗଲେ। ଉପଚାର ଫଳରେ ସେ ସୁସ୍ଥ ଅନୁଭବ କଲେ। କିନ୍ତୁ ମାତୃଭକ୍ତ ଶଙ୍କରଙ୍କୁ ଏହା ଗଭୀର ଆଘାତ ଦେଇଥିଲା। ଶୁଣାଯାଏ ସେ ଭକ୍ତିତଦ୍‌ଗତ ଚିତ୍ତରେ ନଦୀକୁ ବନ୍ଦନା କରି ତାହାର ପଥ ପରିବର୍ତ୍ତନ କରିପାରିଥିଲେ।

ଶଙ୍କରଙ୍କ ଅଲୌକିକ ପ୍ରତିଭା ବିଷୟ ଜାଣିବାକୁ ପାଇ କେରଳର ତତ୍‌କାଳୀନ ରାଜା ରାଜଶେଖର ଉପଢୌକନ ସହିତ ମନ୍ତ୍ରୀଙ୍କୁ ତାଙ୍କ ଗୃହକୁ ପଠାଇ ରାଜପ୍ରାସଦକୁ ଆସିବାକୁ ନିମନ୍ତ୍ରଣ କଲେ। ମାତ୍ର ଶଙ୍କର ଏ ନିମନ୍ତ୍ରଣକୁ ରକ୍ଷା ନକରି କହିଥିଲେ ଯେ ଜଣେ ବ୍ରହ୍ମଚାରୀ ପକ୍ଷରେ ଏସବୁ ଗ୍ରହଣୀୟ ନୁହେଁ। ବେଦ ଅଧ୍ୟୟନ ଓ ଶାସ୍ତ୍ରାଲୋଚନା ତାଙ୍କ ଜୀବନର ବ୍ରତ। ପରିଶେଷରେ ଶଙ୍କରଙ୍କୁ ଦେଖା କରିବାକୁ ରାଜା ନିଜେ ଆସିଥିଲେ। ତାଙ୍କ ରଚିତ ପୁସ୍ତକ ସଙ୍ଗରେ ମଧ୍ୟ ଆଣିଥିଲେ। ଶଙ୍କର ଏହାକୁ ପଢ଼ି ରାଜାଙ୍କୁ ଏଥିପାଇଁ ପ୍ରୋତ୍ସାହନ ଦେଇଥିଲେ। ରାଜା ସଙ୍ଗରେ ଯେଉଁ ସ୍ୱର୍ଣ୍ଣମୁଦ୍ରା ଆଣିଥିଲେ ତାହା ଦରିଦ୍ରମାନଙ୍କ ମଧ୍ୟରେ ବଣ୍ଟା ଯାଇଥିଲା। ଶୁଣାଯାଏ ଯେ ରାଜା ନିଃସନ୍ତାନ ଥିଲେ। ଶଙ୍କର ସନ୍ତାନ ପାଇଁ ତାଙ୍କୁ ଆଶୀର୍ବାଦ କରିଥିଲେ।

ଏହାର କିଛିଦିନ ପରେ କେତେକ ଜ୍ୟୋତିଷ ତାଙ୍କ ଗୃହକୁ ଆସିଥିଲେ। ତାଙ୍କ ମାଆ ଶଙ୍କରଙ୍କ ପରମାୟୁ ବିଷୟରେ ସେମାନଙ୍କୁ ପଚାରିଥିଲେ। ସେମାନେ ଉତ୍ତର ଦେଲେ ଯେ ତାଙ୍କର ପ୍ରକୃତ ପରମାୟୁ ଷୋହଳ ବର୍ଷ। ମାତ୍ର କୌଣସି କାରଣରୁ ଏହା ଷୋହଳ ବର୍ଷ ବଢ଼ି ବତିଶ ବର୍ଷ ହୋଇଯିବ। ଏହା ଶୁଣି ତାଙ୍କର ମାଆ ଦୁଃଖରେ ଭାଙ୍ଗି ପଡ଼ିଲେ। ମାତ୍ର ଶଙ୍କର ତାଙ୍କୁ ପ୍ରବୋଧନ ଦେଇ କହିଲେ ଯେ ଏ ଜୀବନ ନଶ୍ୱର। ଏଥିପାଇଁ ଶୋକ କରିବା ଉଚିତ ନୁହେଁ। ଏହି ଘଟନା ପରେ ଶଙ୍କରଙ୍କ ମନରେ ବୈରାଗ୍ୟଭାବ ଘନୀଭୂତ ହେଲା। ସେ ସନ୍ନ୍ୟାସ ଗ୍ରହଣ କରି ସଂସାର ତ୍ୟାଗ କରିବାକୁ ଇଚ୍ଛାକଲେ। ମାତ୍ର ତାଙ୍କ ମାଆ ଏହା ଶୁଣି ଦୁଃଖରେ ବିଳାପ କରିବାକୁ ଲାଗିଲେ। ଶଙ୍କର ମାଆଙ୍କ ପ୍ରାଣରେ ଦୁଃଖ ଦେବାକୁ ଇଚ୍ଛା କରୁନଥିଲେ। ଏଣୁ ସେ ମନର ଭାବକୁ ପ୍ରକାଶ ନକରି ନୀରବରେ ରହିଲେ।

ଏହି ସମୟରେ ଏକ ବିଚିତ୍ର ଘଟନା ଘଟିଗଲା। ଶଙ୍କର ପୂର୍ଣ୍ଣାନଦୀରେ ସ୍ନାନ କରିବା ସମୟରେ ଏକ ଭୟଙ୍କର କୁମ୍ଭୀର ତାଙ୍କର ପାଦକୁ ଧରି ଗଭୀର ନଦୀ ମଧ୍ୟକୁ ଟାଣିବାକୁ ଲାଗିଲା। ଶଙ୍କର ଚିତ୍କାର କରିବାକୁ ଲାଗଲେ। ମାଆ କୂଳ ଦେଶରେ ରହିଥିଲେ। ଏଦୃଶ୍ୟ ଦେଖି ସେ ଶଙ୍କରଙ୍କ ରକ୍ଷାପାଇଁ ଚିତ୍କାର କଲେ ଓ ଦୁଃଖରେ

ପ୍ରଳାପ କଲେ। ଶଙ୍କର କହିଲେ ଯେ ଯଦି ମାଆ ତାଙ୍କୁ ସନ୍ନ୍ୟାସ ଗ୍ରହଣପାଇଁ ଅନୁମତି ଦେଇଦେବେ ତେବେ ଏ କୁମ୍ଭୀର ତାଙ୍କୁ ମୁକ୍ତି ଦେଇଦେବ। ଶଙ୍କରଙ୍କ ଜନନୀ ଭାବିଲେ ପୁଅ ପଛେ ସନ୍ନ୍ୟାସୀ ହେଉ କିନ୍ତୁ ବଞ୍ଚିଥାଉ। ବଞ୍ଚିଥିଲେ ହୁଏତ ସେ ପୁଅକୁ କେବେ ଦେଖିପାରିବେ। ମାଆ ସନ୍ନ୍ୟାସୀ ହେବାପାଇଁ ଅନୁମତି ଦେଇଦେଲେ। ଆଶ୍ଚର୍ଯ୍ୟର କଥା କୁମ୍ଭୀର ନିଜ ପାଶରୁ ଶଙ୍କରଙ୍କୁ ମୁକ୍ତିଦେଇ ଗଭୀର ଜଳ ମଧ୍ୟକୁ ଚାଲିଗଲା। ମାଆଙ୍କର ଅନୁମତି ନେଇ ଶଙ୍କର କସାୟ ବସ୍ତ୍ର ପରିଧାନକରି ଏବଂ ହସ୍ତରେ ଦଣ୍ଡ କମଣ୍ଡଳୁ ଧରି ସନ୍ନ୍ୟାସୀ ବେଶରେ ଗୁରୁ ଅନ୍ୱେଷଣରେ ବାହାରି ପଡ଼ିଲେ। ଦୁଃଖରେ ମାଆଙ୍କ ହୃଦୟ ବିଦୀର୍ଣ୍ଣ ହୋଇପଡ଼ିଲା। ତେବେ ବିଦାୟ ବେଳରେ ସେ ମାଆଙ୍କ ପାଖରେ ଏହି ଶପଥ କରିଥିଲେ ଯେ ଜୀବନର ଅନ୍ତିମ ଅବସ୍ଥାରେ ସେ ସ୍ମରଣ କରିବା ମାତ୍ରକେ ଶଙ୍କର ତାଙ୍କ ନିକଟରେ ଉପସ୍ଥିତ ହେବେ।

ଶଙ୍କର ଗୁରୁ ଅନ୍ୱେଷଣରେ ତାଙ୍କର ଦୀର୍ଘଯାତ୍ରା ଆରମ୍ଭ କଲେ। ତାଙ୍କୁ ମାତ୍ର ଆଠବର୍ଷ ହୋଇଥିଲା। ଥରେ ଯାତ୍ରା ପଥରେ ପ୍ରଚଣ୍ଡ ରୌଦ୍ରତାପରେ କ୍ଳାନ୍ତ ହୋଇପଡି ଗୋଟିଏ ବୃକ୍ଷ ମୂଳରେ ବିଶ୍ରାମ ନେଉଥିବା ସମୟରେ ସେ ଏକ ଅପୂର୍ବ ଘଟନା ଦେଖିଲେ। ସେ ଦେଖିଲେ ଏକ ନାଗସାପ ତାହାର ଫଣା ଟେକି ଛୋଟ ଛୋଟ ବେଙ୍ଗଛୁଆଙ୍କୁ ରୌଦ୍ରତାପରୁ ରକ୍ଷା କରୁଛି। ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ। ଏ ସ୍ଥାନର ଏଭଳି କିଛି ମାହାତ୍ମ୍ୟ ରହିଛି ଯାହା ଫଳରେ ସର୍ପ ମଧ୍ୟରେ ବି କୋମଳତା ଆସୁଅଛି। ସର୍ପ ଯାହାକୁ ଭକ୍ଷଣ କରିବା କଥା ତାକୁ ରକ୍ଷା କରୁଛି। ଜଣେ ସନ୍ନ୍ୟାସୀଙ୍କଠାରୁ ସେ ବୁଝିଲେ ଏଠାରେ ରୁଷ୍ୟଶୃଙ୍ଗ ଋଷି ପୂର୍ବେ ତପସ୍ୟା କରୁଥିଲେ। ପରବର୍ତ୍ତୀ ସମୟରେ ଶଙ୍କର ଏଠାରେ ଏକ ମଠ ସ୍ଥାପନ କରିଥିଲେ। ଏହା ଶୃଙ୍ଗେରୀମଠ ନାମରେ ପ୍ରସିଦ୍ଧ।

ପରିଶେଷରେ ଶଙ୍କର ନର୍ମଦା ନଦୀ ପାଖରେ ଥିବା ଗୋବିନ୍ଦପାଦକ ଆଶ୍ରମରେ ପହଞ୍ଚିଥିଲେ। ଗୋବିନ୍ଦପାଦ ଗୋଟିଏ ଗୁମ୍ଫା ମଧ୍ୟରେ ଧ୍ୟାନସ୍ଥ ଥିଲେ। ଶଙ୍କର ଏହାକୁ ତିନିଥର ପ୍ରଦକ୍ଷିଣ କରି ଏହାର ମୁଖ୍ୟ ଦେଶରେ ସାଷ୍ଟାଙ୍ଗ ପ୍ରଣିପାତକରି ଗୁରୁଙ୍କ ପଦବନ୍ଦନା କଲେ। ଗୋବିନ୍ଦପାଦ ଧ୍ୟାନରୁ ଉଠି ଶଙ୍କରଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦ ଅନୁଭବ କଲେ। ଶଙ୍କରଙ୍କ ଗଭୀର ଭକ୍ତି ଓ ପ୍ରତିଭା ଦେଖି ତାଙ୍କୁ ଶିଷ୍ୟ ରୂପରେ ଗ୍ରହଣ କଲେ। ଅଦ୍ୱୈତ ଦର୍ଶନର ଗଭୀର ତତ୍ତ୍ୱ ଗୋବିନ୍ଦପାଦ ତାଙ୍କୁ ଶିକ୍ଷା ଦେଇଥିଲେ। ଶିକ୍ଷା ସମାପ୍ତି ପରେ ଗୁରୁଙ୍କର ନିର୍ଦ୍ଦେଶରେ ଭାରତରେ ସର୍ବତ୍ର ଏହି ତତ୍ତ୍ୱକୁ ସେ ପ୍ରସାରିତ କରିଥିଲେ। ତାଙ୍କର ଜୀବନକାଳ ବତିଶବର୍ଷ ମଧ୍ୟରେ ସୀମିତ ଥିଲେ ମଧ୍ୟ ତାଙ୍କର ଯାତ୍ରା ସାଫଲ୍ୟମଣ୍ଡିତ ହୋଇଥିଲା।

★★★

# ସାଧନାର ପଥେ ଶଙ୍କର

ମାତାଙ୍କ ଅନୁମତି ଲାଭକରି ଆଠବର୍ଷର ସୁକୁମାର ବ୍ରହ୍ମଚାରୀ ଶଙ୍କର ଗୁରୁଙ୍କ ଅନ୍ୱେଷଣରେ ଅଗ୍ରସର ହେଲେ। ଦୀର୍ଘପଥ ଅତିକ୍ରମ କରିବାକୁ ପଡ଼ିଲା। କେତେ ନଦନଦୀ ବନ ଅତିକ୍ରମ କରି ପରିଶେଷରେ ନର୍ମଦା କୂଳରେ ଓଁକାରନାଥଙ୍କ ନିକଟରେ ପହଞ୍ଚିଲେ। ସେଠାରେ ଗୋବିନ୍ଦପାଦଙ୍କ ଅଶ୍ରମ। ଗୋବିନ୍ଦପାଦଙ୍କର ଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପି ଯାଇଥିଲା। ତାହାଙ୍କ ଶିଷ୍ୟ ହେବାର ଅଭିଳାଷ ଶଙ୍କରଙ୍କର ଥିଲା। ସେ ସନ୍ଧ୍ୟାପୂର୍ବରୁ ସେହି ସ୍ଥାନରେ ପହଞ୍ଚିଯାଇଥିଲେ। ମାଣ୍ଡୁକ୍ୟ କାରିକାର ପ୍ରଣେତା ଗୌଡ଼ପାଦଙ୍କର ପ୍ରସିଦ୍ଧ ଶିଷ୍ୟ ଗୋବିନ୍ଦପାଦ ଗୋଟିଏ ଗୁମ୍ଫା ମଧ୍ୟରେ ଧ୍ୟାନସ୍ଥ ଥିଲେ। ଗୋବିନ୍ଦପାଦ ଦୀର୍ଘସମୟ ଧରି ନିର୍ବିକଳ୍ପ ସମାଧି ମଧ୍ୟରେ ରହୁଥିଲେ ଏବଂ ଅନ୍ୟମାନଙ୍କ ସହିତ ବିଶେଷ କଥାବାର୍ତ୍ତା କରୁନଥିଲେ। ଶଙ୍କର ପ୍ରଥମେ ଏହି ଗୁମ୍ଫାଟିକୁ ତିନିଥର ପ୍ରଦକ୍ଷିଣ କରି ଦ୍ୱାରଦେଶରେ ଦଣ୍ଡାୟମାନ ହୋଇ ଗୁରୁଙ୍କର ବନ୍ଦନା କଲେ। ଏଥିରେ ଗୋବିନ୍ଦପାଦଙ୍କର ବାହ୍ୟଚେତନା ଫେରିଆସିଲା ଏବଂ ଚକ୍ଷୁ ଉନ୍ମୀଳନ କରି ଶଙ୍କରଙ୍କୁ ଦେଖି ସେ କିଏ ବୋଲି ପଚାରିଲେ। ଏହାର ଉତ୍ତରରେ ଶଙ୍କର କହିଥିଲେ।

"ସ୍ୱାମିନ୍ନହଂ ନପୃଥିବୀ ନଜଳଂ ନ ତେଜୋ
ନ ସ୍ପର୍ଶନୋ ନ ଗଗନଂ ନ ଚ ତଦ୍ଗୁଣୋ ବା।
ନାପୀନ୍ଦ୍ରିୟାଣ୍ୟପିତୁ ବିଦ୍ଧି ତତୋଽବଶିଷ୍ଟୋ
ଯଃ କେବଳୋଽସ୍ତିପରମଃ ସ ଶିବୋଽହମସ୍ମି

ହେ ସ୍ୱାମିନ୍। ମୁଁ ପାର୍ଥିବ ବସ୍ତୁନୁହେଁ, ମୁଁ ଜଳ, ତେଜ, ବାୟୁ, ଆକାଶ ମଧ୍ୟ ନୁହେଁ। ପଞ୍ଚଭୂତର କୌଣସି ଗୁଣ ନୁହେଁ। ମୁଁ ଇନ୍ଦ୍ରିୟ ବା ଇନ୍ଦ୍ରିୟ ସମଷ୍ଟି ଦେହ ମଧ୍ୟ ନୁହେଁ। ମୁଁ ଏ ସବୁରୁ ଅତୀତ ପରମ ତତ୍ତ୍ୱ ମୁଁ ସେହି ପରମ ଶିବ ଅଟେ।

ଏହିପରି ଭାବରେ ଦଶଟି ଶ୍ଳୋକ ମାଧ୍ୟମରେ ସେ ପରମାତ୍ମାଙ୍କର ସ୍ୱରୂପ ପ୍ରକାଶ କରିଥିଲେ। ତତ୍‌ପରେ ଗୁରୁଙ୍କ ନିକଟକୁ ଯାଇ ତାଙ୍କ ପଦଦ୍ୱୟକୁ ଭକ୍ତିପୂତ ହୃଦୟରେ ଧାରଣ କରି ବାରମ୍ବାର ପ୍ରଣାମ କଲେ। ଶଙ୍କରଙ୍କର ଗଭୀର ଜ୍ଞାନ, ବୈରାଗ୍ୟ ତଥା ଅସୀମ ଭକ୍ତିରେ ପରମ ସନ୍ତୋଷ ଲାଭକରି ଗୋବିନ୍ଦପାଦ ତାଙ୍କୁ ଅଦ୍ୱୈତ ଦର୍ଶନ ବାଣୀ ପ୍ରଚାରପାଇଁ ଉପଯୁକ୍ତ ମନେକରି ଶିଷ୍ୟ ଭାବରେ ଗ୍ରହଣ କଲେ। ଏଠାରେ ଶଙ୍କର ତିନିବର୍ଷ ଅଧ୍ୟୟନ କରିଥିଲେ। ଉପନିଷଦର ମହାବାକ୍ୟଗୁଡ଼ିକର ମର୍ମାର୍ଥକୁ ବୁଝାଇ ଗୋବିନ୍ଦପାଦ

ତାଙ୍କୁ ବ୍ରହ୍ମଜ୍ଞାନ ଦେଇଥିଲେ। ବ୍ୟାସକୃତ ବ୍ରହ୍ମସୂତ୍ରର ବ୍ୟାଖ୍ୟା ମଧ୍ୟ କରିଥିଲେ। ଗୋବିନ୍ଦପାଦ ଶେଷନାଗଙ୍କର ଅବତାର ଏବଂ ପୂର୍ବେ ପତଞ୍ଜଳି ରୂପରେ ଯୋଗସୂତ୍ର ପ୍ରଣୟନ କରିଥିଲେ ଏବଂ ପାଣିନି ବ୍ୟାକରଣ ଉପରେ ଭାଷ୍ୟ ମଧ୍ୟ ରଚନା କରିଥିଲେ। ଶଙ୍କରଙ୍କର ଅଲୌକିକ ପ୍ରତିଭା ଦେଖି ଗୋବିନ୍ଦପାଦ ମୁଗ୍ଧ ହୋଇଯାଇଥିଲେ ଏବଂ ବେଦାନ୍ତ ଦର୍ଶନର ବାର୍ତ୍ତା ଯେ ଭାରତବର୍ଷର କୋଣ ଅନୁକୋଣରେ ତାଙ୍କ ମାଧ୍ୟମରେ ପହଞ୍ଚିପାରିବ ଏ ବିଶ୍ୱାସ ତାଙ୍କ ମନରେ ଦୃଢ଼ୀଭୂତ ହେଲା।

ଦିନକର ଘଟନା। ଆକାଶରେ ଘନକୃଷ୍ଣ କାଦମ୍ବିନୀ ଛାଇଯାଇ ପ୍ରବଳ ବୃଷ୍ଟିପାତ ଆରମ୍ଭ ହୋଇଗଲା। ମୁଷଳଧାରରେ ବୃଷ୍ଟିହେବା ସହିତ ପ୍ରବଳ ବେଗରେ ପବନ ବହି ଅରଣ୍ୟ ଭୂମିରେ ଏକ ଭୟଙ୍କର ପରିବେଶ ସୃଷ୍ଟିହେଲା। ନର୍ମଦାର ଜଳସ୍ତର ବଢ଼ିବାକୁ ଲାଗିଲା ଏବଂ କିଛି ସମୟ ପରେ ଏହା କୂଳ ଲଂଘନ କରି ଆଶ୍ରମ ଆଡ଼କୁ ମାଡ଼ି ଆସିଲା। ସେହି ସମୟରେ ଗୋବିନ୍ଦପାଦ ଗୁମ୍ଫା ମଧ୍ୟରେ ଧ୍ୟାନସ୍ଥ ଥିଲେ। ଶିଷ୍ୟମାନଙ୍କ ମଧ୍ୟରେ ଆଶଙ୍କା ଆସିଲା ଯେ ବନ୍ୟାଜଳ ଗୁମ୍ଫା ମଧ୍ୟରେ ପ୍ରବେଶ କରି ଗୋବିନ୍ଦପାଦଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ଗୁରୁ ସେହି ସମୟରେ ନିର୍ବିକଳ୍ପ ସମାଧି ମଧ୍ୟରେ ରହିଥିଲେ। ତାଙ୍କର ଧ୍ୟାନଭଙ୍ଗ କରାଯିବା ପ୍ରସ୍ତାବକୁ ଶଙ୍କର ଗ୍ରହଣ କରୁନଥିଲେ। ଶଙ୍କର ଅସୀମ ଯୋଗଶକ୍ତି ଓ ମନ୍ତ୍ରଶକ୍ତିର ଅଧିକାରୀ ଥିଲେ। ସେ ଏଭଳି ଏକ ସଙ୍କଟ ମୁହୂର୍ତ୍ତରେ ଏକ ମାଠିଆକୁ ଅଭିମନ୍ତ୍ରିତ କରି ଗୁମ୍ଫାର ମୁହଁରେ ରଖିଦେଲେ ଏବଂ ବନ୍ୟାଜଳ କ୍ରମେ କ୍ରମେ ସଙ୍କୁଚିତ ହୋଇ ମାଠିଆ ମଧ୍ୟରେ ଅବରୁଦ୍ଧ ହୋଇ ରହିଗଲା। ଶଙ୍କରଙ୍କର ଏଭଳି ଅଦ୍ଭୁତ ମନ୍ତ୍ରଶକ୍ତି ଦେଖି ସମସ୍ତେ ବିସ୍ମିତ ହୋଇପଡ଼ିଲେ। କିଛି ସମୟପରେ ଗୁରୁ ଗୋବିନ୍ଦପାଦ ସମାଧିରୁ ଉଠି ଏଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ବ୍ୟାସଙ୍କ ଉକ୍ତି ମନେ ପଡ଼ିଲା। ବ୍ୟାସ ଭବିଷ୍ୟତବାଣୀ କରିଥିଲେ ଯେ ଏଭଳି ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ଯେ କରିପାରିବ ସେହିଁ ବ୍ରହ୍ମସୂତ୍ର ଉପରେ ଭାଷ୍ୟ ରଚନା କରିପାରିବ।

ଅଧ୍ୟୟନ ସମାପ୍ତ ହେବାପରେ ଗୁରୁଙ୍କ ନିର୍ଦ୍ଦେଶ ମାନି ଶଙ୍କର ଆଶ୍ରମରୁ ବିଦାୟ ନେଇ କାଶୀଧାମ ଅଭିମୁଖେ ଯାତ୍ରା ଆରମ୍ଭ କଲେ। ଶଙ୍କରଙ୍କର ଇଚ୍ଛାଥିଲା ଗୁରୁ ଆଶ୍ରମରେ ଅବଶିଷ୍ଟ ଜୀବନ କଟାଇ ଦେବାପାଇଁ। ଏଣୁ ବିଦାୟର ମୁହୂର୍ତ୍ତ ତାଙ୍କ ପାଇଁ ଥିଲା ଅତ୍ୟନ୍ତ କରୁଣ ଏବଂ ଆବେଗାତ୍ମକ। ତଥାପି ଶଙ୍କର ଗୁରୁଙ୍କ ସ୍ୱପ୍ନ ସାକାର କରିବା ପାଇଁ ଅର୍ଥାତ୍ ଅଦ୍ୱୈତ ଦର୍ଶନକୁ ପ୍ରଚାର କରିବାପାଇଁ କାଶୀ ଅଭିମୁଖେ ଯାତ୍ରାକଲେ। ବିଦ୍ୟାନଗରୀ କାଶୀରେ ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କର ସମାଗମ ହୋଇଥାଏ। ଏଣୁ ଶାସ୍ତ୍ର ଆଲୋଚନା ଓ ବେଦାନ୍ତ ଦର୍ଶନର ଗୁଢ଼ ରହସ୍ୟ ପ୍ରଚାର କରିବାର ଏହା ଥିଲା ପ୍ରକୃଷ୍ଟ କ୍ଷେତ୍ର। କାଶୀରେ ପହଞ୍ଚି ଶଙ୍କର ମଣିକର୍ଣ୍ଣିକା ଘାଟ ନିକଟରେ ରହିଥିଲେ। ପ୍ରତ୍ୟହ ଗଙ୍ଗାନଦୀରେ ସ୍ନାନସାରି

କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରୁଥିଲେ। ଗୁରୁଙ୍କଠାରୁ ଶିକ୍ଷା କରିଥିବା ଅଦ୍ୱୈତ ଦର୍ଶନକୁ ଶ୍ରୋତାମାନଙ୍କୁ ବୁଝାଉଥିଲେ। ତାଙ୍କର ଅସାଧାରଣ ବିଦ୍ୱତ୍ତା ଓ ସୁନ୍ଦର ଶାସ୍ତ୍ର ବ୍ୟାଖ୍ୟାରେ କାଶୀର ବିଦ୍ୱାନ୍ ମଣ୍ଡଳୀ ଚମତ୍କୃତ ହୋଇଯାଉଥିଲେ। ଏହା ଫଳରେ ତାଙ୍କର ଖ୍ୟାତି ଦିନକୁ ଦିନ ବ୍ୟାପିବାରେ ଲାଗିଲା।

ଦିନେ ଜଣେ ସୌମ୍ୟଦର୍ଶନ, ବେଦବିତ୍ ବ୍ରାହ୍ମଣ ଯୁବକ ତାଙ୍କ ନିକଟକୁ ଆସି ପ୍ରଣିପାତ କରି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ପ୍ରାର୍ଥନା କଲେ। ସେହି ଯୁବକଙ୍କର ଘର କାବେରୀ ନଦୀ ନିକଟରେ ଥିବା ଚୋଳ ରାଜ୍ୟରେ। ତାଙ୍କର ଭକ୍ତିଭାବ ଓ ଜ୍ଞାନ ପିପାସାରେ ପ୍ରସନ୍ନତା ଲାଭକରି ଶଙ୍କର ତାଙ୍କୁ ଶିଷ୍ୟ ଭାବରେ ଗ୍ରହଣ କଲେ। ତାଙ୍କର ନାମ ଦେଲେ ସନନ୍ଦନ। ପରେ ସେ ପଦ୍ମପାଦ ନାମରେ ଖ୍ୟାତି ଲାଭକରି ଶ୍ରୀକ୍ଷେତ୍ରରେ ଗୋବର୍ଦ୍ଧନପୀଠରେ ମଠାଧୀଶ ହେଲେ। ତେବେ କାଶୀର କେତେକ ପଣ୍ଡିତ ଶଙ୍କରଙ୍କ ଖ୍ୟାତି ଦେଖି ଈର୍ଷ୍ୟାନ୍ୱିତ ହୋଇ ସେମାନଙ୍କ ସହ ଶାସ୍ତ୍ରାର୍ଥ ପାଇଁ ତାଙ୍କୁ ଆହ୍ୱାନକଲେ। ମାତ୍ର ପରାସ୍ତ ହୋଇ କେତେକ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ ଓ ଅନ୍ୟମାନେ ଅପମାନିତ ବୋଧକରି କାଶୀ ଛାଡ଼ି ଅନ୍ୟତ୍ର ଚାଲିଗଲେ।

କାଶୀବାସ ସମୟରେ ଥରେ ଏଭଳି ଏକ ଘଟନା ଘଟିଲା ଯାହା ଶଙ୍କରଙ୍କ ଭଳି ଜଣେ ମହାଜ୍ଞାନୀଙ୍କୁ ନିଜର ଭ୍ରମ ବିଷୟରେ ସଚେତନ କରାଇଦେଲା ଏବଂ ତାଙ୍କର ଜୀବନ ମାର୍ଗକୁ ଅଧିକ ଗତିଶୀଳ କରାଇଦେଲା। ଥରେ ମଧ୍ୟାହ୍ନ ସମୟରେ ଶଙ୍କର ସ୍ନାନ ତଥା ଆହ୍ନିକ କର୍ମ କରିବାପାଇଁ ଗଙ୍ଗାର ମଣିକର୍ଣ୍ଣିକା ଘାଟକୁ ଯାଉଥିଲେ। ପଥ ମଧ୍ୟରେ ବିପରୀତ ଦିଗରୁ ଚାରିଗୋଟି ଶ୍ୱାନଙ୍କ ସହ ଏକ ମାତାଲ ବ୍ୟକ୍ତି ଢଳି ଢଳି ଆସୁଥିଲା। କାଳେ ସେ ବ୍ୟକ୍ତି ତାଙ୍କୁ ଛୁଇଁଦେବ ଏବଂ ସେ ଅପବିତ୍ର ହୋଇଯିବେ ଏହି ଭାବନା ନେଇ ଶଙ୍କର ତାଙ୍କୁ ଦୂରଂଗଚ୍ଛ(ଦୂରକୁ ଚାଲିଯାଅ) ବୋଲି କହିଲେ। ହୁଏତ ତାତ୍ସଲ୍ୟ ଭାବରେ ଶଙ୍କର ଏହା କହିଥିଲେ। କିନ୍ତୁ ସେ ବ୍ୟକ୍ତି ଶଙ୍କରଙ୍କୁ ଉପହାସ କରି କହିଲା ଯେ ଯଦିଓ ସେ ଅଦ୍ୱୈତ ଦର୍ଶନ ସର୍ବତ୍ର ପ୍ରଚାର କରୁଛନ୍ତି କିନ୍ତୁ ଜୀବନରେ ଏହାକୁ ପାଳନ କରୁନାହାନ୍ତି। ସ୍ପର୍ଶ କରିଦେଲେ କିଏ ଅପବିତ୍ର ହୋଇଯିବ ? ଉଭୟଙ୍କ ମଧ୍ୟରେ କଣ ପାର୍ଥକ୍ୟ ରହିଛି ? ଉଭୟଙ୍କ ଶରୀର ସମାନ, କାରଣ ପଞ୍ଚଭୂତରେ ଉଭୟ ଗଢ଼ା। ପୁନଶ୍ଚ ଏକ ଆତ୍ମା ସର୍ବଘଟରେ ବିଦ୍ୟମାନ। ଏଣୁ ଉଭୟଙ୍କ ମଧ୍ୟରେ କେଉଁଠି ପାର୍ଥକ୍ୟ ରହିଲା। ଜଣେ ଉଚ୍ଚ ଓ ଅନ୍ୟଜଣଙ୍କ କିପରି ନୀଚ ହୋଇଯିବ। ଆତ୍ମାକଣ ଅପବିତ୍ର ହୋଇପାରେ ? ସୂର୍ଯ୍ୟ ପବିତ୍ର ଗଙ୍ଗା ବା ମଦ୍ୟପାତ୍ରରେ ପ୍ରତିଫଳିତ ହେଲେ ପବିତ୍ର ଓ ଅପବିତ୍ର ହୋଇଯାଏ କି ? ଏହି ବ୍ୟକ୍ତିର ଏ ପ୍ରକାର ଉତ୍ତର ଶୁଣି ଶଙ୍କର ସ୍ତବ୍ଧ ହୋଇଗଲେ। ତାଙ୍କର ଧାରଣା ହେଲା ଯେ ସେ ଜଣେ ମହାପୁରୁଷ ଏବଂ ସେ ଯିଏ ହୋଇଥାଅନ୍ତୁ ପଛେ ତାଙ୍କର ଗୁରୁ

ହେବାପାଇଁ ଯୋଗ୍ୟ। ଶଙ୍କରଙ୍କ ଭାବନା ନିମ୍ନ ଶ୍ଳୋକର ବର୍ଣ୍ଣିତ ହୋଇଛି।

"ବ୍ରହ୍ମୈବାହମିଦଂ ଜଗଚ୍ଚ ସକଳଂ ଚିନ୍ମାତ୍ର ବିସ୍ତାରିତଂ
ସର୍ବଂ ଚୈତଦବିଦ୍ୟାୟା ତ୍ରିଗୁଣୟା ଶେଷଂମୟାକଳ୍ପିତମ୍
ଇତ୍ଥଂ ଯସ୍ୟ ଦୃଢ଼ାମତିଃ ସୁଖତରେ ନିତ୍ୟେପରେ ନିର୍ମଳେ
ଚଣ୍ଡାଳୋଽସ୍ତୁ ସତୁ ଦ୍ୱିଜୋଽସ୍ତୁ ଗୁରୁରିତ୍ୟେଷା ମନୀଷା ମମ

ଅର୍ଥାତ 'ମୁଁ ଚୈତନ୍ୟମୟ ବ୍ରହ୍ମ ସମଗ୍ର ଜଗତରେ ପରିବ୍ୟାପ୍ତ। ତ୍ରିଗୁଣମୟୀ ଅବିଦ୍ୟା ଦ୍ୱାରା ଜଗତର କଳ୍ପନା କରାଯାଇଛି। ଯେଉଁବ୍ୟକ୍ତି ସୁଖମୟ ନିତ୍ୟ ପରମ ନିର୍ମଳ ବ୍ରହ୍ମ ନିକଟରେ ଅଟଳ ବିଶ୍ୱାସ ରଖିପାରେ, ସିଏ ଯିଏ ହୁଅନ୍ତୁ ସେ ମୋର ଗୁରୁ।' ଶଙ୍କର ପ୍ରଣିପାତ କରନ୍ତେ ଏ ବ୍ୟକ୍ତି ହଠାତ୍ ଅନ୍ତର୍ଦ୍ଧାନ ହୋଇଥିଲେ ଏବଂ ବିଶ୍ୱନାଥଙ୍କୁ ସେ ଦେଖିବାକୁ ପାଇଲେ। ତାଙ୍କ ଶରୀର ରୋମାଞ୍ଚିତ ହୋଇଗଲା। ଆନନ୍ଦରେ ଚକ୍ଷୁରୁ ଅଶ୍ରୁ ବହିଗଲା। ସେ ମନେକଲେ ତାଙ୍କ ଜୀବନ ସାର୍ଥକ ହେଲା। ନିଜକୁ ଦାସାନୁଦାସ ମନେକରି ତାଙ୍କର ଆଶୀର୍ବାଦ ଭିକ୍ଷାକଲେ।

କାଶୀ ବିଶ୍ୱନାଥ ତାଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ କହିଲେ ଯେ ଭାଷ୍ୟ ରଚନା ପାଇଁ ସେ ସବୁଠାରୁ ଯୋଗ୍ୟ। ଏହାହିଁ ତାଙ୍କ ଜୀବନର ଲକ୍ଷ୍ୟ।

✶✶✶

# ଭୀଷ୍ମଙ୍କ ପ୍ରସଙ୍ଗରେ ଦୁଇଟି ପ୍ରଶ୍ନ

ଭୀଷ୍ମ ଥିଲେ ପାଣ୍ଡବ ଓ କୌରବମାନଙ୍କର ପୂଜ୍ୟ ପିତାମହ। ଏକାଧାରରେ ସେ ଥିଲେ ସତ୍ୟନିଷ୍ଠ, ଧର୍ମପରାୟଣ ଏବଂ ମହାନ୍ ଯୋଦ୍ଧା। ନିଜର ଗୁରୁ ପରଶୁରାମଙ୍କୁ ଯୁଦ୍ଧରେ ପରାସ୍ତକରି ନିଜର ବୀରତ୍ୱ ସେ ପ୍ରମାଣିତ କରି ପାରିଥିଲେ। ପାଣ୍ଡବମାନେ ବାଲ୍ୟକାଳରେ ନିଜର ପିତାଙ୍କୁ ହରାଇବା ପରେ ଭୀଷ୍ମ ଅଭିଭାବକର ଗୁରୁ ଦାୟିତ୍ୱ ବହନ କରିଥିଲେ। ପାଣ୍ଡବ ଓ କୌରବମାନଙ୍କୁ ସମର ବିଦ୍ୟାରେ ନିପୁଣ କରାଇବା ପାଇଁ ଦ୍ରୋଣଙ୍କ ଭଳି ପ୍ରସିଦ୍ଧ ଗୁରୁଙ୍କୁ ସେମାନଙ୍କର ଦାୟିତ୍ୱ ଦେଇଥିଲେ। ଧୃତରାଷ୍ଟ୍ର ନିଜର ଜ୍ୟେଷ୍ଠପୁତ୍ର ଗର୍ବୀ ଦୁର୍ଯୋଧନଙ୍କୁ ଅନ୍ଧ ଭାବରେ ସମର୍ଥନ କରୁଥିବାରୁ ଏଥିରୁ ନିବୃତ୍ତ ରହିବାପାଇଁ ତାଙ୍କୁ ବହୁ ସମୟରେ ପରାମର୍ଶ ଦେଉଥିଲେ। କିନ୍ତୁ ଭୀଷ୍ମଙ୍କର ଚରିତ୍ରର ମହନୀୟତା ପ୍ରତିପାଦିତ ହୋଇଥିଲା, ଯେତେବେଳେ ଯୌବନରେ ସେ ପିତାଙ୍କ ପାଇଁ ପ୍ରତିଜ୍ଞା କରିଥିଲେ ଯେ ସିଂହାସନ ଉପରେ ତାଙ୍କର କୌଣସି ଅଧିକାର ନାହିଁ ଏବଂ ସେ ବିବାହ କରିବେ ନାହିଁ। ଏଭଳି ଭୀଷ୍ମ ପ୍ରତିଜ୍ଞା କରିବାରୁ ତାଙ୍କର ନାମ ଦେବବ୍ରତରୁ ଭୀଷ୍ମ ହେଲା। ଏହି ମହାନ୍ ବ୍ୟକ୍ତିଙ୍କ ତ୍ୟାଗ ତାଙ୍କୁ ମହାଭାରତରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଅଛି। ତଥାପି ତାଙ୍କ ଜୀବନର କେତୋଟି ଘଟନାକୁ ବିଶ୍ଳେଷଣ କଲେ ମନରେ ପ୍ରଶ୍ନ ଆସେ ଏହା ଯଥାର୍ଥ ଥିଲା ତ ?

ଶାନ୍ତନୁ ସତ୍ୟବତୀଙ୍କୁ ବିବାହ କଲେ। ତାଙ୍କର ଦୁଇଗୋଟି ପୁତ୍ର ହେଲେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ। ପରବର୍ତ୍ତୀ କାଳରେ ଗନ୍ଧର୍ବମାନଙ୍କ ସହିତ ଯୁଦ୍ଧରେ ଚିତ୍ରାଙ୍ଗଦର ମୃତ୍ୟୁ ଘଟିଲା। ବିଚିତ୍ରବୀର୍ଯ୍ୟ ଯୌବନରେ ପଦାର୍ପଣ କରିନଥିବାରୁ ଭୀଷ୍ମ ରାଜ୍ୟ ଦାୟିତ୍ୱ ନେଲେ। ବିଚିତ୍ରବୀର୍ଯ୍ୟ ବିବାହ ବୟସରେ ପ୍ରବେଶ କରିବାପରେ ଭୀଷ୍ମ ତାଙ୍କର ବିବାହପାଇଁ ଚିନ୍ତିତ ହୋଇପଡିଲେ। ଏହି ସମୟରେ କାଶୀ ରାଜାଙ୍କର ତିନିଗୋଟି ଝିଅ ଅମ୍ବା, ଅମ୍ବିକା, ଅମ୍ବାଳିକାଙ୍କ ସ୍ୱୟଂମ୍ବର ହେଉଥିଲା। ଏହି ତିନିକନ୍ୟା ଅତ୍ୟନ୍ତ ସୁନ୍ଦରୀ ଥିଲେ। ଏହି ସ୍ୱୟଂମ୍ବରକୁ ଭାରତର ବିଭିନ୍ନ ପ୍ରାନ୍ତରୁ ରାଜକୁମାରମାନେ ଆସିଥିଲେ। ଏହି କନ୍ୟାମାନେ ନିଜର ପସନ୍ଦ ଅନୁସାରେ ରାଜକୁମାରମାନଙ୍କ ଗଳାରେ ବରଣମାଳା ଦେଇ ବିବାହ କରିଥାଆନ୍ତେ। ମାତ୍ର ଭୀଷ୍ମ ନିଜର ବୀରତ୍ୱ ପ୍ରଦର୍ଶନ କରି ଏହି ସ୍ୱୟମ୍ବର ସଭାରୁ ନିଜର ସାନଭାଇ ବିଚିତ୍ରବୀର୍ଯ୍ୟ ପାଇଁ ଏହି କନ୍ୟାମାନଙ୍କୁ ଘେନି ଆସିଥିଲେ। ଅନ୍ୟ ରାଜକୁମାରମାନଙ୍କୁ ସେ ଯୁଦ୍ଧପାଇଁ ଆହ୍ୱାନ କରିଥିଲେ। ମାତ୍ର ଭୀଷ୍ମଙ୍କ ସହ ଯୁଦ୍ଧ କରିବାକୁ

କେହି ସାହାସ କରିନଥିଲେ। ଶାଲ୍ୱ ଯୁଦ୍ଧକରି ପରାସ୍ତ ହୋଇ ଯାଇଥିଲେ। ବିବାହ ପୂର୍ବରୁ ଅମ୍ବା ଭୀଷ୍ମଙ୍କୁ କହିଥିଲେ ଯେ ସେ ମନେ ମନେ ଶାଲ୍ୱଙ୍କୁ ପତି ରୂପେ ବରଣ କରିବା ପାଇଁ ସ୍ଥିର କରି ନେଇଥିଲେ। ଏହାଶୁଣି ଭୀଷ୍ମ ତାଙ୍କୁ ଶାଲ୍ୱଙ୍କ ପାଖକୁ ପଠାଇଦେଇଥିଲେ। ମାତ୍ର ଶାଲ୍ୱ ଯୁଦ୍ଧରେ ପରାସ୍ତ ହୋଇ ଅପମାନିତ ହୋଇଥିବାରୁ ତାଙ୍କୁ ବିବାହ କରିବାକୁ ମନା କରିଦେଲେ। ସେଠୁ ଅପମାନିତ ହୋଇ ଅମ୍ବା ଭୀଷ୍ମଙ୍କ ପାଖକୁ ଆସି ତାଙ୍କୁ ସେ ବିବାହ କରନ୍ତୁ ବୋଲି ଅନୁରୋଧ କଲେ। ମାତ୍ର ଭୀଷ୍ମ ଆଜନ୍ମ ବ୍ରହ୍ମଚାରୀ। ସେ ପ୍ରତିଜ୍ଞା ଭଙ୍ଗକରି ବିବାହ କରିପାରିବେ ନାହିଁ। ଅମ୍ବା ଅପମାନିତ ଓ ଅପଦସ୍ଥ ହୋଇ ଭୀଷ୍ମଙ୍କ ଉପରେ ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞା କଲେ। ମାତ୍ର ଭୀଷ୍ମଙ୍କ ବିରୁଦ୍ଧରେ ତାଙ୍କୁ ସାହାଯ୍ୟ କରିବାକୁ କେହି ସାହାସ କଲେ ନାହିଁ। ଅବଶେଷରେ ଭୀଷ୍ମଙ୍କ ଗୁରୁ ପରଶୁରାମ ଅମ୍ବାଙ୍କୁ ସାହାଯ୍ୟ କରିବାକୁ ଯାଇ ଭୀଷ୍ମଙ୍କ ସହ ଯୁଦ୍ଧ କଲେ। ଏକୋଇଶି ଦିନ ଧରି ଯୁଦ୍ଧହେଲା। ପରିଶେଷରେ ପରଶୁରାମ ପରାସ୍ତ ହୋଇ ଚାଲିଗଲେ। ସବୁଆଡୁ  ନିରାଶ ହୋଇ ଅମ୍ବା ଶିବଙ୍କୁ ତପସ୍ୟା କଲେ। ଶିବ ବରଦେଲେ ଯେ ଏ ଜନ୍ମରେ ନୁହେଁ କିନ୍ତୁ ପରଜନ୍ମରେ ସେ ପ୍ରତିଶୋଧ ନେଇପାରିବେ। ଅମ୍ବାଙ୍କର ଆଉ ଧୈର୍ଯ୍ୟ ରହିଲା ନାହିଁ ଦୀର୍ଘଦିନ ବଞ୍ଚିବା ପାଇଁ। ଅଗ୍ନିରେ ଝାସଦେଲେ ପରଜନ୍ମରେ ଶିଖଣ୍ଡୀ ରୂପରେ ଭୀଷ୍ମଙ୍କ ପତନର କାରଣ ହେଲେ। ଏହି ବିଷୟରେ ଚିନ୍ତାକଲେ ମନରେ ପ୍ରଶ୍ନ ଆସେ ଯେ ଏହା ଭୀଷ୍ମଙ୍କ ଭଳି ଜଣେ ମହାନ୍ ବ୍ୟକ୍ତିଙ୍କ ପକ୍ଷରେ ଅନ୍ୟାୟ ହେଲାନିକି। ଯୁଦ୍ଧରେ ଅନ୍ୟମାନଙ୍କୁ ପରାସ୍ତକରି କନ୍ୟାକୁ ଆଣି ବିବାହ କରିବା କ୍ଷତ୍ରିୟ ପକ୍ଷରେ ବୀରତ୍ୱର କାର୍ଯ୍ୟ। ତତ୍‌କାଳୀନ ସମାଜ ଏହାକୁ ସମର୍ଥନ କରିଥିଲା। କିନ୍ତୁ ମାନବିକତା ଦୃଷ୍ଟିରୁ ଏହା କେତେଦୂର ଗ୍ରହଣୀୟ ବୁଝିହୁଏ ନାହିଁ। ଅନ୍ୟ ଏକ ଦିଗକୁ ମଧ୍ୟ ବିଚାରକୁ ନିଆଯାଉ। ଯଦି ବିଚିତ୍ରବୀର୍ଯ୍ୟ ନିଜେ ଯୁଦ୍ଧକରି କନ୍ୟାମାନଙ୍କୁ ଆଣି ବିବାହ କରିଥାଆନ୍ତେ ତେବେ ଏହା ସେହି କନ୍ୟାମାନଙ୍କ ପକ୍ଷରେ ମଧ୍ୟ ଗୌରବର ବିଷୟ ହୋଇଥାଆନ୍ତା। ମାତ୍ର ତାଙ୍କପାଇଁ ଅନ୍ୟଜଣେ ବୀରତ୍ୱର ପ୍ରଦର୍ଶନ କରିବା କେତେଦୂର ଯୁକ୍ତିଯୁକ୍ତ।

ଅମ୍ବିକା ଓ ଅମ୍ବାଳିକା ବିଚିତ୍ରବୀର୍ଯ୍ୟଙ୍କୁ ବିବାହ କରିଥିଲେ ମଧ୍ୟ ବୈବାହିକ ଜୀବନରେ ବିଶେଷ ଆନନ୍ଦ ଭୋଗ କରିପାରିନଥିଲେ। କାରଣ ବିବାହର ମାତ୍ର ସାତବର୍ଷପରେ ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ବିଚିତ୍ରବୀର୍ଯ୍ୟଙ୍କର ମୃତ୍ୟୁ ଘଟିଲା। ଏହି ଦୁଇରାଣୀ ସ୍ୱାମୀଙ୍କୁ ଅକାଳରେ ହରାଇ ବୈଧବ୍ୟ ଯନ୍ତ୍ରଣା ଭୋଗକଲେ। ଏଣୁ ନିରପେକ୍ଷ ଭାବରେ ବିଚାର କଲେ ଏହି ତିନି ରାଜକନ୍ୟାଙ୍କ ଜୀବନରେ ଯେଉଁ ଦୁଃଖ ଓ ନୈରାଶ୍ୟ ଭରିଯାଇଥିଲା ସେଥିପାଇଁ ପ୍ରକାରାନ୍ତରେ ଭୀଷ୍ମ ଦାୟୀ ନୁହନ୍ତି କି ?

ଅନ୍ୟ ଏକ ପ୍ରଶ୍ନ ଉପରେ ଦୃଷ୍ଟି ଦିଆଯାଉ। ପାପୀ ଦୁର୍ଯ୍ୟୋଧନ ଦ୍ୱାରା ପ୍ରଭାବିତ ହୋଇ ଏକବସ୍ତ୍ର ପରିହିତା ଦ୍ରୌପଦୀଙ୍କର କେଶ ଆକର୍ଷଣ କରି ଦୁଃଶାସନ ସଭାସ୍ଥଳକୁ ତାଙ୍କୁ ଟାଣି ଟାଣି ଆଣିଥିଲା ଏବଂ ବିବସ୍ତ୍ର କରିବାକୁ ଉଦ୍ୟମ କରିଥିଲା। କୁରରୀ ପ୍ରାୟ ଭୟରେ ଥରୁଥିବା ଦ୍ରୌପଦୀ ଆର୍ତ୍ତକଣ୍ଠରେ ସାହାଯ୍ୟ ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ମାତ୍ର ସମସ୍ତେ ନୀରବ ରହିଥିଲେ। ପୁନଶ୍ଚ ସଭାସ୍ଥଳରେ ଉପସ୍ଥିତ ଥିବା ଭୀଷ୍ମ ପ୍ରଭୃତି ବିଜ୍ଞଜନମାନଙ୍କୁ ସେ ଗୋଟିଏ ପ୍ରଶ୍ନ ପଚାରିଥିଲେ। ଯେତେବେଳେ ତାଙ୍କର ସ୍ୱାମୀମାନେ ପଶାଖେଳରେ ହାରି ନିଜର ସ୍ୱତନ୍ତ୍ରତା ହରାଇ ସାରିଥିଲେ କେଉଁ ଅଧିକାରରେ ନିଜର ବିବାହିତ ପତ୍ନୀକୁ ସେମାନେ ପଣ ରଖିଥିଲେ। ଦ୍ରୌପଦୀଙ୍କୁ କେବଳ ବିକର୍ଣ୍ଣ ସମର୍ଥନ କରିଥିଲେ। ଭୀଷ୍ମ ପିତାମହ ତଥା ଅନ୍ୟାନ୍ୟ ବୟୋବୃଦ୍ଧ ତଥା ସମ୍ମାନାସ୍ପଦ ବ୍ୟକ୍ତିଗଣ ବିଚିତ୍ର ଯୁକ୍ତିବାଢ଼ି ଓ ଧର୍ମର ଦ୍ୱାହି ଦେଇ ନୀରବ ରହିଥିଲେ। କେଉଁ ସଭ୍ୟ ସମାଜରେ ଏଭଳି ଜଣେ ଅସହାୟା ନାରୀକୁ ଏପରି ଭାବରେ ଅପମାନିତ କରାଯାଇଥାଏ। ଏପରି ବର୍ବରୋଚିତ କାର୍ଯ୍ୟକୁ ଯେଉଁମାନେ ନୀରବରେ ସହ୍ୟ କରିଥିଲେ ତାହା ସେମାନଙ୍କ ପକ୍ଷରେ ମାନବ ଧର୍ମ ପ୍ରତି ଅସମ୍ମାନ ନୁହେଁ କି ?

ତେବେ କରୁଣାର ପାରାବାର ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରାଣ ଦ୍ରୌପଦୀଙ୍କ କାତର ପ୍ରାର୍ଥନାରେ ବିଗଳିତ ହୋଇଉଠିଲା ଏବଂ ସେ କୋଟିବସ୍ତ୍ର ଦାନକରି ଜଣେ ନାରୀର ସମ୍ମାନ ରକ୍ଷାକରି କାଳକାଳକୁ ସତ୍ୟ, ଧର୍ମ ଓ ନ୍ୟାୟର ଅକ୍ଷୟ କୀର୍ତ୍ତିମାନ ସ୍ଥାପନ କଲେ। ଏ ବିଷୟକୁ ଲକ୍ଷ୍ୟକରି ଆଦିଶଙ୍କର ଲେଖିଛନ୍ତି-

"ହା କୃଷ୍ଣାଚ୍ୟୁତ ହା କୃପାଜଳନିଧେ ହା ପାଣ୍ଡବାନାଂ ଗତେ
କ୍ୱାସି କ୍ୱାସି ସୁଯୋଧନାଦବଗତାଂ ହାରକ୍ଷ ମାଂ ଦ୍ରୋପଦୀଂ
ଇତ୍ୟୁକ୍ତୋଃ କ୍ଷୟବସ୍ତ୍ରରକ୍ଷିତ ତନୁଂ ଯୋଽରକ୍ଷଦାପତ୍ ଗତା
ମାର୍ତ୍ତତ୍ରାଣ ପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ"

ଦୁର୍ଯୋଧନ ଦ୍ୱାରା ଅପମାନିତ ନିରୁପାୟା ଦ୍ରୌପଦୀ ଯେତେବେଳେ "ହେ କୃଷ୍ଣ, ହେ ଅଚ୍ୟୁତ, ହେ କରୁଣାନିଧି," ବୋଲି ଆକୁଳ କଣ୍ଠରେ ଡାକିଛନ୍ତି ସେତେବେଳେ ଅନାଥା ଦ୍ରୌପଦୀଙ୍କୁ ଅକ୍ଷୟ ବସନ ଦାନକରି ପ୍ରଭୁ ତାଙ୍କୁ ରକ୍ଷା କରିଛନ୍ତି। ସେହି ଆର୍ତ୍ତତ୍ରାଣ ପରାୟଣ ଭଗବାନ ଶ୍ରୀକୃଷ୍ଣ ଆମର ଏକମାତ୍ର ଗତି।

ତେବେ ପିତାମହ ଭୀଷ୍ମ ଜଣେ ମହାପୁରୁଷ ଥିଲେ ଏଥିରେ ଦ୍ୱିରୁକ୍ତି ନାହିଁ। ତାଙ୍କର ନିର୍ମଳ ଚରିତ୍ର, ଧର୍ମପ୍ରତି ପ୍ରତିବଦ୍ଧତା ଏବଂ ଅସୀମ ତ୍ୟାଗ ତାଙ୍କୁ ଯୁଗେ ଯୁଗେ ଅମର କରିଛି। ତଥାପି ଏଭଳି କ୍ଷେତ୍ରରେ ତାଙ୍କର ଭୂମିକାକୁ ଆମେ ବୁଝିପାରୁନା। କେହି

କେହି ପ୍ରବଚକ ଏ ବିଷୟକୁ ବୁଝାଇବାକୁ ଯାଇ କହିଥାଅନ୍ତି ଯେ ଶରବିଦ୍ଧ ଶରୀରରେ ଅସହ୍ୟ ଯନ୍ତ୍ରଣା ଭୋଗକରି ସୂର୍ଯ୍ୟଙ୍କର ଉତ୍ତରାୟଣ ଅପେକ୍ଷାରେ ଭୀଷ୍ମ ଦୀର୍ଘଦୀନ ଧରି ଶରଶଯ୍ୟାରେ ରହିବା ତାଙ୍କପାଇଁ ଥିଲା ଏକ ପ୍ରାୟଶ୍ଚିତ। ଦୁର୍ଯ୍ୟୋଧନର ପାପଅନ୍ନ ଭକ୍ଷଣ କରି ଶରୀରରେ ଯେଉଁ କଳୁଷିତ ରକ୍ତ ପ୍ରବାହିତ ହେଉଥିଲା ତାହା ନିଃଶେଷ ହୋଇଗଲା ଏବଂ ଶ୍ରୀକୃଷ୍ଣଙ୍କ ପଦାରବିନ୍ଦରେ ମନକୁ ଢାଳିଦେଇ ଧରାଧାମରୁ ବିଦାୟନେଲେ।

ମହାପୁରୁଷମାନଙ୍କ ସମସ୍ତ ସଦ୍‌ଗୁଣ ମଧ୍ୟରେ ଆମେ ବେଳେ ବେଳେ ଦୋଷ ଦେଖିଥାଉ। ଏହା ପୁରାଣମାନଙ୍କରେ ପ୍ରତିଫଳିତ ହୋଇଛି। ତଥାପି ସେମାନଙ୍କର ନିର୍ମଳ କୀର୍ତ୍ତିଚନ୍ଦ୍ରମାର ବିମଳ ଆଲୋକରେ ଏହା ଲୁଚିଯାଇଥାଏ। କାଳିଦାସଙ୍କ ଭାଷାରେ

"ଏ କୋହି ଦୋଷୋ ଗୁଣସନ୍ନିପାତେ
ନିମଜ୍ଜତୀନ୍ଦୋଃ କିରଣେଷ୍ୱିବାଙ୍କଃ''(କୁମାର ସମ୍ଭବ")

✱✱✱

# ଶଙ୍କରଙ୍କ ସର୍ବଜ୍ଞ ପୀଠ ଆରୋହଣ

ଶଙ୍କରାଚାର୍ଯ୍ୟ ଅଦ୍ୱୈତ ଦର୍ଶନକୁ ସମଗ୍ର ଭାରତ ବର୍ଷରେ ପ୍ରତିଷ୍ଠିତ କରାଇ ପାରିଥିଲେ; କିନ୍ତୁ ଏ ଦୁରୂହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ତାଙ୍କୁ ସମଗ୍ର ଭାରତ ବର୍ଷ ପ୍ରଦକ୍ଷିଣ କରି ଶାସ୍ତ୍ରାର୍ଥ ଦ୍ୱାରା ପ୍ରତିପକ୍ଷ ମତ ଖଣ୍ଡନ କରିବାକୁ ପଡ଼ିଥିଲା। ଏହି ଭାବରେ ସେ ଆସାମରେ ଆସି ପହଞ୍ଚିଥିଲେ। କାମରୂପ ଥିଲା ତନ୍ତ୍ରପୀଠ। ଏଠାରେ ତନ୍ତ୍ର ବିଦ୍ୟାରେ ସିଦ୍ଧି ଲାଭ କରିଥିବା ତାନ୍ତ୍ରିକଗଣ ଅତ୍ୟାଶ୍ଚର୍ଯ୍ୟ ଘଟନା ଘଟାଇ ଅନ୍ୟମାନଙ୍କୁ ବଶୀଭୂତ କରୁଥିଲେ। ଏମାନଙ୍କୁ ସଂଗଠିତ କରାଉଥିଲେ ଅଭିନବଗୁପ୍ତ। ସେ କେବଳ ଜଣେ ବିରାଟ ତାନ୍ତ୍ରିକ ନଥିଲେ ତାଙ୍କର ଶାସ୍ତ୍ରଜ୍ଞାନ ମଧ୍ୟ ସମସ୍ତଙ୍କୁ ବିସ୍ମିତ କରିଦେଉଥିଲା। ସେ ବ୍ରହ୍ମସୂତ୍ର ଉପରେ ଗୋଟିଏ ଶାକ୍ତ ଭାଷ୍ୟ ମଧ୍ୟ ରଚନା କରିଥିଲେ। ଶଙ୍କରାଚାର୍ଯ୍ୟଙ୍କ ସହିତ ତାଙ୍କର ଶାସ୍ତ୍ରାର୍ଥ ହୋଇଥିଲା। ପରିଶେଷରେ ଅଭିନବଗୁପ୍ତ ପରାଜୟ ସ୍ୱୀକାର କରିଥିଲେ। ତେବେ ପରାଜୟର ଗ୍ଲାନି ତାଙ୍କର ମନକୁ ଆଚ୍ଛନ୍ନ କଲା ଏବଂ ଜଳି ଉଠିଲା ଅନ୍ତର ମଧ୍ୟରେ ପ୍ରତିହିଂସାର ବହ୍ନି। ଅନ୍ୟ ଉପାୟରେ ପ୍ରତିଶୋଧ ନେବାପାଇଁ ସେ କୃତସଂକଳ୍ପ ହୋଇ ଉଠିଲେ। ସେ ପ୍ରତାରଣାପୂର୍ଣ୍ଣ ଆଚରଣ କରି ଶଙ୍କରଙ୍କ ଶିଷ୍ୟତ୍ୱ ଗ୍ରହଣ କରି ନିଜର ମନସ୍କାମନା ପୂର୍ଣ୍ଣ କରିବାର ସୁଯୋଗ ଅପେକ୍ଷାରେ ରହିଲେ। ପରିଶେଷରେ ସେ ସମର୍ଥ ହେଲେ ତାନ୍ତ୍ରିକ ପଦ୍ଧତି ଅଭିଚାର କ୍ରିୟାଦ୍ୱାରା ଶଙ୍କରଙ୍କ ଶରୀର ମଧ୍ୟରେ ଏକ ଦୁରାରୋଗ୍ୟ ବ୍ୟାଧି ଘଟାଇବାରେ । ଶଙ୍କର ଭଗନ୍ଦର ରୋଗରେ ପୀଡ଼ିତ ହୋଇ ଅସହ୍ୟ ଯନ୍ତ୍ରଣା ଭୋଗକଲେ। ଏଥିରେ ରକ୍ତ କ୍ଷରିତ ହୋଇ ତାଙ୍କର ବସ୍ତ୍ର ରକ୍ତାପ୍ଲୁତ ହୋଇ ପଡୁଥିଲା।

ତୋଟକାଚାର୍ଯ୍ୟ ଗୁରୁଙ୍କର ସର୍ବଦା ସେବା କରୁଥିଲେ ଏବଂ ତାଙ୍କର ବସ୍ତ୍ର ବାରମ୍ବାର ପ୍ରକ୍ଷାଳନ କରୁଥିଲେ। ଶଙ୍କରଙ୍କର ଆତ୍ମ ସାକ୍ଷାତାକାର ହୋଇଥିଲା ଏବଂ ସେ ଶରୀର ବିଷୟରେ ନିର୍ଲିପ୍ତ ଥିଲେ। ତେବେ ତାଙ୍କର ଶିଷ୍ୟମାନେ ଚିନ୍ତିତ ହୋଇ ପଡୁଥିଲେ। ସେମାନେ ବାରମ୍ବାର ଅନୁରୋଧ କରିବାରୁ ରୋଗର ଉପଶମ ପାଇଁ ଜଣେ ରାଜବୈଦ୍ୟଙ୍କୁ ଡକାଗଲା। ତେବେ ତାଙ୍କର ସମସ୍ତ ଉଦ୍ୟମ ବିଫଳ ହେଲା। ତାଙ୍କର ବିରସ ମୁଖମଣ୍ଡଳ ଦେଖି ଶଙ୍କର ବିନମ୍ରତାର ସହିତ ତାଙ୍କୁ ବିଦାୟ ଦେଇଥିଲେ ଏବଂ ନିଜର ପ୍ରାରବ୍ଧ କର୍ମଫଳ ମନେକରି ଏହାକୁ ନିରବରେ ଗ୍ରହଣ କଲେ। ତେବେ ତାଙ୍କର ପ୍ରଧାନ ଶିଷ୍ୟ ପଦ୍ମପାଦାଚାର୍ଯ୍ୟ ଏ ରୋଗର କାରଣ ଜାଣିବାପାଇଁ ଦୀର୍ଘ ସମୟଧରି ଧ୍ୟାନସ୍ଥ ହେଲେ। ତାଙ୍କର ଯୋଗଶକ୍ତି ଥିଲା। ସେ ଜାଣିପାରିଲେ ଯେ ଶତ୍ରୁର ତାନ୍ତ୍ରିକ କାର୍ଯ୍ୟଦ୍ୱାରା ଏହା ଘଟିଅଛି। ଗୁରୁଙ୍କୁ ରକ୍ଷା କରିବାକୁ ହେଲେ "ପ୍ରତ୍ୟଭିଚାର' ପଦ୍ଧତିର ଆଶ୍ରୟ ନେବାକୁ

ପଡ଼ିବ। ତେବେ ଏହା ଫଳରେ ଗୁରୁ ରୋଗମୁକ୍ତ ହେବେ କିନ୍ତୁ ଯିଏ ଅନିଷ୍ଟ ସାଧନ କରିଛନ୍ତି ତାଙ୍କ ଜୀବନ ସଙ୍କଟାପନ୍ନ ହେବ। ପରମକାରୁଣିକ ଶଙ୍କର ଏଥିରୁ ନିବୃତ୍ତ ହେବାପାଇଁ ତାଙ୍କୁ ଉପଦେଶ ଦେଲେ। କିନ୍ତୁ ପଦ୍ମପାଦ ଗୁରୁଙ୍କର ଆଦେଶକୁ ଅବଜ୍ଞା କରି ଏ ପଦ୍ଧତିର ଆଶ୍ରୟ ନେଲେ। ସେ ସଙ୍କଳ୍ପ କରିନେଲେ ଯେ ଗୁରୁଙ୍କର ଜୀବନ ରକ୍ଷାପାଇଁ ସେ ପାପର ଫଳ ଭୋଗ କରିବାକୁ ପ୍ରସ୍ତୁତ ଅଛନ୍ତି। ଫଳତଃ ଶଙ୍କର ରୋଗମୁକ୍ତ ହେଲେ ଏବଂ କୁଚକ୍ରୀ ଅଭିନବଗୁପ୍ତ ଏହି ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡ଼ିଲେ।

ଶଙ୍କର ରୋଗମୁକ୍ତ ହୋଇ ଥରେ ଗଙ୍ଗାକୂଳରେ ଉପବେଶନ କରି ଶୀତଳ ବାୟୁ ସେବନ କରୁଥିବା ଅବସ୍ଥାରେ ଦେଖିଲେ ଯେ ଜଟାଜୁଟ ମଣ୍ଡିତ, ଶୁଭ୍ରବସନ ପରିହିତ, କମଣ୍ଡଳୁ ଧାରଣ କରି ଜଣେ ଦୀର୍ଘକାୟ ସନ୍ନ୍ୟାସୀ ଧୀର ମନ୍ଥର ଗତିରେ ତାଙ୍କ ଆଡ଼କୁ ଅଗ୍ରସର ହେଉଛନ୍ତି। ସନ୍ନ୍ୟାସୀଙ୍କ ମୁଖମଣ୍ଡଳରେ କ୍ଷୀଣ ହାସ୍ୟରେଖା ଖେଳି ଯାଇଥିଲା। ଅପୂର୍ବ ଦୀପ୍ତିରେ ଶରୀର ଝଟକୁ ଥାଏ। ବିଲମ୍ବିତ ରୁଦ୍ରାକ୍ଷମାଳ ପ୍ରସାରିତ କର କମଳର  ଶୋଭା ବର୍ଦ୍ଧନ କରୁଥିଲା। ସେ ନିକଟତର ହେବାରୁ ଶଙ୍କର ଜାଣିପାରିଲେ ଯେ ସେ ହେଉଛନ୍ତି ତାଙ୍କର ପରମଗୁରୁ ଗୌଡ଼ପାଦ। ଶଙ୍କର ପ୍ରଣିପାତ କଲେ । ଗୌଡ଼ପାଦ ତାଙ୍କୁ କୋଳାଗ୍ରତ କରି ମସ୍ତକରେ ହସ୍ତସ୍ଥାପନ ପୂର୍ବକ ଆଶୀର୍ବାଦ କଲେ। ଗୌଡ଼ପାଦ କହିଲେ "ହେ ବସ୍! ତୁମେ ମୋର ଶିଷ୍ୟ ଗୋବିନ୍ଦର ଶିଷ୍ୟ। ତୁମର କୀର୍ତ୍ତି ଚନ୍ଦ୍ରମାର ଆଲୋକ ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇ ଉଠିଛି। ତୁମେ ଅସାଧ ସାଧନ କରିପାରିଛ। ତୁମକୁ ପ୍ରତ୍ୟକ୍ଷରେ ଦେଖିବାର ଇଚ୍ଛା ସମ୍ବରଣ କରି ନପାରି ମୁଁ ଚାଲି ଆସିଲି। ମୋର ଆଶୀର୍ବାଦ ଗ୍ରହଣ କର।" ଶଙ୍କର ଭକ୍ତିର ସହିତ ଗୌଡ଼ପାଦଙ୍କ ନିକଟରେ ମାଣ୍ଡୁକ୍ୟ କାରିକା ଉପରେ ଲେଖିଥିବା ଭାଷ୍ୟ ପଢ଼ାଇ ଶୁଣାଇଲେ। ଗୌଡ଼ପାଦ ପ୍ରସନ୍ନ ହୋଇ ତାଙ୍କୁ ବର ପ୍ରଦାନ କରିବାକୁ ଇଚ୍ଛାକଲେ। ଶଙ୍କର ଉତ୍ତର ଦେଲେ, "ହେ ମହାତ୍ମନ୍! ଆପଣ ନାରାୟଣଙ୍କର ଅବତାର। ଶୁକଦେବଙ୍କ ଶିଷ୍ୟ। ଆପଣଙ୍କର ଦର୍ଶନ ଲାଭକରି ମୁଁ କୃତାର୍ଥ ହେଲି। ମୋର କୌଣସି କାମନା ନାହିଁ। ବ୍ରହ୍ମାନନ୍ଦରେ ମୋର ମନ ନିମଜ୍ଜିତ। ସର୍ବଦା ସେହି ସ୍ଥିତି ମୋର କାମ୍ୟ। ଏତିକି ଆଶୀର୍ବାଦ  କରନ୍ତୁ।" ସିଦ୍ଧପୁରୁଷ ଗୌଡ଼ପାଦ ତାଙ୍କୁ ଆଶୀର୍ବାଦ କରି ଅନ୍ତର୍ହିତ ହୋଇଗଲେ।

ଏହାର ପରବର୍ତ୍ତୀ ଘଟନା।  ଶଙ୍କର ଶୁଣିବାକୁ ପାଇଲେ ଯେ କାଶ୍ମୀରରେ ରହିଛି ଶାରଦା ଦେବୀଙ୍କ ମନ୍ଦିର। ମନ୍ଦିର ଅଭ୍ୟନ୍ତରରେ ରହିଛି ସର୍ବଜ୍ଞ ପୀଠ। ମନ୍ଦିରରେ ଚାରିଗୋଟି ଦ୍ୱାର ରହିଛି। ପ୍ରତିଦ୍ୱାର ସମ୍ମୁଖରେ ଗୋଟିଏ ଗୋଟିଏ ମଣ୍ଡପ ରହିଛି। ଏହି ମନ୍ଦିରର ପୂର୍ବ, ପଶ୍ଚିମ ଓ ଉତ୍ତର ଦ୍ୱାର ଉନ୍ମୁକ୍ତ। କେବଳ ଦକ୍ଷିଣ ଦ୍ୱାରଟି ଅବରୁଦ୍ଧ। ଏ ମନ୍ଦିର ବିରାଟ ବିରାଟ ପଣ୍ଡିତଙ୍କ ନିୟନ୍ତ୍ରଣରେ ରହିଅଛି। ପ୍ରବେଶ ପୂର୍ବରୁ ଏମାନଙ୍କ ପ୍ରଶ୍ନର

ସନ୍ତୋଷ ଜନକ ଉତ୍ତର ଦେବାକୁ ପଡ଼ିବ। ଦକ୍ଷିଣ ଦ୍ୱାର ଉନ୍ମୁକ୍ତ ହୋଇନାହିଁ କାରଣ ଦକ୍ଷିଣ ଦେଶର କୌଣସି ପଣ୍ଡିତ ଏଥିପାଇଁ ସମର୍ଥ ହୋଇ ନାହାନ୍ତି। ଏଣୁ ସର୍ବସାଧାରଣରେ ଏହି ମତ ରହିଅଛି ଯେ ଦକ୍ଷିଣ ଦେଶରେ ଶାସ୍ତ୍ରଜ୍ଞ ପଣ୍ଡିତ ନାହାନ୍ତି। ଶଙ୍କରଙ୍କ ଘର ସୁଦୂର ଦକ୍ଷିଣପ୍ରାନ୍ତ କେରଳରେ ଏଣୁ ସେ ଏ ଭ୍ରାନ୍ତ ଧାରଣା ଦୂର କରିବା ପାଇଁ ଶାରଦା ମନ୍ଦିର ଅଭିମୂଖେ ଯାତ୍ରା କରିବାର ପ୍ରୟାସୀ ହେଲେ।

ନିର୍ଦ୍ଧାରିତ ଦିବସର ପ୍ରାତଃକାଳରେ ସେ ନିତ୍ୟକର୍ମ ଶେଷକରି ଓ ପୂଜାର୍ଚ୍ଚନା ସମାପ୍ତକରି ଶିଷ୍ୟମାନଙ୍କ ସହିତ ମନ୍ଦିର ଦିଗରେ ଅଗ୍ରସର ହେଲେ। ଏହି ମନ୍ଦିରର ଦ୍ୱାର ଉନ୍ମୁକ୍ତ କରିବା ପାଇଁ ସେ ପ୍ରୟାସ କରିବା ଅବସରରେ ଦିଗ୍‌ଗଜ ପଣ୍ଡିତଗଣ ତାଙ୍କୁ ଚତୁର୍ଦ୍ଦିଗରୁ ଘେରିଯାଇ ବିନା ପରୀକ୍ଷାରେ ମନ୍ଦିରର ଦ୍ୱାର ଉନ୍ମୁକ୍ତ କରିବା ପାଇଁ ବାରଣ କଲେ। ତାଙ୍କର ଶିଷ୍ୟଗଣ କ୍ରୁଦ୍ଧହୋଇ ଉଠିଲେ। ତାଙ୍କର ଗୁରୁଙ୍କର ପାଣ୍ଡିତ୍ୟ ପରୀକ୍ଷା କରିବାର ଦୁଃସାହସ ନିର୍ବୋଧତା ମାତ୍ର। କିନ୍ତୁ ଶଙ୍କରଚାର୍ଯ୍ୟ ସହାସ୍ୟ ବଦନରେ ସେମାନଙ୍କୁ ପ୍ରଶ୍ନ କରିବାକୁ ଆମନ୍ତ୍ରଣ କଲେ। ସେ ଯେ ଅନାୟାସରେ ଏ ପ୍ରଶ୍ନର ଉତ୍ତର ଦେଇପାରିବେ ଏଥିରେ ତାଙ୍କର ତିଳେମାତ୍ର ସନ୍ଦେହ ନଥିଲା। ପ୍ରଥମେ ବିଶେଷିକ ପଣ୍ଡିତ ପ୍ରଶ୍ନକଲେ ଯେ ଜଗତର ଆରମ୍ଭରେ ପରମାଣୁ ରହିଥିଲା। ଦୁଇଟି ପରମାଣୁ ନେଇ ଦ୍ୟୁଣକ ଗଠିତ ହୁଏ। ଅତଏବ ଦ୍ୟୁଣକରେ ଯେଉଁ ଅଣୁତ୍ୱ ଅଛି ତାହାର କାରଣ କଅଣ ? ଶଙ୍କର ଉତ୍ତର ଦେଲେ ଯେ, "ପରମାଣୁରେ ଯେଉଁ ଦ୍ୱିତ୍ୱ ସଂଖ୍ୟା ଅଛି ତାହାହିଁ ଦ୍ୟୁଣକର ଅଣୁତ୍ୱର କାରଣ"। ଏ ଉତ୍ତରରେ ବୈଶେଷିକ ପଣ୍ଡିତ ସନ୍ତୋଷ ଲାଭକଲେ। ଏହାପରେ ନ୍ୟାୟ ପଣ୍ଡିତ ପ୍ରଶ୍ନକଲେ ଯେ ବୈଶେଷିକ ମତର ମୁକ୍ତି ଓ ନ୍ୟାୟ ମତର ମୁକ୍ତି ମଧ୍ୟରେ କି ପାର୍ଥକ୍ୟ ରହିଛି। ଏହାର ଉତ୍ତରରେ ଆଚାର୍ଯ୍ୟ କହିଲେ କି ସଂସାରରେ ଗୁଣ ସହିତ ସମ୍ବନ୍ଧ ଥିବା ପର୍ଯ୍ୟନ୍ତ ଆତ୍ମା ବନ୍ଧନରେ ପଡ଼ିଥାଏ। ଯେତେବେଳେ ସେ ଏ ବନ୍ଧନରୁ ମୁକ୍ତହୋଇ ଆକାଶ ଭଳି ସମ୍ପୁର୍ଣ୍ଣ ନିର୍ଲିପ୍ତ ହୋଇଯାଏ ସେ ଉକ୍ତ ଅବସ୍ଥା ଲାଭକରେ। ମାତ୍ର ନ୍ୟାୟ ଦର୍ଶନ ମତରେ ମୁକ୍ତି ଅବସ୍ଥାରେ ଆତ୍ମା ଆନନ୍ଦ ସହ ଯୁକ୍ତ ହୁଏ। ଏହାହିଁ ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ। ନ୍ୟାୟ ପଣ୍ଡିତ ନୀରବ ରହିଲେ।

ଏହାପରେ ସାଂଖ୍ୟ ଦର୍ଶନର ପ୍ରବକ୍ତା ପ୍ରଶ୍ନ କଲେ ଯେ ମୂଳ ପ୍ରକୃତି ଯେତେବେଳେ ସ୍ୱାଧୀନ ଥାଆନ୍ତି ସେ ଜଗତର କାରଣ ହୋଇଥାଆନ୍ତି ନା ଏଥିପାଇଁ ଅନ୍ୟ କାହା ଉପରେ ଆଶ୍ରୟ କରିବାକୁ ପଡ଼େ। ଶଙ୍କର ଏହାର ଉତ୍ତର ଦେଇ କହିଲେ ଯେ କପିଳଙ୍କ ମତରେ ପ୍ରକୃତି ସ୍ୱାଧୀନ ଭାବରେ ଏହାର କାରଣ ହୋଇଥାଆନ୍ତି ମାତ୍ର ବେଦାନ୍ତ ମତରେ ପ୍ରକୃତି ପୁରୁଷର ଅଧୀନ। ଏହା ସ୍ୱତନ୍ତ୍ର ନୁହେଁ। ସାଂଖ୍ୟ ପଣ୍ଡିତ ନିରବ ରହିଲେ। ଏହାପରେ ବୌଦ୍ଧ, ଜୈନ ଓ ମୀମାଂସା ଦର୍ଶନରେ ପଣ୍ଡିତଗଣ ପ୍ରଶ୍ନ ପଚାରିଥିଲେ। ଶଙ୍କର ତାହାର ଯଥାର୍ଥ ଉତ୍ତର ଦେଇଥିଲେ। ସମସ୍ତେ ସ୍ୱୀକାର କଲେ ଶଙ୍କର ସର୍ବଦର୍ଶନରେ

ଅଦ୍ୱିତୀୟ ପଣ୍ଡିତ। ବର୍ତ୍ତମାନ ଦକ୍ଷିଣଦ୍ୱାର ଉନ୍ମୁକ୍ତ ହେଲା। ପ୍ରଧାନ ଶିଷ୍ୟ ପଦ୍ମପାଦଙ୍କ ସ୍କନ୍ଧ ଦେଶରେ ହସ୍ତସ୍ଥାପନ ପୂର୍ବକ ଆଚାର୍ଯ୍ୟ ପାବଚ୍ଛ ଅତିକ୍ରମ କରି ଶାରଦାଙ୍କ ମୁଖ୍ୟପୀଠ ଉପରକୁ ଆରୋହଣ କରିବା ଆରମ୍ଭ କଲେ। ମାତ୍ର ଏହି ସମୟରେ ଏକ ଅଶରୀରୀ ଦୈବୀବାଣୀ ସେ ଶୁଣିବାକୁ ପାଇଲେ। ଏ ପ୍ରଶ୍ନଥିଲା ତାଙ୍କର ଚରିତ୍ରର ଶୁଦ୍ଧତା ବିଷୟରେ। ଏଠି ସାକ୍ଷାତ ସରସ୍ୱତୀ ପ୍ରଶ୍ନ କରିଥିଲେ ଯେ ତାଙ୍କର ଶାସ୍ତ୍ର ଜ୍ଞାନ ବିଷୟରେ କାହାର ସନ୍ଦେହ ନାହିଁ। କିନ୍ତୁ ତାଙ୍କର ଚରିତ୍ର ସମ୍ପୂର୍ଣ୍ଣ ଶୁଦ୍ଧ ଅଛିତ ? ମଣ୍ଡନ ମିଶ୍ରଙ୍କର ପତ୍ନୀ ଉଭୟ ଭାରତୀ ତାଙ୍କୁ କାମଶାସ୍ତ୍ର ଉପରେ ପ୍ରଶ୍ନ କରିଥିବା ବେଳେ ସେ ଏ କ୍ଷେତ୍ରରେ ଜ୍ଞାନଲାଭ କରିବାପାଇଁ ରମଣୀମାନଙ୍କ ଗହଣରେ ରହିଥିଲେ। ଶଙ୍କର ଅବିଚଳିତ ଭାବରେ ଉତ୍ତର ଦେଇଥିଲେ ଯେ ସେ ସ୍ୱଇଚ୍ଛାରେ କୌଣସି ପାପକର୍ମ କରିନାହାଁନ୍ତି। ଶାସ୍ତ୍ରାର୍ଥପାଇଁ ସ୍ୱୟଂ ବାଗ୍ଦେବୀ ଯେକି ଉଭୟ ଭାରତୀ ରୂପରେ ମର୍ତ୍ତ୍ୟ ମଣ୍ଡଳରେ ଅବତୀର୍ଣ୍ଣ ହୋଇଥିଲେ। ସେ ଏ କ୍ଷେତ୍ରରେ ତାଙ୍କୁ ପ୍ରେରିତ କରିଥିଲେ। କିନ୍ତୁ ସେ ଅନ୍ୟ ଶରୀରରେ ପ୍ରବେଶ କରିଥିଲେ। ତାଙ୍କର ଏ ଶରୀର ନିଷ୍କଳଙ୍କ ପାପରହିତ ବୋଲି ଶଙ୍କର ଦୃଢ଼ ଭାବରେ କହିଥିଲେ। ଚତୁର୍ଦ୍ଦିଗରେ ଶାନ୍ତି ବିରାଜମାନ କଲା। ତାଙ୍କର ଉତ୍ତରରେ ସମସ୍ତେ ପ୍ରସନ୍ନତା ଲାଭ କରିଥିଲେ। ଏହାପରେ ଶଙ୍କର ପାବଚ୍ଛ ଗୁଡ଼ିକୁ ଅତିକ୍ରମ କରି ଦେବୀପୀଠ ଆରୋହଣ କରି ଭଦ୍ରାସନରେ ଉପବିଷ୍ଟ ହେଲେ। ତାଙ୍କର ଜୟଜୟକାରରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠିଲା। ଧନ୍ୟ ଶଙ୍କର। ଯଥାର୍ଥରେ ସେ ଥିଲେ ଯୁଗପୁରୁଷ। ଭାରତ ବର୍ଷର ଅଧ୍ୟାତ୍ମିକ ଗଗନର ଦୀପ୍ତିମନ୍ତ କାବ୍ୟତାରା।

✶✶✶

# ମଣ୍ଡନଙ୍କ ସହ ଶଙ୍କରଙ୍କ ଶାସ୍ତ୍ରାର୍ଥ

କୁମାରିଲଙ୍କ ସହ ଶାସ୍ତ୍ରାର୍ଥରେ ପ୍ରବୃତ୍ତ ହେବାପାଇଁ ଶଙ୍କର ପ୍ରୟାସ କରିଥିଲେ, ମାତ୍ର ତାହା ସମ୍ଭବ ହେଲାନାହିଁ। କୁମାରିଲ ଗୁରୁଦ୍ରୋହ ପାପର ପ୍ରାୟଶ୍ଚିତ ସ୍ୱରୂପ ଆତ୍ମୋତ୍ସର୍ଗ କଲେ। ତେବେ ତାଙ୍କର ଉପଦେଶ ଅନୁଯାୟୀ ତାଙ୍କର ପ୍ରଧାନ ଶିଷ୍ୟ ମଣ୍ଡନ ମିଶ୍ରଙ୍କ ସହ ଶାସ୍ତ୍ରାର୍ଥ କରିବା ପାଇଁ ଶଙ୍କର ମାହିଷ୍ମତୀପୁରକୁ ଯାତ୍ରା କଲେ। ବର୍ତ୍ତମାନ ନାମ ହେଉଛି ମାନ୍ଧାତା ଏବଂ ଏହା ଇନ୍ଦୋର ନିକଟରେ ନର୍ମଦା ନଦୀ ତୀରରେ ଅବସ୍ଥିତ। ଏହି ନଗରୀରେ ପହଞ୍ଚି ଶଙ୍କର ମଣ୍ଡନ ମିଶ୍ରଙ୍କ ଗୃହର ସନ୍ଧାନ ନେଲେ। ମଣ୍ଡନ ମିଶ୍ର ଯେ କେବଳ ଭାରତ ବିଖ୍ୟାତ ପଣ୍ଡିତ ଥିଲେ ତାହାନୁହେଁ ସେ ମଧ୍ୟ ଅଶେଷ ଐଶ୍ୱର୍ଯ୍ୟଶାଳୀ ଥିଲେ। ତାଙ୍କ ପତ୍ନୀଙ୍କ ନାମଥିଲା ଉଭୟଭାରତୀ। ସେ ଉଭୟ ବିଦ୍ୟା ଓ ଗୃହକର୍ମରେ ପାରଦର୍ଶିତା ଲାଭ କରିଥିଲେ। ଶଙ୍କର ପଥମଧ୍ୟରେ ଜଳ ଆନୟନ କରିବାକୁ ଯାଉଥିବା କେତେକ ସ୍ତ୍ରୀ ଲୋକଙ୍କୁ ମଣ୍ଡନଙ୍କ ଗୃହ ସମ୍ପର୍କରେ ପଚାରିବାରୁ ସେମାନେ ନିମ୍ନମତେ ଉତ୍ତର ଦେଇଥିଲେ।

ସ୍ୱତଃ ପ୍ରମାଣଂ ପରତଃପ୍ରମାଣଂ କୀରାଙ୍ଗନା ଯତ୍ର ଗିରଂ ଗିରନ୍ତି
ଦ୍ୱାରସ୍ଥନୀଡାନ୍ତରସନ୍ନିରୁଦ୍ଧା ଜାନୀହି ତନ୍ ମଣ୍ଡନ ମିଶ୍ରଧାମ
ଜଗଦ୍ ଧ୍ରୁବଂସ୍ୟାଦ୍ ଜଗଦଧ୍ରୁବଂସ୍ୟାତ୍ କୀରାଙ୍ଗନା ଯତ୍ର ଗିରଂ ଗିରନ୍ତି
ଦ୍ୱାରସ୍ଥନୀଡାନ୍ତରସନ୍ନିରୁଦ୍ଧା ଜାନୀହି ତନ୍ ମଣ୍ଡନ ମିଶ୍ର ଧାମ।

ଏହି ଶ୍ଳୋକଗୁଡ଼ିକ ଭାରତୀୟ ଦର୍ଶନର କେତୋଟି ମୌଳିକ ପ୍ରଶ୍ନର ଅବତାରଣା କରିଅଛି। ଏ ସଂସାର ନିତ୍ୟ ନା ଅନିତ୍ୟ, ବେଦ ସ୍ୱତଃପ୍ରମାଣ ନା ଏହାର ପ୍ରାମାଣିକତା ଅନ୍ୟ ପ୍ରମାଣ ଉପରେ ନିର୍ଭର କରେ। ସେହିପରି କର୍ମ ସ୍ୱତଃଫଳ ସୃଷ୍ଟିକରେ ନା ଫଳଦାନ କ୍ଷେତ୍ରରେ ଅନ୍ୟ କାହାଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଏଭଳି ବିଭିନ୍ନ ପ୍ରଶ୍ନକୁ ନେଇ ମୀମାଂସକ ନୈୟାୟିକ ତଥା ବେଦାନ୍ତବାଦୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥାଏ। ଏହାଶୁଣି ଶୁଣି ମଣ୍ଡନଙ୍କ ଗୃହରେ ଥିବା ଶୁଆଶାରୀଗଣ ଏ ପ୍ରସଙ୍ଗରେ ତାଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥାଆନ୍ତି। ମୀମାଂସକମାନଙ୍କ ମତରେ ବେଦ ଅପୌରୁଷେୟ ଏହା ସ୍ୱତଃସିଦ୍ଧ ଓ ସ୍ୱତଃପ୍ରମାଣ ମାତ୍ର ନୈୟାୟିକଗଣ ଏ ମତକୁ ଗ୍ରହଣ କରୁନଥିଲେ। ସେମାନଙ୍କ ମତରେ ବେଦର ପ୍ରାମାଣିକତା ଅନ୍ୟ ବାହ୍ୟପ୍ରମାଣ ଉପରେ ନିର୍ଭର କରେ। ମୀମାଂସକଗଣ ଜଗତକୁ ଧ୍ରୁବ କହନ୍ତି ମାତ୍ର ଅଦ୍ୱୈତବାଦୀମାନେ ଏହାକୁ ଅଧ୍ରୁବ ବୋଲି କହନ୍ତି। ସେହିଭଳି କର୍ମଫଳ ବିଷୟରେ ମଧ୍ୟ ମତପାର୍ଥକ୍ୟ ରହିଅଛି। ମୀମାଂସକମାନଙ୍କ ମତରେ କର୍ମ ସ୍ୱାଧୀନ ଭାବରେ ଫଳ ସୃଷ୍ଟିକରେ। ମାତ୍ର, ନୈୟାୟିକ ଓ ବେଦାନ୍ତବାଦୀଗଣଙ୍କ ମତରେ ଈଶ୍ୱର ଏହାକୁ ନିୟନ୍ତ୍ରଣ କରିଥାଆନ୍ତି।

ଜଳ ଆନୟନ ପାଇଁ ଯାଉଥିବା ସ୍ତ୍ରୀଲୋକଙ୍କ ଠାରୁ ସୂଚନା ପାଇ ଶଙ୍କର ମଣ୍ଡନ ମିଶ୍ରଙ୍କ ଗୃହର ଦ୍ୱାରଦେଶରେ ଉପସ୍ଥିତ ହେଲେ। କିନ୍ତୁ ସେଦିନ ଥିଲା ତାଙ୍କର ପିତୃଶ୍ରାଦ୍ଧ। ଘରର ଦ୍ୱାରଦେଶ ଥିଲା ଅବରୁଦ୍ଧ ଏବଂ ଦ୍ୱାରପାଳ ଶଙ୍କରଙ୍କୁ ଗୃହ ମଧ୍ୟରେ ପ୍ରବେଶ କରିବା ପାଇଁ ଦେଇ ନଥିଲା। ଶୁଣାଯାଏ ଯେ ଶଙ୍କର ଯୋଗ ବଳରେ ତାଙ୍କର ଗୃହ ମଧ୍ୟରେ ପ୍ରବେଶ କରିଥିଲେ। ପିତୃଶ୍ରାଦ୍ଧଦିନ ସୂତ୍ରଶିଖା ବିବର୍ଜିତ ଜଣେ ସନ୍ନ୍ୟାସୀଙ୍କୁ ଗୃହ ମଧ୍ୟରେ ଦେଖିବା ଶୁଭ ଲକ୍ଷଣ ନୁହେଁ। ଏଣୁ ମଣ୍ଡନ କ୍ରୋଧରେ ଅଗ୍ନିଶର୍ମା ହୋଇ ତାଙ୍କୁ ଗାଳିବର୍ଷଣ କଲେ। ମାତ୍ର ଆମନ୍ତ୍ରିତ ବିଶିଷ୍ଟ ଅତିଥିବୃନ୍ଦ ଏଥିରୁ ତାଙ୍କୁ ନିବୃତ୍ତ କରାଇଲେ। ପୁନଶ୍ଚ ଶ୍ରାଦ୍ଧଦିନ କ୍ରୋଧ ସମ୍ବରଣ କରିବା ଉଚିତ୍। କୁହାଯାଇଛି, "ଅକ୍ରୋଦ୍ଧନୈଃ ଶୌଚପରୈଃ ସତତଂ ବ୍ରହ୍ମବାଦିଭିଃ" ମଣ୍ଡନ ମିଶ୍ର ନିଜକୁ ଶାନ୍ତରଖି ଶଙ୍କରଙ୍କୁ ଭିକ୍ଷାଦାନର ବ୍ୟବସ୍ଥା କଲେ। ମାତ୍ର ଶଙ୍କର କହିଲେ ଯେ ସେ ଭିକ୍ଷାନ୍ନ ପାଇଁ ସେଠାକୁ ଆସିନଥିଲେ। ସେ ଆସିଥିଲେ ବାଦ ଭିକ୍ଷାପାଇଁ ଅର୍ଥାତ୍ ଶାସ୍ତ୍ରାର୍ଥପାଇଁ। ପ୍ରଥମେ ମଣ୍ଡନ ମିଶ୍ର ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କଭଳି ଭାରତ ବିଖ୍ୟାତ ପଣ୍ଡିତଙ୍କ ସହ ଶାସ୍ତ୍ରାର୍ଥ ପାଇଁ ଏ ତରୁଣ ସନ୍ନ୍ୟାସୀଙ୍କ ଆସ୍ପର୍ଦ୍ଧା ତାଙ୍କୁ ବିସ୍ମିତ କରାଇଥିଲା। ତେବେ ଏ ଆହ୍ୱାନକୁ ସେ ଗ୍ରହଣ କଲେ। ପରଦିନ ପ୍ରଭାତରୁ ଏ ଶାସ୍ତ୍ରାର୍ଥ ଆରମ୍ଭ ହେବ ଏବଂ ଉଭୟଭାରତୀ ବିଚାରିକା ଆସନ ମଣ୍ଡନ କରିବେ। ତାଙ୍କର ନିରପେକ୍ଷତା ଉପରେ କାହାର ସନ୍ଦେହ ନଥିଲା।

ପରଦିନ ଶାସ୍ତ୍ରାର୍ଥ ଆରମ୍ଭ ହେଲା। ଶଙ୍କର ଓ ମଣ୍ଡନ ନିଜ ନିଜର ଦର୍ଶନ କ୍ଷେତ୍ରରେ ଥିଲେ ଦିଗ୍‌ଗଜ ପଣ୍ଡିତ ଓ ତର୍କପଟୁତାରେ ପାରଦର୍ଶୀ। ଏଣୁ ଏ ଆଲୋଚନା ସ୍ଥଳରେ ବହୁ ପଣ୍ଡିତଙ୍କର ସମାଗମ ହେଲା। ଆଲୋଚନା ଆରମ୍ଭରେ ଉଭୟେ ନିଜ ନିଜର ପ୍ରତିଜ୍ଞା ଘୋଷଣା କଲେ। ଶଙ୍କର ନିଜର ପ୍ରତିଜ୍ଞା ଘୋଷଣା କରି କହିଲେ ଯେ ସଚ୍ଚିଦାନନ୍ଦ ବ୍ରହ୍ମ ହିଁ ଏକମାତ୍ର ସତ୍ୟ। ଯେପରି ଭ୍ରମବଶତଃ ସୁକ୍ତି ରଜତ ରୂପରେ ପ୍ରତିଭାତ ହୁଏ ସେହିପରି ମାୟାଦ୍ୱାରା ବ୍ରହ୍ମ ଜଗତ୍ ରୂପରେ ପ୍ରତିଭାତ ହୁଏ। ସୁକ୍ତିର ଜ୍ଞାନ ଯେଭଳି ରଜତର ଭ୍ରାନ୍ତିକୁ ଦୂରକରେ ସେହିଭଳି ବ୍ରହ୍ମଜ୍ଞାନ ଜଗତର ଭ୍ରାନ୍ତିକୁ ଦୂରକରେ ଏବଂ ମୋକ୍ଷଲାଭ ହୁଏ। ଏ ବିଷୟରେ ଉପନିଷଦ୍ ହିଁ ପ୍ରମାଣ। ଯଦି ଶାସ୍ତ୍ରାର୍ଥରେ ମୁଁ ପରାଜିତ ହୁଏ, ତେବେ ସନ୍ନ୍ୟାସୀର କଷାୟ ବସ୍ତ୍ରକୁ ପରିହାର କରି ଗୃହସ୍ଥର ଧବଳ ବସ୍ତ୍ରକୁ ପରିଧାନ କରିବି। ମଣ୍ଡନ ମିଶ୍ର ନିଜର ପ୍ରତିଜ୍ଞାକୁ ଉପସ୍ଥାପନ କରି କହିଲେ ଯେ ସେ କର୍ମକାଣ୍ଡର ସମର୍ଥକ। ବେଦବିଧି ଅନୁଯାୟୀ କର୍ମକରିବା ଜୀବନରେ ଶ୍ରେଷ୍ଠ ଲକ୍ଷ୍ୟ। ଏହାଦ୍ୱାରା ସ୍ୱର୍ଗପ୍ରାପ୍ତି ହୁଏ। କର୍ମକାଣ୍ଡ ଏହା ପ୍ରତିପାଦନ କରିଛି, ଉପନିଷଦ ନୁହେଁ। ଯଦି ସେ ଶାସ୍ତ୍ରାର୍ଥରେ ପରାଜିତ ହୁଅନ୍ତି ତେବେ ସେ ଗୃହସ୍ଥ ଧର୍ମ ତ୍ୟାଗକରି ସନ୍ନ୍ୟାସ ଗ୍ରହଣ କରିବେ।

ତେବେ ଶାସ୍ତ୍ରାର୍ଥ ଆରମ୍ଭ ପୂର୍ବରୁ ଉଭୟ ଭାରତୀ ଦୁଇଜଣଙ୍କ ଗଳାରେ ଦୁଇଟି ପୁଷ୍ପମାଲ୍ୟ ଗଳାଇ ଦେଇ ଘୋଷଣା କରିଥିଲେ ଯେ ଯାହାର ପୁଷ୍ପମାଲ୍ୟ ମଳିନ ପଡ଼ିଯିବ ସେ ପରାସ୍ତ ହେଲେ ବୋଲି ସ୍ୱୀକାର କରିବାକୁ ପଡ଼ିବ। ତାତ୍ପର୍ଯ୍ୟ ହେଲା ଯେ ପରାଜୟର ଆଶଙ୍କାରେ ବ୍ୟକ୍ତି ଉତ୍ତେଜିତ ହୋଇପଡ଼ିବ ଓ ଶରୀରର ଉତ୍ତାପ ବୃଦ୍ଧି ଫଳରେ ପୁଷ୍ପମାଲ୍ୟ ମଳିନ ପଡ଼ିଯିବ। ପୁନଶ୍ଚ ଉଭୟଭାରତୀ ଶାସ୍ତ୍ରାର୍ଥ ସ୍ଥଳରେ ସର୍ବଦା ରହୁନଥିଲେ। ସେ ନିଜର ସ୍ୱାମୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିଲେ ଏବଂ ସନ୍ନ୍ୟାସୀଙ୍କ ଭିକ୍ଷାର ବ୍ୟବସ୍ଥା କରୁଥିଲେ। ତେବେ ସେ ଆଲୋଚନା ଉପରେ ଦୃଷ୍ଟି ରଖିଥିଲେ ଏବଂ ତାଙ୍କର ଏ ଦୃଢ଼ ବିଶ୍ୱାସ ରହିଥିଲା ଯେ ଉଭୟେ ନୀତିନିଷ୍ଠ ଥିବାରୁ ଆଲୋଚନା ନିୟମକୁ ଆଦୌ ଲଂଘନ କରିବେ ନାହିଁ। ଏକ ବୌଦ୍ଧିକ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏ ଆଲୋଚନା ଆରମ୍ଭ ହୋଇଥିଲା। ଜଣେ ଅନ୍ୟଜଣଙ୍କର ଯୁକ୍ତିକୁ ଖଣ୍ଡନ କରୁଥାଆନ୍ତି। ଉଭୟଙ୍କର ଅସାଧାରଣ ଶାସ୍ତ୍ର ଜ୍ଞାନ ଥିଲା ଏବଂ ତର୍କପଟୁତା ରହିଥିଲା। ଉପସ୍ଥିତ ପଣ୍ଡିତମଣ୍ଡଳୀ ଉଭୟଙ୍କୁ ସାଧୁବାଦ ଜଣାଉଥାଆନ୍ତି। ଆଲୋଚନାର ଆରମ୍ଭରେ ମଣ୍ଡନ ଶଙ୍କରଙ୍କୁ ପ୍ରଶ୍ନକଲେ, "ହେ ଯତିରାଜ! ଆପଣ ଜୀବ ଓ ବ୍ରହ୍ମ ଅଭେଦ ବୋଲି ଯାହା କହୁଛନ୍ତି ତାହାର ପ୍ରମାଣ କାହିଁ? ଶଙ୍କର ଉପନିଷଦ୍ ପ୍ରମାଣଦେଇ ଉଦ୍ଦାଳକ ଓ ଯାଜ୍ଞବଲ୍କ୍ୟଙ୍କ ଉକ୍ତିକୁ ଉଦ୍ଧାର କରିଥିଲେ। ଉପନିଷଦର ମହାବାକ୍ୟ 'ଅହଂ ବ୍ରହ୍ମାସ୍ମି" ତଥା "ତତ୍ତ୍ୱମସି"ର ଉଦ୍ଧାର କରିଥିଲେ।

ଉଭୟ ଥିଲେ ଦିଗ୍‌ଗଜ ପଣ୍ଡିତ ଏବଂ ଅସାଧାରଣ ଶାସ୍ତ୍ର ଜ୍ଞାନର ଅଧିକାରୀ। ଏଣୁ ଯୁକ୍ତିଦ୍ୱାରା ପରସ୍ପର ମତକୁ ଖଣ୍ଡନ କରିବାରେ ସଫଳ ହୋଇଥିଲେ। ଏ ତର୍କ ପ୍ରାୟ ସାତଦିନ ଧରି ଚାଲିଥିଲା। ପରିଶେଷରେ ଦେଖାଗଲା ଯେ ମଣ୍ଡନଙ୍କର ସମସ୍ତ ଯୁକ୍ତିକୁ ଶଙ୍କର ଖଣ୍ଡନ କରିପାରିଛନ୍ତି। ବର୍ତ୍ତମାନ ମଣ୍ଡନ ନିରୂପାୟ। ପରିଶେଷରେ ସେ ପରାଜୟ ସ୍ୱୀକାର କଲେ। ପୁଷ୍ପମାଳଟି ମଳିନ ପଡ଼ିଥିଲା। ମଣ୍ଡନ କହିଲେ – "ହେ ଯତିରାଜ ପରାଜୟରେ ମୁଁ ଦୁଃଖିତ ନୁହେଁ। କିନ୍ତୁ ଦୁଃଖ ଏଇଥିପାଇଁ ଅନୁଭବ କରୁଛି ଯେ ଜୈମିନି କୃତ ବେଦବ୍ୟାଖ୍ୟା ନିରାକୃତ ହୋଇଗଲା।" ଶାନ୍ତ ଓ ଦୟାଶୀଳ ଶଙ୍କର ତାଙ୍କୁ ପ୍ରବୋଧନ ଦେଇ କହିଲେ ଯେ ଜୈମିନିଙ୍କ ମତକୁ ଯଥାର୍ଥ ଅବଧାରଣା କରାଯାଇନାହିଁ। ଜୈମିନି ନିରୀଶ୍ୱରବାଦୀ ନଥିଲେ। ଜୈମିନି ଅନୁମାନଗମ୍ୟ ଈଶ୍ୱରଙ୍କୁ ନିରାକରଣ କରିଛନ୍ତି ବେଦଗମ୍ୟ ପରମେଶ୍ୱରଙ୍କୁ ନୁହେଁ। ଶଙ୍କର ଏ ବିଷୟକୁ ପ୍ରାଞ୍ଜଳ ଭାବରେ ବୁଝାଇଦେଲେ ଏବଂ ମଣ୍ଡନଙ୍କ ମନରୁ ଦୁଃଖ ଦୂରହେଲା।

ଏହାପରେ ଉଭୟଭାରତୀ ନିଜର ସ୍ୱାମୀଙ୍କର ପରାଜୟ ଘୋଷଣା କଲେ ମଧ୍ୟ ଏହାବି କହିଲେ ଯେ ସେ ମଣ୍ଡନଙ୍କର ଧର୍ମପତ୍ନୀ ଏବଂ ଅର୍ଦ୍ଧାଙ୍ଗୀନୀ ଏଣୁ ଶଙ୍କର ତାଙ୍କୁ ଶାସ୍ତ୍ରାର୍ଥରେ ପରାସ୍ତ ନକରିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଜୟଲାଭ କରିନାହାନ୍ତି। ଶଙ୍କର

ଜଣେ ସ୍ତ୍ରୀଙ୍କ ସହିତ ଶାସ୍ତ୍ରାର୍ଥ ପାଇଁ କୁଣ୍ଠିତ ହେଉଥିଲେ। କିନ୍ତୁ ଉଭୟଭାରତୀ ପ୍ରାଚୀନ ସମୟର ଅନେକ ପ୍ରମାଣ ଦେବାରୁ ଶଙ୍କର ତର୍କରେ ପ୍ରବୃତ୍ତ ହେଲେ। ତେବେ ଶଙ୍କରଙ୍କୁ ଏଭାବରେ ପରାସ୍ତ କରିବା ଅସମ୍ଭବ ମନେକଲେ। ଉଭୟଭାରତୀ ଆଜନ୍ମ ବ୍ରହ୍ମଚାରୀ ସନ୍ନ୍ୟାସୀଙ୍କୁ କାମଶାସ୍ତ୍ର ଉପରେ ପ୍ରଶ୍ନକଲେ। ପରାଜୟକୁ ଏଡ଼ାଇବାକୁ ଯାଇ ଶଙ୍କର ଏକମାସ ସମୟ ରହିଁଥିଲେ। ଏହାପରେ ସେ ଅନ୍ୟଶରୀରରେ ପ୍ରବେଶ କରି ଏ ବିଷୟରେ ଜ୍ଞାନ ଅର୍ଜନ କଲେ ଏବଂ ଉଭୟଭାରତୀଙ୍କୁ ପରାସ୍ତ କରିପାରିଲେ।

ପୂର୍ବ ସର୍ତ୍ତଅନୁଯାୟୀ ମଣ୍ଡନ ମିଶ୍ର ସନ୍ନ୍ୟାସ ଗ୍ରହଣ କଲେ ଏବଂ ଶଙ୍କରଙ୍କ ଶିଷ୍ୟତ୍ୱ ସ୍ୱୀକାର କଲେ। ତାଙ୍କର ନାମହେଲା "ସୁରେଶ୍ୱରାଚାର୍ଯ୍ୟ"। ଶଙ୍କରଙ୍କର ଚାରିଜଣ ପ୍ରଧାନ ଶିଷ୍ୟଥିଲେ ଯଥା- ସୁରେଶ୍ୱରାଚାର୍ଯ୍ୟ, ପଦ୍ମପାଦ, ତୋଟକାଚାର୍ଯ୍ୟ ଓ ହସ୍ତାମଳକ।

✶✶✶

# ପୁରଞ୍ଜନ ଉପାଖ୍ୟାନ

ପୁରୁ ବଂଶର ଦାୟାଦ ଥିଲେ ବହିର୍ଷଦ। ତାଙ୍କର କର୍ମକାଣ୍ଡରେ ଗଭୀର ଆସକ୍ତି ଥିଲା। ସେ ବହୁ ଯଜ୍ଞ କରୁଥିଲେ। ଯଜ୍ଞରେ ପଶୁମାନଙ୍କୁ ବଳି ଦିଆଯାଉଥିଲା। ଥରେ ତାଙ୍କର ନାରଦଙ୍କ ସଙ୍ଗେ ଦେଖାହେଲା। ନାରଦ ତାଙ୍କୁ ଏଥିରୁ ନିବୃତ୍ତ ହେବାକୁ ଅନୁରୋଧ କଲେ। ପଶୁମାନଙ୍କୁ ସେ ଏତେ ଯନ୍ତ୍ରଣା ଦେଉଛନ୍ତି। ସେମାନେ ତାଙ୍କ ଉପରେ ରାଗ ରଖିଛନ୍ତି। ମୃତ୍ୟୁପରେ ଏହି ପଶୁମାନେ ତାଙ୍କୁ ଆକ୍ରମଣ କରି ତୀକ୍ଷ୍ଣ ଶିଂଘରେ ତାଙ୍କୁ କ୍ଷତବିକ୍ଷତ କରିଦେବେ। ଏହି ପ୍ରସଙ୍ଗରେ ସେ ପୁରଞ୍ଜନ ଉପାଖ୍ୟାନରେ ଅବତାରଣା କରିଥିଲେ।

ପୁରଞ୍ଜନ ନାମରେ ପୂର୍ବେ ଜଣେ ଯଶସ୍ୱୀ ନରପତି ଥିଲେ। ତାଙ୍କର ଅବିଜ୍ଞାତ ବୋଲି ଜଣେ ବନ୍ଧୁଥିଲେ। ଦୁଇବନ୍ଧୁ ଆନନ୍ଦରେ ବିହାର କରୁଥିଲେ। ମାତ୍ର ପୁରଞ୍ଜନଙ୍କ ମନରେ ଏକ ବିଚିତ୍ର ଇଚ୍ଛା ଆସିଲା। ସେ ତାଙ୍କର ରହିବା ପାଇଁ ସବୁଠାରୁ ସୁନ୍ଦର ସ୍ଥାନ ଖୋଜିବାକୁ ଲାଗିଲେ। ଏହା ଫଳରେ ସେ ଅବିଜ୍ଞାତଙ୍କ ଠାରୁ ଦୂରେଇ ଗଲେ। ସେ ଯେତେ ଖୋଜିଲେ ବି ମନଲାଖି ଯାଗାଟିଏ ପାଇଲେ ନାହିଁ। ପରିଶେଷରେ ସେ ହିମାଳୟ ପାଖରେ ଭାରତ ଭୂଖଣ୍ଡରେ ଏକ ସୁନ୍ଦର ନଗରୀ ଦେଖିବାକୁ ପାଇଲେ । ଏହାର ଚତୁର୍ଦ୍ଦିଗରେ ପ୍ରାଚୀର ରହିଥିଲା,ଏଥିରେ ନଅଟି ଦ୍ୱାର ଥିଲା। ପ୍ରାଚୀର ଚତୁର୍ଦ୍ଦିଗରେ ଗଡ଼ଖାଇ ରହିଥିଲା। ନଗରୀ ମଧ୍ୟରେ ରମଣୀୟ ପ୍ରାସାଦ ସବୁ ରହିଥିଲା ଯେଉଁଗୁଡ଼ିକ ସୁବର୍ଣ୍ଣ, ହୀରା ପ୍ରଭୃତି ସୁନ୍ଦର ଧାତୁମାନଙ୍କ ଦ୍ୱାରା ମଣ୍ଡିତ ଥିଲା। ସୁନ୍ଦର ସୁନ୍ଦର ପୁଷ୍କରିଣୀ ରହିଥିଲା। ଏଥିରେ କୁମୁଦ, କହ୍ଲାର ସବୁ ପ୍ରସ୍ଫୁଟିତ ହୋଇ ଅତ୍ୟନ୍ତ ମନୋହର ଦିଶୁଥିଲେ। ଏହାର ସମୀପରେ ବିଭିନ୍ନ ଉଦ୍ୟାନ ମଧ୍ୟ ରହିଥିଲା। ବିହଙ୍ଗମାନଙ୍କର କଳରବରେ ତାହା ସବୁ ମୁଖରିତ ହେଉଥିଲା। ନଗରୀ ମଧ୍ୟରେ ବିପଣି, ସଭାଗୃହ ସବୁ ରହିଥିଲା। ପୁରଞ୍ଜନ ସେହି ନଗରୀ ମଧ୍ୟରେ ଆନନ୍ଦରେ ବିଚରଣ କରି ତାହାର ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲା। ହଠାତ୍ ସମ୍ମୁଖରେ ଦେଖିଲେ ଏକ ଅନିନ୍ଦ୍ୟ ସୁନ୍ଦରୀ ତରୁଣୀକୁ। ତାହା ସହିତ ଥିଲେ ଦଶଜଣ ସେବକ। ଗୋଟିଏ ପାଞ୍ଚଫେଣିଆ ସର୍ପ ତାହାର ପ୍ରହରୀ ରୂପେ ରହିଥିଲା। ସେ ତରୁଣୀ ତାର ମନଲାଖି ସ୍ୱାମୀଟିଏ ଖୋଜୁଥିଲା। ତାର ନାସିକା, ଦନ୍ତପଂକ୍ତି ଏବଂ ମୁଖମଣ୍ଡଳ ଅତ୍ୟନ୍ତ ସୁନ୍ଦର ଥିଲା। ତାର ଶରୀରର ରଙ୍ଗ ଥିଲା ଶ୍ୟାମଳ। ପିନ୍ଧିଥିଲା ପୀତବର୍ଣ୍ଣର ଶାଢ଼ୀ। କଟିରେ ଥାଏ ସୁନାର ମେଖଳା। ଛନ୍ଦାୟିତ ଭଙ୍ଗୀ ମଧ୍ୟରେ ଚାଲୁଥାଏ। ଶୁଭୁଥାଏ ନୂପୁରର ନିକ୍ୱଣ। ବୀର ପୁରଞ୍ଜନ ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଗଲେ। ସେ ରତି ଦେବୀଙ୍କ ଭଳି ଶୋଭା ପାଉଥିଲା। ସେ ଯେତେବେଳେ ତାର ପରିଚୟ ଜାଣିବାକୁ ଇଚ୍ଛାକଲେ ସେ

ଉତ୍ତର ଦେଇଥିଲା ଯେ ସେ କାହାର କନ୍ୟା ତାହା ସେ ଜାଣେ ନାହିଁ। ଏ ନଗରୀ କିଏ ନିର୍ମାଣ କରିଛନ୍ତି ତାହା ମଧ୍ୟ ସେ କହିପାରିବେ ନାହିଁ। ସେ କେବଳ ଏତିକି କହିଲା ଯେ ଏ ପୁରୁଷମାନେ ତାହାର ସଖା ଏବଂ ଏ ସ୍ତ୍ରୀମାନେ ହେଉଛନ୍ତି ତାହାର ସଖୀ। ସେ ଶୋଇପଡ଼ିଲେ ଏ ସର୍ପଟି ନଗରୀକୁ ରକ୍ଷା କରୁଅଛି। ପୁରଞ୍ଜନ ସେ ସ୍ତ୍ରୀର ପରିଚୟ ନ ପାଇଲେ ମଧ୍ୟ ତାର କୁଟିଳ ଭ୍ରୂଭଙ୍ଗୀ ଏବଂ ପ୍ରେମପୂର୍ଣ୍ଣ ଚାହାଣିରେ ଏଭଳି ମୁଗ୍ଧ ହୋଇଯାଇଥିଲେ ଯେ ତାହାକୁ ପତ୍ନୀ ରୂପରେ ପାଇବାକୁ ଇଚ୍ଛା କଲେ। ସେ ତରୁଣୀ ମଧ୍ୟ ଏଥିରେ ସମ୍ମତି ପ୍ରଦାନ କଲା। ପୁରଞ୍ଜନ ତାହାକୁ ରାଣୀଭାବରେ ଗ୍ରହଣ କଲେ।

ରମଣୀୟ ପ୍ରାସାଦ ମଧ୍ୟରେ ଏହି ମାୟାବିନୀ ନାରୀ ସହିତ ପୁରଞ୍ଜନ ସମ୍ପୂର୍ଣ୍ଣ ଭାବରେ ବଶୀଭୂତ ହୋଇ ସୁଖଭୋଗ କରୁଥିଲେ। ନିଜର କର୍ତ୍ତବ୍ୟ, ରାଜକୀୟ କାର୍ଯ୍ୟ, ଧର୍ମକର୍ମ ସବୁ ସେ ଭୁଲିଗଲେ। ସେ ଏଭଳି ସ୍ତ୍ରୈଣ ଥିଲେ ଯେ ସେ ନାରୀ ହସୁଥିଲେ ସେ ହସୁଥିଲେ। ସେ କାନ୍ଦୁଥିଲେ ପୁରଞ୍ଜନ ମଧ୍ୟ କାନ୍ଦୁଥିଲେ। ସେ ଚାଲିଲେ ଇଏ ମଧ୍ୟ ଚାଲୁଥିଲେ। ସେ ସୁରା ପାନ କଲେ ଇଏ ମଧ୍ୟ ସୁରାପାନ କରି ମାତାଲ ହୋଇଯାଉଥିଲେ। ଗ୍ରୀଷ୍ମକାଳରେ ତାହା ସହିତ ଜଳକ୍ରୀଡ଼ା କରି ପରମ ଆନନ୍ଦ ଲାଭ କରୁଥିଲେ। ଜୀବନ ସ୍ୱପ୍ନପରି ପ୍ରତୀୟମାନ ହେଉଥିଲା। ଦିନ, ମାସ, ବର୍ଷ କେତେବେଳେ କଟି ଯାଉଥିଲା ତାହା ପୁରଞ୍ଜନ ଜାଣିପାରୁ ନଥିଲେ।

ଥରେ ପୁରଞ୍ଜନଙ୍କର ମନରେ ମୃଗୟାର ନିଶା ପ୍ରବେଶ କଲା। ସେ ରଥରେ ଆରୂଢ଼ ହୋଇ ବିଶାଳ ଧନୁଧରି ବନ ମଧ୍ୟରେ ପ୍ରବେଶ କଲେ। ନିର୍ଦ୍ଦୟ ଭାବରେ ଅନେକ ନିରୀହ ପଶୁଙ୍କୁ ଶିକାର କଲେ। ତାଙ୍କର ହିତାହିତ ଜ୍ଞାନ ରହିଲା ନାହିଁ। ଅସଂଖ୍ୟ ପଶୁଙ୍କୁ ମାରିଦେଲେ। ଏଭଳି ଜଘନ୍ୟ ପାପ କରୁଥିଲେ ମଧ୍ୟ ତାଙ୍କ ମନରେ ଏଥିପାଇଁ ସାମାନ୍ୟ ମାତ୍ରାରେ ଅନୁତାପ ଆସୁନଥିଲା। କିନ୍ତୁ ଶିକାର କରିବା ପରେ ସେ କ୍ଲାନ୍ତି ଅନୁଭବ କଲେ। ପରେ ନଗରୀକୁ ଫେରି ଆସିଲେ। କିଛି ସମୟ ବିଶ୍ରାମ କରି ତତ୍‌ପରେ ସ୍ନାନ ଭୋଜନ ସାରି ଶରୀରକୁ ସୁସଜ୍ଜିତ କରି ରାଣୀଙ୍କ ସାନ୍ନିଧ୍ୟ ଲାଭ କରିବାକୁ ବ୍ୟାକୁଳ ହୋଇ ଉଠିଲେ। ଦାସୀମାନେ ରାଣୀଙ୍କୁ ଭୂମିପରେ ଶାୟିତା ହେବାର ଦେଖାଇଦେଲେ। ପୁରଞ୍ଜନ ରାଣୀଙ୍କୁ ବିନୟ ଭାବରେ ମଧୁର କଥା କହିବାକୁ ଲାଗିଲେ। ତାଙ୍କର ଅନୁମତି ନନେଇ ଶିକାର ପାଇଁ ଚାଲିଯିବା ଯେ ଏକ ଅପରାଧ ଏହା ସେ ସ୍ୱୀକାର କଲେ। ରାଣୀଙ୍କ ମନୋରଞ୍ଜନ ପାଇଁ ସେ ବିଭିନ୍ନ ଉପାୟ ଅବଲମ୍ବନ କଲେ। ଜଣେ ସ୍ତ୍ରୈଣ ବ୍ୟକ୍ତି କାମିନୀ ମୋହରେ ପଡ଼ି କେତେ ଦୟନୀୟ ଅବସ୍ଥାରେ ରହିଥାଏ ପୁରଞ୍ଜନ ଥିଲେ ତାହାର ଏକ ଜ୍ୱଳନ୍ତ ଉଦାହରଣ। ଯାହାହେଉ ରାଣୀଙ୍କ କ୍ରୋଧ ଦୂରହେଲା ଏବଂ ପୁରଞ୍ଜନ ପୁନର୍ବାର ଭୋଗବିଳାସ ମଧ୍ୟରେ ନିମଗ୍ନ ରହିଲେ। କିନ୍ତୁ ପୁରଞ୍ଜନଙ୍କର ଏ ସୁଖ ସ୍ୱପ୍ନପରି ଉଭେଇ ଗଲା। କାଳ ତାହାର ମୁଖ ବିସ୍ତାର କରି ତାଙ୍କୁ ଗ୍ରାସ କରିବାକୁ ଲାଗିଲା।

ଚଣ୍ଡବେଗ ନାମକ ଏକ ଗନ୍ଧର୍ବରାଜା ଥିଲେ। ତାଙ୍କ ଅଧିନରେ ୩୬୦ ଜଣ ବଳଶାଳୀ ଗନ୍ଧର୍ବ ରହିଥିଲେ। ସେମାନଙ୍କର କାମହେଲା ଭୋଗବିଳାସ ପରିପୂର୍ଣ୍ଣ ନଗରୀମାନଙ୍କୁ ଆକ୍ରମଣ କରିବା। ଏହି ଚଣ୍ଡିବେଗ ତାର ସୈନ୍ୟବାହିନୀ ଧରି ପୁରଞ୍ଜନଙ୍କ ନଗରୀକୁ ଆକ୍ରମଣ କରି ଲୁଣ୍ଠନ କରିବାକୁ ଲାଗିଲେ। ନାଗଫେଣୀଆ ସର୍ପଟି ସେମାନଙ୍କ କବଳରୁ ନଗରୀକୁ ରକ୍ଷାକରିବା ପାଇଁ ଆକ୍ରମଣର ପ୍ରତିରୋଧ କଲା। ମାତ୍ର ଏତେ ସୈନ୍ୟଙ୍କ ସହିତ ଦୀର୍ଘଦିନ ଧରି ଯୁଦ୍ଧକରି ସେ ଦୁର୍ବଳ ହୋଇପଡ଼ିଲା। ବର୍ତ୍ତମାନ ପୁରଞ୍ଜନ ମହାଚିନ୍ତାରେ ପଡ଼ିଗଲେ। ସ୍ତ୍ରୀ ବଶରେ ରହି ନଗରୀର ସୁରକ୍ଷା ବିଷୟରେ ଆଗରୁ ଚିନ୍ତା କରି ନଥିଲେ। ବର୍ତ୍ତମାନ ପରିସ୍ଥିତିରେ ସେ କଣ କରିବେ କିଛି ଭାବି ପାରିଲେ ନାହିଁ। ଏଣେ କାଳକନ୍ୟା 'ଜରା' ନିଜ ପାଇଁ ପତି ଖୋଜୁଥିଲା। ସେ ଥିଲା ଭାଗ୍ୟହୀନା। ଜରାକୁ ଯେ ଗ୍ରହଣ କରିବ ତାର ଶରୀର ଜୀର୍ଣ୍ଣଶୀର୍ଣ୍ଣ ହୋଇଯିବ। ଏଣୁ ତାଙ୍କୁ ସମସ୍ତେ ଭୟ ଓ ଘୃଣା କରୁଥିଲେ। ଥରେ ପୁରୁ ପିତାଙ୍କୁ ଯୌବନ ଦେଇ ଜରାକୁ ଗ୍ରହଣ କରିଥିଲେ। ମାତ୍ର ପରେ ସେ ଯୌବନ ଫେରି ପାଇଥିଲେ ଏବଂ ଜରାଠାରୁ ଦୂରେଇଗଲେ। କିଏ କାହିଁକି ତାକୁ ଗ୍ରହଣ କରି ଦୁଃଖ ଭୋଗ କରିବ। ଏହିଭଳି ବୁଲିବୁଲି ନାରଦଙ୍କ ପାଖରେ ସେ ପହଞ୍ଚିଥିଲା ଏବଂ ସ୍ତ୍ରୀ ଭାବରେ ତାକୁ ଗ୍ରହଣ କରିବାକୁ ଅନୁରୋଧ କଲା। ମାତ୍ର ନାରଦ ତା ଠାରୁ ଦୂରେଇ ଗଲେ। ନାରଦଙ୍କୁ କ୍ରୋଧରେ ସେ ଅଭିଶାପ ଦେଲେ ଯାହା ଫଳରେ ନାରଦ ଗୋଟିଏ ଯାଗାରେ ସ୍ଥିର ହୋଇ ରହିପାରନ୍ତିନି। ସବୁଆଡୁ ନିରାଶ ହୋଇ ଶେଷରେ ଯବନ ରାଜା ଭୟ ପାଖକୁ ଗଲା ଏବଂ ପତ୍ନୀହେବା ପାଇଁ ଇଚ୍ଛା ପ୍ରକାଶ କଲା। ମାତ୍ର କୌଶଳର ସହ ଦୂରେଇ ଯାଇ ସେ ତାଙ୍କୁ ନିଜର ଭାଇ 'ପ୍ରଜ୍ୱର' ପାଖକୁ ପଠାଇ ଦେଲେ। ପ୍ରଜ୍ୱର ଜରାକୁ ଭଉଣୀ ଭାବରେ ଗ୍ରହଣ କଲା। ଉଭୟଙ୍କ ମଧ୍ୟରେ ଭାଇଭଉଣୀର ଗଭୀର ସମ୍ପର୍କ ଗଢ଼ି ଉଠିଲା।

ଉଭୟେ ପୁରଞ୍ଜନଙ୍କ ରାଜ୍ୟରେ ପ୍ରବେଶ କଲେ। ଜରା, ଯବନସୈନ୍ୟ ଏ ସମସ୍ତେ ପୁରଞ୍ଜନଙ୍କ ରାଜ୍ୟରେ ପ୍ରବେଶକରି ତାଙ୍କୁ ଧ୍ୱଂସ କରିଦେଲେ। ପଞ୍ଚଫେଣିଆ ସର୍ପ ଦୁର୍ବଳ ହୋଇଥିବାରୁ ସେ ଆଉ ରାଜ୍ୟକୁ ରକ୍ଷା କରି ପାରିଲା ନାହିଁ। ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଲା। କ୍ରମେ ଜରା ପୁରଞ୍ଜନଙ୍କୁ ଗ୍ରାସ କଲା। ତାଙ୍କର ଶରୀର ଜୀର୍ଣ୍ଣଶୀର୍ଣ୍ଣ ହୋଇଗଲା। ବିଷୟ ଭୋଗ କରିବା ପାଇଁ କାମନା ତାଙ୍କୁ ଗ୍ରାସ କରିଥିଲା। ମାତ୍ର ଭୋଗ କରିବାର ସାମର୍ଥ୍ୟ ହରାଇ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ସମୟ କଟିଲେ। ମାୟାବିନୀ ସ୍ତ୍ରୀ ଓ ପୁରୁଷମାନେ ତାଙ୍କୁ ଆଉ ପଚାରିଲେ ନାହିଁ। ନଗରୀ ଧ୍ୱଂସ ହେବାକୁ ଲାଗିଲା। ପୁରଞ୍ଜନ ଏଭଳି ଥିଲେ ଯେ ସ୍ତ୍ରୀ ଦ୍ୱାରା ଉପେକ୍ଷିତ ହେଲେ ମଧ୍ୟ ତା କଥା ସବୁବେଳେ ଭାବୁଥିଲେ। ସେ ଭାବୁଥିଲେ ଯେ ଯଦି ତାଙ୍କର କିଛି ହୋଇଯାଏ ତାଙ୍କର ସ୍ତ୍ରୀ କିଭଳି ଚଳିବ।

ଏହିଭଳି ସେ ଭାବୁଥିବା ଅବସ୍ଥାରେ ଭୟ ନାମକ ଯବନ ରାଜା ତାଙ୍କୁ ଧରିବାକୁ ଆସିଲା। ଏବଂ ତାଙ୍କୁ ବାନ୍ଧି ଟାଣି ଟାଣି ନେଇଗଲା। ସେ କେବଳ ବିକଳରେ କାନ୍ଦୁଥାନ୍ତି।

ଏଭଳି ଦୁର୍ଦ୍ଦିନରେ ଯେଉଁ ପଶୁମାନଙ୍କୁ ସେ ବନ୍ଦୀ କରିଥିଲେ ଏବଂ ଯେଉଁମାନଙ୍କୁ ନିର୍ଦ୍ଦୟଭାବରେ ସେ ଶିକାର କରିଥିଲେ। ସେମାନେ ତାଙ୍କ ଉପରେ ରାଗ ଶୁଝାଇଲେ। ତାଙ୍କୁ ଆକ୍ରମଣ କରି ନିଜର ତୀକ୍ଷ୍ଣ ଶିଂଘରେ ତାଙ୍କୁ କ୍ଷତବିକ୍ଷତ କରି ପକାଇଲେ। ଯଜ୍ଞରେ ବଳି ପଡ଼ିଥିବା ପଶୁମାନେ କେତେ ନିର୍ଦ୍ଦୟ ଭାବରେ ଯଜ୍ଞକର୍ତ୍ତାଙ୍କୁ ଆକ୍ରମଣ କରନ୍ତି ତାହା ଏଥିରୁ ଅନୁମେୟ। ଦୁଃଖ, ଯନ୍ତ୍ରଣା, ନୈରାଶ୍ୟ ଓ ଅସହାୟତା ମଧ୍ୟରେ ପୁରଞ୍ଜନଙ୍କର ମୃତ୍ୟୁ ହେଲା। କଥାରେ ଅଛି ମଣିଷ ମୃତ୍ୟୁ ସମୟରେ ଯାହା ଭାବୁଥାଏ ପରଜନ୍ମରେ ତାର ସେହି ଗତି ପ୍ରାପ୍ତ ହୁଏ। ପୁରଞ୍ଜନ ଜୀବନ ସାରା ମାୟାବିନୀ କାମିନୀ ମୋହରେ ପଡ଼ିଥିଲେ ଏବଂ ମରଣ କାଳରେ ତାହାରି କଥା ଚିନ୍ତା କରୁଥିଲେ। ଏଣୁ ପରଜନ୍ମରେ ବିଦର୍ଭ ରାଜାଙ୍କ ଘରେ କନ୍ୟା ଭାବରେ ଜନ୍ମ ଗ୍ରହଣ କଲେ। ମନୁଷ୍ୟର ସତ୍‌ଚିନ୍ତା କଲେ ଏବଂ ଈଶ୍ୱର ଭକ୍ତି କଲେ ମୁକ୍ତିପାଏ। ମାତ୍ର ପୁରଞ୍ଜନ କୃତକର୍ମ ଫଳରେ ଏ ଜନ୍ମରେ ପୁଣି ସଂସାର ଜଞ୍ଜାଳରେ ଘାଣ୍ଟିହୋଇ କଷ୍ଟ ଭୋଗକଲେ। ପାଣ୍ଡ୍ୟ ନରେଶ ମଳୟଧ୍ୱଜଙ୍କୁ ସେ ବିବାହ କରିଥିଲେ।

ବାର୍ଦ୍ଧକ୍ୟ ତ କାହାକୁ ଛାଡ଼େନାହିଁ। ଏଣୁ ବାର୍ଦ୍ଧକ୍ୟ ସମୟକ୍ରମେ ଚାଲିଆସିଲା। ଏଣୁ ତତ୍‌କାଳୀନ ବ୍ୟବସ୍ଥା ଅନୁସାରେ ସ୍ୱାମୀଙ୍କ ସହ ପର୍ବତ କାନ୍ତାର ଅଞ୍ଚଳକୁ ଆସି ତପସ୍ୟାରେ ନିମଗ୍ନ ରହିଲେ। ଫଳ, ମୂଳ, ପତ୍ର, ତୃଣ ପ୍ରଭୃତି ଭକ୍ଷଣ କରି ଜୀବନ ଧାରଣ କରୁଥିଲେ। ଏହି ସମୟରେ ସ୍ୱାମୀ ମଳୟଧ୍ୱଜଙ୍କ ମୃତ୍ୟୁ ହେଲା। ଘୋର ଅରଣ୍ୟ ମଧ୍ୟରେ ଏକାକିନୀ ଅସହାୟ ହୋଇ ଦୁଃଖରେ ବିଳାପ କଲେ ଏବଂ ସ୍ୱାମୀଙ୍କ ସହଗାମିନୀ ହେବା ପାଇଁ ଚିତା ପ୍ରସ୍ତୁତ କଲେ। ଠିକ୍ ଏହି ସମୟରେ ତାଙ୍କର ପୂର୍ବବନ୍ଧୁ ଅବିଜ୍ଞାତ ବ୍ରାହ୍ମଣ ରୂପ ଧରି ସେଠାରେ ପହଞ୍ଚି ତାଙ୍କୁ ମଧୁର ଭାବରେ ସବୁକଥା ବୁଝାଇବାକୁ ଚେଷ୍ଟା କରିଥିଲେ।

ଏହିଠାରେ ଉନ୍ମୋଚିତ ହୋଇଛି ଜୀବନର ରହସ୍ୟ। ବ୍ରାହ୍ମଣ ରୂପଧାରୀ 'ଅବିଜ୍ଞାତ' ପ୍ରଶ୍ନ କଲେ ବୈଦର୍ଭୀଙ୍କୁ, 'ତୁମେ କଣ ମତେ ଚିହ୍ନି ପାରୁଛ ?' ମୁଁ ତୁମର ବନ୍ଧୁ ଅବିଜ୍ଞାତ ! ତୁମେ ମୋ ସହିତ ହଜାର ହଜାର ବର୍ଷଧରି ଆନନ୍ଦରେ ବିହାର କରୁଥିଲ। ଆମେ ଥିଲେ ମାନସ ସରୋବରରେ ବିହାର କରୁଥିବା ଦୁଇଟି ହଂସ। କିନ୍ତୁ ମୋ ଭଳି ବନ୍ଧୁଙ୍କୁ ତ୍ୟାଗ କରି ବିଷୟ ଭୋଗକରିବାକୁ ଶରୀର ରୂପକ ମାୟାନଗରୀରେ ପ୍ରବେଶ କଲ ପୁରଞ୍ଜନ ରୂପରେ। ସେହିଠାରୁ ତୁମର ଦୁଃଖ ଆରମ୍ଭ ହେଲା। ଏବଂ ବର୍ତ୍ତମାନ ତୁମେ ଏଭଳି ଏକ ପରିସ୍ଥିତିରେ ପଡ଼ି ଶରୀର ତ୍ୟାଗ କରିବାକୁ ଯାଉଅଛ।

ଉପାଖ୍ୟାନର ତାତ୍ପର୍ଯ୍ୟ – ଜୀବ ହେଉଛି ପୁରଞ୍ଜନ। ଈଶ୍ୱର ହେଉଛନ୍ତି ଜୀବର ସଖା ଅବିଜ୍ଞାତ। ତାଙ୍କର ନାମ ଅବିଜ୍ଞାତ କାରଣ ତାଙ୍କୁ କେହି ଜାଣନ୍ତି ନାହିଁ। ଜୀବର ବିଷୟ ଭୋଗ କରିବାକୁ ଇଚ୍ଛାହେଲା। ଏଣୁ ସେ ନିଜର ପ୍ରକୃତ ସଖାକୁ ତ୍ୟାଗ କରି ନବଦ୍ୱାର ବିଶିଷ୍ଟ ଏ ଶରୀରକୁ ପସନ୍ଦ କଲା। ଅବିଦ୍ୟା ହେଉଛି ସେ ମାୟାବିନୀ କାମିନୀ ପୁରଞ୍ଜନୀ। ଏହାର ଯେଉଁ ଦଶଜଣ ସଖାଙ୍କ କଥା କୁହାଯାଇଛି ସେମାନେ ହେଲେ ପଞ୍ଚ କର୍ମେନ୍ଦ୍ରିୟ ଓ ପଞ୍ଚ ଜ୍ଞାନେନ୍ଦ୍ରିୟ। ଯେଉଁ ପଞ୍ଚଫେଣିଆ ସର୍ପକଥା କୁହାଯାଇଛି ତାହା ହେଉଛି ପ୍ରାଣ – ଅପାନ – ବ୍ୟାନ – ଉଦାନ – ସମାନ ରୂପ ପାଞ୍ଚ ବୃତ୍ତି ବିଶିଷ୍ଟ ପ୍ରାଣବାୟୁ। ଏହା ଶରୀର ରୂପୀ ନଗରୀକୁ ରକ୍ଷା କରୁଛି। ଜ୍ଞାନେନ୍ଦ୍ରିୟ ଓ କର୍ମନ୍ଦ୍ରିୟମାନଙ୍କର ଅଧିପତି ହେଉଚି 'ମନ' ଏହା ହେଉଛି ଏକାଦଶତମ ମହାବଳୀ ଯୋଦ୍ଧା।

କାଳ ହେଉଛି ଗନ୍ଧର୍ବରାଜ। ଚଣ୍ଡବେଗ ତାହା ଅଧିନରେ ଥିବା ତିନିଶହ ଷାଠିଏ ଗନ୍ଧର୍ବ ହେଉଛନ୍ତି ବର୍ଷର ତିନିଶହ ଷାଠିଏ ଦିବାଭାଗ ଏବଂ ତିନିଶହ ଷାଠିଏ ଗନ୍ଧର୍ବୀ ହେଉଛନ୍ତି ତିନିଶହ ଷାଠିଏ ରାତ୍ରିଭାଗ। ଏହି ଗନ୍ଧର୍ବ ଓ ଗନ୍ଧର୍ବୀମାନେ ଅର୍ଥାତ ଦିନରାତି ଗୋଟିକ ପରେ ଗୋଟିଏ ପାଳି କରି ପ୍ରାଣୀର ଆୟୁକୁ ହରଣ କରୁଛନ୍ତି। ବୃଦ୍ଧାବସ୍ଥା ହେଉଛି ସାକ୍ଷାତ୍ କାଳକନ୍ୟା ଜରା। ତାକୁ କେହି ପସନ୍ଦ କରନ୍ତି ନାହିଁ। ତେଣୁ ମୃତ୍ୟୁ ରୂପୀ ଯବନ ରାଜା ଲୋକଙ୍କୁ ଗ୍ରାସ କରିବା ପାଇଁ ତାକୁ ଭଉଣୀ ରୂପେ ଗ୍ରହଣ କଲା।

ପୁରଞ୍ଜନ' ଉପାଖ୍ୟାନର ତାତ୍ପର୍ଯ୍ୟ ହେଉଛି ଯେ ଜୀବ ଓ ଈଶ୍ୱର ସ୍ୱରୂପତଃ ଏକ। ସେମାନେ ପରମ ମିତ୍ର। ସେମାନେ ଆନନ୍ଦରେ ବିହାର କରୁଥିଲେ। ମାତ୍ର ଜୀବ ଈଶ୍ୱରଙ୍କୁ ତ୍ୟାଗକରି ଇନ୍ଦ୍ରିୟ ସୁଖ ପାଇବା ପାଇଁ ଶରୀର ରୂପି ନଗରୀରେ ପ୍ରବେଶ କରି ମାୟାର କବଳିତ ହୋଇ ଅଶେଷ ଯନ୍ତ୍ରଣା ଭୋଗ କରେ। ଏଣୁ ଜୀବନର ଲକ୍ଷ୍ୟ ଈଶ୍ୱର ପ୍ରାପ୍ତି। ତାଙ୍କର ସାନ୍ନିଧ୍ୟ ପରମ ସୁଖ ଓ ଶାନ୍ତି ଦେଇଥାଏ। ଜାଗତିକ ସୁଖ କ୍ଷଣିକ ମାତ୍ର। ପୁନଶ୍ଚ କାମନାଯୁକ୍ତ ଯଜ୍ଞ ମଣିଷକୁ ସୁଖ ଶାନ୍ତି ନ ଦେଇ ବରଂ ଦୁଃଖ ଦେଇଥାଏ। ପୁରଞ୍ଜନ ଉପାଖ୍ୟାନ ବସ୍ତୁତଃ ଏକ ପ୍ରତୀକାତ୍ମକ ବିଷୟ।

✶✶✶